# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୧/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, November 21/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 355 | ମୂଲ୍ୟ ₹୭/-





## ଷ୍ଟାଡିୟମ୍ ଭୁଶୁଡ଼ି ୨ ମୃତ

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲା ଅନ୍ତର୍ଗତ ମୋଇନାବାଦରେ ଏକ ନିର୍ମାଣାଧୀନ ଘରୋଇ ଇନ୍‌ଡୋର ଷ୍ଟାଡିୟମର କାନ୍ଥ ଭୁଶୁଡ଼ି ପଡ଼ିବାରୁ ୨ ଜଣ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**ସଂକ୍ଷେପରେ**

### ୪ ଲକ୍ଷ ଆଫଗାନ୍ ପାକିସ୍ତାନ ଛାଡ଼ିଲେଣି

**ଇସ୍‌ଲାମାବାଦ,୨୦।୧୧:** ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ସେଠାରେ ବେଆଇନ ଭାବେ ରହିଆସିଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ଆଫଗାନ୍ ସେମାନଙ୍କ ଦେଶକୁ ଫେରିଗଲେଣି। ଅଧିକାଂଶ ତୋର୍‌ଖାମ୍ ଏବଂ ସ୍ପିନ୍ ବୋଲ୍ଡାକ୍ ସୀମାନ୍ତ କ୍ରସିଂ ଦେଇ ଆଫଗାନିସ୍ତାନ ଫେରିଯାଉଥିବା ସେଠାର ତାଲିବାନ୍ ସରକାରଙ୍କ ମୁଖ୍ୟ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ କହିଛନ୍ତି। ପାକ୍ ସରକାର ଦେଶବ୍ୟାପୀ ଚଢ଼ାଉ କରିବା ପୂର୍ବରୁ ପାକିସ୍ତାନରେ ୧୭ ଲକ୍ଷ ଆଫଗାନ ରହୁଥିଲେ। ଉପଯୁକ୍ତ ଦସ୍ତାବିଜ୍ ବିନା ରହିଥିବା ଲୋକମାନଙ୍କୁ ଅକ୍ଟୋବର ୩୧ ସୁଦ୍ଧା ଦେଶ ଛାଡ଼ି ଚାଲି ନ ଗଲେ ଗିରଫ କରାଯିବ ବୋଲି ଇସ୍‌ଲାମାବାଦ କହିଥିଲା। ଅନ୍ୟ ୧୪ ଲକ୍ଷ ଆଫଗାନ ଶରଣାର୍ଥୀ ଭାବେ ପଞ୍ଜୀକୃତ ହୋଇଥିବାରୁ ସେମାନଙ୍କର ଚିନ୍ତା କରିବାର କାରଣ ନାହିଁ ବୋଲି ପାକ୍ କର୍ତ୍ତୃପକ୍ଷ କହିଛନ୍ତି।

### ଇନ୍ଦୋର ଜନ୍ମିତ ରାଜେଶ ଅଗ୍ରୱାଲ ବ୍ରିଟେନ୍ ଏମ୍‌ପି ପ୍ରାର୍ଥୀ

**ଲଣ୍ଡନ,୨୦।୧୧:** ଇନ୍ଦୋର ଜନ୍ମିତ ଉଦ୍ୟୋଗୀ ତଥା ଲଣ୍ଡନ୍‌ର ଡେପୁଟି ମେୟର (ବିଜ୍‌ନେସ୍) ରାଜେଶ ଅଗ୍ରୱାଲ୍ ବ୍ରିଟେନରେ ଆଗାମୀ ସାଧାରଣ ନିର୍ବାଚନରେ ଲିସେଷ୍ଟର ଇଷ୍ଟ ଆସନରୁ ପ୍ରାର୍ଥୀ ହୋଇଛନ୍ତି।



ବିରୋଧୀ ଦଳ ଲେବର ପାର୍ଟି ୪୬ ବର୍ଷୀୟ ଅଗ୍ରୱାଲଙ୍କୁ ପାର୍ଲାମେଣ୍ଟ ନିର୍ବାଚନ ପାଇଁ ପ୍ରାର୍ଥୀ କରିଛି। ନିକଟରେ ହୋଇଥିବା ସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱିତାରେ ସେ ଅନ୍ୟତମ ଭାରତୀୟ ବଂଶୋଦ୍ଭବ କାଉନ୍‌ସିଲର ରଷି ମାଡ୍‌ଲାନିଙ୍କୁ ପଛରେ ପକାଇ ଲେବର ପାର୍ଟିର ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ତାଙ୍କ ପଛରେ ଲଣ୍ଡନ ମେୟର ସାଦିକ୍ ଖାନ୍ ଓ ଅନ୍ୟମାନଙ୍କ ସମର୍ଥନ ରହିଛି।

# ଗାଜା ହସ୍ପିଟାଲରେ ସେଲ୍ ମାଡ଼: ୧୨ ମୃତ

## ଜବାଲିଆ କ୍ୟାମ୍ପ ଖାଲି କରିବାକୁ କହିଲା ଇସ୍ରାଏଲ୍



ଉତ୍ତର ଗାଜାରେ ଥିବା ଇଣ୍ଡୋନେସୀୟ ହସ୍ପିଟାଲ୍‌ରେ ସେଲ୍ ମାଡ଼ ପରେ ରୋଗୀମାନଙ୍କୁ ସମ୍ପର୍କୀୟ ଅନ୍ୟତ୍ର ନେଇଯାଉଛନ୍ତି।

**ଖାନ୍ ୟୁନିସ୍/ଜେରୁଜେଲମ୍,୨୦।୧୧**

ଉତ୍ତର ଗାଜାର ଅନ୍ୟ ଏକ ହସ୍ପିଟାଲ ଚାରିପଟେ ଇସ୍ରାଏଲୀ ସେନା ଆକ୍ରମଣକୁ ଜୋରଦାର କରିଛି। ଏହି ଆକ୍ରମଣରେ ୧୨ ଜଣ ନିହତ ହୋଇଛନ୍ତି। ଉକ୍ତ ହସ୍ପିଟାଲରେ ହଜାର ହଜାର ରୋଗୀ ଓ ଯୁଦ୍ଧ ବିସ୍ଥାପିତ ବହୁଦିନ ଧରି ଆଶ୍ରୟ ନେଇଥିଲେ। ହମାସ୍‌କୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ସହ ସେମାନଙ୍କ ସାମରିକ ଭିତ୍ତିଭୂମିକୁ ଧ୍ୱଂସ କରିଦେବାକୁ ଇସ୍ରାଏଲ୍ ଯୁଦ୍ଧକୁ ଜୋର୍‌ଦାର କରିବାରେ ଲାଗିଛି। ସେଠାରେ ଥିବା ଏକ ଇଣ୍ଡୋନେସୀୟ ହସ୍ପିଟାଲ୍‌ର ଦ୍ୱିତୀୟ ମହଲାରେ ସେଲ୍ ମାଡ଼ ହେବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅଲ୍ ଶିଫା ହସ୍ପିଟାଲରୁ ରବିବାର ୩୧ ଜଣ ଅପରିପକ୍ୱ ଶିଶୁଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କ ମଧ୍ୟରୁ ୨୮ ଜଣଙ୍କୁ ଇଜିପ୍ଟର ଏକ ହସ୍ପିଟାଲକୁ ପଠାଇଥିଲା। ଉକ୍ତ ହସ୍ପିଟାଲରେ ୨୫୦ରୁ ଊର୍ଦ୍ଧ୍ୱ ସଙ୍କଟାପନ୍ନ ରୋଗୀ ଅଟକି ରହିଛନ୍ତି। ଇସ୍ରାଏଲ୍ ସେନା ଆକ୍ରମଣରେ ପାଖାପାଖି ୧୨ ହଜାର ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ଲୋକ କୋଠାଗୁଡ଼ିକର ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିବା କୁହାଯାଉଛି। ହସ୍ପିଟାଲଗୁଡ଼ିକରେ ହମାସ୍ ଆତଙ୍କବାଦୀ ଆତ୍ମଗୋପନ କରିବା ସହ ଏହାକୁ ସେମାନଙ୍କ କମାଣ୍ଡ ସେଣ୍ଟରରେ ପରିଣତ କରିଥିବା ଅଭିଯୋଗ କରି ଇସ୍ରାଏଲ୍ ସେଗୁଡ଼ିକୁ ଟାର୍ଗେଟ କରୁଛି। ଶିଫା ହସ୍ପିଟାଲ ତଳେ ୫୫ ମିଟର ସୁଡ଼ଙ୍ଗ ଠାବ ହୋଇଛି। ଆତଙ୍କବାଦୀମାନେ ଉକ୍ତ ସୁଡ଼ଙ୍ଗରେ ରହିବା ସହ ସେଠାରେ ଅସ୍ତ୍ରଶସ୍ତ୍ର ମହଜୁଦ କରି ରଖିଥିବା ଇସ୍ରାଏଲ୍ କହିଛି।

ଇସ୍ରାଏଲ୍ ସୈନ୍ୟ ସୋମବାର ଆକ୍ରମଣକୁ ଅଧିକ ଅଞ୍ଚଳକୁ ସମ୍ପ୍ରସାରଣ କରିଛନ୍ତି। ଗାଜାର ସର୍ବବୃହତ୍ ଶରଣାର୍ଥୀ କ୍ୟାମ୍ପ ଜବାଲିଆ ଓ ଏହା ନିକଟରେ ଥିବା ଅନ୍ୟ ଏକ ଉପକୂଳବର୍ତ୍ତୀ କ୍ୟାମ୍ପକୁ ତୁରନ୍ତ ଖାଲି କରିବା ପାଇଁ ଇସ୍ରାଏଲ୍ ସେଠାର ବାସିନ୍ଦାମାନଙ୍କୁ କହିଛି। ରବିବାର ଜାବାଲିଆରେ ଆକ୍ରମଣ ଯୋଗୁ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଥିଲା। ଶନିବାର ଉକ୍ତ ଅଞ୍ଚଳରେ ଥିବା ଏକ ସ୍କୁଲ୍ ସମେତ ଦୁଇଟି ସ୍ଥାନରେ ଆକ୍ରମଣ ଯୋଗୁ ୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ସ୍କୁଲ୍‌ରେ ଆକ୍ରମଣକୁ ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲ୍‌କର ଟର୍କ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ହମାସ୍ ପଣବନ୍ଦୀ କରିଥିବା ୨୪୦ ଜଣଙ୍କୁ ମୁକ୍ତ କରିବା ଉଦ୍ୟମରେ ଅଗ୍ରଗତି ହେଉଥିବା କାତାରର ମଧ୍ୟସ୍ଥମାନେ କହିଛନ୍ତି।

### ଫ୍ରାନ୍ସରେ ବଢୁଛି ମୁସ୍‌ଲିମ୍ ବିରୋଧୀ ଜାତିବାଦ

**ପ୍ୟାରିସ୍,୨୦।୧୧**

ଗତ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ଫ୍ରାନ୍ସରେ ମୁସଲମାନ ବିରୋଧୀ ଜାତିବାଦ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହାକୁ ରୋକିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେଠାର ଅତ୍ୟନ୍ତ ରାଷ୍ଟ୍ରୀୟତାବାଦୀ ଗୋଷ୍ଠୀ ଦ୍ୱାରା ମୁସଲମାନମାନେ କ୍ରମାଗତ ଭାବେ ବଳିବୋଦା ପାଲଟିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ହମାସ୍ ଆକ୍ରମଣ ପରଠାରୁ ଇହୁଦୀ ବିରୋଧୀ ମନୋଭାବ ୩ ଗୁଣ ବଢ଼ି ୧,୫୧୮ରେ ପହଞ୍ଚିଥିବା ନ୍ୟାଶନାଲ ରାଲିର ଅଧ୍ୟକ୍ଷ ଜୋର୍ଡାନ ବାର୍ଡେଲା କହିଛନ୍ତି।

### ନିର୍ବାଚନ ହେଉଥିବା ୫ ରାଜ୍ୟରୁ ୧,୭୬୦ କୋଟିର ନିଶାଦ୍ରବ୍ୟ, ନଗଦ ଅର୍ଥ ଜବତ

**ନୂଆଦିଲ୍ଲୀ,୨୦।୧୧(ପି.ଟି.)**

ନିର୍ବାଚନ ଅନୁଷ୍ଠିତ ହେଉଥିବା ୫ ରାଜ୍ୟରୁ ବର୍ତ୍ତମାନ ସୁଦ୍ଧା ୧,୭୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଡ୍ରଗ୍ସ, ମଦ, ମୂଲ୍ୟବାନ୍ ଧାତୁ ଓ ନଗଦ ଅର୍ଥ ଜବତ ହୋଇଥିବା ନିର୍ବାଚନ କମିଶନ ସୋମବାର କହିଛନ୍ତି। ଭୋଟରମାନଙ୍କୁ ପ୍ରଲୋଭିତ କରିବା ଲକ୍ଷ୍ୟରେ ଏହି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ପଠାଯାଇଥିଲା। ଅକ୍ଟୋବର ୯ରେ ନିର୍ବାଚନ ଘୋଷଣା ହେବା ପରଠାରୁ ଏହିସବୁ ସାମଗ୍ରୀ ଜବତ ହୋଇଛି, ଯାହା ୨୦୧୮ରେ ୫ ରାଜ୍ୟ ବିଧାନସଭା ନିର୍ବାଚନ ବେଳେ ହୋଇଥିବା ଜବତ ତୁଳନାରେ ୭ ଗୁଣ। ୨୦୧୮ ନିର୍ବାଚନ ବେଳେ ୨୩୯.୧୫ କୋଟି ଟଙ୍କାର ମଦ, ଉପହାର ସାମଗ୍ରୀ ଓ ନଗଦ ଅର୍ଥ ଜବତ ହୋଇଥିଲା। ଇତିମଧ୍ୟରେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ମିଜୋରାମରେ ଭୋଟ ଶେଷ ହୋଇଥିବାବେଳେ ରାଜସ୍ଥାନରେ ଆସନ୍ତା ୨୫ ଏବଂ ତେଲଙ୍ଗାନାରେ ୩୦ ତାରିଖରେ ଅନୁଷ୍ଠିତ ହେବ। ପୂର୍ବରୁ ଗୁଜରାଟ, ହିମାଚଳପ୍ରଦେଶ, ନାଗାଲାଣ୍ଡ, ମେଘାଳୟ, ତ୍ରିପୁରା ଓ କର୍ଣ୍ଣାଟକରେ ହୋଇଥିବା ନିର୍ବାଚନ ବେଳେ ୧,୪୦୦ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଥିଲା, ଯାହା ପୂର୍ବ ନିର୍ବାଚନ ତୁଳନାରେ ୧୧ ଗୁଣ ଥିଲା।

## ମାଇକ୍ରୋସଫ୍ଟରେ ଯୋଗଦେବେ ସାମ୍ ଅଲ୍ଟମ୍ୟାନ

**ୱାଶିଂଟନ,୨୦।୧୧**

ଓପନ୍‌ଏଆଇରୁ ବହିଷ୍କୃତ ପୂର୍ବତନ ସିଇଓ ସାମ୍ ଅଲ୍ଟମ୍ୟାନ୍ ଏବଂ ପଦ ଛାଡ଼ିଥିବା ପୂର୍ବତନ ଅଧ୍ୟକ୍ଷ ଗ୍ରେଗ୍ ବ୍ରୋକ୍‌ମ୍ୟାନ୍ ମାଇକ୍ରୋସଫ୍ଟରେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଗବେଷଣା କରୁଥିବା ନୂଆ ଟିମ୍‌ର ନେତୃତ୍ୱ ନେବେ। ମାଇକ୍ରୋସଫ୍ଟ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସିଇଓ ସତ୍ୟ ନାଡେଲା ସୋମବାର ଏହା ଘୋଷଣା କରିଛନ୍ତି। ଏକ୍ସ'ରେ କରିଥିବା ଏକ ପୋଷ୍ଟରେ ନାଡେଲା ଲେଖିଛନ୍ତି, ଓପନ୍‌ଏଆଇ ସହ ମାଇକ୍ରୋସଫ୍ଟର ସହଭାଗିତା ବଜାୟ ରଖିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ମାଇକ୍ରୋସଫ୍ଟ ଇଗ୍‌ନାଇଟ୍‌ରେ ଆମେ ଘୋଷଣା କରିଥିବା ପ୍ରତ୍ୟେକ ଇନୋଭେଶନ ଜାରି ରଖିବୁ ବୋଲି ନାଡେଲା କହିଛନ୍ତି। ଅଲ୍ଟମ୍ୟାନ୍ ଏବଂ ବ୍ରୋକ୍‌ମ୍ୟାନ୍‌ଙ୍କ ସହ ସେମାନଙ୍କ ସହକର୍ମୀମାନେ ମଧ୍ୟ ମାଇକ୍ରୋସଫ୍ଟର ଅଗ୍ରିମ ଏଆଇ ଗବେଷଣା ଟିମ୍‌ରେ ଯୋଗଦେଉଥିବାରୁ ଆମେ ଅତ୍ୟନ୍ତ ଖୁସି ବୋଲି ମାଇକ୍ରୋସଫ୍ଟ ସିଇଓ କହିଛନ୍ତି।



### ଟନେଲ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କଲେ ଅନ୍ତର୍ଜାତୀୟ ବିଶେଷଜ୍ଞ

**ଉତ୍ତରକାଶୀ,୨୦।୧୧**

ଉତ୍ତରକାଶୀସ୍ଥିତ ସିଲ୍‌କ୍ୟାରା ସୁଡ଼ଙ୍ଗର ଭୁଶୁଡ଼ିଥିବା ସ୍ଥାନରେ ଅନ୍ତର୍ଜାତୀୟ ଟନେଲ ବିଶେଷଜ୍ଞ ଆର୍ନୋଲ୍ଡ ଡିକ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହାୟତା କରିବାକୁ ଆସିଥିବା ଇଣ୍ଟରନ୍ୟାଶନାଲ ଟନେଲିଂ ଆଣ୍ଡ ଅଣ୍ଡରଗ୍ରାଉଣ୍ଡ୍ ସ୍ପେସ୍ ଆସୋସିଏଶନ୍‌ର ଅଧ୍ୟକ୍ଷ ଡିକ୍ସ ୪୧ ଶ୍ରମିକଙ୍କ ଉଦ୍ଧାର ନେଇ ଆଶାବାଦୀ ଅଛନ୍ତି। ଉଦ୍ଧାର କାର୍ଯ୍ୟକୁ ୯ ଦିନ ବିତିଥିବାବେଳେ ଶ୍ରମିକମାନଙ୍କ ପାଖକୁ ପ୍ଲାଷ୍ଟିକ୍ ବୋତଲରେ ପୁଷ୍ଟିକର ଖାଦ୍ୟ ପଠାଇବା ପାଇଁ ସୁଡ଼ଙ୍ଗ ଭିତରକୁ ସୋମବାର ୬ ଇଞ୍ଚ ଓସାରର ପାଇପ୍ ଭର୍ତ୍ତି କରାଯାଇଛି। ଶ୍ରମିକଙ୍କ ପାଖରେ ସ୍ୱତନ୍ତ୍ର ଖାଦ୍ୟ ପହଞ୍ଚିବା ଜରୁରୀ ବୋଲି ମେଡିକାଲ ବିଶେଷଜ୍ଞ ପରାମର୍ଶ ଦେଇଥିଲେ।

## ବିଶାଖାପାଟଣା ବନ୍ଦରରେ ୩୫ ବୋଟ୍ ଜଳିଗଲା

### ବୋଟ୍‌ରେ ପାର୍ଟି ଚାଲିଥିବାବେଳେ ଅଘଟଣ

**ବିଶାଖାପାଟଣା,୨୦।୧୧(ପି.ଟି.)**

ବିଶାଖାପାଟଣା ପୋତାଶ୍ରୟର ଜେଟ୍ଟି ଅଞ୍ଚଳରେ ନିଆଁ ଲାଗି ୩୫ଟି ମାଛଧରା ବୋଟ୍ ଜଳିଯାଇଛି। ରବିବାର ରାତି ୧୧ଟା ୩୦ ମିନିଟ୍ ସମୟରେ ବାଲାଜୀ ମାଲିକାନାରେ ଥିବା ଏକ ବୋଟ୍‌ରେ ୧୦ରୁ ୧୫ ଜଣ ପାର୍ଟି କରୁଥିବାବେଳେ ନିଆଁ ଲାଗିଯାଇଥିବା ଅଭିଯୋଗ ହୋଇଛି। ପରେ ଉକ୍ତ ନିଆଁ ଅନ୍ୟ ବୋଟ୍‌ଗୁଡ଼ିକୁ ବ୍ୟାପିଯାଇଥିଲା। ଭୋର ୪ଟା ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ପାର୍ଟି କରୁଥିବା ଲୋକମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଉକ୍ତ ଲୋକମାନଙ୍କ ମଧ୍ୟରେ କାରବାରକୁ ନେଇ ଝଗଡ଼ା ହୋଇଥିଲା। ପୋଲିସ ଏହା ଉପରେ ତଦନ୍ତ ଚଳାଇଥିବା ବିଶାଖାପାଟଣା ହାର୍ବରର ଆସିଷ୍ଟାଣ୍ଟ ପୋଲିସ କମିଶନର ବି. ମୋସେସ୍ ପଲ୍ କହିଛନ୍ତି। ବିଶାଖାପାଟଣା କଣ୍ଟେନର ଟର୍ମିନାଲ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍‌ର ଫାସିଲିଟି ନିକଟସ୍ଥ ଅଞ୍ଚଳରେ ମାଛଧରା ବୋଟ୍‌ଗୁଡ଼ିକ ରହିଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁଲିଭା କାର୍ଯ୍ୟରେ ୨୫ଟି ଦମକଳ ଗାଡ଼ି ନିୟୋଜିତ ଥିଲେ ମଧ୍ୟ ବୋଟ୍‌ଗୁଡ଼ିକରେ ଡିଜେଲ ଓ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଥିବାରୁ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ନୌସେନାର ସାହାରା ଫାୟାର ଫାଇଟିଂ ବୋଟ୍ ନିଆଁକୁ ଲିଭାଇଥିଲା।



## ୩ ବର୍ଷ ହେଲା ରାଜ୍ୟପାଳ କ'ଣ କରୁଥିଲେ

**ନୂଆଦିଲ୍ଲୀ,୨୦।୧୧**

- ତାମିଲନାଡୁ ବିଲ୍ ଅନୁମୋଦନରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ
- କେରଳ ସରକାରଙ୍କ ଆବେଦନ ଉପରେ କେନ୍ଦ୍ର, ରାଜ୍ୟପାଳଙ୍କୁ ନୋଟିସ

ତାମିଲନାଡୁ ବିଧାନସଭା ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ଆର୍.ଏନ୍. ରବି ୨୦୨୦ରୁ ପକାଇ ରଖିଥିବାରୁ ସୁପ୍ରିମକୋର୍ଟ ସୋମବାର କଡ଼ା ପ୍ରଶ୍ନ କରିଛନ୍ତି। ରାଜ୍ୟପାଳ ୩ ବର୍ଷ ହେଲା କ'ଣ କରୁଥିଲେ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ପଞ୍ଜାବ ଓ କେରଳ ସରକାରଙ୍କ ଅନୁରୂପ ଆବେଦନର ଶୁଣାଣି ବେଳେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ବିଲ୍‌କୁ ବିଧାନସଭାକୁ ନ ଫେରାଇ ଅନୁମୋଦନକୁ ଅଟକାଇପାରିବେ କି ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ତାମିଲନାଡୁ ରାଜ୍ୟପାଳ ୧୦ଟି ବିଲ୍‌କୁ ବିନା ମଞ୍ଜୁରୀରେ ଫେରାଇଦେବା ପରେ ବିଧାନସଭା ସେଗୁଡ଼ିକୁ ପୁଣିଥରେ ଗୃହୀତ କରାଇଛି। ରାଜ୍ୟପାଳ ଉକ୍ତ ବିଲ୍‌ଗୁଡ଼ିକୁ କେତେଦିନ ଅଟକାଇ ରଖୁଛନ୍ତି ଦେଖାଯାଉ ବୋଲି ଖଣ୍ଡପୀଠ କହିଛନ୍ତି। ବିଲ୍ ବିଧାନସଭାରେ ପୁନର୍ବାର ଗୃହୀତ ହେଲେ ଅର୍ଥବିଲ୍ ଭଳି ରାଜ୍ୟପାଳ ଏହାକୁ ବିନା ଅନୁମୋଦନରେ ଫେରାଇପାରିବେ ନାହିଁ। ଭାଜପା ଦ୍ୱାରା ନିଯୁକ୍ତ ରାଜ୍ୟପାଳ ଜାଣିଶୁଣି ବିଲ୍ ଅଟକାଇ ରଖୁଥିବା ତାମିଲନାଡୁ ସରକାର ଅଭିଯୋଗ ଆଣିଥିଲେ।



ଆର୍.ଏନ୍. ରବି



ଅରିଫ୍ ମହମ୍ମଦ ଖାନ୍

ସେହିପରି କେରଳ ବିଧାନସଭାରେ କେତେକ ବିଲ୍‌କୁ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ଅଟକାଇ ରଖିଥିବାରୁ ସର୍ବୋଚ୍ଚ ଅଦାଲତ ଏନେଇ କେନ୍ଦ୍ର ସରକାର ଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। କେରଳ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କେ.କେ. ବେଣୁଗୋପାଳ ଉପସ୍ଥିତ ରହି ରାଜ୍ୟପାଳ ୮ଟି ବିଲ୍‌କୁ ଅନୁମୋଦନ ଦେବାରେ ବିଳମ୍ବ କରିଥିବା ଅଭିଯୋଗ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୬୮ ଅନୁଯାୟୀ ରାଜ୍ୟପାଳମାନେ ବିଧାନସଭାର ଅଂଶବିଶେଷ ବୋଲି ଅନୁଭବ କରୁ ନ ଥିବା ବେଣୁଗୋପାଳ କହିଥିଲେ। ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ କିମ୍ବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶୁଣାଣିରେ ସହଯୋଗ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ଶୁକ୍ରବାର ହେବ।

**ଫୁର୍‌ସତ୍**

## ପ୍ରାଣୀଙ୍କ ପାଇଁ ଛାଡ଼ିଲେ ୬୦ ଲକ୍ଷର ଚାକିରି

**ୱାଶିଂଟନ**

ବହୁତ ଲୋକ ନିଜ ଘରେ ଗୃହପାଳିତ ପ୍ରାଣୀ(ପେଟ୍)ଙ୍କୁ ରଖିଥାନ୍ତି। ସେମାନେ ପ୍ରାଣୀଙ୍କୁ ଏତେ ଭଲ ପାଆନ୍ତି ଯେ, ତାଙ୍କ ପାଇଁ ସବୁ କିଛି କରିବାକୁ ପ୍ରସ୍ତୁତ ଥା'ନ୍ତି। ହେଲେ ଅନେକ ସମୟରେ ସେମାନେ ତାଙ୍କ ପେଟ୍‌ଙ୍କ ଭାଷା ବୁଝିବାରେ ସକ୍ଷମ ହୋଇ ନ ଥା'ନ୍ତି। ତେବେ ଏପରି କିଛି ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ ପ୍ରାଣୀଙ୍କ ଭାଷା ବୁଝିପାରିବାର କଳା ରହିଥାଏ। ଆମେରିକାର ଜଣେ ମହିଳାଙ୍କ ପାଖରେ ମଧ୍ୟ ଏପରି ଅସାଧାରଣ କଳା ରହିଛି; ଯାହା ତାଙ୍କୁ ପ୍ରସିଦ୍ଧ କରୁଛି। ଜଣେ ଓକିଲ ଥିବା ୩୩ ବର୍ଷୀୟା ନିକି ଭାସ୍‌କୋନେଜ୍‌ଙ୍କୁ ଲୋକେ ଏବେ ପ୍ରାଣୀଙ୍କ ପ୍ରଫେଶନାଲ ଥେରାପିଷ୍ଟ ମାନୁଛନ୍ତି। ପ୍ରାଣୀ ମନୋବୈଜ୍ଞାନିକଙ୍କ ପ୍ରତି ସେ ତାଙ୍କର ଏକ କ୍ୟାରିୟର ଆରମ୍ଭ କରିଦେଇଛନ୍ତି। ଏବେ ସେ ସେଥିପାଇଁ ଅଧିକ ପ୍ରସିଦ୍ଧ ହୋଇଛନ୍ତି। ନିକିଙ୍କ ଓକିଲାତି ପାଇଁ ତାଙ୍କୁ ପ୍ରାୟ ୬୨ ଲକ୍ଷ ଟଙ୍କା ମିଳୁଥିଲା। ନିକି ଏହା ମଧ୍ୟରେ ନିଜକୁ ପ୍ରାଣୀଙ୍କ ମନୋବିଜ୍ଞାନ ପଢ଼ିବାକୁ ଟ୍ରେନ କରିଛନ୍ତି। ଏହାପରେ ତାଙ୍କୁ ଏହି କାମରେ ଏତେ ମଜା ଲାଗିଲା ଯେ, ସେ ନିଜ ଚାକିରି ଛାଡ଼ିଦେଲେ ଏବଂ ଏକ ଥେରାପି କ୍ଲିନିକ୍ ଖୋଲିଦେଲେ। ୨୦୨୦ ସେପ୍ଟେମ୍ବରରେ ସେ ତାଙ୍କ ସ୍ୱପ୍ନର ଚାକିରି ଆରମ୍ଭ କରିଥିଲେ। ତାଙ୍କୁ ଏଥିରେ ବହୁତ ଶୀଘ୍ର ସଫଳତା ମଧ୍ୟ ମିଳିଗଲା। ରିପୋର୍ଟ ମୁତାବକ, ନିକି ତାଙ୍କ ଏହି ନୂଆ ଚାକିରିରେ ବହୁତ ଖୁସି ଅଛନ୍ତି। ସେ କହିଛନ୍ତି, ଆଗରୁ ତାଙ୍କୁ ଏହି କାମ ଓକିଲାତି ସହିତ କରିବାକୁ ପଡୁଥିଲା। ହେଲେ ଏବେ ସେ କେବଳ ଏହି କାମ କରୁଛନ୍ତି। ଏଥିପାଇଁ ତାଙ୍କୁ ମଧ୍ୟ ଅଧିକ ଡକରା ଆସୁଛି। ତାଙ୍କ ଥେରାପି ପାଇଁ ସେ ୨୭ ହଜାର ଟଙ୍କା ଡିମାଣ୍ଡ କରିଥାନ୍ତି। ସେ ତାଙ୍କର ଏହି କାମର ଆରମ୍ଭ ନିଜ ପେଟ୍ ଏବଂ ଅଜଣା ପ୍ରାଣୀଙ୍କଠାରୁ କରିଥିଲେ। ଏହାପରେ ସେ ଏଥିରେ ପ୍ରଫେଶନାଲ ଲେଭଲରେ କାମ କରିବାକୁ ଆରମ୍ଭ କଲେ।



## ଓଟିଟି ଡେବ୍ୟୁ କରିବେ ଜ୍ୟାକ୍‌ଲିନ

**ମୁମ୍ବାଇ:** ଅନେକ କଳାକାର ବର୍ତ୍ତମାନ ସମୟରେ ଡିଜିଟାଲ ପ୍ଲାଟଫର୍ମ ଆଡ଼େ ମୁହାଁଉଛନ୍ତି। ଏହି ରେସ୍‌ରେ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍ ମଧ୍ୟ ବାଦ୍ ପଡ଼ି ନାହାନ୍ତି। ସେ ଖୁବ୍‌ଶୀଘ୍ର ଓଟିଟିରେ ନିଜର ଯାଦୁ ଦେଖାଇବାକୁ ଯାଉଛନ୍ତି। ମିଡିଆ ରିପୋର୍ଟ ମୁତାବକ, ନିର୍ଦ୍ଦେଶକ ଅଭିଷେକ ଶର୍ମାଙ୍କ ୱେବ ସିରିଜ୍ ଜରିଆରେ ଡିଜିଟାଲ ଡେବ୍ୟୁ କରିବେ। ଏଥିସହ ଲୋକପ୍ରିୟ ଅଭିନେତା ନୀଲ ନିତୀନ ମୁକେଶଙ୍କୁ ସିରିଜ୍‌ରେ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ଏହି ସିରିଜ୍‌ର ନାମ 'ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍' ବୋଲି ଜଣାପଡ଼ିଛି। ଜ୍ୟାକ୍‌ଲିନଙ୍କ ଏହି ସିରିଜ୍ ଜିଓ ସିନେମାରେ ମୁକ୍ତିଲାଭ କରିବ। ତେବେ ନିର୍ଦ୍ଦେଶକ ଅଭିଷେକ ଆରମ୍ଭରୁ ଜ୍ୟାକ୍‌ଲିନ୍‌ଙ୍କୁ ତାଙ୍କ ୱେବ ସିରିଜ୍‌ରେ କାଷ୍ଟ କରିବାକୁ ଚାହୁଁଥିଲେ। ଅଭିନେତ୍ରୀ ଏବେ ତାଙ୍କ ପ୍ରୋଜେକ୍ଟ ପାଇଁ ରାଜି ହୋଇଛନ୍ତି। ଏହି ସିରିଜ୍ ବାବଦରେ ଅଧିକ ସୂଚନା ଦିଆଯାଇ ନ ଥିବାବେଳେ ସିରିଜ୍ ପ୍ରଥମ ଶୁଟିଂ ମୁମ୍ବାଇରେ ହେବ ବୋଲି ଜଣାପଡ଼ିଛି। ଏଥିସହ ଆସନ୍ତା ୪ ମାସ ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ ହେବ ବୋଲି ସୂଚନା ରହିଛି। ତେବେ ଜ୍ୟାକ୍‌ଲିନ ୨୦୦୯ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ଶେଷଥର ତାଙ୍କୁ ସିନେମା 'ସେଲ୍ଫି'ରେ ଦେଖିବାକୁ ମିଳିଥିଲା।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୧/୨୦୨୩ | Bhubaneswar, Tuesday, November 21/2023 | ପୃଷ୍ଠା-୧




**ରୋହିତ ଆଇସିସି ଟିମ୍‌ର ଅଧିନାୟକ**

ଆଇସିସି ଟିମ୍ ଅଫ୍ ଓ୍ୱାର୍ଲ୍ଡ କପ୍‌ର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଭାରତୀୟ ଓପନର ରୋହିତ ଶର୍ମା।

୧୧

୦୨

**ବିବାହ କରିବାକୁ କୌଣସି ଯୋଜନା ନାହିଁ**

ଦୀର୍ଘ ଦିନ ଧରି ଶାନ୍ତନୁ ହଜାରିକାଙ୍କୁ ଅଭିନେତ୍ରୀ ଶ୍ରୁତି ହାସନ ଡେଟ୍ କରୁଥିବାବେଳେ ବିବାହ କରିବାକୁ ସେମାନଙ୍କ କୌଣସି ଯୋଜନା ନ ଥିବା ସେ କହିଛନ୍ତି।





**ବାଡ଼େଇକି ଜିତିଲୁ:** ରବିବାର ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ବିଜୟୀ ହେବା ପରେ ଅଷ୍ଟ୍ରେଲିଆ ଖେଳାଳି ମିଚେଲ ମାର୍ଶ ଟ୍ରଫି ସହ ବସିଛନ୍ତି।

## ଆଜିଠୁ ବିଧାନସଭା ଅଧିବେଶନ

ଭୁବନେଶ୍ୱର,୨୦।୧୧(ଅନିଲ ଦାସ)

ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନ ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏଥିରେ ମୋଟ୍ ୩୦ଟି କାର୍ଯ୍ୟକାରୀ ଦିବସ ରହିଛି। ସେଥିରୁ ୨୪ ସରକାରୀ ଦିବସ ଥିବା ବେଳେ ୬ ବେସରକାରୀ ଦିବସ ରହିଛି। ମାସର ଦ୍ୱିତୀୟ ଓ ଶେଷ ଶନିବାର ଏବଂ ରବିବାର ବ୍ୟତୀତ ନଭେମ୍ବର ୨୭ରେ ପଡୁଥିବା ରାସ ପୂର୍ଣ୍ଣିମା ଏବଂ ଡିସେମ୍ବର ୨୫ ବଡ଼ଦିନ ପାଇଁ ବିଧାନସଭା ବନ୍ଦ ରହିବ। ପ୍ରଥମ ଦିବସରେ ବିଧାନସଭା ଗୃହ କାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ବର୍ଷରେ ୬୦ ଦିନ ଗୃହ ଚାଲିବାକୁ ଥିବାବେଳେ ୩୦ ଦିନ ବାକି ରହିଛି। ଚଳିତ ଅଧିବେଶନ ପାଇଁ ୩୦ଟି କାର୍ଯ୍ୟଦିବସ ଧାର୍ଯ୍ୟ କରାଯାଇଛି। ଏହି ଅଧିବେଶନ ବେଶ୍ ସରଗରମ ହେବ ବୋଲି ଅନୁମାନ କରାଯାଉଛି। ବିରୋଧୀ ଭାଜପା ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଦୁର୍ନୀତି, ପି.ସି. କାରବାର, ଆଦିବାସୀ ଜମି ହଡପ୍ ପାଇଁ ଷଡ଼ଯନ୍ତ୍ର, ଆଇନଶୃଙ୍ଖଳା, କୃଷି ଓ କୃଷକ ସମସ୍ୟା, ☞ପୃଷ୍ଠା–୨

# ଚଳନ୍ତା ବସ୍‌ରେ ଛାତ୍ରୀଙ୍କୁ ବଳାତ୍କାର

ଯାଜପୁର,୨୦।୧୧(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ଦଶରଥପୁର ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ(୧୬)ଙ୍କୁ ରବିବାର ଚଳନ୍ତା ବସ୍‌ରେ ବଳାତ୍କାର କରାଯାଇଛି। ଭଦ୍ରକରୁ କୋଲକାତା ଯିବା ଏବଂ ଫେରିବା ବାଟରେ ବସ୍‌ର ସ୍ଲିପର ସିଟ୍‌ରେ ଛାତ୍ରୀଙ୍କୁ ବଳାତ୍କାର କରିଛନ୍ତି ତାଙ୍କ ଗ୍ରାମର ଦୟାନିଧି ଜେନା(୪୫)। ଏନେଇ ଛାତ୍ରୀଜଣକ ସୋମବାର ଦଶରଥପୁର ଥାନାରେ କରିଥିବା ଅଭିଯୋଗ ଆଧାରରେ ଅଭିଯୁକ୍ତ ଦୟାନିଧିଙ୍କ ନାଁରେ ଆଇପିସି ଦଫା ୩୭୬ ଏବଂ ପୋକ୍‌ସୋ ଆକ୍ଟର ବିଭିନ୍ନ ଦଫା ଅନୁଯାୟୀ ଏକ ମାମଲା (ନଂ. ୧୯୫/୨୩) ରୁଜୁ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇ ପାରି ନ ଥିଲା। ଅଭିଯୁକ୍ତ ଦୟାନିଧି ପୀଡ଼ିତାଙ୍କ ସମ୍ପର୍କୀୟ ହେବେ ବୋଲି ସୂଚନା ମିଳିଛି। ଏହି ଘଟଣା ୧୧ ବର୍ଷ ତଳେ ରାଜଧାନୀ ନୂଆଦିଲ୍ଲୀରେ ଚଳନ୍ତା ବସ୍‌ରେ ଘଟିଥିବା ନିର୍ଭୟା ଗଣବଳାତ୍କାର ଘଟଣାକୁ ମନେପକାଇ ଦେଉଛି। ସେହି ବୀଭତ୍ସ କାଣ୍ଡ ମଧ୍ୟ ରବିବାର ଘଟିଥିଲା।

ଦଶରଥପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ପୀଡ଼ିତା ଛାତ୍ରୀ ଦଶମ ଶ୍ରେଣୀରେ ପାଠ ପଢ଼ନ୍ତି। ରବିବାର ସକାଳ ୬ଟାରେ ସେ ସାଇକେଲ ଯୋଗେ ଟ୍ୟୁଶନ ପାଇଁ ଯାଉଥିବା ସମୟରେ ଦୟାନିଧି ତାଙ୍କୁ ରାସ୍ତାରେ ଅଟକାଇ ତାଙ୍କ ମା'ଙ୍କ ଦେହ ଖରାପ ଅଛି ବୋଲି କହିଥିଲେ। ଏହାପରେ ଜଣେ ବ୍ୟକ୍ତିଙ୍କ ଘରେ ଛାତ୍ରୀଙ୍କ ସାଇକେଲକୁ ରଖି ଦୟାନିଧି ତାଙ୍କୁ ଏକ ବାଇକ୍ (ନଂ.ଓଡି–୩୪କେ–୫୧୯୦) ଯୋଗେ ଘରକୁ ନେବା ପରିବର୍ତ୍ତେ ଡରାଇ ଧମକାଇ ଭଦ୍ରକ ଜିଲା ଆଖଣ୍ଡଳମଣି ଛକ ପେଟ୍ରୋଲ ପମ୍ପ ନିକଟକୁ ନେଇଯାଇଥିଲେ। ସେଠାରୁ ଏକ ବସ୍ ଯୋଗେ ଭଦ୍ରକ ନେଇ ସେଠାରୁ ସ୍ଲିପର ବସ୍‌ରେ କୋଲକାତା ଯାଇଥିଲେ। ଭୟଭୀତ ଛାତ୍ରୀଜଣକ କେଉଁ ସ୍ଥାନ କିଛି ଜାଣି ପାରୁ ନ ଥିଲେ। କୁଆଡ଼େ ନେଇଯାଉଛ ବୋଲି ଛାତ୍ରୀଜଣକ ପଚାରିବାରୁ କୋଲକାତା ନେଇଯାଉଥିବା ଦୟାନିଧି ଉତ୍ତର ଦେଇଥିଲେ। ଛାତ୍ରୀଜଣକ ବିରୋଧ କରିବାରୁ ହତ୍ୟା ଧମକ ଦେଇ ଚୁପ୍ କରାଇଥିଲେ। ଏହାପରେ ଚଳନ୍ତା ବସ୍‌ର ସ୍ଲିପର ସିଟ୍‌ରେ ତାଙ୍କୁ ଦୟାନିଧି ବଳାତ୍କାର କରିଥିଲେ। ଦିନ ସମୟରେ ଏହି ଲଜ୍ଜାଜନକ ଘଟଣା ଘଟିଥିବାବେଳେ ଜୀବନ ଭୟରେ ପୀଡ଼ିତା କାହାରିକୁ କିଛି କହି ପାରି ନ ଥିଲେ। ପୁଣି ଆଉ ଏକ ସ୍ଲିପର ବସ୍‌ରେ ଭଦ୍ରକ ଫେରିବା ବାଟରେ ରାତି ୮ଟାରେ ନାବାଳିକାଙ୍କୁ ଦୟାନିଧି ବଳାତ୍କାର କରିଥିଲେ। ଭଦ୍ରକରେ ସୋମବାର ଭୋର ୩ଟାରେ ପହଞ୍ଚିବା ପରେ ଅଭିଯୁକ୍ତ ଏକ ଅଟୋ ଯୋଗେ ପୀଡ଼ିତାଙ୍କୁ ତାଙ୍କ ଗ୍ରାମ ନିକଟରେ ଛାଡ଼ି ଦେଇଥିଲେ। ବଳାତ୍କାର ସମ୍ପର୍କରେ କାହାରିକୁ କିଛି କହିଲେ ଜୀବନରୁ ମାରିଦେବେ ବୋଲି ସେ ପୁଣି ଧମକ ଦେଇଥିବା ଛାତ୍ରୀଜଣକ ଅଭିଯୋଗରେ ଦର୍ଶାଇଛନ୍ତି।

ଘଟଣା ସମ୍ପର୍କରେ ଦଶରଥପୁର ଥାନାଧିକାରୀ ବଦ୍ରିକାନାଥ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ବସ୍‌ରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋକ୍‌ସୋ ଆକ୍ଟ ସହ ବଳାତ୍କାର ମାମଲା ରୁଜୁ କରାଯାଇ ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରିପୋର୍ଟ ଆସିଲା ପରେ ଯାହା କିଛି କହିହେବ। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିବା ସେ କହିଛନ୍ତି। ତେବେ କେଉଁ ବସ୍‌ରେ ଯାଇଥିଲେ ଏବଂ ଫେରିଲେ ତାହାର ନାଁ ଏବଂ ନମ୍ବର ପୀଡ଼ିତା ଦର୍ଶାଇ ନ ଥିବାବେଳେ ଏନେଇ ପୋଲିସ ତଦନ୍ତ ଚଳାଇଛି।

## ଭାରତ ହାରିବାରୁ ଯୁବକଙ୍କ ଆତ୍ମହତ୍ୟା

### ଦିନିକିଆ କ୍ରିକେଟ୍ ବିଶ୍ୱକପ୍

ବିଞ୍ଝାରପୁର/ସିଂହପୁର/ପ୍ରୀତିପୁର (ରାମକୃଷ୍ଣ ଦାସ/ ଅନଙ୍ଗ ଉଦୟ ବେଉରିଆ/ ସୁଶାନ୍ତ ବେହୁରିଆ),୨୦।୧୧

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ଭାରତ ପରାଜିତ ହେବା କୋଟି କୋଟି ଭାରତୀୟଙ୍କୁ ନିରାଶ କରିଛି। ଏହି ପରାଜୟକୁ ସହ୍ୟ କରି ନ ପାରି ଯାଜପୁର ଜିଲାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଗ୍ରାମ କୁଳସାହିର ନୀଳମଣି ଦାସଙ୍କ ସାନପୁଅ ଦେବରଞ୍ଜନ(୨୩)। ବିଶ୍ୱକପ୍‌ରେ ଭାରତ ଜିତି ଟ୍ରଫି ଆଣିବ ବୋଲି ଦେବରଞ୍ଜନ ବହୁତ ଆଶା କରିଥିଲେ। ସେ ବିଭିନ୍ନ ମନ୍ଦିରରେ ଏନେଇ ପୂଜାର୍ଚ୍ଚନା ମଧ୍ୟ କରିଥିଲେ। ରବିବାର ସାଙ୍ଗସାଥୀଙ୍କ ଗହଣରେ ସେ ଟିଭିରେ ମ୍ୟାଚ୍ ଦେଖିଥିଲେ। ହେଲେ ଭାରତ ହାରିଯିବା ପରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ରାତିରେ ସେ ଘରକୁ ଫେରି ତାଙ୍କ ମା'ଙ୍କୁ ଖେଳ ବିଷୟରେ କହିବା ☞ପୃଷ୍ଠା–୨


**ଆଜିର ସମ୍ପାଦକୀୟ**

ଡିଜିଟାଲ ଠକେଇ


## ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବେ ସାଲୁଗା ପ୍ରଧାନ

### ଉପବାଚସ୍ପତି ନିର୍ବାଚନ

ଭୁବନେଶ୍ୱର,୨୦।୧୧ (ଅନିଲ ଦାସ)



ଜି.ଉଦୟଗିରିର ବିଜେଡି ବିଧାୟକ ସାଲୁଗା ପ୍ରଧାନ ଉପବାଚସ୍ପତି ପ୍ରାର୍ଥୀ ହୋଇଛନ୍ତି। ଉପବାଚସ୍ପତି ନିର୍ବାଚନ ପାଇଁ ସେ ସୋମବାର ପୂର୍ବାହ୍ନରେ ବିଧାନସଭା ସଚିବଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗତ ନଭେମ୍ବର ୮ରେ ରଜନୀକାନ୍ତ ସିଂହଙ୍କ ଇସ୍ତଫା ପରେ ଉପବାଚସ୍ପତି ପଦ ଖାଲିପଡ଼ିଛି। ଏଥିପାଇଁ ମଙ୍ଗଳବାର ସକାଳ ୯ଟା ୩୦ରେ ନିର୍ବାଚନ ହେବ ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ସମସ୍ତ ବିଧାୟକଙ୍କୁ ପୂର୍ବରୁ ଅବଗତ କରାଯାଇଛି। ଏହି ପଦ ପାଇଁ ଅନ୍ୟ କୌଣସି ପ୍ରାର୍ଥୀ ନ ଥିବାରୁ ସାଲୁଗା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବେ। ସାଲୁଗା ଜି.ଉଦୟଗିରିରୁ ୨୦୦୦ ଓ ୨୦୧୯ରେ ୨ ଥର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ସେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ☞ପୃଷ୍ଠା–୨

## ପାଣି ଟାଙ୍କିରୁ ୨ କଙ୍କାଳ ଜବତ

### ଲୋକେ କହୁଛନ୍ତି ମାନବ କଙ୍କାଳ, ପୋଲିସ କହିଲା ମାଙ୍କଡ଼ର

ଯାଜପୁର ସଦର, ୨୦।୧୧ (ସମର ବିଜୟ ଶରଣ)

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ନିଶ୍ଚିନ୍ତା ଗ୍ରାମ ନିକଟରେ ନିର୍ମାଣାଧୀନ ପାନୀୟ ଜଳଯୋଗାଣ ପ୍ରକଳ୍ପର ଟାଙ୍କି ଭିତରୁ ସୋମବାର ପୂର୍ବାହ୍ନରେ ୨ଟି କଙ୍କାଳ ଜବତ ହୋଇଛି। ତାହା ମାନବକଙ୍କାଳ ବୋଲି ସ୍ଥାନୀୟ ଲୋକେ କହିବା ସହ ଏହାକୁ ନେଇ ନାନା ଆଲୋଚନା ହେଉଛି। କିନ୍ତୁ ତାହା ମାଙ୍କଡ଼ କଙ୍କାଳ ବୋଲି ଯାଜପୁର ସଦର ଥାନା ଅଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁସାରେ ଗ୍ରାମର ପିଲାମାନେ ଲୁଚକାଳି ଖେଳ ଖେଳୁଥିଲେ। ଦୁଇଜଣ ପିଲା ଲୁଚିବା ପାଇଁ ପାଣିଟାଙ୍କି ଉପରକୁ ଚଢ଼ିଥିଲେ। ସେମାନେ ଟାଙ୍କି ଉପରେ ଥିବା ଫାଙ୍କରେ ଦୁଇଟି ଖପୁରି ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାରିତ ହୋଇଯିବାରୁ ଘଟଣାସ୍ଥଳରେ ☞ପୃଷ୍ଠା–୨

# ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଏମ୍‌ଓୟୁ

### ଓଡ଼ିଶା ପରିବହନ ଇତିହାସରେ ଏକ ନୂଆ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦।୧୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସୋମବାର ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେଶନ (ବିଏମ୍‌ଆର୍‌ସି) ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ (ଡିଏମ୍‌ଆର୍‌ସି)ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ପ୍ରଥମ ପର୍ଯ୍ୟାୟ ରେଳ ପ୍ରକଳ୍ପ ଭୁବନେଶ୍ୱର ବିମାନବନ୍ଦରରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ହେବ। ଏହି ପ୍ରକଳ୍ପ ୪ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଲୋକସେବା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ କହିଛନ୍ତି, ଏହି ଚୁକ୍ତିନାମା ଓଡ଼ିଶା ପରିବହନ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏହା ରାଜଧାନୀ ଅଞ୍ଚଳର ପରିବହନ ସେବାରେ ଏକ ନୂଆ ରୂପାନ୍ତର ଆଣିବ। ରାଜ୍ୟ ସରକାରଙ୍କ ୫–ଟି ଅଧୀନରେ ଏହା ଏକ ଫ୍ଲାଗଶିପ କାର୍ଯ୍ୟକ୍ରମ; ଯାହା କି ନୂତନ ଓଡ଼ିଶାର ସଙ୍କେତକୁ ବହନ କରୁଛି। ପ୍ରଥମ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପ ପାଇଁ ୬ ହଜାର ୨୫୫ କୋଟି ଟଙ୍କାର ବ୍ୟୟବରାଦକୁ ନିକଟରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ୨୦୧୯ରେ ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛି। ଦେଶରେ ଡିଏମ୍‌ଆର୍‌ସି ମେଟ୍ରୋ ରେଳ ନିର୍ମାଣ କରିବାରେ ସାରା ଦେଶରେ ମାଇଲଖୁଣ୍ଟ ☞ପୃଷ୍ଠା–୨




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ତୋତେ ଆଶ୍ରା କଲି, ମୂଲିଆ ନ କଲି,
ବାଡ଼ି କପାଖଣ୍ଡି ମଲା,
ତୋତେ ଆଶା କଲି, ଘଇତା ନ କଲି,
ମୋ ବଳ ବୟସ ହିଁ ଗଲା।

ପରକୁ ଆଶ୍ରା କରି ରହୁଥିବା ବ୍ୟକ୍ତିଙ୍କୁ ଲାଭ ବଦଳରେ କ୍ଷତି ହିଁ ମିଳିଥାଏ। ଅନ୍ୟକୁ ଆଶା କରି ବହୁମୂଲ୍ୟ ସମୟ ନଷ୍ଟ କରି ବସିଲେ ପଛକୁ ହୀନସ୍ତା ଭୋଗିବାକୁ ପଡିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ତୁଣ୍ଡ ନରେନ୍ଦ୍ର,
ପିଠି ଅରକ୍ଷିତ।

ରଜାଳିଆ କଥାବାର୍ତ୍ତା। କିନ୍ତୁ ଘରେ ଏତେ ଅଭାବ ଯେ କହିଲେ ନ ସରେ। ସମ୍ବଳ ଅଭାବରୁ ପିଠିରେ ଟିକିଏ ତେଲ ବାଜୁନି କି ଘୋଡେଇହେବାକୁ ଖଣ୍ଡେ କପଡା ନାହିଁ। ଏପରିସ୍ଥଳେ ଦରିଦ୍ର ବ୍ୟକ୍ତି ତୁଚ୍ଛାଟାରେ ନିଜ ବଡ଼ଲୋକି ଦେଖେଇହେବା ଶୋଭନୀୟ ହେଉ ନଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଡିସେମ୍ବର ୨୬ରେ ପ୍ରତାପ ଜେନାଙ୍କ ପରବର୍ତ୍ତୀ ଶୁଣାଣି

## ମାହାଙ୍ଗା ଡବଲ ମର୍ଡର ମାମଲା

ନିଶ୍ଚିନ୍ତକୋଇଲି,୨୦।୧୧
(ଅଶୋକ କୁମାର ମହାପାତ୍ର)

ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ହାଇକୋର୍ଟ ହସ୍ତକ୍ଷେପ କରିବା ପରେ ସାଲେପୁର ଜେଏମ୍ଏଫ୍‌ସି(ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ) ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଶୁଣାଣି ଘୁଞ୍ଚାଇ ଦେଇଛନ୍ତି। ଡିସେମ୍ବର ୨୬ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ଗତ ୧୮ ତାରିଖରେ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ବ୍ୟକ୍ତିଗତ ହାଜିରାରୁ ବାଦ୍ ଦେବା ପାଇଁ ସିଆର୍‌ପିସି ୨୦୫ ଓ ପ୍ରତିପକ୍ଷଙ୍କ ପକ୍ଷରୁ ୨୧୦ ପିଟିଶନ ଆଧାରରେ ମୂଳ କେଶ ସହ ତାଙ୍କ ନାମ ଯୋଡ଼ିବାକୁ ଆବେଦନ କରାଯାଇଥିଲା। ଏନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଉଭୟ ପିଟିଶନର ଶୁଣାଣି ପାଇଁ ପ୍ରତାପଙ୍କ ଓକିଲ ଜେଏମ୍ଏଫ୍‌ସିଙ୍କୁ ଅଧିକ ସମୟ ମାଗିଥିଲେ। ଏହାପରେ ଉଭୟ ପକ୍ଷ ଓକିଲଙ୍କ ଆବେଦନକୁ ଆଧାର କରି କୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ପ୍ରତାପଙ୍କ ନାମରେ ହତ୍ୟା, ଷଡଯନ୍ତ୍ର, ଧମକ ଦେବା ଭଳି ଦଫାରେ ମାମଲା ଚାଲୁ ରଖିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି। ପ୍ରତାପ ବିଧାୟକ ହୋଇଥିବାରୁ ଏହି ମାମଲା ଭୁବନେଶ୍ୱର ଆଡିସିନାଲ ଡିଷ୍ଟ୍ରିକ ସେକ୍ସନ ଜଜ୍ କମ୍ ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ପୋଲିସ ରୁଜୁ କରିଥିବା ମାମଲାରେ ତାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରତାପଙ୍କ ନାମ ପୋଲିସ ଚାର୍ଜଶିଟରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଖଲ କରିଥିଲେ। ଏହି ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଘଟଣାରେ ଜଡ଼ିତ ପ୍ରତାପଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି), ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ଓ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ ଡିଟେଲ ରେକର୍ଡ ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୋଲିସ ବାରମ୍ବାର ସମୟ ଗଡ଼ାଇ ବିଳମ୍ବ କରିବାରୁ କୋର୍ଟ ଭର୍ତ୍ସନା କରିଥିଲେ। ଶେଷରେ ଚାର୍ଜଶିଟ, କଲ ରେକର୍ଡ ସମେତ ମାମଲାର ଦସ୍ତାବିଜ କୋର୍ଟରେ ପୋଲିସ ଦାଖଲ କରିଥିଲା। ଇତିମଧ୍ୟରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସମସ୍ତ ସାକ୍ଷ୍ୟ, ପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ଅବସ୍ଥାକୁ ଆଖି ଆଗରେ ରଖି ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ୧୫।୯।୨୦୨୩ରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ମାମଲା ଚାଲୁରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ବିବାହ କରିବାକୁ କୌଣସି ଯୋଜନା ନାହିଁ


ଶ୍ରୁତି ହାସନ

**ମୁମ୍ବାଇ:** ଅଭିନେତ୍ରୀ ଶ୍ରୁତି ହାସନ ତାଙ୍କ ବିବାହକୁ ନେଇ ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି। ଦୀର୍ଘ ଦିନ ଧରି ଶାନ୍ତନୁ ହଜାରିକା ଶ୍ରୁତିଙ୍କୁ ଡେଟ୍ କରୁଥିବାବେଳେ ନିକଟରେ ସେ ବିବାହ କରିବେ ବୋଲି ଖବର ସାମ୍ନାକୁ ଆସିଥିଲା। ଏ ବାବଦରେ ଶ୍ରୁତି ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ସେମାନଙ୍କର ବିବାହ କରିବାକୁ କୌଣସି ଯୋଜନା ନାହିଁ। ଅଭିନେତ୍ରୀ ପ୍ରେମିକ ଶାନ୍ତନୁଙ୍କ ସହ ବେଶ ଖୁସି। ତାଙ୍କ ସହଯୋଗରେ ସେ ଭଲ କାମ କରୁଛନ୍ତି। ଆମେ ଦୁହେଁ ସବୁବେଳେ ପରସ୍ପର ସହିତ ରହିଆଉ ଏବଂ ଖରାପ ସମୟରେ ଉଭୟଙ୍କୁ ସମର୍ଥନ କରୁ। ଆମେ ଦୁହେଁ କାର୍ଯ୍ୟକ୍ଷେତ୍ରରେ ବହୁତ ଶୃଙ୍ଖଳିତ, କିନ୍ତୁ ଆମର ବ୍ୟକ୍ତିତ୍ୱ ପରସ୍ପରଠାରୁ ବହୁତ ଭିନ୍ନ। ମୁଁ ସବୁବେଳେ ନର୍ଭସ ରହିଥାଏ। ସେ ମୋତେ ସବୁବେଳେ ଶାନ୍ତ କରନ୍ତି। ବିବାହ ଅପେକ୍ଷା ଏହା ଭଲ ନୁହେଁ କି। ତେବେ ଆମେ ବିବାହ ପାଇଁ ସେପରି କିଛି ଯୋଜନା କରିନୁ ବୋଲି ଶ୍ରୁତି କହିଛନ୍ତି। ତେବେ ଶ୍ରୁତି ୨୦୦୦ ମସିହାରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଶେଷଥର ପାଇଁ ସେ ଫିଲ୍ମ 'ୱାଲ୍ଟେୟାର ଭେରାୟା'ରେ ନଜରକୁ ଆସିଥିଲେ।

# ସମ୍ବଲପୁର-ବନାରସ ଟ୍ରେନ୍ ବିଶାଖାପାଟଣାକୁ ସମ୍ପ୍ରସାରିତ

ସମ୍ବଲପୁର,୨୦।୧୧
(ପ୍ରମୋଦ ବହିଦାର)


ସମ୍ବଲପୁରଠାରେ ସୋମବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସବୁଜ ପତାକା ଦେଖାଇ ଟ୍ରେନ୍ ଯାତ୍ରା ଉଦ୍‌ଘାଟନ କରୁଛନ୍ତି।

କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ସନ୍ଧ୍ୟାରେ ସମ୍ବଲପୁର ରେଳ ଷ୍ଟେଶନରୁ ବିଶାଖାପାଟଣା ପର୍ଯ୍ୟନ୍ତ ବନାରସ-ସମ୍ବଲପୁର-ବନାରସ ଦ୍ୱି-ସାପ୍ତାହିକ ଟ୍ରେନ୍‌ର ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ପରେ ପୁଷ୍ପରେ ସୁସଜ୍ଜିତ ଏହି ଟ୍ରେନ୍‌ଟି ଏକ ସ୍ୱତନ୍ତ୍ର ଟ୍ରେନ୍ ଭାବେ ସମ୍ବଲପୁରରୁ ବିଶାଖାପାଟଣା ଯାତ୍ରା କରଛି। ତେବେ ନଭେମ୍ବର ୨୨ ଓ ୨୩ ତାରିଖରୁ ଯଥାକ୍ରମେ ବିଶାଖାପାଟଣା ଓ ବନାରସ୍‌ରୁ ନିୟମିତ ଯାତ୍ରା ଆରମ୍ଭ କରିବ। ପୂର୍ବରୁ ଏହି ଟ୍ରେନ୍ ୮୯୫ କିଲୋମିଟର ଦୂରତା ଅତିକ୍ରମ କରୁଥିବା ବେଳେ ବିଶାଖାପାଟଣାକୁ ସମ୍ପ୍ରସାରଣ ହେଲା ପରେ ଦୂରତା ୧୪୦୦ କିଲୋମିଟରକୁ ବୃଦ୍ଧି ପାଇଛି। ଏହ ଟ୍ରେନ୍‌କୁ ବରଗଡ଼ ରେଳ ଷ୍ଟେଶନରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବଲାଙ୍ଗୀର ରେଳ ଷ୍ଟେଶନରେ ଏମ୍‌ପି ସଙ୍ଗିତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଓ କେସିଙ୍ଗା ରେଳଷ୍ଟେଶନରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସ୍ୱାଗତ କରିଥିଲେ। ଏହି ଅବସରରେ ସେମାନେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରେ ରେଳର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ।

ଏହା ପୂର୍ବରୁ ସମ୍ବଲପୁର ରେଳ ଷ୍ଟେଶନରେ ଆୟୋଜିତ ସମାରୋହରେ ଅତିଥିଭାବେ ଯୋଗଦେଇ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଏହି ଦ୍ୱି-ସାପ୍ତାହିକ ଟ୍ରେନ୍ ବିଶାଖାପାଟଣା ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବା ଦ୍ୱାରା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାବାସୀଙ୍କ ମଧ୍ୟରେ ଯୋଗାଯୋଗର ଏକ ଯୁଗାନ୍ତ ପରିବର୍ତ୍ତନ ହୋଇପାରିବ। ଏହା ସହିତ ଉଭୟ ପ୍ରାନ୍ତର ଅଧିବାସୀଙ୍କ ପାଇଁ ବ୍ୟବସାୟ, ଶିକ୍ଷା, ଚିକିତ୍ସା ଆଦି କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ ବୋଲି ଉଭୟ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ତାଙ୍କ ବକ୍ତବ୍ୟରେ କହିଥିଲେ, ୨୦୧୪ରୁ ଓଡ଼ିଶାକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦିଆଯାଇଆସୁଛି। ସମ୍ପ୍ରତି ଓଡ଼ିଶାରେ ରେଳର ବିକାଶ ପାଇଁ ୧୦ ହଜାର କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। ଏଥିରେ ସମ୍ବଲପୁର ସହିତ ରାଜ୍ୟର ୫୭ଟି ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ ରେଳଷ୍ଟେଶନରେ ପରିଣତ କରାଯିବାକୁ ନିଷ୍ପତ୍ତି ହୋଇଛି। ସେଥିମଧ୍ୟରୁ ପଶ୍ଚିମ ଓଡ଼ିଶାର ୨୦ଟି ରେଳଷ୍ଟେଶନ ଅନ୍ତର୍ଭୁକ୍ତ। ସମ୍ବଲପୁର ରେଳ ଷ୍ଟେଶନର ବିକାଶ ତଥା ଆଧୁନିକୀକରଣ ପାଇଁ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଟ୍ରେନ୍ ରବିବାର ଓ ବୁଧବାର ବିଶାଖାପାଟଣାରୁ ଏବଂ ସୋମବାର ଓ ଗୁରୁବାର ବନାରସରୁ ଛାଡ଼ିବ। ତେବେ ସମ୍ବଲପୁର ସମୟ ସାରିଣୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଉଦ୍‌ଘାଟନୀ ସମାରୋହରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ବିନୀତ ସିଂ, ଅତିରିକ୍ତ ପ୍ରବନ୍ଧକ ଶରତ ଶ୍ରୀବାସ୍ତବ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାଏକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ ବିଧାନସଭା...

ରତ୍ନଭଣ୍ଡାର, ସିଏଜି ରିପୋର୍ଟରେ ଦୁର୍ନୀତି, ସ୍ୱାସ୍ଥ୍ୟ, ଶିକ୍ଷା, ଦରଦାମ୍ ବୃଦ୍ଧି ଆଦି ପ୍ରସଙ୍ଗରେ ବିରୋଧୀ ସରକାରଙ୍କଠାରୁ କୈଫିୟତ ତଲବ କରିବେ ବୋଲି ସୂଚନା ମିଳିଛି। ଶାସକ ଦଳ ମଧ୍ୟ କେନ୍ଦ୍ରୀୟ ଅବହେଳାକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ସୂଚନା ମିଳିଛି। ସୋମବାର ଭାଜପା ବିଧାୟକ ଦଳ ବୈଠକରେ ନିଜର ରଣନୀତି ବୃତାନ୍ତ କରିଥିବାବେଳେ ମଙ୍ଗଳବାର ପୂର୍ବାହ୍ନରେ ଶାସକ ବିଜେଡି ଓ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ।

## ଭାରତ ହାରିବାରୁ...

ସହ ବ୍ୟସ୍ତବିବ୍ରତ ହୋଇ ପଡ଼ିଥିଲେ। ଏହାପରେ ସେ ଘରେ ନ ଶୋଇ ବାହାରକୁ ଯାଇ ଏଣେତେଣେ ବୁଲିଥିଲେ। ସୋମବାର ଭୋର ସମୟରେ ପରିବାର ଲୋକେ ଉଠିଦେଖିଲା ବେଳକୁ ଦେବରଞ୍ଜନଙ୍କ ମୃତଦେହ ସାନବାପା ମହେଶ୍ୱର ଦାସଙ୍କ ନବନିର୍ମିତ କୋଠା ଘରର ଛାତ ରଡ୍‌ରେ ଝୁଲୁଥିଲା। ସେ କ୍ରିକେଟକୁ ବହୁତ ଭଲ ପାଉଥିଲେ ଏବଂ ଭାରତ ହାରିବା ପରେ ଅତ୍ୟଧିକ ମ୍ରିୟମାଣ ହୋଇପଡ଼ିଥିଲେ ବୋଲି ସାଙ୍ଗସାଥୀ ଓ ପରିବାର ଲୋକେ କହିଛନ୍ତି। ଏହି କାରଣରୁ ଦେବରଞ୍ଜନ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ପୋଲିସ ଏନେଇ ତଦନ୍ତ ଚଳାଇଛି। ବିଞ୍ଝାରପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜରି ଫାଣ୍ଡି ଅଧିକାରୀ ଇନ୍ଦ୍ରମଣି ଜୁଆଙ୍ଗ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ସଦର ମହକୁମା ହସ୍ପିଟାଲକୁ ପଠାଇଛନ୍ତି।

## ବିନା ପ୍ରତିଦ୍ୱନ୍ଦ୍ୱିତାରେ...

ସାକ୍ଷାତ କରିଥିଲେ। ନାମାଙ୍କନ ଦାଖଲ ପରେ ସାଲୁଗା ଗଣମାଧ୍ୟମକୁ କହିଛନ୍ତି, ଦଳର ସଭାପତି ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ବରିଷ୍ଠ ସଦସ୍ୟଙ୍କ ମତାମତ ଓ ପରାମର୍ଶ ନେଇ ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବି। ସମସ୍ତଙ୍କ ମତାମତକୁ ସମ୍ମାନ ଦେଇ ଗୃହ କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ବିଜେଡି ତାଙ୍କୁ ପ୍ରାର୍ଥୀ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ମେଟ୍ରୋ ରେଳ...

ସ୍ଥାପନ କରିଛି। ଡିଏମ୍ଆର୍‌ସିର ମେଟ୍ରୋ ରେଳ ନିର୍ମାଣ କ୍ଷେତ୍ରରେ ଥିବା ପାରଦର୍ଶିତାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହି ପ୍ରକଳ୍ପ ବିଶ୍ୱସ୍ତରୀୟ ହେବା ସହ ନିର୍ଦ୍ଧାରିତ ସମୟରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ପ୍ରକଳ୍ପର ଶୁଭକାମନା କରିବା ସହ ଏହା ଦେଶର ମେଟ୍ରୋରେଳ ଇତିହାସରେ ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ପରିବହନ ରୂପାନ୍ତର କ୍ଷେତ୍ରରେ ଏହା ହେଉଛି ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ପ୍ରକଳ୍ପ କଟକ, ଭୁବନେଶ୍ୱରକୁ ପ୍ରକୃତ ଦ୍ୱୈତନଗରୀରେ ପରିଣତ କରିପାରିବ ବୋଲି କହିଛନ୍ତି। ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ଉଭୟ ସହରର ଟ୍ରାଫିକ ସମସ୍ୟା ଦୂର ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଡିଏମ୍ଆର୍‌ସି ଏମ୍‌ଡି ବିକାଶ କୁମାର କହିଛନ୍ତି ଯେ, ଏହି ପ୍ରକଳ୍ପ ଓଡ଼ିଶାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ। ପ୍ରକଳ୍ପ ଅଞ୍ଚଳର ଅର୍ଥ ନୈତିକ ଅଭିବୃଦ୍ଧି ଓ ବିକାଶକୁ ତ୍ୱରାନ୍ୱିତ ହୋଇପାରିବ।

ଏଠାରେ ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ୨୦୨୩ ଏପ୍ରିଲ ପହିଲାରେ ଭୁବନେଶ୍ୱର ମେଟ୍ରୋରେଳ ପ୍ରକଳ୍ପ ଘୋଷଣା କରିଥିଲେ। ପ୍ରକଳ୍ପର ଶୁଭାରମ୍ଭ ପୂର୍ବରୁ ଅକ୍ଟୋବର ୨୯ ତାରିଖରେ ୫-ଟି ଅଧ୍ୟକ୍ଷ ତ୍ରିଶୂଳିଆ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମ ପର୍ଯ୍ୟାୟ ମେଟ୍ରୋରେଳ ପ୍ରକଳ୍ପ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ୨୬ କିଲୋମିଟର ଯାଏ ହେବ। ଏଥିରେ ୨୦ଟି ଷ୍ଟେଶନ ରହିବ। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଏମ୍ଆର୍‌ସି ସିଇଓ ଶିବ ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।


ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପାଣି ଟାଙ୍କିରୁ...

ଶତାଧିକ ଲୋକଙ୍କ ଭିଡ଼ ଲାଗିଥିଲା। ଖବର ପାଇ ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବରୁଆଁ ଅଗ୍ନିଶମ ବାହିନୀ ସହ ଯୋଗାଯୋଗ କରିଥିଲେ। ବରୁଆଁ ଅଗ୍ନିଶମ ବାହିନୀର ଅଫିସର ରବୀନ୍ଦ୍ର କେତନ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଟାଙ୍କି ମଧ୍ୟରୁ କଙ୍କାଳ ଦୁଇଟିକୁ ବାହାର କରି ତଳକୁ ଆଣିଥିଲେ। ଖବର ପାଇ ଏସ୍‌ପି ବିନିତ୍ ଅଗ୍ରୱାଲ, ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ସଦର ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ସାଇଣ୍ଟିଫିକ ଟିମ୍ ଓ ସ୍ଥାନୀୟ ସରପଞ୍ଚ ସୁଜିତ ରାୟଙ୍କ ଉପସ୍ଥିତିରେ କଙ୍କାଳ ଦୁଇଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରୀକ୍ଷାଗାରକୁ ପଠାଇଥିଲେ। ତେବେ କଙ୍କାଳ ସହ କୌଣସି ପୋଷାକ ମିଳି ନ ଥିବାବେଳେ ଲୋମ ମିଳିଛି। ପରୀକ୍ଷାନିରୀକ୍ଷାରୁ ଏହି କଙ୍କାଳ ମାଙ୍କଡ଼ର ବୋଲି ଜଣାପଡ଼ିଥିବା ଥାନାଧିକାରୀ ନାୟକ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଯୁକ୍ତ ବୁଧ ଅଷ୍ଟମସ୍ଥ ଯୋଗୁ ନିକଟ ସମ୍ପର୍କୀୟଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ। କିନ୍ତୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ,ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ** ନୀଚସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କଚେରି ମାମଲା ଦୁଶ୍ଚିନ୍ତାର କାରଣ ହୋଇପାରେ। ଦୂରସ୍ଥ ସନ୍ତାନ କିମ୍ବା ଆତ୍ମୀୟମାନଙ୍କ ସକାଶେ ମନ ବିଚଳିତ ରହିବ।

**ମିଥୁନ** ଷଷ୍ଠସ୍ଥ ବୁଧ ପ୍ରଭାବରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ପରିବର୍ତ୍ତନ ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ପୁନର୍ବସୁ ନକ୍ଷତ୍ର ଲକ୍ଷ୍ୟ ହାସଲରେ ସମର୍ଥ ହେବେ ।

**କର୍କଟ** ଶନି ଦୃଷ୍ଟ ଚନ୍ଦ୍ର ଆପଣଙ୍କ ମାନସିକ ସ୍ଥିତିକୁ ବିଶାଦିତ କରିପାରେ। ତଥାପି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବାଣିଜ୍ୟ ଓ ପରିବହନ ତଥା ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିପାରନ୍ତି।

**ସିଂହ** ରାଶ୍ୟାଧିପତିଙ୍କ ଦୁର୍ବଳତା ହେତୁ ସ୍ୱାସ୍ଥ୍ୟ କ୍ରମଶଃ ବିଗିଡ଼ି ଯାଇପାରେ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ଶନି ଯୁକ୍ତ ଚନ୍ଦ୍ରଜନିତ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଶଳର ସହ କାମ କରିବେ। କୌଣସି ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ହଇରାଣ ହେବେ। ମାଲିମକଦ୍ଦମା, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ନିଜକୁ ସଂକୁଚିତ କରି ରଖିବାକୁ ବାଧ୍ୟ ହୋଇପାରନ୍ତି।

**ତୁଳା** କର୍ମାଧିପ ସ୍ୱଭାବରୁ ଅଷ୍ଟମସ୍ଥ ଯୋଗୁ ବ୍ୟତିକ୍ରମ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କୁ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରତ୍ୟେକ କ୍ଷେତ୍ରରେ ହଠାତ୍ କୌଣସି ଆଶାନୁରୂପ ସଫଳତା ମିଳି ନ ପାରେ।

**ବିଛା** ରାଶିରେ ତିନୋଟି ଗ୍ରହ ଥିବାରୁ ଦୀର୍ଘଦିନର ଅଭିଳାଷ ପୂରଣ କାରଣରୁ ମନ ପ୍ରଫୁଲ୍ଲ ରହିବ। ଜ୍ୟେଷ୍ଠା ନକ୍ଷତ୍ରର ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା କ୍ଷେତ୍ରର ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ଆଜି ଦିନଟିରେ ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢ଼ାଇ ଦେଇପାରନ୍ତି। ଧନାଧିପ ତୃତୀୟସ୍ଥ ଯୋଗୁ ବନ୍ଧୁଙ୍କ ନିକଟରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି ବୃଦ୍ଧି କାରଣରୁ ମନରେ ସରସତା ରହିବ ନାହିଁ। ରାଶ୍ୟାଧିପ ନୀଚସ୍ଥ ଯୋଗୁ ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କ୍ରୋଧ ପ୍ରକାଶ କରିପାରନ୍ତି। ପୁତ୍ରକନ୍ୟା ହେତୁକ ସୁଖ ମିଳିବ ଓ ପରିବାରରେ ଶାନ୍ତି ଫେରିଆସିବ। ରପ୍ତାନି କାରବାର, ନିର୍ମାଣ, ପରିବହନ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ଆଜି ସ୍ୱଗୃହୀ ଶନିଙ୍କ ଯୋଗୁ ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ** ଗୁରୁଚାଣ୍ଡାଳ ଯୋଗଜନିତ ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ନବମୀ ମଙ୍ଗଳବାର, ଅଁଳାନବମୀ, ଶ୍ରୀରାଧାଙ୍କ ପାଦଦର୍ଶନ, ଧାତ୍ରୀପୂଜା, ଜଗଦ୍ଧାତ୍ରୀପୂଜା, ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ବୈଜ୍ଞାନିକ ସି.ଭି. ରମଣଙ୍କ ତିରୋଧାନ ଦିବସ, ନଭେମ୍ବର ୨୧ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୨ ମି. ଗତେ ଘ.୬।୪୬ମି. ମଧ୍ୟେ, ଘ.୦୮।୪୭ ମି. ଗତେ ଘ.୧୧।୧୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ମି. ଗତେ ଘ.୦୩। ୩୯ମି. ମଧ୍ୟେ ରାହୁକାଳ।

## 'କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍'

ସାରା ବିଶ୍ୱ ପାଇଁ ଜଳବାୟୁ ପରିବର୍ତ୍ତନ ଏବେ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କର ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏ କ୍ଷେତ୍ରରେ ସହଭାଗୀ କରାଇବେ, ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ: ଦି ପାଥ୍ ଆହେଡ୍'। ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ନେଇ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୨୪ ତାରିଖରେ 'ଯୁବ ସମ୍ମିଳନୀ'ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। 'ଧରିତ୍ରୀ'ର ୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ହେବାକୁ ଥିବା ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।

# ଅରଣ୍ୟ ମାନବ ଯାଦବ ପାୟେଙ୍ଗ

DHARITRI YOUTH CONCLAVE 2023
CLIMATE CHANGE: THE PATH AHEAD



ଯାଦବ ପାୟେଙ୍ଗ

'ଧରିତ୍ରୀ' ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ଆସାମର ଯାଦବ ପାୟେଙ୍ଗ। 'ଫରେଷ୍ଟ ମ୍ୟାନ୍ ଅଫ୍ ଇଣ୍ଡିଆ' ବା ଭାରତର ଅରଣ୍ୟ ମାନବ ଭାବେ ସେ ପରିଚିତ। ଆସାମ ଜୋରହାଟ ଦେଇ ପ୍ରବାହିତ ବ୍ରହ୍ମପୁତ୍ର ନଦୀର ମଜୁଲୀ ଦ୍ୱୀପପୁଞ୍ଜରେ ଥିବା ଚଡ଼ା(sandbar)କୁ ଜଙ୍ଗଲରେ ପରିଣତ କରି ସେ କେବଳ ନିଜ ରାଜ୍ୟ ନୁହେଁ, ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଯାଦବ ୧୯୫୯ ଅକ୍ଟୋବର ୩୧ରେ ଜୋରହାଟଠାରେ ବିଲୁପ୍ତପ୍ରାୟ ଏକ ଜନଜାତି ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ମାତ୍ର ୧୯ବର୍ଷ ବୟସରୁ ଚାରା ରୋପଣ କରିବା ଆରମ୍ଭ କରିଥିଲେ। ମଜୁଲୀ ଦ୍ୱୀପପୁଞ୍ଜ ଚଡ଼ାରେ ସେ ୨୦ଟି ବାଉଁଶ ଚାରା ପ୍ରଥମେ ଲଗାଇଥିଲେ। ପରେ ଅନେକ ହଜାର ଚାରା ଲଗାଇ ତାହାର ସୁରକ୍ଷା ଦାୟିତ୍ୱ ନେବା ସହ ଉକ୍ତ ଚଡ଼ାକୁ କିପରି ଜଙ୍ଗଲରେ ପରିବର୍ତ୍ତନ କରିବେ ସେହି ଦିଗରେ ଅହରହ କାର୍ଯ୍ୟ କରିଥିଲେ ଯାଦବ। ଭୋର ୩ଟାରୁ ଉଠି ବୋଟ୍ ଯୋଗେ ସେଠାକୁ ଯାଇ ଚାରା ରୋପଣ କରିବା ସହ ପୂର୍ବରୁ ଲଗାଯାଇଥିବା ଗଛର ଯତ୍ନ ନେଉଥିଲେ। ଏମିତି ଏକ ସମୟ ଆସିଲା, ୨୦୦ ହେକ୍ଟର ପରିମିତ ଚଡ଼ାଟି ଜଙ୍ଗଲରେ ପରିଣତ ହୋଇସାରିଥିଲା। ଆଉ ଯାଦବଙ୍କ ସ୍ୱପ୍ନ ବି ବାସ୍ତବତାର ରୂପ ନେଇଥିଲା। ଏବେ ଏହି ଜଙ୍ଗଲ ୫୫୦ ହେକ୍ଟରକୁ ପରିବ୍ୟାପ୍ତ ହୋଇସାରିଛି। ସେଠାରେ ବିଭିନ୍ନ ପ୍ରକାରର ଗଛ ବଢ଼ିଥିବା ବେଳେ କେବଳ ବାଉଁଶ ଗଛ ୩୦୦ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ ରହିଛି। ସେହି ଜଙ୍ଗଲକୁ ଯାଦବଙ୍କ ଡାକ ନାମ 'ମୋଲାଇ' ନାମରେ ନାମିତ କରାଯାଇଛି। ବର୍ତ୍ତମାନ ସେଠାରେ ମହାବଳ ବାଘ, ଗଣ୍ଡା, ୧୦୦ରୁ ଊର୍ଦ୍ଧ୍ୱ ହରିଣ ଓ ଠେକୁଆ ରହୁଛନ୍ତି। ମାଙ୍କଡ଼ ସହ ବହୁ ପ୍ରଜାତିର ପକ୍ଷୀଙ୍କର ମଧ୍ୟ ମୋଲାଇ ଜଙ୍ଗଲ ସ୍ଥାୟୀ ବାସସ୍ଥାନ ପାଲଟିଛି। ଏଠାରେ ବହୁ ସଂଖ୍ୟାରେ ଶାଗୁଣା ମଧ୍ୟ ରହୁଛନ୍ତି। ପ୍ରତିବର୍ଷ ପ୍ରାୟ ୧୦୦ ହାତୀର ଏକ ଦଳ ସେହି ଜଙ୍ଗଲକୁ ଯାଆନ୍ତି ଓ ପ୍ରାୟ ୬ମାସ ରହିଥାନ୍ତି। ନିକଟ ଅତୀତରେ ଉକ୍ତ ଜଙ୍ଗଲରେ ୧୦ଟି ହାତୀ ଛୁଆ ମଧ୍ୟ ଜନ୍ମ ନେଇଥିଲେ। ୨୦୦୮ରେ ଯାଦବଙ୍କ ଏହି ଉଦ୍ୟମ ଜଙ୍ଗଲ ବିଭାଗ ନଜରକୁ ଆସିଥିଲା। ୧୧୫ ଟିକିଆ ହାତୀ ଦଳ ନିକଟସ୍ଥ ଗ୍ରାମରେ ଜମି ଓ ଫସଲ ନଷ୍ଟ କରି 'ମୋଲାଇ' ଜଙ୍ଗଲକୁ ପଶିଯାଇଥିଲେ। ସେମାନଙ୍କୁ ଖୋଜିବାକୁ ଯାଇ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯାଦବଙ୍କ ଏହି ଘଞ୍ଚ ଜଙ୍ଗଲକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ବନ ବିଭାଗର ଅଧିକାରୀମାନେ ପର୍ଯ୍ୟାୟକ୍ରମେ ସେହି ଜଙ୍ଗଲକୁ ଯାଇ ଏହା ଉପରେ ନଜର ରଖିବା ସହ ଯାଦବଙ୍କୁ ସହଯୋଗର ହାତ ବଢ଼ାଇଥିଲେ। ୨୦୧୩ରେ ଶିକାରୀମାନେ ଜଙ୍ଗଲରେ ଗଣ୍ଡାଙ୍କୁ ମାରିବା ପାଇଁ ଯୋଜନା କରିଥିଲେ, କିନ୍ତୁ ଯାଦବଙ୍କ ଯୋଗୁ ତାହା ସଫଳ ହୋଇପାରି ନ ଥିଲା। ପୂର୍ବରୁ ଖବର ପାଇ ଯାଦବ ବନ ବିଭାଗକୁ ଜଣାଇଦେବାରୁ ଶିକାରୀମାନେ ଧରାପଡିଥିଲେ। ଏଥିସହ ସେମାନଙ୍କଠାରୁ ବହୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଥିଲା। ଯାଦବ ଏବେ ଏକ ବ୍ୟାଟେରିଚାଳିତ ଗାଡ଼ିରେ ବୁଲି ଜଙ୍ଗଲ ପରିଚାଳନା କରୁଛନ୍ତି। ବ୍ରହ୍ମପୁତ୍ରରେ ଥିବା ଅନ୍ୟ ଚଡ଼ାରେ ଏଭଳି ଜଙ୍ଗଲ ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି।

ପର୍ଯ୍ୟାବରଣକୁ ଭଲ ପାଉଥିବା ଯାଦବ ସବୁବେଳେ ସେହି ପରିବେଶ ଭିତରେ ରହୁଥିଲେ। ତାଙ୍କ ସହ ପତ୍ନୀ ଓ ତିନି ସନ୍ତାନ ମଧ୍ୟ ସେହି ଜଙ୍ଗଲରେ ରହୁଥିଲେ। ୨୦୧୨ରେ କୋକିଲମୁଖ ଘାଟରେ ଏକ ଘର ତିଆରି କରି ସେଠାକୁ ସ୍ଥାନାନ୍ତର ହୋଇଛନ୍ତି। ନିଜର ରୋଜଗାର ପାଇଁ ଏକ ଗାଈ ଓ ମଇଁଷି ଫାର୍ମ କରିଛନ୍ତି। ସେହି ଫାର୍ମରୁ କ୍ଷୀର ବିକ୍ରି କରି ଯାଦବ ତାଙ୍କ ପରିବାରକୁ ଚଳାଇଥାନ୍ତି। ପରିବେଶକୁ ଭଲ ପାଉଥିବାରୁ ନୂଆ ଜଙ୍ଗଲ ସୃଷ୍ଟି ଉଦ୍ୟମ ଜୀବନର ଶେଷ ସମୟ ଯାଏ ଜାରି ରଖିବେ ବୋଲି ସେ ପଣ କରିଛନ୍ତି। ଏଥିପାଇଁ

ଯାଦବ ବହୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୨୦୧୫ରେ ଭାରତ ସରକାର ତାଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ଯାଦବଙ୍କ ଜୀବନକୁ ନେଇ ଡକ୍ୟୁମେଣ୍ଟାରି ମଧ୍ୟ ପ୍ରସ୍ତୁତ ହୋଇଛି।




# 'କବି, ଲେଖକ ସମାଜର ଜାଗ୍ରତ ପ୍ରହରୀ'



କୁଳିଅଣା ବ୍ଲକ୍ ପାଣିଜିଆସ୍ଥିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ଶୁଭାରମ୍ଭ କରୁଛନ୍ତି ରାଷ୍ଟ୍ରପତି।

**ବାରିପଦାରେ ରାଷ୍ଟ୍ରପତି**

- ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀରେ ଯୋଗଦେଲେ
- କୁଳିଅଣାରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ଶୁଭାରମ୍ଭ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କୁଳିଅଣା (ଆଦିକନ୍ଦ ସାହୁ), ୨୦।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ସୋମବାର ମୟୂରଭଞ୍ଜର ବାରିପଦାରେ ପହଞ୍ଚିଛନ୍ତି। ବାରିପଦା ରିଜର୍ଭ ପୋଲିସ ପଡ଼ିଆସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ନିର୍ଦ୍ଧାରିତ ସମୟର ୧୦ ମିନିଟ୍ ପୂର୍ବ ଅର୍ଥାତ୍ ପୂର୍ବାହ୍ନ ୧୦ଟା ୫୦ରେ ପୂର୍ବରୁ ସେ ଅବତରଣ କରିଥିଲେ। ଏହାପରେ ବାରିପଦା ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ୩୬ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ଓ ସାହିତ୍ୟ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାନ୍ତାଳୀ ଭାଷାରେ ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, କବି ଓ ଲେଖକମାନେ ସମାଜର ଜାଗ୍ରତ ପ୍ରହରୀ। ସାହିତ୍ୟ ମାଧ୍ୟମରେ ସେମାନେ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି। ସ୍ୱାଧୀନତା ସଂଗ୍ରାମ ସମୟରେ ଅନେକ ସାହିତ୍ୟିକ ଜାତୀୟ ଆନ୍ଦୋଳନକୁ ନୂଆ ପଥ ଦେଖାଇଥିଲେ। ସାହିତ୍ୟିକମାନେ ସେମାନଙ୍କ ରଚନା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ବିଶେଷକରି ଆଦିବାସୀ ସମାଜର ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ନିରନ୍ତର ସଚେତନତା ମାଧ୍ୟମରେ ଏକ ଦୃଢ଼ ଓ ସକ୍ରିୟ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ରାଷ୍ଟ୍ରପତି ମୁର୍ମୁ ଉଦ୍‌ବୋଧନ ଦେଇଥିଲେ।

ରାଷ୍ଟ୍ରପତି ଆହୁରି କହିଥିଲେ ଯେ, ଭାରତବର୍ଷ ବହୁବର୍ଗର ଆଦିବାସୀମାନଙ୍କ ବାସସ୍ଥଳୀ। ତନ୍ମଧ୍ୟରୁ ସାନ୍ତାଳୀ ଅନ୍ୟତମ। ଏହି ସମ୍ପ୍ରଦାୟର ନିଜସ୍ୱ ଭାଷା ମଧ୍ୟ ରହିଛି। ସାନ୍ତାଳୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ସାହିତ୍ୟ ସୃଷ୍ଟି ଅନେକ ଲେଖକ ଓ ବିଦ୍ୱାନମାନଙ୍କ ଦ୍ୱାରା କରାଯାଇ ଆସୁଅଛି। ଭାରତୀୟ ସଂସ୍କୃତିରେ ପ୍ରକୃତି, ପୃଥିବୀ, ନଦନଦୀକୁ ମା' ବୋଲି କୁହାଯାଇଛି। ପୃଥିବୀ ଆଗରେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ଭାବେ ଠିଆ ହୋଇଛି। ସେହି ସମସ୍ୟାରୁ ମୁକୁଳିବା ପାଇଁ ପ୍ରକୃତି ଅନୁକୂଳ ଜୀବନଯାପନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ପୃଥିବୀକୁ ଏକ ନୂଆ ମନ୍ତ୍ର ଦେଇଛି। ତାହା ହେଉଛି ଲାଇଫ୍ ଅର୍ଥାତ ଲାଇଫ୍ ଫର୍ ଦି ଏନ୍‌ଭାଇରନମେଣ୍ଟ। ସବୁବର୍ଗର ଲୋକମାନେ ଆଦିବାସୀ ଜୀବନଶୈଳୀ ବିଷୟରେ ଜାଣିବା ଏବଂ ଏଥିରୁ ଶିକ୍ଷାଲାଭ କରିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ। ନିଜ ମାତୃଭାଷା ପ୍ରତି ଆଦର ରଖିପାରିଲେ ଭବିଷ୍ୟତରେ ଏହା ସମାଜ ଏବଂ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇପାରିବ ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଅଧ୍ୟକ୍ଷତା କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା, କେନ୍ଦ୍ର ଜଳ ଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ, ରାଜ୍ୟ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପଶ୍ଚିମବଙ୍ଗର ଝାଡ଼ଗ୍ରାମ ଏମ୍‌ପି କୁଁଅର ହେମ୍ବ୍ରମ, ଟାଟା ଷ୍ଟିଲ୍ କମ୍ୟୁନିଟି ସର୍ଭିସ୍‌ର ଉପସଭାପତି ଚାଣକ୍ୟ ଚୌଧୁରୀ, ଆସାମର ପ୍ରାକ୍ତନ ବାଚସ୍ପତି ପୃଥିବୀ ମାଝି, ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ସଭାପତି ଲକ୍ଷ୍ମଣ କିସ୍କୁ ଓ ମଦନ ମୋହନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କୁଳିଅଣା ବ୍ଲକ ପାଣିଜିଆ ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭାରମ୍ଭ କରି ରାଷ୍ଟ୍ରପତି କହିଥିଲେ ଯେ, ଶିକ୍ଷା ହେଉଛି ଆର୍ଥିକ ଏବଂ ସାମାଜିକ କଲ୍ୟାଣର ଚାବିକାଠି। ଶିଶୁ ଶିକ୍ଷିତ ହେଲେ ନିଜର ବିକାଶ ସହିତ ଦେଶ ଓ ସମାଜର ପ୍ରଗତିରେ ଯୋଗଦାନ କରିପାରିବ। ଏଣୁ ସମସ୍ତ ଶିଶୁଙ୍କୁ ପାଠ ପଢ଼ାଇବା ପାଇଁ ରାଷ୍ଟ୍ରପତି ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ସମଗ୍ର ଦେଶରେ ୭୪୯ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି। ଏହି ବିଦ୍ୟାଳୟରେ ଭାରତର ସାଢେ ୩ଲକ୍ଷ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବା ସହିତ ରାଷ୍ଟ୍ରର ବିକାଶରେ ଯୋଗଦାନ କରିବାକୁ ସକ୍ଷମ ହେବେ। ମୟୂରଭଞ୍ଜ ଜିଲ୍ଲାକୁ ଯୋଗାଇ ଦିଆଯାଇଥିବା ସର୍ବାଧିକ ୧୯ଟି ନୂତନ ବିଦ୍ୟାଳୟର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ରାଷ୍ଟ୍ରପତି କହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ନଭେମ୍ବର, ୨୦୨୩

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। –ଶ୍ରୀମା



# ଡିଜିଟାଲ ଠକେଇ

ଜୁଲାଇ ୨୦୧୫ରେ ଆରମ୍ଭ କରାଯାଇଥିବା ଡିଜିଟାଲ ଇଣ୍ଡିଆ ଯୋଜନାକୁ ୮ ବର୍ଷ ପୂରିଗଲାଣି। ଇତିମଧ୍ୟରେ ଦେଶ ଡିଜିଟାଲ କ୍ଷେତ୍ରରେ କେତେ ସକ୍ଷମ ହୋଇଛି ତାହାର ଠିକ୍ ତଥ୍ୟ ଜାଣିବା କଷ୍ଟକର। କିନ୍ତୁ ପ୍ରତ୍ୟେକ କମ୍ପ୍ୟୁଟର ମାଧ୍ୟମରେ ଇଣ୍ଟରନେଟ ଏବଂ ମୋବାଇଲ ବ୍ୟବହାର କରୁଥିବା ନାଗରିକ ସବୁଦିନ ଡିଜିଟାଲ ଅକ୍ଷମତା ସମ୍ପର୍କରେ ବିରକ୍ତି ପ୍ରକାଶ କରୁଥିବା ଦେଖାଯାଏ। ଏଥିସହ ତାଳ ମିଳାଇ ସାଇବର ଅପରାଧ ଦ୍ରୁତଗତିରେ ବୃଦ୍ଧି ପାଉଥିବା ସମସ୍ତେ ଜାଣନ୍ତି। ନ୍ୟାଶନାଲ ସାଇବର ସିକ୍ୟୁରିଟି କୋଅର୍ଡିନେଟର ଏମ୍.ୟୁ. ନାୟାରଙ୍କ ଅନୁଯାୟୀ ଭାରତରେ ସାଇବର ଅପରାଧ ବୃଦ୍ଧିପାଇ ବୈଶ୍ୱିକ ହାରାହାରି ତୁଳନାରେ ପାଖାପାଖି ୨ଗୁଣ ହୋଇଛି। କେବଳ ଏତିକି ନୁହେଁ, ସାଇବର ଆକ୍ରମଣ ଜନିତ ଦେୟ ମଧ୍ୟ ୧୦ ମାସ ମଧ୍ୟରେ ହାରାହାରି ୧.୫୪ ବିଲିୟନ ଡଲାରରେ ପହଞ୍ଚିଛି ; ଯାହା ୨୦୨୨ ତୁଳନାରେ ଦୁଇଗୁଣ। ଏହାସହ ଗତ ୬ ମାସ ମଧ୍ୟରେ ସାଇବର ଅପରାଧ ଭାରତରେ ହାରାହାରି ୨୧୨୭ଥର ଘଟିଥିବାବେଳେ ବିଶ୍ୱରେ ଏହା ୧୧୦୮ ଥର ଘଟିଛି ବୋଲି ନାୟାର ପ୍ରକାଶ କରିଛନ୍ତି। ଏହା ସ୍ପଷ୍ଟ ଯେ, ଡିଜିଟାଇଜେଶନ ସହ ନିୟମିତ ଭାବେ ସାଇବର ଅପରାଧ ବୃଦ୍ଧିପାଇବା ପ୍ରଯୁକ୍ତି ଜ୍ଞାନକୌଶଳ ପ୍ରତି ବିପଦ ସୃଷ୍ଟିକରୁଛି। ଏହି ସାଇବର ଅପରାଧର ମୂଳଲକ୍ଷ୍ୟ ହେଉଛି ଅର୍ଥ ଆଦାୟ। ଅକ୍ଟୋବର ମାସରେ ଅର୍ଥ ଆଦାୟ ପାଇଁ ଅକିରା ନାମକ ଇଣ୍ଟରନେଟ ରାନ୍ସମୱେର ଭାଇରସ ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆର୍‌ଟି) ସତର୍କ କରିଥିଲା। ଏହି ଭାଇରସକୁ ହ୍ୟାକରମାନେ ପ୍ରୟୋଗ କରି ତଥ୍ୟ ଚୋରି କରିବା ପରେ ବ୍ୟବହାରକାରୀମାନଙ୍କୁ ବ୍ଲାକ୍‌ମେଲ କରୁଥିବା ଜଣାପଡ଼ିଛି। ଏ ଦୃଷ୍ଟିରୁ ବିଚାର କଲେ ଭାରତରେ ଡିଜିଟାଇଜେଶନ ଦ୍ୱାରା ବ୍ୟବସାୟରେ ପ୍ରଯୁକ୍ତି ନିର୍ଭରଶୀଳତା ବୃଦ୍ଧିପାଉଥିବାରୁ ତାହା ସାଇବର ଆକ୍ରମଣର ଶିକାର ହେବାର ଅଧିକ ସମ୍ଭାବନା ସୃଷ୍ଟି ହୋଇଛି। ଚିନ୍ତାର ବିଷୟ, ଆଇଟି ଆଣ୍ଡ୍ ସାଇବର ସିକ୍ୟୁରିଟି କମ୍ପାନୀ କ୍ଲାଉଡ୍‌ଫ୍ଲେୟାର ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଭାରତୀୟ ସଂସ୍ଥାଗୁଡ଼ିକ ଗତବର୍ଷ ଅତିକମ୍‌ରେ ଗୋଟିଏ ସାଇବର ଆକ୍ରମଣର ଶିକାର ହୋଇଛନ୍ତି ଏବଂ ଏହାଦ୍ୱାରା ସେଗୁଡ଼ିକ ଅନେକ ମିଲିୟନ ଡଲାର କ୍ଷତି ସହିଛନ୍ତି।

ଭାରତରେ ଡିଜିଟାଇଜେଶନକୁ ଲକ୍ଷ୍ୟ କରି ସବୁ କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ଯୋଡ଼ିବା ବାଧ୍ୟତାମୂଳକ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗ୍ରାମୀଣ ଭାରତରେ ୭୦ ପ୍ରତିଶତରୁ ଅଧିକ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକ ରହୁଛନ୍ତି। ସାଇବର ଅପରାଧରେ ଏମାନେ ଠକେଇର ଶିକାର ହେବା ସୁଯୋଗ ଅଧିକ ରହୁଛି। କାରଣ ଭାରତୀୟ ନାଗରିକମାନେ ଆଧାରରେ କେତେ ତଥ୍ୟ ରହୁଛି ନ ଜାଣି ତାହାକୁ ଅନ୍ୟ ହାତକୁ ବଢ଼ାଇ ଦେଉଛନ୍ତି। ଏପରି କି ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଦ୍ୱାରା ଜାରି କରାଯାଇଥିବା ଆଧାରକୁ ଖୋଲାଖୋଲି ସମସ୍ତଙ୍କୁ ନ ଦେବା ପାଇଁ ବିଧିବଦ୍ଧ ଭାବେ ସରକାରୀ ଘୋଷଣା କରାଗଲାଣି। ଏବେ କହୁଛନ୍ତି କେବଳ 'ମାସ୍କଡ୍ ଆଧାର' ବ୍ୟବହାର କରିବା ହେଉଛି ବୁଦ୍ଧିମାନର କାମ। ଏହାବ୍ୟତୀତ ଦେଶରେ ବ୍ୟାଙ୍କଗୁଡ଼ିକର ବ୍ୟବସ୍ଥା ପ୍ରାୟତଃ ଦୁର୍ବଳ । ଏଣୁ ଏହା ମାଧ୍ୟମରେ ସାଇବର ଅପରାଧୀମାନେ ଲୋକଙ୍କୁ ଠକିବା ସହଜ ହୋଇଯିବ। ଦେଶରେ ଯେତିକି ଅଧିକ ଡିଜିଟାଇଜେଶନ ପାଇଁ ବାଧ୍ୟ କରାଯିବ ସେତିକି ବେଶି ଠକେଇ ହେବାର ଆଶଙ୍କା ଦେଖାଦେବ। ନିକଟରେ ପ୍ରକାଶିତ ଏକ ଖବର ଅତ୍ୟନ୍ତ ଚିନ୍ତାଜନକ। ଇଣ୍ଟରନେଟରେ ଡାର୍କ ୱେବ୍‌ରେ ପିଡବ୍ଲ୍ୟୁଏନ୍ ୦୦୦୧ ଛଦ୍ମ ନାମରେ ପରିଚିତ ସଂସ୍ଥା ଘୋଷଣା କରିଥିଲା ଯେ, ତାହା ପାଖରେ ୮୧ କୋଟିରୁ ଅଧିକ ଭାରତୀୟଙ୍କ ଆଧାର ଏବଂ ପାସପୋର୍ଟ ତଥ୍ୟ ମହଜୁଦ ଥିଲା। ଏହିସବୁ ତଥ୍ୟ ବିକିବା ପାଇଁ ମାତ୍ର ୮୦,୦୦୦ ଆମେରିକୀୟ ଡଲାର ମୂଲ୍ୟ ପିଡବ୍ଲ୍ୟୁଏନ୍ ୦୦୦୧ ଘୋଷଣା କରିଥିଲା। ଏଥିରୁ ପ୍ରତୀୟମାନ ହେଉଛି ଯେ, କେନ୍ଦ୍ର ସରକାର ନିଜ ନାଗରିକଙ୍କ ଆଧାର ତଥ୍ୟ ସୁରକ୍ଷିତ ରଖିବାରେ ବିଫଳ । ଅନ୍ୟପକ୍ଷରେ ବିଭିନ୍ନ କମ୍ପାନୀ ଓ ସରକାରୀ ସଂସ୍ଥାଗୁଡ଼ିକରେ ପ୍ରଯୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ବ୍ୟବସାୟ ଲାଗି ଅପରିହାର୍ଯ୍ୟ ସାଇବର ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଉନାହିଁ। ଅଧିକାଂଶ ବିଜ୍‌ନେସ୍ ପଦାଧିକାରୀମାନଙ୍କର ଏ ସମ୍ପର୍କରେ ଜ୍ଞାନର ଅଭାବ ରହୁଛି ଏବଂ ଅନେକ କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ କମ୍ପାନୀଗୁଡ଼ିକରେ ପାଣ୍ଠିର ଅଭାବ ଯୋଗୁ ସେମାନେ ସାଇବର ଆକ୍ରମଣର ପ୍ରତିରୋଧ କରିବାକୁ ସକ୍ଷମ ହୋଇପାରୁନାହାନ୍ତି। ଏହାବ୍ୟତୀତ ଭାରତରେ ପୋଲିସ ସାଇବର ସିକ୍ୟୁରିଟି ବିଭାଗର ଅଧିକାଂଶ ଅଧିକାରୀ ଏହି ବିଷୟରେ କୌଣସି ଜ୍ଞାନକୌଶଳ ଜାଣିନାହାନ୍ତି। ଏବେ ଭାରତରେ ଡିଜିଟାଇଜେଶନ ଯେଉଁ ସ୍ତରରେ ରହିଛି ତାହା ବ୍ୟାପକ ହେଲେ ଠକେଇ ଅନେକଗୁଣ ବଢ଼ିଯିବ। ଏଣୁ ଏକ ଡିଜିଟାଇଜେଶନ ସମାଜ ଗଢ଼ିବା ପୂର୍ବରୁ ସାଇବର ଅପରାଧକୁ ରୋକିବା ଲାଗି ଟେକ୍‌ନୋଲୋଜିରେ ଆଗୁଆ ଦେଶଗୁଡ଼ିକ ସହ ମିଳିତ ଭାବେ ଏକ ଦୃଢ଼ ପ୍ରତିରୋଧୀ ବ୍ୟବସ୍ଥା କରାଯିବା ଦରକାର।

# ନିଯୁକ୍ତି ଓ ପୁଷ୍ଟିସାଧନରେ ମତ୍ସ୍ୟ କ୍ଷେତ୍ର



ପ୍ରକାଶ ତ୍ରିପାଠୀ

ପୃଥିବୀରେ ଜୀବନ ସର୍ଜନା ଆରମ୍ଭରୁ ମତ୍ସ୍ୟ ସମ୍ପଦର ଉପସ୍ଥିତିକୁ ଉଭୟ ଜୀବ ବିଜ୍ଞାନୀ ଓ ଭଗବତ୍‌ବିଶ୍ୱାସୀମାନେ ଗ୍ରହଣ କରନ୍ତି। ମାଛ ଏକ ସୁଷମ, ପୁଷ୍ଟିକର, ସହଜ ଉପଲବ୍ଧ ଓ ସ୍ୱାଦଯୁକ୍ତ ହୋଇଥିବାରୁ ଏବେ ବିଶ୍ୱରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୩ ଶହ କୋଟି ଓ ବାର୍ଷିକ ପ୍ରାୟ ୧୫୦ ନିୟୁତ ଟନ୍ ମାଛ ଖାଦ୍ୟ ଭାବେ ବ୍ୟବହୃତ ହୁଏ। ବିଶ୍ୱରେ ଆବଶ୍ୟକ ପଡୁଥିବା ପ୍ରାଣୀଜ ପ୍ରୋଟିନର ଶତକଡ଼ା ୨୫ ଭାଗ କେବଳ ମାଛ ହିଁ ଭରଣା କରିଥାଏ। କୋଟି କୋଟି ବିଶ୍ୱବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଏକ ବିଶାଳ ଉତ୍ସ ସମୁଦ୍ରର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ମାଛଧରା କାର୍ଯ୍ୟକ୍ରମର ପୋଷଣୀୟ ପରିଚାଳନା କେତେଦୂର କାର୍ଯ୍ୟକାରୀ ହୋଇଛି ଓ ଭବିଷ୍ୟତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ବିଶ୍ୱ ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଅବଦାନ ଓ ଏହାର ଗୁରୁତ୍ୱ ନିର୍ଦ୍ଦେଶନ ପାଇଁ ଏହି ଦିବସର ପାଳନ ଏକ ଯଥାର୍ଥ ପଦକ୍ଷେପ। ବିଶ୍ୱ ମତ୍ସ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ବିଶ୍ୱରେ ଥିବା ପ୍ରାକୃତିକ ଜଳଉତ୍ସ ଯଥା ସମୁଦ୍ର, ମଧୁର ଜଳ ଓ ଖାରିଜଳରେ ଥିବା ମତ୍ସ୍ୟ ସମ୍ପଦର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା। ବ୍ୟାପକ ମତ୍ସ୍ୟ ଚାଷ ସତ୍ତ୍ୱେ ବି ପ୍ରାକୃତିକ ଜଳଉତ୍ସରୁ ମାଛ ଧରାଯାଇ ଚାହିଦା ପୂରଣ କରାଯାଉଥିବାରୁ ପ୍ରାକୃତିକ ଜଳଉତ୍ସଗୁଡ଼ିକର ପୋଷଣୀୟ ପରିଚାଳନାର ଆବଶ୍ୟକତା ରହିଛି। ସମୁଦ୍ର, ନଦୀ, ହ୍ରଦ, ନଦୀମୁହାଣ, ଆର୍ଦ୍ର ଭୂମି, କୋରାଲ ରିଫ୍ ଉପରେ ଆଗାମୀ ଦିନରେ ଅଧିକ ଚାପ ରହିବ। ଏହା ଉପରେ ହିଁ ଅନେକ ନିୟୁତ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକା ନିର୍ଭର କରିଥାଏ। ଏହି ପ୍ରାକୃତିକ ଜଳଉତ୍ସର ନ୍ୟାୟସଙ୍ଗତ ଓ ପୋଷଣୀୟ ପରିଚାଳନା ସହ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକାକୁ ବିଚାର କରିବାକୁ ପଡ଼ିଥାଏ।

ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟ ସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଉତ୍ପାଦନରେ ବର୍ତ୍ତମାନ ବିଶ୍ୱରେ ଭାରତର ସ୍ଥାନ ତୃତୀୟ ଓ ସମଗ୍ର ମାଛ ଉତ୍ପାଦନରେ ୮ ଭାଗ ଭାରତର ଅବଦାନ ଥିବା ବେଳେ ବିଶ୍ୱରେ ଜଳକୃଷି ଉତ୍ପାଦନରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ମତ୍ସ୍ୟ ସମ୍ପଦ ୧୪୫ ନିୟୁତ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି। ମତ୍ସ୍ୟଚାଷ ହେଉଛି ଭାରତୀୟ ଅର୍ଥନୀତିର ଏକ ପ୍ରମୁଖ କ୍ଷେତ୍ର, ଯାହାକି ଏହାର ମୋଟ ଜିଡିପିର

**ବିଶ୍ୱ ମତ୍ସ୍ୟଦିବସ ଉପଲକ୍ଷେ**



୧.୦୭% ଯୋଗଦାନ କରୁଛି। ଭାରତରେ ମତ୍ସ୍ୟ କ୍ଷେତ୍ର ଦେଶର ୨୮ ନିୟୁତରୁ ଅଧିକ ଲୋକଙ୍କ ଜୀବିକାକୁ ପରିପୁଷ୍ଟ କରେ। ଭାରତୀୟ କୃଷିର ୫.୩ ଭାଗ ଅଧିକୃତ କରିଥିବା ମତ୍ସ୍ୟ ସମ୍ପଦ ଦେଶର ଖାଦ୍ୟ ନିରାପତ୍ତା ଯୋଗାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବାର୍ଷିକ ପ୍ରାୟ ୧୭ ନିୟୁତ ଟନ୍ ମାଛ ଉତ୍ପାଦନ କରୁଥିବା ଭାରତ ଆଗାମୀ ଦିନରେ ବିଶ୍ୱର ପ୍ରଥମ ମତ୍ସ୍ୟ ଉତ୍ପାଦନକାରୀ ଦେଶ ହେବାର ଉଦ୍ୟମ ଜାରିରଖିଛି। ସେହିପରି ଭାରତର ଅନ୍ୟତମ ଉପକୂଳ ରାଜ୍ୟଭାବେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏକ ଅଗ୍ରଣୀ ରାଜ୍ୟ ଓଡ଼ିଶା ବାର୍ଷିକ ୧୦.୫୨ ଲକ୍ଷ ମେଟ୍ରିକ ଟନ୍ ମାଛ ଉତ୍ପାଦନ କରି ଚତୁର୍ଥ ସ୍ଥାନରେ ରହିଛି ଓ ମତ୍ସ୍ୟ କ୍ଷେତ୍ର ମୋଟ ରାଜ୍ୟ ମୂଲ୍ୟ ଯୋଗ (ଜିଏସ୍‌ଭିଏ)ର ୨.୭% ଯୋଗଦାନ କରିଥାଏ।

ବିଶ୍ୱର ପ୍ରତି ୧୦ଜଣରେ ଜଣେ ମଣିଷ ନିଜ ପରିବାର ଭରଣପୋଷଣ ପାଇଁ ଜଳକୃଷି ତଥା ମତ୍ସ୍ୟ ସମ୍ପଦ ଉପରେ ନିର୍ଭର କରିଥାଏ। ଜଳବାୟୁ ପରିବର୍ତ୍ତନ, ଜଳ ପ୍ରଦୂଷଣ ଯୋଗୁ ନଦୀ, ହ୍ରଦ ଓ ସମୁଦ୍ରରେ ମାଛଙ୍କ ଗଣମୃତ୍ୟୁ ଗତ କିଛି ବର୍ଷ ହେବ ସୂଚିତ କରେ ଯେ ମାଛ ବସତି ଅଞ୍ଚଳଗୁଡିକର ମାନ ଠିକ୍ ନାହିଁ। ଯଦି ଏହାପ୍ରତି ଗୁରୁତ୍ୱ ଦିଆ ନ ଯାଏ ତେବେ ଭବିଷ୍ୟତରେ ବିଶ୍ୱ ଏକ ଗୁରୁତର ଖାଦ୍ୟସଙ୍କଟ ଦିଗକୁ ମୁହାଁଇବ। ବିଶେଷ କରି ଶିଳ୍ପକ୍ଷେତ୍ର, କୃଷିକ୍ଷେତ୍ର, ଘରୋଇ ତଥା ସହରର ବର୍ଜ୍ୟଜଳ ନିଷ୍କାସନ ତଥା ତୈଳ ଓ ପ୍ଲାଷ୍ଟିକ ଯୋଗୁ ଉପକୂଳ ସମୁଦ୍ରର ଜଳ ବହୁ ମାତ୍ରାରେ ପ୍ରଦୂଷିତ ହେଉଛି ଓ ମାଛ ବଂଶ ପ୍ରତି ଏହା ସଙ୍କଟ ସୃଷ୍ଟି କରୁଛି। ମାଛ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ମତ୍ସ୍ୟଜୀବୀଙ୍କ ଜୀବିକା ଏହା ଦ୍ୱାରା ପ୍ରଭାବିତ ହେଉଛି।

ବିଶ୍ୱର ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ସମୁଦ୍ର ଉପରେ ଚାପ ବଢୁଛି। ଆବଶ୍ୟକତାଠାରୁ ଅଧିକ ମାଛ ଧରାହେଉଛି। ଏକ ତୃତୀୟାଂଶ ଅଞ୍ଚଳରେ ପ୍ରଦୂଷଣ, ବିଶ୍ୱ ତାପନ ଓ ଅସ୍ୱାସ୍ଥ୍ୟକର ମାଛ ବସତି ଅଞ୍ଚଳ ଯୋଗୁ ମାଛ ବଂଶବୃଦ୍ଧି ଆଶାନୁରୂପ ହୋଇପାରୁନାହିଁ। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଏସବୁ ଉପରେ ଗୁରୁତ୍ୱ ପ୍ରଦାନ ସହ ମତ୍ସ୍ୟ ବିବିଧତା, ମାଛ ବସତି ଅଞ୍ଚଳର ସୁରକ୍ଷା, ସାମୁଦ୍ରିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯିବା ସହ ପ୍ରାକୃତିକ ଜଳଉତ୍ସଗୁଡ଼ିକୁ ଉତ୍ପାଦନକ୍ଷମ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ ଆବଶ୍ୟକ। ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ଓ ମାଛବଂଶ ବୃଦ୍ଧିପାଇଁ ପ୍ରଜନନ ସମୟରେ ମାଛଧରା ଉପରେ କଟକଣା ଲାଗୁ କରାଯାଏ। ଏଥିପାଇଁ କ୍ଷତି ସହୁଥିବା ମତ୍ସ୍ୟଜୀବୀଙ୍କୁ ସରକାର ଜୀବିକା ସହାୟତା ପ୍ରଦାନ କରୁଛନ୍ତି। ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମାଛଧରା ନିଷିଦ୍ଧାଞ୍ଚଳ ତଥା ମତ୍ସ୍ୟ ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ଓ ସରକାରଙ୍କ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ପାଇଁ ଏକ ମୋବାଇଲ ଆପ୍ ପ୍ରସ୍ତୁତ ହୋଇଛି। ଜଳଭଣ୍ଡାର ଓ ନଦୀଗୁଡିକରେ ଉନ୍ନତ ମାଛ ଯାଆଁଳ ଛଡାଯିବା ସହ ମାଛ ଉତ୍ପାଦନ ବୃଦ୍ଧି ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାରମାନଙ୍କର ଆର୍ଥିକ ବିକାଶ ଉପରେ ପଦକ୍ଷେପ ନିଆଯାଉଛି। ମହିଳାମାନଙ୍କ ଆର୍ଥିକ ବିକାଶ ଘଟାଇବା ସହ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିକରିବା ଲକ୍ଷ୍ୟରେ ରାଜ୍ୟରେ ଥିବା ଗ୍ରାମ ପଞ୍ଚାୟତ ପୋଖରୀଗୁଡ଼ିକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦୀର୍ଘ ମିଆଦୀ ସୂତ୍ରରେ ଲିଜ୍ ଦିଆଯାଇ ମାଛଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ପୁନଃକ୍ଷମ କରିବା ତଥା ଏହାର ସଭ୍ୟାସଭ୍ୟମାନଙ୍କ ଆର୍ଥିକ ବିକାଶ ଲକ୍ଷ୍ୟରେ ଦୁଇ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ତଥା ରାଜ୍ୟର ବିଭିନ୍ନ କଲ୍ୟାଣମୂଳକ ଯୋଜନା ମାଧ୍ୟମରେ ନୂତନ ପୋଖରୀ ଖନନ, ଭିତ୍ତିଭୂମିର ବିକାଶ, ଉନ୍ନତ ଜ୍ଞାନ କୌଶଳ ଯୁକ୍ତ ମାଛ ଚାଷ ପାଇଁ ପ୍ରୋତ୍ସାହନ ଓ ତାଲିମ ପ୍ରଦାନ, ମାଛ ଚାଷରେ ବ୍ୟବହୃତ ଉପକରଣ ପ୍ରଦାନ, ସେମାନଙ୍କ ପିଲାମାନଙ୍କ ପାଠପଢ଼ା ପାଇଁ ମେଧାବୃତ୍ତି ପ୍ରଦାନ, ମତ୍ସ୍ୟଜୀବୀ ପରିବାରକୁ ବୀମାଭୁକ୍ତ କରିବା ଆଦି କାର୍ଯ୍ୟକ୍ରମ ମାଛ ଚାଷ ପ୍ରତି ସାଧାରଣରେ ଆଗ୍ରହ ବୃଦ୍ଧି କରୁଛି। ଜଳସମ୍ପଦ, ମତ୍ସ୍ୟସମ୍ପଦ, ମତ୍ସ୍ୟ ବିବିଧତା ସୁରକ୍ଷା ସହ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ, ସଂଗଠନ, ଉଦ୍ୟୋଗୀଙ୍କ ବିକାଶକୁ ମଧ୍ୟ ଦୃଷ୍ଟି ଦିଆଯାଇ ପାରିଲେ ବିଶ୍ୱ ମତ୍ସ୍ୟଦିବସ ପାଳନ ଯଥାର୍ଥ ହୋଇପାରିବ।

ମୋ–୯୪୩୭୨୩୨୪୬୩

# ବ୍ୟସ୍ତତା କେବଳ ବାହାନା



ଯଦୁମଣି ପାଣିଗ୍ରାହୀ

ସେଦିନ ସକାଳୁ ସକାଳୁ କେହି ଜଣେ ଭଦ୍ର ବ୍ୟକ୍ତି ମୋତେ ଫୋନ କଲେ। ମୁଁ ତାଙ୍କ କଲ୍ ରିସିଭ କଲାରୁ ସେ କହିଲେ ନମସ୍କାର, କ'ଣ ବ୍ୟସ୍ତ ଅଛନ୍ତି କି? ମୁଁ କହିଲି ନାହିଁ ଆଜ୍ଞା ପୂରାପୂରି ଫ୍ରି ଅଛି, କ'ଣ କହିବା କଥା କୁହନ୍ତୁ। ତା'ପରେ ସେ ମୋ ସହିତ କିଛି ସମୟ କଥା ହେଲେ। କଥା ପ୍ରସଙ୍ଗରେ ଭଦ୍ରବ୍ୟକ୍ତି କହିଲେ, ଆଜିକାଲି ଯାହାକୁ ବି ଫୋନ କଲା ବେଳକୁ ସେ କହୁଛନ୍ତି ଏବେ ବ୍ୟସ୍ତ ଅଛି, କିଛି ସମୟ ପରେ କଲ୍ କରନ୍ତୁ। ପରେ ଭାବିଲି ଭଦ୍ରବ୍ୟକ୍ତି ଯାହା କହିଲେ ତାହା ଅବଶ୍ୟ ସତ । କାରଣ କେବେ କେମିତି ବେଳ ଅବେଳରେ କାହାକୁ ଫୋନ କରିଛି ତ, ସେପଟୁ ଏବେ କାମରେ ବ୍ୟସ୍ତ ଅଛି ଟିକେ ପରେ ଫୋନ କରନ୍ତୁ ଏମିତି କିଛି ଶୁଣିବାକୁ ପଡିଛି। ସତରେ ଆଜିକାଲି ବ୍ୟସ୍ତତା ଗୋଟେ ବଡ ବାହାନା ପାଲଟିଛି। କେହି କାମରେ ଥାଆନ୍ତୁ କି ଫାଙ୍କା ଥାଆନ୍ତୁ ଫୋନରେ ବ୍ୟସ୍ତ ଅଛି ବୋଲି କହିବାରେ ଅସୁବିଧା କେଉଁଠି ? କିଏ ଦେଖୁଛି ନା ଜାଣୁଛି ? ତା'ଛଡା ନିଜର କାମ ଥାଉ କି ନ ଥାଉ କାହା ସହ ଅଯଥାରେ ଗୁଡାଏ କଥା ହୋଇ ସମୟ ନଷ୍ଟ କରିବାରେ ଫାଇଦା ବି କ'ଣ ? ତେଣୁ ବ୍ୟସ୍ତତାର ବାହାନା ଦର୍ଶାଇ ଅନ୍ୟଠାରୁ ଯେତେ ଦୂରତା ରକ୍ଷା କରିବେ ଆପଣଙ୍କର ସେତେ ମଙ୍ଗଳ ହେବ। ନା କ'ଣ କହୁଛନ୍ତି। ସେଥିପାଇଁ ତ ବ୍ୟସ୍ତତାର ଏହି ବାହାନାବାଜି ଆଜି ଘର-ବାହାର, ଆପଣା-ପର ନିର୍ବିଶେଷରେ ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ଯଦି ଦେହ ପା'ଭଲମନ୍ଦ ନେଇ କିମ୍ବା ସୁବିଧା ଅସୁବିଧାରେ ଦୂରରେ ଥିବା ପୁଅକୁ ବାପ ଫୋନ କରୁଛି, ପୁଅ କହୁଛି ବାପା ବହୁତ ବ୍ୟସ୍ତ ଅଛି, ପରେ କଥା ହେବି। ଆଉ କେବେ ବୋଉ ଯଦି କହୁଛି, ତୋ ବାପାଙ୍କ ଦେହ ଭଲ ନାହିଁ, ତୁ ଟିକେ ଆସି ବୁଲି ଯାଆନ୍ତୁନି ପୁଅ। ପୁଅ କହୁଛି ତୁ ବିଶ୍ୱାସ କରିବୁନି ବୋଉ ଏଠି କାମର ଚାପ ଏତେ ଅଧିକ ଯେ ଟିକେ ଫୁର୍‌ସତ ମିଳୁନି। ତା'ପରେ ପୁଣି ସ୍ତ୍ରୀ–ପିଲାଛୁଆଙ୍କ କଥା ଅଛି। କେମିତି ଯିବି କହିଲୁ। ଆମ ଆଖପାଖ ଦୁନିଆରେ ସବୁଦିନେ ପ୍ରାୟତଃ ଏମିତି ବ୍ୟସ୍ତତାର କଥା ଆପଣ ବିଭିନ୍ନ ବର୍ଗର ଲୋକଙ୍କଠାରୁ ଶୁଣିବାକୁ ପାଉଥିବେ। ସାଙ୍ଗସାଥୀ, ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରୁ କାହା ସହିତ କେବେ କେମିତି ଫୋନରେ କଥା ହେଲା ବେଳେ ଆପଣ ଯଦି କହିବେ, ଆମ ଘରଆଡେ କେବେ ଆସୁନାହାନ୍ତି ଟିକେ ବୁଲି କି ଯାଆନ୍ତେ। ତେବେ ସେ କହିବେ, ସମୟ କାହିଁ ଆଜ୍ଞା, ସବୁବେଳେ ତ କାମରେ ବ୍ୟସ୍ତ । ତେଣୁ ସୁବିଧା ଦେଖି ଯିବା ପାଇଁ ଚେଷ୍ଟା କରିବି। ଆଜିକାଲି ସମୟରେ ଚାଷ, ବ୍ୟବସାୟ କିମ୍ବା ଚାକିରି ଯିଏ ବି ଯାହା କରୁଥାନ୍ତୁ ସମସ୍ତେ ଏହି ବ୍ୟସ୍ତତାର ବାହାନା ଦେଖାଇ ଖସିଯିବାକୁ ବସିଛନ୍ତି। ସେଥିପାଇଁ ସମ୍ପର୍କର ବନ୍ଧନଗୁଡାକ ଯେମିତି ଧୀରେ ଧୀରେ ହୁଗୁଳା ହୋଇଯାଉଛି। କେହି କାହା ଘରକୁ ଆସିବା ଯିବା ତ ଦୂରର କଥା କାହା ସହିତ କଥା ପଦେ ହେବାକୁ ବି ସମୟର ଅଭାବ ପଡୁଛି। ତେଣୁ ବିବାହ, ବ୍ରତ, ଶୁଦ୍ଧିକର୍ମ କିମ୍ବା ଉତ୍ସବ ଅନୁଷ୍ଠାନରେ ଆଉ ଘରେ ଦିନ ଦିନ ଧରି ଗହଳିଚହଳି ହେଉନି। ଗୋଟିଏ ଦିନରେ ହିଁ ସବୁ ଖୁସି ଆଉ ମଜାର ପୂର୍ଣ୍ଣଚ୍ଛେଦ ପକାଇ ଦିଆଯାଉଛି। ବ୍ୟସ୍ତତାର ବାହାନା ଦେଖାଇ ପରସ୍ପରଠୁ ଦୂରେଇ ଯିବାଟା ମଣିଷ ଲାଗି ଏକ ସାଧାରଣ ଘଟଣା ପାଲଟିଯାଇଛି। ଅଳ୍ପ ଶ୍ରମ ଓ ସମୟରେ ଅଧିକ ଉପାର୍ଜନ କରିବା ଆଉ ବଡଲୋକ ହେବାର ନିଶା ମଣିଷର



ସମ୍ପର୍କର ପରିସରକୁ ସଙ୍କୁଚିତ କରିଦେଉଛି।

ସେ ଭାବିପାରୁନି ସକଳ କାର୍ଯ୍ୟବ୍ୟସ୍ତତା ଭିତରେ ଆମେ ସମସ୍ତେ ଏକ ସମ୍ପର୍କର ବନ୍ଧନରେ ବନ୍ଧା ହୋଇଛେ। ଆମର ଗୋଟେ ପରିବାର ଅଛି, ପ୍ରିୟ ପରିଜନ ଓ ସମ୍ପର୍କୀୟ ଅଛନ୍ତି। ପଡୋଶୀ, ସାଙ୍ଗସାଥୀ ଓ ବନ୍ଧୁବାନ୍ଧବ ଅଛନ୍ତି। ଆଉ ସେମାନଙ୍କୁ ଅଣଦେଖା କରି ଜୀବନର ପ୍ରକୃତ ସୁଖ, ଶାନ୍ତି ଓ ଆନନ୍ଦର ପରିକଳ୍ପନା କେବେ ବି କରାଯାଇ ନ ପାରେ। ଏହି କ୍ରମରେ ଆଜି ପ୍ରତିଟି ଗାଁ ଗଣ୍ଡାର ପରିସ୍ଥିତିକୁ ନ ଦେଖିଲେ ବିଶ୍ୱାସ କରିହେବନି। କାହା ସହିତ କାହାର ସମ୍ପର୍କ ନାହିଁ ଯେମିତି। ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ସମୟ କାହିଁ ଯେ କିଏ କାହା ସହିତ କଥା ହେବ। ସୁଖଦୁଃଖ ପଚାରି ବୁଝିବ। ଆଗେ ଗାଁ ଗଣ୍ଡାରେ ଉଭୟ ପୁରୁଷ ଓ ମହିଳା ଏକାଠି ବସି ହସଖୁସି ଆଉ ଗପସପ କରିବାରେ ମନଟା ହାଲୁକା ଲାଗୁଥିଲା। ଦୁଃଖ ଆଉ ନୈରାଶ୍ୟରୁ ଟିକେ ମୁକ୍ତି ମିଳୁଥିଲା। କାହାରି କାହାରି ମୁହଁରୁ ସାନ୍ତ୍ୱନା ଆଉ ସମବେଦନାର କେଇପଦ କଥା କିଛି ସମୟ ପାଇଁ ହେଉ ପଛେ ମନରେ ଆଶାର କିରଣ ବିଚ୍ଛୁରିତ କରୁଥିଲା। ଆଜି କିନ୍ତୁ ମଣିଷ ବ୍ୟସ୍ତତାର ଦ୍ୱାହି ଦେଇ ସବୁ ଦୁଃଖ ଓ ଅବସୋସକୁ ଛାତି ତଳେ ଚାପି ଧରି କେବଳ ମାନସିକ ଯନ୍ତ୍ରଣା ଭୋଗ କରୁଛି। ଏବେ ଆସନ୍ତୁ ଆମ ସାମାଜିକ ଜୀବନର କିଛି ଚିତ୍ର ଓ ଚରିତ୍ରକୁ ତର୍ଜମା କରିବା। ଆଜିକାଲି ଆପଣଙ୍କ କାମ କରିବାକୁ ନିୟୋଜିତ କୌଣସି ସରକାରୀ କର୍ମଚାରୀଙ୍କୁ ଯଦି ଆପଣ କିଛି ବି କାମ ଲାଗି ଫୋନ କରନ୍ତି ତେବେ ସେ କହିବେ ଦେଖନ୍ତୁ ମୁଁ କାମରେ ବ୍ୟସ୍ତ ଅଛି, ମିଟିଂରେ ବସିଛି କିମ୍ବା ଉପରିସ୍ଥ ବାବୁଙ୍କ ପାଖରେ ଅଛି, ଆପଣ ପରେ କଲ୍ କରନ୍ତୁ। ଆଉ ଯଦି ବା ତାଙ୍କ ନିକଟକୁ ଯାଇ ଭେଟ କରନ୍ତି ତେବେ ଆଜି ବହୁତ ବ୍ୟସ୍ତ, ପରେ କେତେବେଳେ ଆସନ୍ତୁ ବୋଲି କହି ଆପଣଙ୍କୁ ଏଡେଇ ଦେଇଯିବେ। ତାଙ୍କର ଏହି ବ୍ୟସ୍ତତାର କାରଣକୁ ଆପଣ ଯଦି ବେଶ୍ ଭଲ ଭାବେ ଅନୁସନ୍ଧାନ କରନ୍ତି ତେବେ ଏହା ପଛରେ କିଛି ନା କିଛି ସ୍ୱାର୍ଥ ସାଧନର ଲାଳସା ଯେ ରହିଛି ଏହା ନିଃସନ୍ଦେହ। ନିର୍ବାଚିତ ଜନପ୍ରତିନିଧି, ନେତା ଓ ମନ୍ତ୍ରୀମାନେ ପ୍ରାୟତଃ ଲୋକମାନଙ୍କ ସହ ବ୍ୟସ୍ତତାର ନାଟକବାଜି କରିଥାନ୍ତି। ଏହା ଦ୍ୱାରା ସେମାନେ ଲୋକଙ୍କ ଜଞ୍ଜାଳରୁ ରକ୍ଷା ପାଇପାରନ୍ତି ବୋଲି ବିଚାର କରନ୍ତି। ଲୋକଙ୍କ ସହିତ ଯେତେ ଅଧିକ ମିଶିବେ କି କଥାବାର୍ତ୍ତା ହେବେ ସେତେ ବେଶି ସମସ୍ୟାକୁ ମୁଣ୍ଡାଇବାକୁ ପଡିବ ବୋଲି ସେମାନେ ମତ ଦେଇଥାନ୍ତି।

ଥରେ ଜଣେ ପ୍ରାଇମେରୀ ସ୍କୁଲର ପ୍ରଧାନଶିକ୍ଷକ ମୋତେ କହିଲେ ବୁଝିଲେ ଆଜ୍ଞା, ଆମେ ଶିକ୍ଷକ–ଶିକ୍ଷୟିତ୍ରୀ ମାସକୁ ଅଳ୍ପ କିଛି କିଛି ପଇସା ଦେଇ ସ୍କୁଲକୁ ଖବରକାଗଜ ଖଣ୍ଡେ ମଗାଉଥିଲୁ। ହେଲେ ଏହି ମାସଠାରୁ ବନ୍ଦ କରିଦେଲୁ। କାରଣ ଷ୍ଟାଫ୍‌ମାନେ କହିଲେ, ସାର୍ ଆମ ପାଖରେ ସମୟ କାହିଁ ଯେ ଆମେ ଖବରକାଗଜ ପଢିବା। ତେଣୁ ତୁଚ୍ଛାଟାରେ ପଇସା ଖର୍ଚ୍ଚ କରିବା ଉଚିତ ନୁହେଁ। କେବଳ ସଂପୃକ୍ତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କ ମତ ଯାହା ହେଉନା କାହିଁକି ପ୍ରାୟ ସବୁ ସରକାରୀ ଅଫିସରେ କାର୍ଯ୍ୟରତ ଅଧିକାଂଶ ଅଧିକାରୀ/କର୍ମଚାରୀ, ସମାଜର ପାଠୁଆ ଲୋକେ ବ୍ୟସ୍ତତାର ବାହାନା ଦେଖାଇ ଖବରକାଗଜ କି କୌଣସି ପତ୍ରପତ୍ରିକା କିଣିବା ତ ଦୂରର କଥା ପଢିବାକୁ ସୁଦ୍ଧା ଆଗ୍ରହ ପ୍ରକାଶ କରନ୍ତି ନାହିଁ। ସେହି ତଥାକଥିତ ଗୁଣୀ ଜ୍ଞାନୀ ଓ ବିଦ୍ୱାନ ବ୍ୟକ୍ତିମାନଙ୍କଠାରୁ ଆମେ କ'ଣ ଏୟା ଆଶା କରିବା।

ଶଂଖିତା, ତିହିଡି, ଭଦ୍ରକ
ମୋ:୯୯୩୭୫୬୫୫୨୭

## ଏଇ ଭାରତରେ

ଗୋଟିଏ କି ଦୁଇଟି ନୁହେଁ, ଜଙ୍ଗଲରେ ବଢୁଥିବା ୧୨୦ ପ୍ରକାର ବିରଳ ଅର୍କିଡ୍‌ର ଭଣ୍ଡାର ପାଲଟିଛି କେରଳର ଭି.ୟୁ. ସାବୁଙ୍କ ଘର। ଏହି ସବୁ ଅର୍କିଡ୍ ହେଉଛି ସୌନ୍ଦର୍ଯ୍ୟବର୍ଦ୍ଧକ। ଏଥିରୁ ୬୦ଟି ସେ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରୁ ସଂଗ୍ରହ କରିଛନ୍ତି। ୱାଏନାଡା ସ୍ଥିତ ତାଙ୍କ ଘରକୁ ସଜାଇବା ଉଦ୍ଦେଶ୍ୟରେ ସେ ଏହିସବୁ ଅର୍କିଡ୍ ରଖିନାହାନ୍ତି ବରଂ ବିଲୁପ୍ତ ଅବସ୍ଥାରୁ ଏଗୁଡ଼ିକୁ ସଂରକ୍ଷଣ କରି ରଖିବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ଏଗୁଡ଼ିକ ମଧ୍ୟରେ ୩୬ଟି ଇଣ୍ଟର୍‌ନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର(ଆଇୟୁସିଏନ୍)ର ଅତି ସଙ୍କଟ ତାଲିକାରେ ଅଛି। ଅର୍କିଡ୍ ସଂରକ୍ଷଣରେ ସମର୍ପିତ ସାବୁ ୨୦୧୬ରେ ହେଲ୍‌ଥ କେୟାର ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ଏକ ହସ୍ପିଟାଲରେ କାର୍ଯ୍ୟ କରିବା ସହ ଅର୍କିଡ୍ ଚାଷ ମଧ୍ୟ କରୁଛନ୍ତି। କେବଳ ଏତିକି ନୁହେଁ ସେ ପଶ୍ଚିମଘାଟ ପର୍ବତମାଳରେ ୱାଇଲ୍ଡ ଅର୍କିଡ୍‌ର ୨୦୦୦ ଚାରା ରୋପଣ କରିଛନ୍ତି। ଘରେ ବ୍ୟବସାୟ ଦୃଷ୍ଟିରୁ ୪ଟି ପଲିହାଉସରେ ୪,୦୦୦ ଅର୍କିଡ୍ ଗଛ ଲଗାଇଛନ୍ତି। ସାବୁଙ୍କ ଘରକୁ ୨୦ଟି ଅନୁଷ୍ଠାନର ପାଖାପାଖି ୫,୦୦୦ ପିଏଚ୍.ଡି. ଛାତ୍ରୀଛାତ୍ର ଓ ଉଦ୍ଭିଦବିଜ୍ଞାନୀ ବୁଲି ଦେଖିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ନଭେମ୍ବର ୧୯୯୮

- ଭେଟେରାନ ଭାରତୀୟ ଟେନିସ ତାରକା ବିଜୟ ଅମୃତରାଜ ଡେଭିସ୍ କପ୍ ଶତବାର୍ଷିକ ରାଷ୍ଟ୍ରଦୂତ ଭାବେ ମନୋନୀତ।
- ନିଶା ସେବନ ପାଇଁ ବିବାଦୀୟ ହୋଇପଡ଼ିଥିବା ଶ୍ରୀଲଙ୍କାର ମହିଳା ଧାବିକା ସୁଶାନ୍ତିକା ଜୟସିଂଘେ ଅନ୍ତର୍ଜାତୀୟ ଆମେଚର ଆଥଲେଟିକ୍ ଫେଡେରେସନ (ଆଇ.ଏ.ଏ.ଏଫ୍) ଦ୍ୱାରା ଦୋଷମୁକ୍ତ।
- ବନ୍ଦର ସହର କରାଚୀରେ ସମ୍ଭାବ୍ୟ ହିଂସାକାଣ୍ଡକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଦକ୍ଷିଣାଞ୍ଚଳ ସିନ୍ଧ ପ୍ରଦେଶରେ ସମସ୍ତ ପ୍ରକାର ମୌଳିକ ଅଧିକାରକୁ ସସ୍‌ପେଣ୍ଡ କରିଦେଇଛନ୍ତି।

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି ?
–(ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 5 | | | |
| 8 | | 1 | | | | | 9 | |
| | | 7 | | 1 | | | | 2 |
| | 6 | | | | 2 | | | |
| 1 | | | | | 7 | | | |
| 2 | | | | 4 | | | | 3 |
| | 9 | 5 | 8 | | | | 7 | 4 |
| | | | 4 | | 3 | | | |
| | 3 | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 3 | 1 | 5 | 4 | 7 | 8 | 2 |
| 4 | 8 | 5 | 9 | 2 | 7 | 6 | 3 | 1 |
| 2 | 7 | 1 | 8 | 6 | 3 | 5 | 4 | 9 |
| 8 | 2 | 9 | 6 | 3 | 1 | 4 | 5 | 7 |
| 7 | 1 | 4 | 5 | 8 | 2 | 3 | 9 | 6 |
| 3 | 5 | 6 | 7 | 4 | 9 | 2 | 1 | 8 |
| 6 | 3 | 8 | 2 | 1 | 5 | 9 | 7 | 4 |
| 5 | 9 | 2 | 4 | 7 | 8 | 1 | 6 | 3 |
| 1 | 4 | 7 | 3 | 9 | 6 | 8 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲୁଟ୍ ବଢ଼ିବାରେ ଲାଗିଛି

ମହାଶୟ,

ଭୁବନେଶ୍ୱରରେ ଦିନକୁ ଦିନ ଛିନ୍‌ତାଇ ଏବଂ ଲୁଟ୍ ବଢ଼ିବାରେ ଲାଗିଛି। ଅପରାଧୀମାନେ ଯୁବତୀ ଏବଂ ବୟସ୍କମାନଙ୍କୁ ବେଶି ଟାର୍ଗେଟ କରୁଛନ୍ତି। କାରଣ ସେମାନେ ଜାଣିଛନ୍ତି ଏମାନେ ସହଜରେ ପ୍ରତିହତ କରିପାରିବେ ନାହିଁ। ବିଶେଷକରି ଭୁବନେଶ୍ୱର ବାହାର ରାଜ୍ୟର ଲୁଟେରାମାନଙ୍କର ଚରାଭୂଇଁ ପାଲଟିବା ଦେଖାଯାଉଛି। ସିଟିବସ୍ ହେଉ କିମ୍ବା ନିଛାଟିଆ ରାସ୍ତାରେ ଯାଉଥିବା ନାଗରିକମାନଙ୍କୁ ଏମାନେ ଟାର୍ଗେଟ କରୁଛନ୍ତି। ସବୁ ଜାଗାରେ ପୋଲିସ ପ୍ରଶାସନ ପହଞ୍ଚି ଏହାକୁ ରୋକିପାରିବ ନାହିଁ। ଜନସାଧାରଣଙ୍କୁ ନିଜର ଏବଂ ନିଜ ମୂଲ୍ୟବାନ୍ ବସ୍ତୁର ସୁରକ୍ଷା ପାଇଁ ସଜାଗ ରହିବାକୁ ପଡ଼ିବ। ଏଥିପାଇଁ ସମସ୍ତେ ସତର୍କ ରୁହନ୍ତୁ।

**–ସତ୍ୟସିଂହ ଶତପଥୀ,ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନି, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩ ସୁଲଭ ବାସଗୃହ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୧୧
(ବନ୍ଦନା ସେଠୀ)

ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ମିଳିଲା ନୂଆ ଠିକଣା। ଏଥିସହ ଭୁବନେଶ୍ୱରରେ ସ୍ଥାୟୀ ବାସଗୃହ ସହିତ ସମ୍ମାନର ସହ ବଞ୍ଚିବାର ଅଧିକାର। ଏଥିପାଇଁ ସହରାଞ୍ଚଳ ଆବାସ ଯୋଜନାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବସ୍ତିବାସିନ୍ଦାଙ୍କ ଲାଗି ୩ଟି ସୁଲଭ ବାସଗୃହ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ହେଉଛି ଚନ୍ଦ୍ରଶେଖରପୁର ବୁଦ୍ଧବିହାରରେ ସୁଲଭ ବାସଗୃହ, ସତ୍ୟନଗର ଶାନ୍ତିପଲ୍ଲୀରେ ବସ୍ତି ପୁନଃର୍ବିକାଶ ପ୍ରକଳ୍ପ ଓ ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପ। ଏହିସବୁ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ନୂଆ ଘରର ଚାବି ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ସହର ବିକାଶରେ ବସ୍ତିବାସିନ୍ଦାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେଣୁ ସେମାନଙ୍କୁ ନୂତନ ତଥା ଭଲ ଘର ଯୋଗାଇ ଦେଇ ସେ ବହୁତ ଖୁସି ଥିବା କହିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ଦ୍ୱାରା ନିର୍ମିତ ଏହି ୩ଟି ପ୍ରକଳ୍ପରେ ସମୁଦାୟ ୧୭୨୨ ଜଣ ହିତାଧିକାରୀ ନିଜର ସ୍ଥାୟୀ ଘର ପାଇଛନ୍ତି।

ଚନ୍ଦ୍ରଶେଖରପୁର ବୁଦ୍ଧବିହାର ସୁଲଭ ବାସଗୃହ ପ୍ରକଳ୍ପ ୧୨ ଏକର ଜମିରେ ନିର୍ମିତ ହୋଇଛି। ଏଥିରେ ମୋଟ୍ ୨୬ଶହ ଘର ନିର୍ମାଣର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିତାଧିକାରୀଙ୍କୁ ବାସଗୃହ ଚାବି ପ୍ରଦାନ କରୁଛନ୍ତି।

## ୧୭୨୨ ବସ୍ତିବାସିନ୍ଦାଙ୍କୁ ମିଳିଲା ସ୍ଥାୟୀ ବାସଗୃହ

ଲକ୍ଷ୍ୟ ରଖାଯାଇଥିବାବେଳେ ଏବେ ୮୨୦ଟି ଘର (ଫ୍ଲାଟ୍) ସମ୍ପୂର୍ଣ୍ଣ ହୋଇ ବିଡିଏକୁ ହସ୍ତାନ୍ତର କରାଯାଇଛି। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୦୩ଜଣ ହିତାଧିକାରୀଙ୍କୁ ଘର ହସ୍ତାନ୍ତର କରାଯାଇଛି। ବିଭିନ୍ନ ବସ୍ତିରୁ ଉଚ୍ଛେଦ ହୋଇ ଟ୍ରାଞ୍ଜିଟ ହାଉସ୍‌ରେ ରହୁଥିବା ବସ୍ତିବସିନ୍ଦାଙ୍କ ସହ ନାରାୟଣୀ ବସ୍ତି, ତେଲୁଗୁ ବସ୍ତି, ଶ୍ରୀକୃଷ୍ଣ ନଗର ବସ୍ତି, ସରସ୍ୱତୀ ବସ୍ତି, ଭେଙ୍କଟେଶ୍ୱର ବସ୍ତି, ସାଲିଆସାହିର ଶକ୍ତି ବିହାର ବସ୍ତିବସିନ୍ଦାଙ୍କୁ ଏଠାରେ ଘର ପ୍ରଦାନ କରାଯିବ। ସେହପରି ସତ୍ୟନଗର ଶାନ୍ତିପାଲିଠାରେ ବସ୍ତି ପୁନଃଉନ୍ନୟନ ଯୋଜନା (ଇନ୍‌ସିଟୁ ସ୍ଲମ୍ ରି-ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ)ରେ ମୋଟ୍ ୧୩ଶହଟି ଘର ନିର୍ମାଣ କରାଯାଉଛି। ଭୁବନେଶ୍ୱର ଟାଉନ୍ ସେଣ୍ଟର ଡିଷ୍ଟ୍ରିକ୍ଟ (ବିଟିସିଡି) ଅଞ୍ଚଳରେ ଥିବା ବସ୍ତି ଅଞ୍ଚଳ ଗୁଡିକର ରୂପାନ୍ତର ଲକ୍ଷ୍ୟରେ ଏହା ହେଉଛି ପ୍ରଥମ ପ୍ରକଳ୍ପ। ଏଥିରେ ୫୬୦ଟି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ଅପରପକ୍ଷେ ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପରେ ୩୪୨ଟି ଘରନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପଗୁଡିକ ୫ ମହଲା ବିଶିଷ୍ଟ ହୋଇଥିବାବେଳେ ଏଠାରେ ପାନୀୟ ଜଳଯୋଗାଣ, ଡ୍ରେନେଜ ବ୍ୟବସ୍ଥା, ସ୍ୱେରେଜ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଦୋକାନ ଘର ସହିତ ପାଠାଗାର, ରିଡିଙ୍ଗ ରୁମ, ଡିସ୍‌ପେନ୍‌ସାରି ଆଦି ଅନେକ ବ୍ୟବସ୍ଥା କରାଯାଇଛି।

ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଓ 'ନବୀନ ଓଡିଶା'ର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଗୃହ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଏମ୍‌ସି, ବିଡିଏ ଓ ଗୃହ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉଭୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମହମ୍ମଦ ନାସିର୍‌ଙ୍କୁ ସର୍ତ୍ତମୂଳକ ଜାମିନ

## ୫୦୦ କୋଟି ଟଙ୍କାର ଫାଇନ୍ ଇଣ୍ଡି ସେଲ୍‌ସ ଠକେଇ ମାମଲା

କଟକ,୨୦।୧୧ (କାର୍ତ୍ତିକ ସାହୁ)

୫୦୦ କୋଟି ଟଙ୍କାର ଫାଇନ୍ ଇଣ୍ଡି ସେଲ୍‌ସ୍ ଚିଟ୍‌ଫଣ୍ଡ ଠକେଇ ମାମଲାର ଅଭିଯୁକ୍ତ ମହମ୍ମଦ ନାସିର୍‌କୁ ହାଇକୋର୍ଟ ସୋମବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ ପାଣିଗ୍ରାହୀଙ୍କ ଇଜ୍‌ଲାସ୍‌ରେ ନାସିର୍‌ଙ୍କ ପକ୍ଷରୁ ଆଗତ ଜାମିନ ମାମଲାର ରାୟ ପ୍ରକାଶ ପାଇଥିଲା। ଠକେଇ ମାମଲାରେ ଅଦାଲତ ତାଙ୍କୁ କେତେକ ସର୍ତ୍ତ ଆରୋପ କରି ଏହି ଜାମିନ ପ୍ରଦାନ କରିଛନ୍ତି। ସର୍ତ୍ତ ଅନୁସାରେ, ନାସିର ନିମ୍ନ ଅଦାଲତରେ ମାମଲାର ପ୍ରତି ଶୁଣାଣିବେଳେ ଉପସ୍ଥିତ ରହିବେ, ଜାମିନରେ ଥିବାବେଳେ କୌଣସି ଅପରାଧରେ ସମ୍ପୃକ୍ତ ହେବେ ନାହିଁ କି ମାମଲାର ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ସର୍ତ୍ତ ପାଳନରେ ଖିଲାପ ହେଲେ ତାଙ୍କ ଜାମିନ ଖାରଜ ହୋଇଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଗତ ସେପ୍ଟେମ୍ବର ୨୯ରେ ଏହି ଜାମିନ ଆବେଦନ ମାମଲାର ଶୁଣାଣି କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

ସୂଚନାଯୋଗ୍ୟ, ଫାଇନ୍ ଇଣ୍ଡି ସେଲ୍‌ସ ସଂସ୍ଥା ଲୋକଙ୍କ ନିକଟରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ପରେ ଲୋକମାନଙ୍କୁ ଠକିଥିଲା। ଏହି ଠକେଇ ଅଭିଯୋଗରେ ୨୦୦୯ ଅକ୍ଟୋବରରେ କ୍ରାଇମ୍‌ବ୍ରାଞ୍ଚ ଫାଇନ୍ ଇଣ୍ଡି ସଂସ୍ଥାର ମୁଖ୍ୟ ତଥା ସ୍ୟାଡୋ ଫିଲ୍ମର ନିର୍ମାତା ମହମ୍ମଦ୍ ନାସିର୍‌ଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ୫୦୦ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ବାଲେଶ୍ୱରରେ ଉକ୍ତ ସଂସ୍ଥାର କାର୍ଯ୍ୟାଳୟ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲାର ତଦନ୍ତ ଭାର ନେବା ପରେ ନାସିର୍‌ଙ୍କୁ ଗିରଫ କରିଥିଲା। ଏହାପରେ ନାସିର୍ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ।

**ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ଦେଶି ବାହାର ମଦଭାଟି (O.S. Liquor) ରାଇଘର ଦୋକାନର ୨୦୨୩-୨୪ ବର୍ଷର ଅବଶିଷ୍ଟ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି**

**ପତ୍ର ସଂଖ୍ୟା-୧୯୮୪/ତାରିଖ ୨୦.୧୧.୨୦୨୩,** ନବରଙ୍ଗପୁର ଜିଲ୍ଲାର ୨୦୨୩-୨୪ ବର୍ଷ ପାଇଁ ରାଇଘର ଦେଶି ବାହାର ମଦଭାଟି (O.S.Liquor Shop) ଦୋକାନର Lottery ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଅଛି । Lotteryରେ ଭାଗନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି http:/stateexcise.odisha.gov.in ୱେବସାଇଟ୍‌ରେ ଉପଲବ୍ଧ Form 'B' ରେ online ମାଧ୍ୟମରେ ତା.୨୦.୧୧.୨୦୨୩ ରିଖରୁ ତା.୩.୧୨.୨୦୨୩ ରିଖ ସମୟ ସନ୍ଧ୍ୟା ୫.୦୦ ମି. ମଧ୍ୟରେ ଆବେଦନ କରିପାରିବେ । ଉପରୋକ୍ତ ଦୋକାନ ତା.୮.୧୨.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟା ସମୟ "ମିଶନ ଶକ୍ତି ସମ୍ମିଳନୀ କକ୍ଷ", ନବରଙ୍ଗପୁରଠାରେ ଜିଲ୍ଲାପାଳଙ୍କ ଦ୍ୱାରା Lottery ଉଠାଣ କରାଯିବ । ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା Lotteryର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ websiteରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ Notice Boardରେ ଉପଲବ୍ଧ ଅଟେ ।

**Toll Free No.-18003456770 & 155335**

**ସ୍ୱା./- ଜିଲ୍ଲାପାଳ, ନବରଙ୍ଗପୁର**

# କୂଅକୁ ଖସିପଡ଼ି ଶିଶୁ ମୃତ

କାମାକ୍ଷାନଗର,୨୦।୧୧
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତ ବଳଦିଆପାଳ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ବିସିକେତନ ମହାନ୍ତଙ୍କ ପୁଅ ବାପୁନି ମହାନ୍ତ(୫) ଘର ପାଖରେ ଖେଳୁଥିବା ବେଳେ କୂଅକୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବାପୁନି ଗାଁ ଦାଣ୍ଡରେ ଖେଳୁଥିଲେ। ହେଲେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବାପୁନି କୂଅକୁ ଖସିପଡ଼ିଥିବା ଜାଣି ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

# 'ଦକ୍ଷତା ନିଯୁକ୍ତିର ମାପକାଠି'

## ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ



ବୋଷର ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୦।୧୧
(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ଦକ୍ଷତା ବିକାଶ ଓ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ପ୍ରତ୍ୟେକ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ କ୍ଷେତ୍ରରେ ପାରଙ୍ଗମ କରାଇପାରିଲେ ସେମାନେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିପାରିବେ। ସୋମବାର କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର(ବୋଷ) ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ବିପିଏଫ୍‌ଟିଆଇଓ ଅଡିଟୋରିୟମରେ ଆୟୋଜିତ ଆଲୋଚନାଚକ୍ରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ କହିଥିଲେ, ପ୍ରତ୍ୟେକ ଅନୁଷ୍ଠାନର ସ୍ୱାତନ୍ତ୍ର୍ୟ ରହିଛି। ସରକାର ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ବଡ଼ କମ୍ପାନୀ ସହ ସମନ୍ୱୟ ରକ୍ଷାପୂର୍ବକ ସଂଯୋଗକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏ ଦିଗରେ ଅନୁଷ୍ଠାନର ପୁରାତନ ଛାତ୍ରୀଛାତ୍ରଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର ଆଲୋଚନାଚକ୍ରର ବିଷୟବସ୍ତୁ 'ଦିଗ୍‌ବଳୟର ଉର୍ଦ୍ଧ୍ୱରେ- ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାର ଆହ୍ୱାନ ଏବଂ ପ୍ରଭାବ' ଉପରେ ଆଲୋକପାତ କରି କୃତ୍ରିମ ବୁଦ୍ଧିମତ୍ତା ସହ ତାଳ ଦେଇ ଆମେ ନିଜକୁ ବିକଶିତ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଥିଲେ। ଭବିଷ୍ୟତରେ ଡିଗ୍ରୀ ନୁହେଁ ବରଂ ଦକ୍ଷତା ହେବ ନିଯୁକ୍ତିର ମାପକାଠି। ତେଣୁ ଆଗାମୀ ପିଢ଼ୀ ନିଜକୁ ଦକ୍ଷତା ବିକାଶ କ୍ଷେତ୍ରରେ ପାରଙ୍ଗମ କରାଇନେବା ଉଚିତ୍। ଦକ୍ଷତା ବିକାଶ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରି ଏକ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ନେସ୍‌ଲେ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୁରେଶ ନାରାୟଣନ୍ କାର୍ଯ୍ୟକ୍ରମରେ ଯୋଗଦେଇ ବୋଷ ପରିସରରେ 'ଶ୍ରୀନିବାସ ମିଶ୍ର ଉତ୍କର୍ଷ କେନ୍ଦ୍ର: ଶିଳ୍ପ ୪.୦'ର ଶୁଭାରମ୍ଭ କରିଥିଲେ। ଏଥିସହ କ୍ୟାମ୍ପସ୍ ଚୟନ ମାଧ୍ୟମରେ ନେସ୍‌ଲେ ବୋଷରୁ ଛାତ୍ରୀଛାତ୍ରଙ୍କୁ ଚୟନ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜୀ ସ୍ୱାଗତ ଭାଷଣ ଓ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରାଇଭ୍ ଗ୍ରୋଥ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ ମିଶ୍ର, କିନଡ୍ରିଲର ଆଇଟି ନିର୍ଦ୍ଦେଶକ ସୁବ୍ରତ କାନୁନ୍‌ଗୋ, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ।

**୦୮୧୪୭/୦୮୧୪୮ ଟାଟାନଗର-ବାଦାମପାହାଡ଼-ଟାଟାନଗର ମେମୁ ପାସେଞ୍ଜର, ୧୮୦୫୧/୧୮୦୫୨ ବାଦାମପାହାଡ଼-ରାଉରକେଲା-ବାଦାମପାହାଡ଼ ସାପ୍ତାହିକ ଏକ୍ସପ୍ରେସ୍ ଏବଂ ୧୮୦୪୯/୧୮୦୫୦ ଶାଳିମାର-ବାଦାମପାହାଡ଼-ଶାଳିମାର ସାପ୍ତାହିକ ଏକ୍ସପ୍ରେସ୍‌ର ଶୁଭାରମ୍ଭ**

୦୮୧୪୭/୦୮୧୪୮ ଟାଟାନଗର-ବାଦାମପାହାଡ଼-ଟାଟାନଗର ମେମୁ ପାସେଞ୍ଜର ସ୍ପେଶାଲ, ୧୮୦୫୧/୧୮୦୫୨ ବାଦାମପାହାଡ଼-ରାଉରକେଲା-ବାଦାମପାହାଡ଼ ସାପ୍ତାହିକ ଏକ୍ସପ୍ରେସ୍ ଏବଂ ୧୮୦୪୯/୧୮୦୫୦ ଶାଳିମାର-ବାଦାମପାହାଡ଼-ଶାଳିମାର ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକର ତା୨୧।୧୧।୨୦୨୩ରିଖ ଦିନ ବାଦାମପାହାଡ଼ଠାରୁ ଶୁଭାରମ୍ଭ କରାଯାଉଛି । ୦୮୧୪୭/୦୮୧୪୮ ଟ୍ରେନ୍‌ର ନିୟମିତ ଚଳାଚଳ ତା୨୨।୧୧।୨୦୨୩ରିଖଠାରୁ ଉଭୟ ପାର୍ଶ୍ୱ ଅର୍ଥାତ୍ ଟାଟାନଗର ଓ ବାଦାମପାହାଡ଼ରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ତା୨୨।୧୧।୨୦୨୩ରିଖଠାରୁ ଟାଟାନଗରରୁ ଟ୍ରେନ୍ ନଂ.୦୮୧୪୭ ଭାବେ ସପ୍ତାହରେ ୬ ଦିନ, ରବିବାରକୁ ଛାଡ଼ି

ତା୨୨।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ଟ୍ରେନ୍ ନଂ.୦୮୧୪୮ ଭାବେ ସପ୍ତାହରେ ୬ ଦିନ, ରବିବାରକୁ ଛାଡ଼ି

| ୦୮୧୪୭ ପ. | ୦୮୧୪୭ ଛା. | ଷ୍ଟେଶନ | ୦୮୧୪୮ ପ. | ୦୮୧୪୮ ଛା. |
|---|---|---|---|---|
| - | ୯.୫୫ | ଟାଟାନଗର | ୧୫.୨୦ | - |
| ୧୦.୧୮ | ୧୦.୨୦ | ହାଲୁଦପୁକୁର | ୧୪.୧୩ | ୧୪.୧୫ |
| ୧୦.୩୦ | ୧୦.୩୨ | ସିଧିରସାଇ | ୧୪.୦୧ | ୧୪.୦୩ |
| ୧୦.୪୫ | ୧୦.୪୭ | ବାହାଲଦା ରୋଡ୍ | ୧୩.୪୫ | ୧୩.୪୭ |
| ୧୦.୫୮ | ୧୧.୦୦ | ଅଁଳାଯୋଡ଼ି | ୧୩.୩୧ | ୧୩.୩୩ |
| ୧୧.୦୯ | ୧୧.୧୧ | ରାଇରଙ୍ଗପୁର | ୧୩.୧୮ | ୧୩.୨୦ |
| ୧୧.୨୨ | ୧୧.୨୪ | କୁଲଡିହା | ୧୩.୦୬ | ୧୩.୦୮ |
| ୧୧.୩୨ | ୧୧.୩୪ | ଛଣୁଆଁ | ୧୨.୫୮ | ୧୩.୦୦ |
| ୧୨.୧୫ | - | ବାଦାମପାହାଡ଼ | - | ୧୨.୪୫ |

ସୁବିଧା: ମୋଟର କୋଚ୍-୨ ଏବଂ ଟ୍ରେଲର୍ କୋଚ୍-୬ = ୮ କୋଚ୍ ।

୧୮୦୫୧/୧୮୦୫୨ ଟ୍ରେନ୍‌ର ନିୟମିତ ଚଳାଚଳ ତା୨୬।୧୧।୨୦୨୩ରିଖଠାରୁ ଉଭୟ ପାର୍ଶ୍ୱ ଅର୍ଥାତ୍ ବାଦାମପାହାଡ଼ ଓ ରାଉରକେଲାରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ତା୨୬।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ଟ୍ରେନ୍ ନଂ.୧୮୦୫୧ ଭାବେ କେବଳ ରବିବାର ଦିନ

ତା୨୬।୧୧।୨୦୨୩ରିଖଠାରୁ ରାଉରକେଲାରୁ ଟ୍ରେନ୍ ନଂ.୧୮୦୫୨ ଭାବେ କେବଳ ରବିବାର ଦିନ

| ୧୮୦୫୧ ପ. | ୧୮୦୫୧ ଛା. | ଷ୍ଟେଶନ | ୧୮୦୫୨ ପ. | ୧୮୦୫୨ ଛା. |
|---|---|---|---|---|
| - | ୦୬.୩୦ | ବାଦାମପାହାଡ଼ | ୧୯.୨୫ | - |
| ୦୬.୫୯ | ୦୭.୦୧ | ରାଇରଙ୍ଗପୁର | ୧୮.୨୬ | ୧୮.୨୮ |
| ୦୭.୧୩ | ୦୭.୧୫ | ଅଁଳାଯୋଡ଼ି | ୧୮.୧୪ | ୧୮.୧୬ |
| ୦୭.୨୮ | ୦୭.୩୦ | ବାହାଲଦା ରୋଡ୍ | ୧୮.୦୦ | ୧୮.୦୨ |
| ୦୮.୪୫ | ୦୮.୫୦ | ଟାଟାନଗର | ୧୭.୧୦ | ୧୭.୧୫ |
| ୦୯.୧୫ | ୦୯.୧୭ | ସିନି | ୧୬.୩୮ | ୧୬.୪୦ |
| ୦୯.୩୦ | ୦୯.୩୨ | ରାଜଖରସୁଆଁ | ୧୬.୨୨ | ୧୬.୨୪ |
| ୦୯.୫୫ | ୧୦.୦୦ | ଚକ୍ରଧରପୁର | ୧୬.୦୦ | ୧୬.୦୫ |
| ୧୦.୨୫ | ୧୦.୨୭ | ଗୋଇଲକେରା | ୧୫.୨୮ | ୧୫.୩୦ |
| ୧୦.୫୫ | ୧୦.୫୭ | ମନୋହରପୁର | ୧୪.୫୫ | ୧୪.୫୭ |
| ୧୧.୪୫ | - | ରାଉରକେଲା | - | ୧୪.୨୦ |

ସୁବିଧା: ଏସି ୩-ଟାଏର୍-୧, ସ୍ଲିପର୍ ଶ୍ରେଣୀ- ୨, ୨ୟ ଶ୍ରେଣୀ (ଜିଏସ୍)-୨, ଏସି ଚେୟାର୍ କାର୍-୧ ଏବଂ ଏସ୍‌ଏଲ୍‌ଆର୍/ଏସ୍‌ଏଲ୍‌ଆର୍‌ଡି-୨ = ୮ କୋଚ୍ ।

୧୮୦୪୯/୧୮୦୫୦ ଟ୍ରେନ୍‌ର ନିୟମିତ ଚଳାଚଳ ତା୨୫।୧୧।୨୦୨୩ରିଖଠାରୁ ଶାଳିମାରରୁ ଏବଂ ତା୨୬।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ତା୨୫।୧୧।୨୦୨୩ରିଖଠାରୁ ଶାଳିମାରରୁ ଟ୍ରେନ୍ ନଂ.୧୮୦୪୯ ଭାବେ କେବଳ ଶନିବାର ଦିନ

ତା୨୬।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ଟ୍ରେନ୍ ନଂ.୧୮୦୫୦ ଭାବେ କେବଳ ରବିବାର ଦିନ

| ୧୮୦୪୯ ପ. | ୧୮୦୪୯ ଛା. | ଷ୍ଟେଶନ | ୧୮୦୫୦ ପ. | ୧୮୦୫୦ ଛା. |
|---|---|---|---|---|
| - | ୨୩.୦୫ | ଶାଳିମାର | ୦୫.୩୦ | - |
| ୨୩.୨୦ | ୨୩.୨୨ | ସାନ୍ତ୍ରାଗାଛି | ୦୫.୦୦ | ୦୫.୦୨ |
| ୦୦.୫୦ | ୦୦.୫୫ | ଖଡ଼ଗପୁର | ୦୩.୨୦ | ୦୩.୨୫ |
| ୦୧.୩୮ | ୦୧.୪୦ | ଝାରଗ୍ରାମ | ୦୨.୦୮ | ୦୨.୧୦ |
| ୦୨.୨୫ | ୦୨.୨୭ | ଘାଟଶିଳା | ୦୧.୧୮ | ୦୧.୨୦ |
| ୦୩.୧୦ | ୦୩.୩୫ | ଟାଟାନଗର | ୦୦.୧୦ | ୦୦.୩୫ |
| ୦୪.୨୦ | ୦୪.୨୨ | ବାହାଲଦା ରୋଡ୍ | ୨୨.୫୮ | ୨୩.୦୦ |
| ୦୪.୩୪ | ୦୪.୩୬ | ଅଁଳାଯୋଡ଼ି | ୨୨.୪୩ | ୨୨.୪୫ |
| ୦୪.୪୬ | ୦୪.୪୮ | ରାଇରଙ୍ଗପୁର | ୨୨.୨୯ | ୨୨.୩୧ |
| ୦୫.୪୦ | - | ବାଦାମପାହାଡ଼ | - | ୨୨.୦୦ |

ସୁବିଧା: ଏସି ୩-ଟାଏର୍-୧, ସ୍ଲିପର୍ ଶ୍ରେଣୀ- ୨, ୨ୟ ଶ୍ରେଣୀ (ଜିଏସ୍)-୨, ଏସି ଚେୟାର୍ କାର୍-୧ ଏବଂ ଏସ୍‌ଏଲ୍‌ଆର୍/ଏସ୍‌ଏଲ୍‌ଆର୍‌ଡି-୨ = ୮ କୋଚ୍ ।

(PR-838)
ମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# ମୃତ ଶିଶୁ ଅଦଳବଦଳ, ମେଡିକାଲରେ ଉତ୍ତେଜନା

ରାୟଗଡ଼ା,୨୦।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ମୃତ ଶିଶୁ ଅଦଳବଦଳ ଘଟଣା ଦୃଷ୍ଟିକୁ ଆସିଛି। ଜଣେ ମହିଳାଙ୍କ ମୃତ ଶିଶୁପୁତ୍ରକୁ ଅନ୍ୟ ଜଣେ ପ୍ରସୂତୀଙ୍କୁ ତାଙ୍କ ପୁଅ କହି ଦେବା ପରେ ପରିବାର ଲୋକେ ତାକୁ ରାୟଗଡ଼ା ନଦୀସାହିସ୍ଥିତ ଶ୍ମଶାନରେ ପୋତି ଦେଇଥିଲେ। ହେଲେ ଘଟଣାର ତନାଘନା ପରେ ମୃତ ଶିଶୁକୁ ଭୁଲରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଥିଲା। ମେଡିକାଲ କର୍ତ୍ତୃପକ୍ଷ ଶ୍ମଶାନକୁ ଯାଇ ଶିଶୁର ମୃତଦେହ ଜବତ କରି ଯାହାର ପୁତ୍ର ତାଙ୍କ ପରିବାର ଲୋକଙ୍କୁ ସୋମବାର ସକାଳେ ହସ୍ତାନ୍ତର କରିଥିଲେ। ଭୁଲବଶତଃ ଏଭଳି ଘଟଣା ଘଟିଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମମତା ସାହୁ କହିଛନ୍ତି।

କଳାହାଣ୍ଡି ଜିଲା ରାମପୁର ଥାନା ଅନ୍ତର୍ଗତ ଡୁମୁରିପଦର ଗ୍ରାମର ମାଳାବତୀ ନାଏକ ତାଙ୍କ ବାପ ଘର କାଶୀପୁର ବ୍ଲକ କୋଡ଼ିପାରି ପଞ୍ଚାୟତ ଯୋଗିପାରିଗୁଡ଼ା ଗ୍ରାମକୁ ଆସିଥିଲେ। ରବିବାର ସେ ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାଳାବତୀ ରବିବାର ରାତି ପ୍ରାୟ ୮ଟାରେ ଦୁଇ ଯାଆଁଳା ଶିଶୁପୁତ୍ର ଜନ୍ମ ଦେଇଥିଲେ। ପରେ

### ଶ୍ମଶାନରୁ ନବଜାତକର ମୃତଦେହ ଜବତ

ଦୁଇ ଶିଶୁପୁତ୍ରଙ୍କୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ସୋମବାର ସକାଳ ପ୍ରାୟ ୫ଟାରେ ମାଳାବତୀଙ୍କ ଭଉଣୀ କୁନ୍ତି ନାଏକ ଶିଶୁପୁତ୍ରଙ୍କୁ ଦେଖିବା ପାଇଁ ଏସ୍‌ଏନ୍‌ସିୟୁକୁ ଆସିଥିଲେ, କିନ୍ତୁ ସେଠାରେ ଜଣେ ଶିଶୁ ଥିବା ଦେଖି ଅନ୍ୟ ଶିଶୁଟି କୁଆଡ଼େ ଗଲା ବୋଲି ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ। ଏହି ଘଟଣାକୁ ନେଇ ମେଡ଼ିକାଲରେ ମାଳାବତୀଙ୍କ ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ ତନାଘନା କରିବା ପରେ ଭୁଲବଶତଃ ମାଳାବତୀଙ୍କ ମୃତ ଶିଶୁପୁତ୍ରକୁ କୋରାପୁଟ ଜିଲା କୁମ୍ଭିରିପୁଟ ଅଞ୍ଚଳ ପାଲକେ ଗ୍ରାମର ଗର୍ଭବତୀ ବାଲା ହିମ୍ବାକା, ଯିଏକି ମେଡିକାଲରେ ପ୍ରସବ ଲାଗି ଭର୍ତ୍ତି ହୋଇଥିଲେ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଶନିବାର ରାତି ପ୍ରାୟ ୧ଟାରେ ବାଲା ଏକ ମୃତ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେ ଜନ୍ମ ଦେଇଥିବା ମୃତ ଶିଶୁକନ୍ୟାକୁ ଶ୍ମଶାନରେ ପୋତି ଆସିଲା ପରେ ପୁଣି ତାଙ୍କୁ ମାଳାବତୀଙ୍କ ମୃତ ପୁଅକୁ ଦିଆଯାଇଥିଲା। ବାଲାଙ୍କ ପରିବାର ଲୋକେ କିଛି ନ ବୁଝି ପୁଣି ନଦୀକୂଳକୁ ଯାଇ ମୃତ ଶିଶୁଟିକୁ ପୋତି ଦେଇଥିଲେ।

# ବାଇକରୁ ଶୁଣ୍ଢରେ ଟାଣି ଦଳିଦେଲା ଦନ୍ତା

## ଯୁବକ ମୃତ, କ୍ଷତିପୂରଣ ଦାବିରେ ଉତ୍ତେଜନା


ଘଟଣାସ୍ଥଳରେ ଉତ୍ତେଜିତ ଗ୍ରାମବାସୀ।

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ ତେଲକୋଇ (ରଞ୍ଜିତ ବିଶ୍ୱାଳ),୨୦।୧୧

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳର ବିମଳା ଫରେଷ୍ଟ ବିଟ୍ ଅଞ୍ଚଳରେ ଜଣେ ଯୁବକଙ୍କୁ ହାତୀ ବାଇକ୍‌ରୁ ଶୁଣ୍ଢରେ ଟାଣି ନେଇ ଦଳି ଦେଇଛି। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ଆକୁଳ ପଞ୍ଚାୟତ ମଲଣ୍ଡା ଗ୍ରାମର ମଦନ ମୋହନ ନାଏକ (୨୫)। ସେ ଦୀର୍ଘବର୍ଷ ହେଲା ସିରିଗିଡ଼ା ପଞ୍ଚାୟତର ପୁରୁଷୋତ୍ତମପୁରରେ ରହୁଥିଲେ। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି।

ସୂଚନା ଅନୁଯାୟୀ, ମୋହନ ଅନ୍ୟ ଦୁଇ ଜଣଙ୍କ ସହିତ ବାଇକ୍ ଯୋଗେ କୌଣସି କାମରେ ଗୋପୀନାଥ ଗ୍ରାମକୁ ଯାଉଥିଲେ। ବିମଳା ଫରେଷ୍ଟ ବିଟ୍ ଅଧୀନ ଚାରିକଣିଆ ଜଙ୍ଗଲ ରାସ୍ତାରେ ସେମାନେ ୩ ହାତୀ ହାବୁଡ଼ରେ ପଡ଼ିଥିଲେ। ସେଥିରୁ ଏକ ଦନ୍ତା ଗୋଡ଼ାଇବାରୁ ବାଇକ୍ ଛାଡ଼ି ସମସ୍ତେ ପଳାଇଯିବାକୁ ଉଦ୍ୟମ କରିଥିଲେ। ଦନ୍ତା ମୋହନଙ୍କୁ ଶୁଣ୍ଢରେ ଟାଣି ନେଇ କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍‌ରେ ଥିବା ଅନ୍ୟ ଦୁଇ ବୁଧରାମ ମୁଣ୍ଡା ଓ ଦୀପକ ମୁଣ୍ଡା ଦୌଡ଼ି ପଳାଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତେଲକୋଇ ଡାକ୍ତରଖାନାକୁ ପଠାଇଛି। ଏସିଏଫ ଅଶୋକ ଦାସ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ସମ୍ପର୍କୀୟଙ୍କୁ ୬୦ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି। ଅବଶିଷ୍ଟ ଆବଶ୍ୟକ ତଦନ୍ତ ରିପୋର୍ଟ ଓ କାଗଜପତ୍ର ମିଳିବା ପରେ ଦିଆଯିବ। ବନ ବିଭାଗର ଅପାରଗତା ଯୋଗୁ ହାତୀ ମୃତ୍ୟୁ ଓ ହାତୀ ଆକ୍ରମଣ ଜନିତ ସମସ୍ୟା ବଢ଼ୁଛି ବୋଲି ସାମାଜିକ କର୍ମୀ ବଳରାମ ଦାସ କହିଛନ୍ତି।

## ବୃଦ୍ଧଙ୍କ ଜୀବନ ନେଲା ହାତୀ

ସାତମାଇଲ,୨୦।୧୧
(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜରେ ସୋମବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ହେଲେ ହିନ୍ଦୋଳ ଏନ୍‌ଏସି ୯ନଂ. ୱାର୍ଡ ପୁରୁଷୋତ୍ତମପୁର ଗ୍ରାମର ନାରାୟଣ ନାଏକ (୫୮)। ଅପରାହ୍ନରେ ପୁରୁଷୋତ୍ତମ ଶୌଚ ହେବା ପାଇଁ ଘର ବାଡ଼ିପଟକୁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିବା ସହ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ନାରାୟଣଙ୍କ ବାମ ଗୋଡ଼ ଦୁଇ ଖଣ୍ଡ ହୋଇଯାଇଥିଲା। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ହୋହଲ୍ଲା କରି ହାତୀକୁ ଘଉଡାଇବା ପରେ ଗୁରୁତର ନାରାୟଣଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀକୁ ଗାଁରୁ ଘଉଡ଼ାଇବାକୁ ଉଦ୍ୟମ ଚଳାଇଛନ୍ତି। ଘଟଣା ସମ୍ପର୍କରେ ହିନ୍ଦୋଳ ରେଞ୍ଜର ଲୋହିତ କୁମାର ରଥ କହିଛନ୍ତି, ସରକାରୀ ନିୟମ ଅନୁସାରେ ମୃତକଙ୍କ ପରିବାର କିପରି ସହାୟତା ରାଶି ପାଇବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ୩ ସୁଲଭ ବାସଗୃହ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୧୧
(ବନ୍ଦନା ସେଠୀ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିତାଧିକାରୀଙ୍କୁ ବାସଗୃହ ଚାବି ପ୍ରଦାନ କରୁଛନ୍ତି।

## ୧୭୨୨ ବସ୍ତିବାସିନ୍ଦାଙ୍କୁ ମିଳିଲା ସ୍ଥାୟୀ ବାସଗୃହ

ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ମିଳିଲା ନୂଆ ଠିକଣା। ଏଥିସହ ଭୁବନେଶ୍ୱରରେ ସ୍ଥାୟୀ ବାସଗୃହ ସହିତ ସମ୍ମାନର ସହ ବଞ୍ଚିବାର ଅଧିକାର। ଏଥିପାଇଁ ସହରାଞ୍ଚଳ ଆବାସ ଯୋଜନାରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବସ୍ତିବାସିନ୍ଦାଙ୍କ ଲାଗି ୩ଟି ସୁଲଭ ବାସଗୃହ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପ ଗୁଡିକ ହେଉଛି ଚନ୍ଦ୍ରଶେଖରପୁର ବୁଦ୍ଧବିହାରରେ ସୁଲଭ ବାସଗୃହ, ସତ୍ୟନଗର ଶାନ୍ତିପଲ୍ଲୀରେ ବସ୍ତି ପୁନଃର୍ବିକାଶ ପ୍ରକଳ୍ପ ଓ ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପ। ଏହିସବୁ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ନୂଆ ଘରର ଚାବି ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ସହର ବିକାଶରେ ବସ୍ତିବାସିନ୍ଦାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେଣୁ ସେମାନଙ୍କୁ ନୂତନ ତଥା ଭଲ ଘର ଯୋଗାଇ ଦେଇ ସେ ବହୁତ ଖୁସି ଥିବା କହିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ଦ୍ୱାରା ନିର୍ମିତ ଏହି ୩ଟି ପ୍ରକଳ୍ପରେ ସମୁଦାୟ ୧୭୨୨ ଜଣ ହିତାଧିକାରୀ ନିଜର ସ୍ଥାୟୀ ଘର ପାଇଛନ୍ତି।

ଚନ୍ଦ୍ରଶେଖରପୁର ବୁଦ୍ଧବିହାର ସୁଲଭ ବାସଗୃହ ପ୍ରକଳ୍ପ ୧୨ ଏକର ଜମିରେ ନିର୍ମିତ ହୋଇଛି। ଏଥିରେ ମୋଟ୍ ୨୬ଶହ ଘର ନିର୍ମାଣର ଲକ୍ଷ୍ୟ ରଖାଯାଇଥିବାବେଳେ ଏବେ ୮୨୦ଟି ଘର (ଫ୍ଲାଟ୍) ସମ୍ପୂର୍ଣ୍ଣ ହୋଇ ବିଡିଏକୁ ହସ୍ତାନ୍ତର କରାଯାଇଛି। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୦୩ଜଣ ହିତାଧିକାରୀଙ୍କୁ ଘର ହସ୍ତାନ୍ତର କରାଯାଇଛି। ବିଭିନ୍ନ ବସ୍ତିରୁ ଉଚ୍ଛେଦ ହୋଇ ଟ୍ରାଞ୍ଜିଟ ହାଉସ୍‌ରେ ରହୁଥିବା ବସ୍ତିବସିନ୍ଦାଙ୍କ ସହ ନାରାୟଣୀ ବସ୍ତି, ତେଲୁଗୁ ବସ୍ତି, ଶ୍ରୀକୃଷ୍ଣ ନଗର ବସ୍ତି, ସରସ୍ୱତୀ ବସ୍ତି, ଭେଙ୍କଟେଶ୍ୱର ବସ୍ତି, ସାଲିଆସାହିର ଶକ୍ତି ବିହାର ବସ୍ତିବସିନ୍ଦାଙ୍କୁ ଏଠାରେ ଘର ପ୍ରଦାନ କରାଯିବ। ସେହପରି ସତ୍ୟନଗର ଶାନ୍ତିପାଲିଠାରେ ବସ୍ତି ପୁନଃଉନ୍ନୟନ ଯୋଜନା (ଇନ୍‌ସିଟୁ ସ୍ଲମ୍ ରି-ଡେଭ୍‌ଲପ୍‌ମେଣ୍ଟ ପ୍ରୋଜେକ୍ଟ)ରେ ମୋଟ୍ ୧୩ଶହଟି ଘର ନିର୍ମାଣ କରାଯାଉଛି। ଭୁବନେଶ୍ୱର ଟାଉନ୍ ସେଣ୍ଟର ଡିଷ୍ଟ୍ରିକ୍ଟ (ବିଟିସିଡି) ଅଞ୍ଚଳରେ ଥିବା ବସ୍ତି ଅଞ୍ଚଳ ଗୁଡିକର ରୂପାନ୍ତର ଲକ୍ଷ୍ୟରେ ଏହା ହେଉଛି ପ୍ରଥମ ପ୍ରକଳ୍ପ। ଏଥିରେ ୫୬୦ଟି ଘର ନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ଅପରପକ୍ଷେ ସୁବୁଦ୍ଧିପୁରରେ ସୁଲଭ ବାସଗୃହ ପ୍ରକଳ୍ପରେ ୩୪୨ଟି ଘରନିର୍ମାଣ କରାଯାଇ ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପଗୁଡିକ ୫ ମହଲା ବିଶିଷ୍ଟ ହୋଇଥିବାବେଳେ ଏଠାରେ ପାନୀୟ ଜଳଯୋଗାଣ, ଡ୍ରେନେଜ ବ୍ୟବସ୍ଥା, ସ୍ୱେରେଜ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଦୋକାନ ଘର ସହିତ ପାଠାଗାର, ରିଡିଙ୍ଗ ରୁମ, ଡିସ୍‌ପେନ୍‌ସାରି ଆଦି ଅନେକ ବ୍ୟବସ୍ଥା କରାଯାଇଛି।

ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଓ 'ନବୀନ ଓଡିଶା'ର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଗୃହ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର, ମୁଖ୍ୟ ଶାସନ ସଚିବ ପି.କେ. ଜେନା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଏମ୍‌ସି, ବିଡିଏ ଓ ଗୃହ ନଗର ଉନ୍ନୟନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉଭୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମହମ୍ମଦ ନାସିର୍‌ଙ୍କୁ ସର୍ତ୍ତମୂଳକ ଜାମିନ

## ୫୦୦ କୋଟି ଟଙ୍କାର ଫାଇନ୍ ଇଣ୍ଡି ସେଲ୍‌ସ ଠକେଇ ମାମଲା

କଟକ,୨୦।୧୧ (କାର୍ତ୍ତିକ ସାହୁ)

୫୦୦ କୋଟି ଟଙ୍କାର ଫାଇନ୍ ଇଣ୍ଡି ସେଲ୍‌ସ୍ ଚିଟ୍‌ଫଣ୍ଡ ଠକେଇ ମାମଲାର ଅଭିଯୁକ୍ତ ମହମ୍ମଦ ନାସିର୍‌ଙ୍କୁ ହାଇକୋର୍ଟ ସୋମବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ ପାଣିଗ୍ରାହୀଙ୍କ ଇଜ୍‌ଲାସ୍‌ରେ ନାସିର୍‌ଙ୍କ ପକ୍ଷରୁ ଆଗତ ଜାମିନ ମାମଲାର ରାୟ ପ୍ରକାଶ ପାଇଥିଲା। ଠକେଇ ମାମଲାରେ ଅଦାଲତ ତାଙ୍କୁ କେତେକ ସର୍ତ୍ତ ଆରୋପ କରି ଏହି ଜାମିନ ପ୍ରଦାନ କରିଛନ୍ତି। ସର୍ତ୍ତ ଅନୁସାରେ, ନାସିର ନିମ୍ନ ଅଦାଲତରେ ମାମଲାର ପ୍ରତି ଶୁଣାଣିବେଳେ ଉପସ୍ଥିତ ରହିବେ, ଜାମିନରେ ଥିବାବେଳେ କୌଣସି ଅପରାଧରେ ସମ୍ପୃକ୍ତ ହେବେ ନାହିଁ କି ମାମଲାର ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ନାହିଁ। ସର୍ତ୍ତ ପାଳନରେ ଖିଲାପ ହେଲେ ତାଙ୍କ ଜାମିନ ଖାରଜ ହୋଇଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଗତ ସେପ୍ଟେମ୍ବର ୨୯ରେ ଏହି ଜାମିନ ଆବେଦନ ମାମଲାର ଶୁଣାଣି କରି ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

ସୂଚନାଯୋଗ୍ୟ, ଫାଇନ୍ ଇଣ୍ଡି ସେଲ୍‌ସ ସଂସ୍ଥା ଲୋକଙ୍କ ନିକଟରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ପରେ ଲୋକମାନଙ୍କୁ ଠକିଥିଲା। ଏହି ଠକେଇ ଅଭିଯୋଗରେ ୨୦୦୯ ଅକ୍ଟୋବରରେ କ୍ରାଇମବ୍ରାଞ୍ଚ ଫାଇନ୍ ଇଣ୍ଡି ସଂସ୍ଥାର ମୁଖ୍ୟ ତଥା ସ୍ୟାଡୋ ଫିଲ୍ମର ନିର୍ମାତା ମହମ୍ମଦ୍ ନାସିର୍‌ଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ୫୦୦ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ବାଲେଶ୍ୱରରେ ଉକ୍ତ ସଂସ୍ଥାର କାର୍ଯ୍ୟାଳୟ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲାର ତଦନ୍ତ ଭାର ନେବା ପରେ ନାସିର୍‌ଙ୍କୁ ଗିରଫ କରିଥିଲା। ଏହାପରେ ନାସିର୍ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ।

**ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ଦେଶି ବାହାର ମଦଭାଟି (O.S. Liquor) ରାଇଘର ଦୋକାନର ୨୦୨୩-୨୪ ବର୍ଷର ଅବଶିଷ୍ଟ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି**

**ପତ୍ର ସଂଖ୍ୟା-୧୯୮୪/ତାରିଖ ୨୦.୧୧.୨୦୨୩,** ନବରଙ୍ଗପୁର ଜିଲ୍ଲାର ୨୦୨୩-୨୪ ବର୍ଷ ପାଇଁ ରାଇଘର ଦେଶି ବାହାର ମଦଭାଟି (O.S.Liquor Shop) ଦୋକାନର Lottery ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଅଛି । Lotteryରେ ଭାଗନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି http:/stateexcise.odisha.gov.in ୱେବସାଇଟ୍‌ରେ ଉପଲବ୍ଧ Form 'B' ରେ online ମାଧ୍ୟମରେ ତା.୨୦.୧୧.୨୦୨୩ ରିଖରୁ ତା.୩.୧୨.୨୦୨୩ ରିଖ ସମୟ ସନ୍ଧ୍ୟା ୫.୦୦ ମି. ମଧ୍ୟରେ ଆବେଦନ କରିପାରିବେ । ଉପରୋକ୍ତ ଦୋକାନ ତା.୮.୧୨.୨୦୨୩ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟା ସମୟ "ମିଶନ ଶକ୍ତି ସମ୍ମିଳନୀ କକ୍ଷ", ନବରଙ୍ଗପୁରଠାରେ ଜିଲ୍ଲାପାଳଙ୍କ ଦ୍ୱାରା Lottery ଉଠାଣ କରାଯିବ । ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା Lotteryର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ websiteରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ Notice Boardରେ ଉପଲବ୍ଧ ଅଟେ ।

**Toll Free No.-18003456770 & 155335**

ସ୍ୱା./- ଜିଲ୍ଲାପାଳ, ନବରଙ୍ଗପୁର

# କୂଅକୁ ଖସିପଡ଼ି ଶିଶୁ ମୃତ

କାମାକ୍ଷାନଗର,୨୦।୧୧
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମରୁଆବିଲ ପଞ୍ଚାୟତ ବଳଦିଆପାଳ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ବିସିକେତନ ମହାନ୍ତଙ୍କ ପୁଅ ବାପୁନି ମହାନ୍ତ(୫) ଘର ପାଖରେ ଖେଳୁଥିବା ବେଳେ କୂଅକୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ବାପୁନି ଗାଁ ଦାଣ୍ଡରେ ଖେଳୁଥିଲେ। ହେଲେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ବାପୁନି କୂଅକୁ ଖସିପଡ଼ିଥିବା ଜାଣି ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

# 'ଦକ୍ଷତା ନିଯୁକ୍ତିର ମାପକାଠି'

## ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ



ବୋଷର ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୦।୧୧
(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ଦକ୍ଷତା ବିକାଶ ଓ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ପ୍ରତ୍ୟେକ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ କ୍ଷେତ୍ରରେ ପାରଙ୍ଗମ କରାଇପାରିଲେ ସେମାନେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିପାରିବେ। ସୋମବାର କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର(ବୋଷ) ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ବିପିଏଫ୍‌ଟିଆଇଓ ଅଡିଟୋରିୟମରେ ଆୟୋଜିତ ଆଲୋଚନାଚକ୍ରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ କହିଥିଲେ, ପ୍ରତ୍ୟେକ ଅନୁଷ୍ଠାନର ସ୍ୱାତନ୍ତ୍ର୍ୟ ରହିଛି। ସରକାର ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ବଡ଼ କମ୍ପାନୀ ସହ ସମନ୍ୱୟ ରକ୍ଷାପୂର୍ବକ ସଂଯୋଗକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏ ଦିଗରେ ଅନୁଷ୍ଠାନର ପୁରାତନ ଛାତ୍ରୀଛାତ୍ରଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି।

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପ୍ରମୁଖ ସଚିବ ମନୋଜ କୁମାର ମିଶ୍ର ଆଲୋଚନାଚକ୍ରର ବିଷୟବସ୍ତୁ 'ଦିଗ୍‌ବଳୟର ଊର୍ଦ୍ଧ୍ୱରେ- ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାର ଆହ୍ୱାନ ଏବଂ ପ୍ରଭାବ' ଉପରେ ଆଲୋକପାତ କରି କୃତ୍ରିମ ବୁଦ୍ଧିମତ୍ତା ସହ ତାଳ ଦେଇ ଆମେ ନିଜକୁ ବିକଶିତ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଥିଲେ। ଭବିଷ୍ୟତରେ ଡିଗ୍ରୀ ନୁହେଁ ବରଂ ଦକ୍ଷତା ହେବ ନିଯୁକ୍ତିର ମାପକାଠି। ତେଣୁ ଆଗାମୀ ପିଢ଼ୀ ନିଜକୁ ଦକ୍ଷତା ବିକାଶ କ୍ଷେତ୍ରରେ ପାରଙ୍ଗମ କରାଇନେବା ଉଚିତ୍। ଦକ୍ଷତା ବିକାଶ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରି ଏକ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ନିମନ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ନେସ୍‌ଲେ ଇଣ୍ଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୁରେଶ ନାରାୟଣନ୍ କାର୍ଯ୍ୟକ୍ରମରେ ଯୋଗଦେଇ ବୋଷ ପରିସରରେ 'ଶ୍ରୀନିବାସ ମିଶ୍ର ଉତ୍କର୍ଷ କେନ୍ଦ୍ର: ଶିଳ୍ପ ୪.୦'ର ଶୁଭାରମ୍ଭ କରିଥିଲେ। ଏଥିସହ କ୍ୟାମ୍ପସ୍ ଚୟନ ମାଧ୍ୟମରେ ନେସ୍‌ଲେ ବୋଷରୁ ଛାତ୍ରୀଛାତ୍ରଙ୍କୁ ଚୟନ କରିବ ବୋଲି ସେ ଆଶାପ୍ରକାଶ କରିଥିଲେ। ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜୀ ସ୍ୱାଗତ ଭାଷଣ ଓ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରାଇଭ୍ ଗ୍ରୋଥ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ ମିଶ୍ର, କିନଡ୍ରିଲର ଆଇଟି ନିର୍ଦ୍ଦେଶକ ସୁବ୍ରତ କାନୁନ୍‌ଗୋ, ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ।

# କଲେଜ ଛାତ୍ରଙ୍କୁ ମାଡ଼ ମାରିବା ଘଟଣା, ୩ କୋର୍ଟ ଚାଲାଣ

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

## ଅଭିଯୁକ୍ତଙ୍କ ମାମଲା ଲଢ଼ିବାକୁ ମନା କଲେ ଓକିଲ

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଉତ୍କେଲା କନିଷ୍ଠ କଲେଜର ଛାତ୍ରଙ୍କୁ ମାଡ଼ ମାରିବା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେସିଙ୍ଗା ବ୍ଲକ କୋକୋମୁଣ୍ଡା ଗ୍ରାମର ମୀନକେତନ ମାଝି, କୋକୋଡ଼ମାଳ ଗ୍ରାମର ଠାକୁର ଜାଲ ଓ ଅଧମୁଣ୍ଡା ଗ୍ରାମର ତ୍ରିଦେବ ବର୍ଗର୍ତ୍ତି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଭବାନୀପାଟଣା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ବୁଧବାର ଉତ୍କେଲା କନିଷ୍ଠ କଲେଜର ୪ଜଣ ଛାତ୍ରଙ୍କୁ ସ୍ଥାନୀୟ ଅଣଛାତ୍ର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରି ଭିଡିଓ ଭାଇରାଲ କରିଥିଲେ। ଭିଡିଓ ଭାଇରାଲ ପରେ ୪ଜଣ ଛାତ୍ର ଓ କଲେଜ ଅଧ୍ୟକ୍ଷ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୨୯/୨୩)ରୁଜୁ କରି ମୀନକେତନ, ଠାକୁର ଓ ତ୍ରିଦେବଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସଠାରୁ ସୂଚନା ମିଳିଛି। ଘଟଣାରେ ସାମିଲ ଥିବା ଆଉ ଜଣେ ଫେରାର୍‌ଙ୍କୁ ମଧ୍ୟ ପୋଲିସ ଧରିବାରେ ତନାଘନା ଜାରି ରଖିଛି। ଅନ୍ୟପକ୍ଷରେ କେସିଙ୍ଗା ଓକିଲ ସଂଘ ମଧ୍ୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ସଂଘର କୌଣସି ଓକିଲ ଅଭିଯୁକ୍ତମାନଙ୍କ ପକ୍ଷରୁ ମାମଲା ଲଢ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିସହ ଅନ୍ୟ ଓକିଲ ସଂଘଗୁ ମଧ୍ୟ ମାମଲା ନ ଲଢ଼ିବା ପାଇଁ ଅପିଲ କରାଯାଇଛି ବୋଲି କେସିଙ୍ଗା ଓକିଲ ସଂଘ ସଭାପତି ପ୍ରକାଶ ଦାସ ଓ ସମ୍ପାଦକ ଆଲୋକ ଦାସ ସୂଚନା ଦେଇଛନ୍ତି। ଫଳରେ ସୋମବାର କେସିଙ୍ଗା କୋର୍ଟରେ କୌଣସି ଓକିଲ ଅଭିଯୁକ୍ତମାନଙ୍କ କେସ ନେଇ ନ ଥିଲେ।


ଗିରଫ ୩ ଅଭିଯୁକ୍ତ।

# ତରବୋଡ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ, କଂସ ବରଣ

ନୂଆପଡ଼ା,୨୦।୧୧(ମକାରୁ ବେମାଲ)


କଂସ ବରଣ କରାଯାଉଛି।

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗାଁରେ ଦ୍ୱିତୀୟ ଧନୁଯାତ୍ରା ପାଇଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୁଭସ୍ତମ୍ଭ ସ୍ଥାପନ ଓ କଂସ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପୂଜକ ସୀମାଞ୍ଚଳ ଦାସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ କଂସ ମହାରାଜ ସୁଶାନ୍ତ ମେହେର ଓ ମହାମନ୍ତ୍ରୀ ହିମାଂଶୁ ମେହେରଙ୍କୁ ପୁଷ୍ପମାଲ୍ୟ ଦେଇ ବରଣ କରାଯାଇଥିଲା। ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ସ୍ଥାନୀୟ ରାଜୀବ ଗାନ୍ଧୀ ମିନିଷ୍ଟାଡିୟ ମଥୁରା ନଗରରେ ପରିଣତ ହୋଇ ସପ୍ତାହ ଯାକ କଂସ ରାଜୁତି ଚାଲିବ। ଢଙ୍ଗାଘାଟ ଯମନା ନଦୀ ଓ ତରବୋଡ ବସ୍ତି ଗୋପପୁରରେ ପରିଣତ ହୋଇ କୃଷ୍ଣ ବଳରାମ ବାଲ୍ୟଲିଳା କରିବେ। ଏହି ସମୟରେ ଶ୍ରୀକାନ୍ତ ପ୍ରଧାନ, ଅମିତ କୁମାର ଅହିର, ଦୁଃଖଭଞ୍ଜନ ନାୟକ, ଉମାକାନ୍ତ ବନଛୋର, ସତ୍ୟବ୍ରତ ସାମଲ, ଚନ୍ଦ୍ର ଶେଖର ଅହିର, ନିର୍ମଳ ଗହିର, ପୀତାମ୍ବର ଗଡତିଆ, ଖଗେଶ୍ୱର ଚିରାଙ୍ଗୁଲ, ବିରଚନ ବନଛୋର, ମନ ପ୍ରଧାନ, ଉଦ୍ଧବ କୁମ୍ଭାର, ବସନ୍ତ ସାହାଣୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଉମେଜ ଗାଁରେ ଭାଙ୍ଗିଲେ ଘର

ଲାଞ୍ଜିଗଡ଼,୨୦।୧୧(ରମେଶ ଚନ୍ଦ୍ର ନାୟକ)



## ଲାଞ୍ଜିଗଡ଼ରେ ପୁଣି ହାତୀ ଉପଦ୍ରବ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳରେ ପୁଣି ହାତୀ ଉପଦ୍ରବ ଦେଖାଦେଇଛି। ରବିବାର ବିଳମ୍ବିତ ରାତିରେ ଏକ ୯ ଟିକିଆ ହାତୀପଲ ମୂଷାନାଲ ବନ ବିଭାଗ ଅଧୀନ ଲାଞ୍ଜି ପଞ୍ଚାୟତ ଉମେଜ ଗ୍ରାମରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସୂଚନାନୁସାରେ ବିଳମ୍ବିତ ରାତିରେ ଏକ ୯ ଟିକିଆ ହାତୀପଲ ଉମେଜ ଗାଁରେ ପଶି କଳସ ସୁନାଙ୍କ ଘର ଆବାସ ସମେତ ଏକ ସ୍କୁଟି ଗାଡି, ଦିନ ସୁନା, ବିମଳା ସୁନା ଏବଂ ନଟୁ ସୁନାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେବା ସହିତ ଧାନ, ମାଣ୍ଡିଆ, କାନ୍ଦୁଲ ସମେତ ଆସବାବପତ୍ର ଦଳିମକଚି ନଷ୍ଟ କରି ଦେଇଛନ୍ତି। କାଶ ସୁନା, ଚନ୍ଦ୍ରଶେଖର ସୁନା, ଧନୀୟ ସୁନା, ସୁନମା ସୁନା, କୃଷ୍ଣ ସୁନା ସମେତ ଦିନ ସୁନାଙ୍କ ପରିବାର ଲୋକଙ୍କ ଧାନ ନଷ୍ଟ କରିଦେଇଛି। ରବିବାର ବିଳମ୍ବିତ ରାତିରେ ଗାଁ ମୁଣ୍ଡରେ ହାତୀପଲ ଭୀଷଣ ଶବ୍ଦ କରିଥିଲେ। ହାତୀପଲ ଶବ୍ଦ ଶୁଣି ସମସ୍ତେ ଜୀବନ ବିକଳରେ ଘରଛାଡି ପଳାଇ ଯାଇଥିଲେ। ଖବର ପାଇ ସୋମବାର ସକାଳେ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝିଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଲୋଚନ ମାଝି ଏବଂ ବନବିଭାଗର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ସୂଚନା ଥାଉକି ଯେ, ଶନିବାର ବିଳମ୍ବିତ ରାତିରେ ମଧ୍ୟ ଏକ ୯ ଟିକିଆ ହାତୀପଲ ଲଡାଙ୍ଗ ଗାଁକୁ ପଶି ବିଟୁ ହରିଜନ, ଆରତୀ ହରିଜନ, ତ୍ରିନାଥ ହରିଜନ, ଅନନ୍ତ ହରିଜନ ଏବଂ ବୁଦ୍ଧୁ ହରିଜନ ଘର ସଂପୂର୍ଣ୍ଣ ଭାବେ ଭାଙ୍ଗିଦେବା ସହିତ ଘରେ ଥିବା ଧାନ, ମାଣ୍ଡିଆ, କାନ୍ଦୁଲ ସମେତ ଆସବାବ ପତ୍ର ଦଳିମକଚି ନଷ୍ଟ କରି ଦେଇଥିଲେ ଏବଂ ଏକ ବାଇକ ଭାଙ୍ଗି ଦେଇଥିଲେ।

**୦୮୧୪୭/୦୮୧୪୮ ଟାଟାନଗର-ବାଦାମପାହାଡ଼-ଟାଟାନଗର ମେମୁ ପାସେଞ୍ଜର, ୧୮୦୫୧/୧୮୦୫୨ ବାଦାମପାହାଡ଼-ରାଉରକେଲା-ବାଦାମପାହାଡ଼ ସାପ୍ତାହିକ ଏକ୍ସପ୍ରେସ୍ ଏବଂ ୧୮୦୪୯/୧୮୦୫୦ ଶାଳିମାର-ବାଦାମପାହାଡ଼-ଶାଳିମାର ସାପ୍ତାହିକ ଏକ୍ସପ୍ରେସ୍‌ର ଶୁଭାରମ୍ଭ**

୦୮୧୪୭/୦୮୧୪୮ ଟାଟାନଗର-ବାଦାମପାହାଡ଼-ଟାଟାନଗର ମେମୁ ପାସେଞ୍ଜର ସ୍ପେଶାଲ, ୧୮୦୫୧/୧୮୦୫୨ ବାଦାମପାହାଡ଼-ରାଉରକେଲା-ବାଦାମପାହାଡ଼ ସାପ୍ତାହିକ ଏକ୍ସପ୍ରେସ୍ ଏବଂ ୧୮୦୪୯/୧୮୦୫୦ ଶାଳିମାର-ବାଦାମପାହାଡ଼-ଶାଳିମାର ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକର ତା୨୧।୧୧।୨୦୨୩ରିଖ ଦିନ ବାଦାମପାହାଡ଼ଠାରୁ ଶୁଭାରମ୍ଭ କରାଯାଉଛି । ୦୮୧୪୭/୦୮୧୪୮ ଟ୍ରେନ୍‌ର ନିୟମିତ ଚଳାଚଳ ତା୨୨।୧୧।୨୦୨୩ରିଖଠାରୁ ଉଭୟ ପାର୍ଶ୍ୱ ଅର୍ଥାତ୍ ଟାଟାନଗର ଓ ବାଦାମପାହାଡ଼ରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ତା୨୨।୧୧।୨୦୨୩ରିଖଠାରୁ ଟାଟାନଗରରୁ ଟ୍ରେନ୍ ନଂ.୦୮୧୪୭ ଭାବେ ସପ୍ତାହରେ ୬ ଦିନ, ରବିବାରକୁ ଛାଡ଼ି

ତା୨୨।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ଟ୍ରେନ୍ ନଂ.୦୮୧୪୮ ଭାବେ ସପ୍ତାହରେ ୬ ଦିନ, ରବିବାରକୁ ଛାଡ଼ି

| ୦୮୧୪୭ | | ଷ୍ଟେଶନ | ୦୮୧୪୮ | |
|---|---|---|---|---|
| ପ. | ଛା. | | ପ. | ଛା. |
| - | ୯.୫୫ | ଟାଟାନଗର | ୧୫.୨୦ | - |
| ୧୦.୧୮ | ୧୦.୨୦ | ହାଲୁଦପୁକୁର | ୧୪.୧୩ | ୧୪.୧୫ |
| ୧୦.୩୦ | ୧୦.୩୨ | ସିଧିରସାଇ | ୧୪.୦୧ | ୧୪.୦୩ |
| ୧୦.୪୫ | ୧୦.୪୭ | ବାହାଲଦା ରୋଡ୍ | ୧୩.୪୫ | ୧୩.୪୭ |
| ୧୦.୫୮ | ୧୧.୦୦ | ଅଁଳାଯୋଡ଼ି | ୧୩.୩୧ | ୧୩.୩୩ |
| ୧୧.୦୯ | ୧୧.୧୧ | ରାଇରଙ୍ଗପୁର | ୧୩.୧୮ | ୧୩.୨୦ |
| ୧୧.୨୨ | ୧୧.୨୪ | କୁଲଡିହା | ୧୩.୦୬ | ୧୩.୦୮ |
| ୧୧.୩୨ | ୧୧.୩୪ | ଛଣୁଆଁ | ୧୨.୫୮ | ୧୩.୦୦ |
| ୧୨.୧୫ | - | ବାଦାମପାହାଡ଼ | - | ୧୨.୪୫ |

ସୁବିଧା: ମୋଟର କୋଚ୍-୨ ଏବଂ ଟ୍ରେଲର୍ କୋଚ୍-୬ = ୮ କୋଚ୍ ।

୧୮୦୫୧/୧୮୦୫୨ ଟ୍ରେନ୍‌ର ନିୟମିତ ଚଳାଚଳ ତା୨୬।୧୧।୨୦୨୩ରିଖଠାରୁ ଉଭୟ ପାର୍ଶ୍ୱ ଅର୍ଥାତ୍ ବାଦାମପାହାଡ଼ ଓ ରାଉରକେଲାରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ତା୨୬।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ଟ୍ରେନ୍ ନଂ.୧୮୦୫୧ ଭାବେ କେବଳ ରବିବାର ଦିନ

ତା୨୬।୧୧।୨୦୨୩ରିଖଠାରୁ ରାଉରକେଲାରୁ ଟ୍ରେନ୍ ନଂ.୧୮୦୫୨ ଭାବେ କେବଳ ରବିବାର ଦିନ

| ୧୮୦୫୧ | | ଷ୍ଟେଶନ | ୧୮୦୫୨ | |
|---|---|---|---|---|
| ପ. | ଛା. | | ପ. | ଛା. |
| - | ୦୬.୩୦ | ବାଦାମପାହାଡ଼ | ୧୯.୨୫ | - |
| ୦୬.୫୯ | ୦୭.୦୧ | ରାଇରଙ୍ଗପୁର | ୧୮.୨୬ | ୧୮.୨୮ |
| ୦୭.୧୩ | ୦୭.୧୫ | ଅଁଳାଯୋଡ଼ି | ୧୮.୧୪ | ୧୮.୧୬ |
| ୦୭.୨୮ | ୦୭.୩୦ | ବାହାଲଦା ରୋଡ୍ | ୧୮.୦୦ | ୧୮.୦୨ |
| ୦୮.୪୫ | ୦୮.୫୦ | ଟାଟାନଗର | ୧୭.୧୦ | ୧୭.୧୫ |
| ୦୯.୧୫ | ୦୯.୧୭ | ସିନି | ୧୬.୩୮ | ୧୬.୪୦ |
| ୦୯.୩୦ | ୦୯.୩୨ | ରାଜଖରସୁଆଁ | ୧୬.୨୨ | ୧୬.୨୪ |
| ୦୯.୫୫ | ୧୦.୦୦ | ଚକ୍ରଧରପୁର | ୧୬.୦୦ | ୧୬.୦୫ |
| ୧୦.୨୫ | ୧୦.୨୭ | ଗୋଇଲକେରା | ୧୫.୨୮ | ୧୫.୩୦ |
| ୧୦.୫୫ | ୧୦.୫୭ | ମନୋହରପୁର | ୧୪.୫୫ | ୧୪.୫୭ |
| ୧୧.୪୫ | - | ରାଉରକେଲା | - | ୧୪.୨୦ |

ସୁବିଧା: ଏସି ୩-ଟାୟର୍-୧, ସ୍ଲିପର୍ ଶ୍ରେଣୀ- ୨, ୨ୟ ଶ୍ରେଣୀ (ଜିଏସ୍)-୨, ଏସି ଚେୟାର୍ କାର୍-୧ ଏବଂ ଏସ୍‌ଏଲ୍‌ଆର୍/ଏସ୍‌ଏଲ୍‌ଆର୍‌ଡି-୨ = ୮ କୋଚ୍ ।

୧୮୦୪୯/୧୮୦୫୦ ଟ୍ରେନ୍‌ର ନିୟମିତ ଚଳାଚଳ ତା୨୫।୧୧।୨୦୨୩ରିଖଠାରୁ ଶାଳିମାରରୁ ଏବଂ ତା୨୬।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ନିମ୍ନଲିଖିତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

ତା୨୫।୧୧।୨୦୨୩ରିଖଠାରୁ ଶାଳିମାରରୁ ଟ୍ରେନ୍ ନଂ.୧୮୦୪୯ ଭାବେ କେବଳ ଶନିବାର ଦିନ

ତା୨୬।୧୧।୨୦୨୩ରିଖଠାରୁ ବାଦାମପାହାଡ଼ରୁ ଟ୍ରେନ୍ ନଂ.୧୮୦୫୦ ଭାବେ କେବଳ ରବିବାର ଦିନ

| ୧୮୦୪୯ | | ଷ୍ଟେଶନ | ୧୮୦୫୦ | |
|---|---|---|---|---|
| ପ. | ଛା. | | ପ. | ଛା. |
| - | ୨୩.୦୫ | ଶାଳିମାର | ୦୫.୩୦ | - |
| ୨୩.୨୦ | ୨୩.୨୨ | ସାନ୍ତ୍ରାଗାଛି | ୦୫.୦୦ | ୦୫.୦୨ |
| ୦୦.୫୦ | ୦୦.୫୫ | ଖଡ଼ଗପୁର | ୦୩.୨୦ | ୦୩.୨୫ |
| ୦୧.୩୮ | ୦୧.୪୦ | ଝାରଗ୍ରାମ | ୦୨.୦୮ | ୦୨.୧୦ |
| ୦୨.୨୫ | ୦୨.୨୭ | ଘାଟଶିଳା | ୦୧.୧୮ | ୦୧.୨୦ |
| ୦୩.୧୦ | ୦୩.୩୫ | ଟାଟାନଗର | ୦୦.୧୦ | ୦୦.୩୫ |
| ୦୪.୨୦ | ୦୪.୨୨ | ବାହାଲଦା ରୋଡ୍ | ୨୨.୫୮ | ୨୩.୦୦ |
| ୦୪.୩୪ | ୦୪.୩୬ | ଅଁଳାଯୋଡ଼ି | ୨୨.୪୩ | ୨୨.୪୫ |
| ୦୪.୪୬ | ୦୪.୪୮ | ରାଇରଙ୍ଗପୁର | ୨୨.୨୯ | ୨୨.୩୧ |
| ୦୫.୪୦ | - | ବାଦାମପାହାଡ଼ | - | ୨୨.୦୦ |

ସୁବିଧା: ଏସି ୩-ଟାୟର୍-୧, ସ୍ଲିପର୍ ଶ୍ରେଣୀ- ୨, ୨ୟ ଶ୍ରେଣୀ (ଜିଏସ୍)-୨, ଏସି ଚେୟାର୍ କାର୍-୧ ଏବଂ ଏସ୍‌ଏଲ୍‌ଆର୍/ଏସ୍‌ଏଲ୍‌ଆର୍‌ଡି-୨ = ୮ କୋଚ୍ ।

(PR-838) ମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## ସାଇସେବା ସମିତି ଉଦ୍‌ଘାଟିତ

ଦେଓଗାଁ,(କୃଷ୍ଣପ୍ରସାଦ ପାଣିଗ୍ରାହୀ): ଦେଓଗାଁ ବ୍ଲକ ଜରାସିଂହାଠାରେ ନୂତନ ସାଇସେବା ସମିତି ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷା ସଂଯୋଜକ ଗୋବିନ୍ଦ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଦେଓଗାଁ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସାଇସେବା ସଂଗଠନ ଜିଲା ସଭାପତି ମନୋଜ କୁମାର ମହାପାତ୍ର,ପୂର୍ବତନ ଜିଲା ସଭାପତି ଡ. ରସରାଜ ଠାକୁର ଯୋଗଦେଇ ସାଇସେବା ସମିତିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଆନନ୍ଦ ମହୋତ୍ସବ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ୍ତ କିଶୋର ସାହୁ ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ନଦୀରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଜବତ

**ସାଙ୍ଗ ମାନଙ୍କ ସହ ପିକ୍‌ନିକ୍ କରିବାକୁ ଯାଇଥିଲେ**

ଗୁଡ଼ଭେଲା,୨୦।୧୧(ମନୋଜ କୁମାର ଜୈନ)

ଗୁଡଭେଲା ବ୍ଲକ ଜାମୁଟସ୍ଥିତ ଖଡଙ୍ଗ ନଦୀର ଗଦଗଦାକୁ ଶନିବାର ପିକ୍‌ନିକ କରିବାକୁ ଯାଇଥିବା ବଲାଙ୍ଗୀର ସହର ଇଛାପଡାର ଯୁବ ମେଡ଼ିସିନ ରିପ୍ରଜେଣ୍ଟେଟିଭ ରାକେଶ ପୁରୋହିତ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ସୋମବାର ତାଙ୍କ ମୃତଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ରାକେଶ ଓ ତାଙ୍କ ସାଙ୍ଗମାନେ ଗୁଦଗଦାରେ ଭୋଜି କରୁଥିଲେ। ନଦୀରେ ଗାଧୋଉଥିବାବେଳେ ରାକେଶ ପାଣିରେ ବୁଡି ଯାଇଥିଲେ । ବହୁ ଖୋଜାଖୋଜି ପରେ ମଧ ତାଙ୍କ ପତ୍ତା ମିଳି ନ ଥିଲା। ଗୁଡଭେଲା ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ନଦୀର ବୁଡି ଯାଇଥିବା ସ୍ଥାନର ଆଖପାଖରେ ଖୋଜିଥିଲେ ବି ତାଙ୍କର ସନ୍ଧାନ କରି ପାରି ନ ଥିଲେ। ସୋମବାର ରାକେଶଙ୍କ ମୃତଦେହକୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ । ତୁଷୁରା ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଏମ୍‌ପି

ସଇଁତଲା,୨୦।୧୧(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସଇଁତଲା ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ଜନସାଧାରଣଙ୍କ ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଆମ୍ବପାଲି ପଞ୍ଚାୟତର କୁଶମାଲ, ଘଣ୍ଟମାଲ, ଆମ୍ବପାଲି, ବୁଢ଼ାବାହାଲ ପଞ୍ଚାୟତର ଡୁଙ୍ଗୁରିପାଲି, ବୁଢ଼ାବାହାଲ, ରେମଣ୍ଡା, ଖଜୁରପଡ଼ା ଓ କନ୍ଧକେଲଗାଁର ସର୍ଗିପାଲି, କନ୍ଧକେଲଗାଁ, ଜଲିଆଦର୍ହ, ସମରା ଆଦି ଗ୍ରାମକୁ ଯାଇଥିଲେ। ସମସ୍ୟା ଶୁଣିବାପରେ ଏହାର ସମାଧାନ କିଭଳି ହୋଇପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ମଣ୍ଡଳ ସଭାପତି ଦର୍ଶନ ପଧାନ, ବିଜୟ ପାତ୍ର, ରାଜେଶ ବାଗ, ପ୍ରେମାନନ୍ଦ ସାହୁ, ସୁଶୀଲ ସାହୁ, ସୁରେଶ ସିଂ ଭୋଇ, କୁବେର ସାହୁ ପ୍ରମୁଖ ସାମିଲ ଥିଲେ।

## ବିହାରୀ ସମାଜ ଛଟପୂଜା ସରିଲା

ଟିଟିଲାଗଡ,୨୦।୧୧(ଶରତ ମିଶ୍ର)

ଟିଟିଲାଗଡ ବିହାରୀ ସମାଜ ପକ୍ଷରୁ ଛଟ୍‌ପର୍ବ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ତିନିଦିନ ଧରି ବିହାରୀ ପରିବାର ଏକଓଳି ଉପବାସ ସହ ପ୍ରତ୍ୟେହ ଉଦିତ ଏବଂ ଅସ୍ତଗାମୀ ସୂର୍ଯ୍ୟଙ୍କ ଉପାସନା କରି ପର୍ବ ପାଳନ କରିଥିଲେ। ସ୍ଥାନୀୟ ଦେବନ୍ଧ ଜଳାଶୟଠାରେ ଏନେଇ ପ୍ରତ୍ୟେହ ସହରର ପ୍ରାୟ ତିନିଶହ ବିହାରୀ ପରିବାରର ମହିଳାପୁରୁଷ ପୂଜାର୍ଚ୍ଚନା କରିଥିଲେ। ଦୀପକ ସାହୁ, ସଙ୍ଗୀତା ସାହୁ, ସୁର ସାହୁ, ସନ୍ଧ୍ୟା ସାହୁ, ନିରଜ ସାହୁ, ପ୍ରିୟଙ୍କା ସାହୁ, ଧୀରଜ ସାହୁ, ଅଜୟ ଗୁପ୍ତା ରେଣୁ ଗୁପ୍ତା, ମୁକେଶ ଗୁପ୍ତା, ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ ।

## ଜିଲାସ୍ତରୀୟ ଫୁଟବଲ: ସଲଣ୍ଡି, ମଧପୁର ବିଜୟୀ

ବେଲପଡ଼ା,୨୦।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ଖେଳ ପଡିଆରେ ଗତ ୧୬ତାରିଖରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ସୋମବାର ଦୁଇଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଖେଳ ସଲଣ୍ଡି ଓ ଖଇରମାଲ ମଧରେ ହୋଇଥିଲା। ସଲଣ୍ଡି ପେନାଲଟି ସୁଟ୍‌ଆଉଟ୍‌ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ କାନୁଟ ଓ ମଧପୁର ମଧରେ ହୋଇଥିଲା। ଏଥିରେ ମଧ ମଧପୁର ପେନାଲଟି ସୁଟ୍‌ରେ ବିଜୟୀ ହୋଇଥିଲା। ସୋମବାର ପ୍ରଥମ ଖେଳର ମୁଖ୍ୟ ଅତିଥଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜୟ ଧାରୁଆ, ବିଧାୟକ ପ୍ରତିନିଧି କୁମୁଦ ମହାଖୁଡ ଓ ଦ୍ୱିତୀୟ ଖେଳରେ ମୁଖ୍ୟ ଅତିଥିଭାବେ ମଧୁ ନାୟକ, ସମ୍ମାନୀତ ଅତିଥିଭାବେ ପୂର୍ବତନ ତେତେଲମୁଣ୍ଡା ସରପଞ୍ଚ ସଂକୀର୍ତ୍ତନ ନାୟକ, ମଧୁସୂଦନ ନାଗ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉସସାହିତ କରିଥିଲେ।

# ସମବାୟ ପ୍ରତି ପରିବାରରେ କ୍ରାନ୍ତି ଆଣିବ



ବଲାଙ୍ଗୀର ଟାଉନ୍ ହଲ ଠାରେ ଆୟୋଜିତ ଜିଲାସ୍ତରୀୟ ୭୦ ତମ ନିଖିଳ ଭାରତ ସମବାୟ ସପ୍ତାହ ସମାରୋହରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨୦।୧୧(ବୀରେନ୍ଦ୍ର କୁମାର ଖାଙ୍କର)

**ଜିଲାସ୍ତରୀୟ ୭୦ ତମ ନିଖିଳ ଭାରତ ସମବାୟ ସପ୍ତାହ**
- ଚାଷୀଙ୍କ ସମସ୍ତ ଧାନ କିଣାଯାଉ
- ଟୋକନ୍ ଅବଧି ବୃଦ୍ଧି କର

ବଲାଙ୍ଗୀର ଟାଉନ୍ ହଲଠାରେ ସୋମବାର ଜିଲାସ୍ତରୀୟ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ସମାରୋହ ପାଳନ କରାଯାଇଥିଲା। ମୁଖ୍ୟଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ସମବାୟ ସମୂହ ଉପନିବନ୍ଧକ ଦମୟନ୍ତୀ ସିଂ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ନାବାର୍ଡ ଡିଡିଏମ୍ ବିବେକ କୁମାର ନାଏକ, ଏଜିସିଏମ୍ ପରେଶ କୁମାର ପାତ୍ର, ସହକାରୀ ଉଦ୍ୟାନ ଅଧିକାର ମେହେର ଓ ଅନ୍ୟ ଅଧିକାରୀ ମଞ୍ଚାସୀନ ଥିଲେ। ସମବାୟ ମାଧ୍ୟମରେ ପ୍ରତି ପରିବାରରେ କ୍ରାନ୍ତି ଅଣାଯାଇପାରିବ। ଚାଷୀ, ଉଦ୍ୟୋଗୀ ଏବଂ କୁଟୀର ଶିଳ୍ପୀଙ୍କ ପାଇଁ ସମବାୟ ବିକାଶର ଏକ ପ୍ରମୁଖ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ।

ମୁଖ୍ୟଅତିଥି ବିଧାୟକ ମେହେର ରାଜ୍ୟ ସରକାର କିଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମୀଣ ଅର୍ଥନୀତି ଏବଂ ସମବାୟ କ୍ଷେତ୍ରର ବିକାଶ କରିବାରେ ଲାଗିଛନ୍ତି ତାହା କହିଥିଲେ। ମୁଖ୍ୟବକ୍ତା ଉପନିବନ୍ଧକ ସିଂ ତାଙ୍କ ବକ୍ତବ୍ୟରେ ସମବାୟର ସଫଳତା ପାଇଁ ପରସ୍ପର ଭିତରେ ସହଯୋଗ ଏବଂ ବିଶ୍ୱାସ ଲୋଡା ବୋଲି କହିଥିଲେ। ସମ୍ମାନିତ ଅତିଥି କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମିଶ୍ର ଚାଷୀଙ୍କ ଧାନକିଣା ନୀତିରେ ସଂଶୋଧନର ଆବଶ୍ୟକତା ଉପରେ କହିଥିଲେ। ସରକାର ଜଳସେଚିତ ଜମିରେ ଏକର ପ୍ରତି ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମିରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ ବୋଲି ନିୟମ କରିଛନ୍ତି। ତେବେ ବଲାଙ୍ଗୀର ଜିଲାରେ ଅଣଜଳସେଚିତ ଜମିରେ ମଧ ଅଧିକ ଧାନ ଅମଳ ହେଉଛି। ଏଣୁ ଅଣଜଳସେଚିତ ଜମିରେ ମଧ ଚାଷୀଙ୍କୁ ଏକର ପ୍ରତି ୨୦ କୁଇଣ୍ଟାଲ ଧାନ ବିକ୍ରି ଅନୁମତି ଦିଆଯାଉ। ଏହାନହେଲେ ଚାଷୀ ବଳକା ଧାନକୁ ବାଧ ହୋଇ କମ୍ ଟଙ୍କାରେ ବିକ୍ରି କରୁଛି ବୋଲି କହିଥିଲେ। ପଡୋଶୀ ରାଜ୍ୟରେ ଚାଷୀକୁ କୁଇଣ୍ଟାଲ ପ୍ରତି ୩୨ ଶହ ଟଙ୍କା ଧାନ ଏମ୍‌ଏସ୍‌ପି ଦେବାକୁ ଇସ୍ତାହାରରେ ଦିଆଯାଇଛି। ଏଭଳିକି ପଡୋଶୀ ରାଜ୍ୟରେ ଏବେବି କୁଇଣ୍ଟାଲ ପ୍ରତି ଧାନ ଏମ୍‌ଏସ୍‌ପି ୨୬ ଶହ ଟଙ୍କା ରହିଛି। ଏଭଳି ସ୍ଥିତିରେ ଓଡିଶା ସରକାର ଚାଷୀଙ୍କୁ କାହିଁକି ଅଧିକ ମଲ୍ୟ ଦେଇପାରିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଚାଷୀଙ୍କ ଟୋକନ ଅବଧିକୁ ୩ ମାସ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେ ଦାବି କରିଥିଲେ। ଅନ ଅତିଥିମାନେ ସମବାୟ ଏବଂ ଚାଷୀଙ୍କ ସମ୍ପର୍କ ଉପରେ ଆଲୋଚନା କରିଥିଲେ। ସମାରୋହକୁ କେନ୍ଦ୍ର ସମବାୟ ବ୍ୟାଙ୍କ ସରକାରୀ ପରିଚାଳକ ବାସୁଦେବ ଦାଶ ଏବଂ କ୍ଷୀରାଦ୍ରୀ ତନୟା ମନହୀରା ପରିଚାଳନା କରିଥିଲେ। ସମାରୋହ ପ୍ରାରମ୍ଭରେ ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ଅଧକ୍ଷ ମୁରଲୀଧାରୀ ପତିଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସମାରୋହରେ ଅତିଥିମାନେ ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଶାଖା ଭାବେ ସଇଁତଲା, ତୁଷରା ଓ ଲୋଇସିଂହା, ଶ୍ରେଷ୍ଠ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ସମିତି ଭାବେ ସରାସରା, ଲୁହାସିଂହା ଏବଂ ଯୋଗୀସର୍ଡା, ଶ୍ରେଷ୍ଠ ରେକର୍ଡ କିପିଂ ସମିତି ଭାବେ ସାଉନ୍ତପୁର ସମିତିକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପୂର୍ବରୁ ବିଭିନ୍ନ ସ୍କୁଲ କଲେଜରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମାରୋହରେ ପୁରସ୍କୃତ କରାଯାଇଥିଲା। ଅତିଥିକମାନେ କୃତି ପ୍ରତିଯୋଗୀଙ୍କୁ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମବାୟ ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ, କର୍ମଚାରୀ, ପ୍ରାଥମିକ କୃଷି ସମବାୟ ସମିତି ଅଧିକାରୀ ଓ କର୍ମଚାରୀ, ସମବାୟ ସମୂହ ଉପନିବନ୍ଧକ ଅଫିସ ଅଧବକାରୀ ଏବଂ ଜିଲାର ବହୁ ଚାଷୀ ଏବଂ ସମବାୟ ଉଦ୍ୟୋଗୀ ଉପସ୍ଥିତ ଥିଲେ।

## ୧୪ ଦଫା ଦାବିରେ ଭାଜପାର ଧାରଣା

ଖପ୍ରାଖୋଲ,୨୦।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଭାଜପା ତରଫରୁ ୧୪ ଦଫା ଦାବି ନେଇ ସୋମବାର ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ ସାମିଲ ହୋଇଥିଲେ। ଧାରଣା ସଭାରେ ସେ ଅଭିଯୋଗ କରିଥିଲେ ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ପାଟଣାଗଡ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲେ ବି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆବାସ ଯୋଜନାରେ ଅନିୟମିତତାର ତଦନ୍ତ, ଏମ୍‌ଜିଏନ୍‌ଆରଇଜିଏସ୍ ଓ ଭତ୍ତା ଯୋଜନାରେ ଅନିୟମିତତା, ଧାନ କିଣାରେ କଟ୍‌ନି ଛଟ୍‌ନି, ଖପ୍ରାଖୋଲ ସିଏଚ୍‌ସିରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ପିସି କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା। ଅଫିସରେ ବିଡିଓଙ୍କ ଅନୁପସ୍ଥିତ ଜାଣି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର କୌଣସି ଅଧିକାରୀଙ୍କୁ ନ ଦେଇ ସିଂଦେଓ କର୍ମୀଙ୍କ ସହ ଧାରଣାରେ ବସି ରହିଥିଲେ। ସ୍ଥାନୀୟ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଓ ଆକାଉଣ୍ଟ ଅଫିସର ହରେକୃଷ୍ଣ ମେହେର ଦାବିପତ୍ର ଗ୍ରହଣ କରିବାକୁ ଯାଇଥିଲେ ମଧ ବିଡ଼ିଓଙ୍କୁ ହିଁ ଦାବିପତ୍ର ଦେବେ ବୋଲି ଭାଜପା କର୍ମୀମାନେ ଅଡି ବସିଛନ୍ତି। ଆନ୍ଦୋଳନରେ ଏମ୍‌ପି ପ୍ରତିନିଧି ପ୍ରବୀଣ ଅଗ୍ରୱାଲ, ଶଶି ପୂଝାରୀ, ଦେବାକାନ୍ତ ପାଣିଗ୍ରାହୀ, ଉପେନ୍ଦ୍ର ଭୋଇ, କର୍ଣ୍ଣସିଂ ଠାକୁର, ବାବାଜୀ ମେହେର, ବୁଲୁ ଯୋଶୀ, ଶିବା ସୁନା, ଭାରତ ସାହୁ, ଦେବାନନ୍ଦ ଭୋଇ, ସତ୍ୟାନନ୍ଦ ସେନ୍ଦ୍ରିଆ, ମଧୁ ବରିହା, ନୀଳ ପାଣିଗ୍ରାହୀ, ପ୍ରଶାନ୍ତ ଦାଶ, କୁନୁ ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ବିଡ଼ିଓ ଆକାଶ ରଞ୍ଜନ ସାହୁଙ୍କୁ ପଚାରିବାରୁ ସରକାରୀ କାମରେ ଭୁବନେଶ୍ୱର ଯାଇଥିଲି, ଖପ୍ରାଖୋଲ ଫେରୁଥିବା କହିଛନ୍ତି।



ଖପ୍ରାଖୋଲ ବ୍ଲକ ଅଫିସ ସମ୍ମୁଖରେ ଧାରଣାରତ ଭାଜପା କର୍ମୀ ଓ ନେତା।

## ବ୍ଲକ ଅଫିସ ଘେରିଲା ଭାଜପା

ମୁରିବାହାଲ,୨୦।୧୧(ଶ୍ରୀବତ୍ସ ବେହେରା)

ରାଜ୍ୟର ବିଜେଡି ସରକାର ବିଭିନ୍ନ ସରକାରୀ ଯୋଜନାର ହରିଲୁଟ କରୁଛି। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ଏହିଭଳି ଅଭିଯୋଗ କରି ଭାଜପା ପକ୍ଷରୁ ସେମବାର ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅଫିସ ଘେରାଉ କରା ଯାଇଥିଲା। ଏହି ଉପଲକ୍ଷେ ବ୍ଲକ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭା ମୁରିବାହାଲ ମଣ୍ଡଳ ସଭାପତି ସୁରେଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ଏଥିରେ ବକ୍ତବ୍ୟ ରଖି କହିଥିଲେ ଯେ, ୨୩ବର୍ଷର ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହୋଇଛନ୍ତି। ମୋ ଓଡ଼ିଆ ନବୀନ ଓଡ଼ିଶା ଯୋଜନା ମଧ୍ୟମରେ ବ୍ୟାପକ ଦୁର୍ନୀତି ହେଉଛି ବୋଲି କହିଥିଲେ। ବରିଷ୍ଠ ନେତା ଲକ୍ଷ୍ମଣ ବାଗ, ଜିଲା ଭାପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ସେମାନଙ୍କ ବକ୍ତବ୍ୟରେ ଗ୍ରାମ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା କହିଥିଲେ। ଏହା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧରେ ବିନା ପଲ୍ଲୀସଭା ଓ ଗ୍ରାମସଭାରେ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଅର୍ଥରାଶି ପ୍ରଦାନକୁ ତୁରନ୍ତ ବନ୍ଦ କରିବା, ଓଡିଶାରେ ଚାଲିଥିବା ପିସି କାରବାର ବନ୍ଦ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ରାଶନ କାର୍ଡ ପ୍ରଦାନ କରିବା ଅନ୍ୟତମଃ ଘେରାଉ କାର୍ଯ୍ୟକ୍ରମକୁ ମୁରିବାହାଲ ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ ସାହୁ ସଂଯୋଜନା କରିଥିଲେ। ରମ୍ଭା ପାଣିଗ୍ରାହୀ, ପ୍ରଦୀପ ବଛା, ସୁବାସ ପୋଡ଼, ମହାଦେବ ତାହାଣୀ, ଇଶର ପୁଟେଲ, ରାମୁ କୁମ୍ଭାର, ପଦ୍ମନାଭ ସାହୁ, ଫକୀର ଲୁହା, ଧ୍ରୁବଲେଶର ଲୁହା, ମକୁନ୍ଦ ବଗର୍ତ୍ତି, ଚନ୍ଦ୍ରହାସ୍ୟ ବାଗ, ନନ୍ଦଲାଲ ବାଗ, ହରେକୃଷ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭାଜପା କର୍ମୀ ଓ ନେତାମାନେ ରାଲିରେ ବ୍ଲକ ଅଫିସ ଅଭିମୁଖେ ଯାଉଛନ୍ତି।

## ସିସିଏଫ୍‌ଏ ବିଏମ୍‌ପୁର ଚାମ୍ପିୟନ



ଅତିଥି ଓ ଆୟୋଜକ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

ଲୋଇସିଂହା,୨୦।୧୧(ସୁଶାନ୍ତ ବାରିକ)

**ଲୋଇସିଂହା ଷ୍ଟାଡିୟମ ସ୍ୱନକ୍ଷତ୍ର ଫୁଟବଲ**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ୧୬ ତମ ସ୍ୱନକ୍ଷତ୍ର ଉପଲକ୍ଷେ ଚାଲିଥିବା ଲୋଇସିଂହ କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଟାଇବ୍ରେକର ୫-୩ଗୋଲରେ ଏପିଜେ ଲୋଇସିଂହାକୁ ହରାଇ ସିସିଏଫ୍‌ଏ ବିଏମ୍‌ପୁର ଚାମ୍ପିୟନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ଗୋଟିଏ ଏବଂ ଦ୍ୱିତୀୟାର୍ଦ୍ଧର କିଛି ମିନିଟି ଖେଳ ପରେ ଆଉ ଗୋଟିଏ ଗୋଲ ସ୍କୋର କରି ଏପିଜେ ଲୋଇସିଂହା ଥ୨-ଗୋଲରେ ଆଗୁଆ ରହିଥିଲା। ହେଲେ ଦ୍ୱିତୀୟାର୍ଦ୍ଧରେ ବିଏମ୍‌ପୁର ଦଳ ୨ଟି ଗୋଲ ପରିଶୋଧ କରିବା ପରେ ଖେଳ ବାରାବର ହୋଇ ଯାଇଥିଲା । ରେଫେରି ଟାଇବ୍ରେକରର ସହାୟତା ନେଇଥିଲେ। ଏହି ସମୟରେ ରେଫେରିଙ୍କ କେତେକ ନିଷ୍ପତ୍ତିକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପଡିଆକୁ ଦର୍ଶକ ପଶିଯିବାରେ କିଛି ସମୟ ପାଇଁ ଖେଳ ସ୍ଥଗିତ ରହିଥିଲା। ବିଚାରବିମର୍ଶ ପରେ ପୁଣି ଖେଳ ଆରମ୍ଭ ହୋଇଥିଲା । ଶେଷରେ ବିମ୍‌ପୁର ଚାମ୍ପିୟନ ହୋଇଥିଲା। ବିଏମ୍‌ପୁରର ଶ୍ୟାମ ଓରାମଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଯୁବକ କଂଗ୍ରେସ ନେତା ଅଭିଷେକ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକଙ୍କ ତରଫରୁ ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଓ ରନର ଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଆଥଲେଟିକ ଆସୋସିଏଶନ ଓ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଶିବିର

ଟିଟିଲାଗଡ,୨୦।୧୧(ଶରତ ମିଶ୍ର)

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ବିଭାଗର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ମାର୍ଗଦର୍ଶନ ତଥା ଶିଶୁ ବାଟିକା ପ୍ରମୁଖା ସଂଯୁକ୍ତା ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କାଳାଂଶରେ ପରିଚାଳନା ସମିତି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ମୁଖ୍ୟ ଅତିଥି, କୋଷାଧକ୍ଷ ଶେଷଦେବ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ମଧ୍ୟସ୍ତର ଶୈକ୍ଷିକ ପ୍ରମୁଖ କୈଳାସ ଚନ୍ଦ୍ର ସାହୁ ଉପସ୍ଥିତ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସ୍ଥାନୀୟ ପୋଲିସ ଷ୍ଟେଶନ ଓ ଦୈନିକ ପରିବା ବଜାରକୁ ଶୈକ୍ଷିକ ଭ୍ରମଣରେ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ । ମଧାହ୍ନ ଭୋଜନ ପରେ ଡାକ୍ତର ଓମକାର ହୋତା ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହିତ ବିଭିନ୍ନ ଫଳର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବୃତ୍ତିର ଅଭିନୟ ସହିତ ନୃତ୍ୟ ପରିବେଷିତ ହୋଇଥିଲା। ଏହିଅବସରରେ ପରିଚାଳନା ସମିତି ସମ୍ପାଦକ ଉମ୍ବରୁଧର କର୍ମୀ ଓ ସଦସ୍ୟା ଅହଲ୍ୟା ନାଗ ଉପସ୍ଥିତ ଥିଲେ।

## ଅସୁରମରାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଅ

ଦେଓଗାଁ,୨୦।୧୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅସୁରମରାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ପ୍ରକୃତିରେ ଭରପୁର ଥିବା ଅସୁରମରାରେ ପଥରର ଅସୁର, ବୁଢା ସାପ, ଭୀମଙ୍କ ପାଦଚିହ୍ନ, ଭୀମ ମଡୋ, ଅସୁରର ଘନାହାଣ୍ଡି, ଲେଖା ପଥର ଓ ପୂର୍ବକାଳରେ ରହୁଥିବା ବାବାଙ୍କ ମଠ ଏଭଳି ଅନେକ ପଥରର ସୁନ୍ଦର ପ୍ରକୃତି ରହିଛି। ଦୁଇ ଏକର ପରିମିତ ଚଟାଣ ପାହାଡ ଥିବାବେଳେ ସେଠାରେ ୧୦ଏକର ପରିମିତ ବନ୍ଧ ରହିଛି । ଯାହାର ନାଁ ଅସୁରମରା ବନ୍ଧ। ବଲାଙ୍ଗୀର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଜିତେନ୍ଦ୍ର ସାହୁ, ସଇଁତଲା ରେଞ୍ଜର ସଂଘମିତ୍ରା ଭୋଇ ଓ ଘନଶ୍ୟାମ ମହନ୍ତ, ସ୍ଥାନୀୟ ଫରେଷ୍ଟର ଶୁଶିଲ ପୁଟା ପରିଦର୍ଶନରେ ଯାଇଥିଲେ। ସ୍ଥାନୀୟ ସରପଞ୍ଚ ଦେବାନ୍ତି କ୍ଷେତି ଏହାର ଉନ୍ନତିକରଣ ଦିଗରେ ବନ ବିଭାଗ ପଦକ୍ଷେପ ନେବା ଓ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଗରେ ଉଦ୍ୟମ କରିବା ପାଇଁ ଏକ ଦାବିପତ୍ର ଏସିଏଫଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର, ବଲାଙ୍ଗୀର ଜିଲାପାଳ ଓ ବନଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି ।


ଏସିଏଫ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଅସୁରମରା ପରିଦର୍ଶନ କରୁଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: ବେଲପଡ଼ା ଚାମ୍ପିୟନ

ମୁରିବାହାଲ,୨୪।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଳିଖୁଣ୍ଟି ପଞ୍ଚାୟତର କୁରେବିଆଁର ଖେଳ ପଡିଆରେ ଗତ ୧୩ ତାରିଖଠାରୁ ଚାଲିଥିବା ବଲାନ ଇଲେଭେନ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ତୁର୍ଲା ଓ ବେଲପଡା ମଧରେ ହୋଇଥିଲା। ତୁର୍ଲା ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୮୭ ରନ କରିଥିଲା। ଜବାବରେ ବେଲପଡା ଦଳ ୫ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ପୁରଷ୍କାର ବିତରଣ ଉତ୍ସବରେ ବିଜେଡି ନେତା ଅଜୟ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୧ ହଜର ଓ ରନର ଅପ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଅବସରପ୍ରାପ୍ତ ସୈନିକ ଗିରିରାଜ ସିଂ ମାଝି, ସରପଞ୍ଚ ବୀରବର ସାହୁ, ବିଶିଷ୍ଟ ଗାୟକ ରୁକୁ ସୁନା, କ୍ରୀଡ଼ାବିତ କୃଷ୍ଣଚନ୍ଦ୍ର ପଧାନ, କୈବଲ୍ୟ ବେହେରା, ଚିତ୍ତରଞ୍ଜନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଭିକାରୀ ମାଝିଙ୍କୁ ଟ୍ରଫି ଓ ସାଇକେଲ ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦ ମ୍ୟାଚଭାବେ ସଭ୍ୟ ମାଝିଙ୍କୁ ଟ୍ରଫି ସହ ବ୍ରେସଲେଟ ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜକ କମିଟି ସଭାପତି ଅଜୟ ବେହେରା, ସମ୍ପାଦକ ଶେଖର ମହାନ୍ତି, କୋଷାଧକ୍ଷ ରାକେଶ ବେହେରାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟର ସଫଳ ସମାପନ ହୋଇଛି। ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।



ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।


ବିକାଶର ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।


ବରଗଡରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

# କ୍ରୀଷ୍ଣା ବିକାଶ ମଣିଷ ତିଆରି କାରଖାନା: କେନ୍ଦ୍ର ମନ୍ତ୍ରୀ

**ବରଗଡ଼,୨୦।୧୧(ପ୍ରେମାନନ୍ଦ ଖମାରୀ)**

### କ୍ରୀଷ୍ଣା ବିକାଶର ବାର୍ଷିକୋତ୍ସବ ଇଲେକ୍ଟ୍ରା

ବରଗଡ଼ କ୍ରୀଷ୍ଣା ବିକାଶର ୨୧ତମ ବାର୍ଷିକୋତ୍ସବ ଇଲେକ୍ଟ୍ରା ୨୦୨୩-୨୪ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କ୍ରୀଷ୍ଣା ବିକାଶ ଅନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। ଏହା ଏକ ମୁକ୍ତ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ଉଚିତ୍। ଜୀବନରେ କେବଳ ଶିକ୍ଷା ନୁହେଁ ବରଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସମୃଦ୍ଧି କ୍ଷେତ୍ରରେ ଯୋଗଦାନ କରିବାକୁ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟରେ ସ୍ୱାଧୀନତାର ଅମୃତକାଳରେ ଭାରତକୁ ବୈଭବ ଓ ସମୃଦ୍ଧିର ଚରମସୀମାରେ ପହଞ୍ଚାଇବାକୁ ହେଲେ ଛାତ୍ରୀଛାତ୍ରମାନଙ୍କୁ ସକାରାତ୍ମକ ଭାବନାରେ ପରିଚାଳିତ ହେବାକୁ ପଡ଼ିବ ବୋଲି ମତ ଦେଇଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଦାଶରୀ ମୁରଲୀ କ୍ରୀଷ୍ଣା ନିଜ ଅଭିଭାଷଣରେ ବାର୍ଷିକୋତ୍ସବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତି ପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ଆହୁରି କହିଥିଲେ, ଦୀର୍ଘ ୨୧ ବର୍ଷର କ୍ରୀଷ୍ଣା ବିକାଶର ଏହି ଯାତ୍ରାରେ ଛାତ୍ରୀଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା, ପ୍ରତି ଶନିବାର ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ବିଭିନ୍ନ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ସହିତ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ା, କଳାକ୍ଷେତ୍ରରେ ଛାତ୍ରୀଛାତ୍ରୀମାନେ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ବୋଲି କ୍ରୀଷ୍ଣା କହିଥିଲେ। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ନରେ ବାର୍ଷିକୋତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଓ କ୍ରୀଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବରଗଡ଼ ସିମେଣ୍ଟ ୱାର୍କସ ଏସିସି ଲିମିଟେଡ୍, ଅଦାନି ଗ୍ରୁପ୍‌ର ପ୍ଲାଣ୍ଟ ମ୍ୟାନେଜର ସୁନିଲ୍ କୁମାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ, ସାଧୁତା, ଏକାଗ୍ରତା ଦ୍ୱାରା ଜୀବନରେ ସଫଳତା ମିଳିଥାଏ ବୋଲି ମତ ଦେଇଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନୂତନ ଲୋଗୋ ଉନ୍ମୋଚନ କରିଥିଲେ। ଏହି ଅବସରରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ନୂତନ ସମ୍ବଲପୁରୀ ଗୀତ ଉନ୍ମୋଚିତ ହୋଇଥିଲା। ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ସିବିଏସ୍‌ଇ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼ ପୁସ୍ତକ ମେଳା ଉଦ୍‌ଘାଟିତ

**ବରଗଡ଼,୨୦।୧୧(ପ୍ରେମାନନ୍ଦ ଖମାରୀ)**

ପୁସ୍ତକ ମେଳା କେବଳ ପୁସ୍ତକ ବିକ୍ରି ପାଇଁ ନୁହଁ, ଏହା ବ୍ୟକ୍ତି ଭିତରେ ସୃଜନଶୀଳତା ଓ ବୁଦ୍ଧିମତା ବିକାଶ କରିବାର ଏକ ମାଧ୍ୟମ। ସୋମବାର ବିଂଶତମ ବରଗଡ ପୁସ୍ତକ ମେଳାର ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବିଧୁ ଭୂଷଣ ମିଶ୍ର ଏହି ମତପ୍ରକାଶ କରିଛନ୍ତି। ବରଗଡ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ବିମ୍ବାଧର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଯୋଗଦେଇ କୁଳପତି ମିଶ୍ର କହିଥିଲେ, ବରଗଡ଼ରେ ୨୦ ବର୍ଷ ଧରି ପୁସ୍ତକ ମେଳା ଆୟୋଜନ କରିବା ଅନନ୍ୟ ଅଟେ। ଜଣେ ଶିକ୍ଷକ ସବୁଦିନିଆ ଛାତ୍ର ରହିଥାଏ ଏବଂ ଆଜୀବନ ଶିକ୍ଷା ଆହରଣ କରିଥାଏ। କାରଣ ଶିକ୍ଷାର ସମାପ୍ତି ନ ଥାଏ। ପୁସ୍ତକ ମେଳା ଏହି ଦିଗରେ ସହଯୋଗୀର ଭୂମିକା ଗ୍ରହଣ କରିଥାଏ ବୋଲି ସେ କହିଥିଲେ। ବରଗଡ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପାଠାଗାର ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଅଶୋକ କୁମାର ଯୋଶୀ, ପତିତପାବନ ସାହୁ, ଜୟ ପ୍ରକାଶ ଶତପଥୀ, ସଂଘମିତ୍ରା ମିଶ୍ର , ଗୋରୀ ଶଙ୍କର ପଣ୍ଡା, ରବି ପଣ୍ଡା,ଅମିୟ ଭୂଷଣ ସାହୁ, ହୃଷୀକେଶ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଗାନ୍ଧୀ ସ୍ମୃତି ପାଠାଗାର ତରଫରୁ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ବରଗଡ଼ ବିଧାୟକ ପୁସ୍ତକ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ଶୁଭାରମ୍ଭ ହେଲା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ସୋନପୁର,୨୦।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ ସୋମବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରଯୋଜନାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ 'କ୍ରୀଡ଼ା, ସାମାଜିକ କାର୍ଯ୍ୟକଳାପ ଓ ସଂସ୍କୃତିର ଏକ ସମନ୍ୱିତ ସମାରୋହ -୨୦୨୩ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଂସ୍କୃତିକ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ନମିତା ରଥ, କ୍ରୀଡ଼ା ବିଭାଗ ମୁଖ୍ୟ ବରିଷ୍ଠ ଅଧ୍ୟାପକ ପ୍ରଫୁଲ୍ଲ ପାତ୍ର ଯୋଗଦେଇ ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଚଳିତ ନଭେମ୍ବର ୨୦ରୁ ଡିସେମ୍ବର ୨୧ ତାରିଖ ଯାଏଁ ବିଭିନ୍ନ ସମୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ନୋଡ଼ାଲ ଅଫିସର୍ ପ୍ରାଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର। ପ୍ରଥମ ଦିନରେ ଅଧ୍ୟାପକ ଅଧ୍ୟାପିକାମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନରେ ଗଠିତ ହୋଇଥିବା ବିଭିନ୍ନ କମିଟିର ଛାତ୍ରୀଛାତ୍ରଙ୍କ ସହଯୋଗରେ ପ୍ରଥମ ଦିନରେ ଓଡ଼ିଆ ପ୍ରବନ୍ଧ 'ମୁଁ ଓ ମୋର ପରିବେଶ' ଏବଂ ଓଡ଼ିଆ ସାଧାରଣ ଜ୍ଞାନ ଓ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ: ଏଜେସି ମୁଣ୍ଡାପଡ଼ା ଚାମ୍ପିୟନ

**ବରଗଡ,୨୦।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ଚତୁର୍ଥ ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ସହ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ବରଗଡ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆୟୋଜିତ ପ୍ରତିଯୋଗିତାରେ ସୋମବାର ତୋରା ଫୁଟବଲ କ୍ଲବ ଓ ଏଜେସି ମୁଣ୍ଡାପଡ଼ା କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଏଜେସି ମୁଣ୍ଡାପଡ଼ା ଦଳ ତୋରା କ୍ଲବ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାର ଉପସଭାପତି ରବି ପଣ୍ଡା ଉଦ୍‌ଘାଟନ କରିଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା କ୍ରୀଡା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର, ଫୁଟବଲ ସମ୍ପାଦକ ସେକ ସବଦର, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, କାଉନସିଲ ସଦସ୍ୟ ଦିଲୀପ ସାୱଡ଼ିଆ, ଉଦ୍ଧବ ଡ଼ାଙ୍ଗ, ପିଣ୍ଟୁ ଡ଼ାଙ୍ଗ, ଆୟୋଜକ କ୍ଲବ ସମ୍ପାଦକ ଅତିଶ ପଣ୍ଡା, ପ୍ରାକ୍ତନ ଫୁଟବଲ ଖେଳାଳି ଜ୍ଞାନ ରଞ୍ଜନ ପୂଜାରୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ବୀରମହାରାଜପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ବୀରମହାରାଜପୁରରେ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟମାନେ।

**ଅମରପାଲି,୨୦।୧୧(ପୀତାମ୍ବର ସାହୁ)**

### ୯୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଉକ୍ତ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବନ୍ଧୀୟ ୯୧ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭୪ ବ୍ୟକ୍ତିଗତ ଦରଖାସ୍ତ ଓ ୧୭ ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୫ଟିର ତତ୍କାଳୀନ ସମାଧାନ ହୋଇଥିବାବେଳେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପ ଜିଲାପାଳ ଲଲାଟେନ୍ଦୁ ସି, ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଦାମୋଦର କୈବର୍ତ୍ତ, ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ, ଡିଇଓ ଲକ୍ଷ୍ମଣ ଭୋଇ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଅକ୍ଷୟ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରଫୁଲ୍ଲ କୁମାର ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ତହସିଲଦାର ଅମୃତଲାଲ ବେହେରା, ଥାନା ଅଧିକାରୀ ରାଜେଶ୍ୱରୀ ଭୋଇ, ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ଯୋଗଦାନ କରିଥିଲେ।

# ମେହେର ସମାଜ ଆଞ୍ଚଳିକ କମିଟି ଗଠନ

**ଅମରପାଲି,୨୦।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସୁବଳୟା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସୁବଳୟା ମେହେର (ଭୁଲିଆ)ସମାଜର ଆଞ୍ଚଳିକ କମିଟି ଗଠନ ପାଇଁ ସମସ୍ତ ଗ୍ରାମବାସୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମଲପୁର ମେହେର ସମାଜ ଆଞ୍ଚଳିକ କମିଟିର ସଭାପତି ଶତ୍ରୁଘ୍ନ ମେହେର ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ପୂର୍ବତନ ଜିଲ୍ଲା ସଭାପତି ସୌମିତ୍ରୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ କବି ଗଙ୍ଗାଧର ମେହେରଙ୍କ ତୈଳ ଫଟୋରେ ଅତିଥିମାନଙ୍କ ଦ୍ୱାରା ଦୀପପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ସୁବଳୟାଠାରେ ଏକ ଆଞ୍ଚଳିକ କମିଟି ଗଠନ କରାଯାଇଛି। ଏହି କମିଟିରେ ଉପସ୍ଥିତ ସମସ୍ତ ସଭ୍ୟା ସଭ୍ୟଙ୍କ ସର୍ବସମ୍ମତି କ୍ରମେ ଶିବନାରାୟଣ ମେହେରଙ୍କୁ ସଭାପତି, ଡୋଲାମଣି ମେହେର ଓ ମାଧବ ମେହେରଙ୍କୁ ଉପସଭାପତି, ପରେଶ ମେହେରଙ୍କୁ ସମ୍ପାଦକ, ହୃଷିକେଶ ମେହେର ଓ ରାମଚନ୍ଦ୍ର ମେହେରଙ୍କୁ ସହ ସମ୍ପାଦକ ଓ ସୌମିତ୍ରୀ ମେହେରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ଗରୁଡ଼ ମେହେର, କୁମାର ମେହେର, ବନମାଳୀ ମେହେର, ସୁଦାମ ମେହେର, ଲଳିତ ମେହେର, ମେଘୁ ମେହେର, ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳାରେ ଯୁବ ଚାଷୀ ପୁରସ୍କୃତ


ମେଳାରେ ଅତିଥିମାନଙ୍କ ଦ୍ୱାରା ଯୁବ ଚାଷୀ ପୁରସ୍କୃତ ହେଉଛନ୍ତି।

**ଡୁଙ୍ଗୁରିପାଲି, ୨୦।୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଗାଁର ଯୁବ ଚାଷୀ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ପୁରସ୍କୃତ ହୋଇଛନ୍ତି। ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୧୯ରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଦୁଇଦିନ ଚାଲିଥିଲା। ଜିଲା ସଂସ୍କୃତି ଭବନ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ଜିଲାସ୍ତରୀୟ ଏହି ମେଳାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତ୍ରିନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ମେଳାରେ ମତ୍ସ୍ୟ ଚାଷ, କୁକୁଡ଼ା ଚାଷ, ଛେଳି ଚାଷ, ପ୍ରାଣୀ ପାଳନ ସମ୍ପର୍କରେ ଚାଷୀଙ୍କ ସହ ଜ୍ଞାନକୌଶଳ ଆଦାନ ପ୍ରଦାନ କରାଯାଇଥିଲା। ଜିଲାର ୬ ବ୍ଲକର ବହୁ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ। ମେଳାରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ବିମଳେନ୍ଦୁ ରାୟ,ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ, ଏସ୍‌ପି ଅମରେଶ ପଣ୍ଡାଙ୍କ ଉପସ୍ଥିତିରେ କୁକୁଡ଼ା ଚାଷ ପାଇଁ ଡୁଙ୍ଗୁରିପାଲି ବ୍ଲକ ସାନଭାଲୁପାଲିରେ ଥିବା ମା' ପୋଲ୍ଟ୍ରି ଫାର୍ମର ପରିଚାଳନା ନିର୍ଦ୍ଦେଶକ ସମାଜସେବୀ ଯୁବ ସଫଳ ଅଗ୍ରଣୀ ଚାଷୀ ଉମେଶ କୁମାର ପୂଜାରୀଙ୍କୁ ଅର୍ଥରାଶି ଓ ମୋମେଣ୍ଟୋ ଦେଇ ପୁରସ୍କୃତ କରାଯାଇଛି। ଏପରି ପୁରସ୍କାର ମିଳିବା ଦ୍ୱାରା ଯୁବତୀ ଯୁବକ ଚାଷୀ ଉତ୍ସାହିତ ହେବେ ବୋଲି ପୂଜାରୀ ପ୍ରକାଶ କରିଛନ୍ତି।

# ମା' ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ ମେଳା

**ବୌଦ୍ଧ/ପୁରୁଣାକଟକ/ତଲଗାଁ,୨୦।୧୧ (ଅଜିତ କୁମାର ବାରିକ/ସୁକାନ୍ତ କୁମାର ପଟ୍ଟନାୟକ/କୁନା ବେହେରା)**

### ପଞ୍ଚମ ଦିନରେ ସମ୍ବଲପୁରୀ ଗୀତ ଓ ନାଚରେ ଦର୍ଶକ ବିଭୋର

ପଞ୍ଚମ ଦିନରେ ପହଞ୍ଚିଛି ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ପୁରୁଣାକଟକରେ ଚାଲିଥିବା ତୃତୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ସୋମବାର ଥିଲା ପଞ୍ଚମ ସନ୍ଧ୍ୟା। ମହୋତ୍ସବରେ ସଭା କାର୍ଯ୍ୟ ପ୍ରାରମ୍ଭରୁ ମଞ୍ଚରେ ଆଞ୍ଚଳିକ ଗୀତ ସହିତ ପଶ୍ଚିମ ଓଡିଶାର ପରାୟଣ ଗାୟିକା ବିଜ୍ଞାଶି ବାରିକଙ୍କ ପୌରାଣିକ କଥା ବସ୍ତୁ ଦର୍ଶକଙ୍କ ମନରେ ଭକ୍ତିଭାବ ଜାଗ୍ରତ କରିଥିଲା। ପଞ୍ଚମ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ, ସମାଜସେବୀ ସୁବାସ ପ୍ରଧାନ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ମନୋଜ ପାଠୀ ଓ ଅଶୋକ ମହାନ୍ତି ପରିଚାଳନା କରିଥିଲେ। ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଗାୟକ ଉମାକାନ୍ତ ବାରିକ ଓ ସାଥିଙ୍କ ସମ୍ବଲପୁରୀ ଗୀତ ଓ ନାଚରେ ଦର୍ଶକ ବିଭୋର ହୋଇପଡିଥିଲେ। ମହୋତ୍ସବ କମିଟିର ଉପସଭାପତି ସରୋଜ ପ୍ରଧାନ, ସହସମ୍ପାଦକ ସୁବାସ ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ସଦସ୍ୟ ସୁକାନ୍ତ କୁମାର ପଟନାୟକ, ସତୀଶ ବେହେରା, କୈଳାସ ଅଗ୍ରୱାଲା, ମନୋଜ ପାଢୀ, ବିଜୟ କହଁର, କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି ମହୋତ୍ସବ ଆୟୋଜିତ ହେଉଛି। ମହୋତ୍ସବରେ ମୀନାବଜାର, ରାମଦୋଳି, ବିଭିନ୍ନ ସୁସ୍ୱାଦ୍ୟ ଖାଦ୍ୟର ମଜା ନେଇଥିଲେ ଦର୍ଶକ। ମଙ୍ଗଳବାର ଏହି ମହୋତ୍ସବ ଉଦ୍‌ଯାପିତ ହେବ।


ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ପଞ୍ଚମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ୧୮ ବଣ୍ଡଲ ବିଦ୍ୟୁତ୍ ତାର ଜବତ: ୬ ଗିରଫ

**ବିନିକା,୨୦।୧୧(ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପୋଲିସ ଶାଲପାଲି ଗୋଡ଼ଭାଗା ରାସ୍ତାର କଦଳୀପାଳି ନିକଟରୁ ରବିବାର ବିପୁଳ ମାତ୍ରାରେ ବିଦ୍ୟୁତ୍ ତାର ଜବତ କରିଛି। ତାର ଚୋରି ଅଭିଯୋଗରେ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବାବୁ କଙ୍ଗ ଓରଫ ସରଫରାଜ ଖାଁ, ରାଧାକାନ୍ତ ପାଇକା, ମାନସ ବେସନ, କବିର ମୁଣ୍ଡା, ହେମନ୍ତ ସୁନା ଏବଂ ଜଗଦିଶ ରୋହିଦାସ। ସୋମବାର ବିନିକାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅମରେଶ ପଣ୍ଡା ଏନେଇ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ବିନିକା ପୋଲିସ ଶାଲପାଲି ଗୋଡ଼ଭାଗା ରାସ୍ତାରେ ପାଟ୍ରୋଲିଂ କରୁଥିଲା। ସେହି ସମୟରେ କଦଳୀପାଲି ନିକଟରେ ବିଦ୍ୟୁତ୍ ତାର କାଟି ଚୋରି କରାଯାଉଥିବା ଟାଟା ପାୱାର କର୍ମଚାରୀମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଆଇଆଇସି ସାରଙ୍ଗ ପାଣିଗ୍ରାହୀଙ୍କ ନେତୃତ୍ୱରେ ଉକ୍ତ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସେଠାରୁ ୧୮ବଣ୍ଡଲ ବିଦ୍ୟୁତ୍ ତାର ସହ ଗୋଟିଏ ମହିନ୍ଦ୍ରା ପିକଅପ୍ ଗାଡି ନଂ. ଓଡି ୧୫ ଭି ୦୨୦ ୭ ଏବଂ ଗୋଟିଏ ବୋଲେରୋ ଗାଡି ନଂ. ଓଡି ୧୫ ବି ୫୩୫୬ ଜବତ କରାଯାଇଛି। ଏହା ସହ ଉକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେବେ ଘଟଣାସ୍ଥଳରୁ ଅନ୍ୟ ୫ ଜଣ ଫେରାର ମାରିଥିଲେ। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ବନ୍ଧୁକ, ୨ଟି ଅଫୁଟା ଗୁଳି, ୨ କଟର, ୫ ମୋବାଇଲ, ଦୁଇଟି ଛୁରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ। ଏନେଇ ଏକ ମାମଲା (ନଂ.୨୫୯/୨୩) ରୁଜୁ କରାଯାଇଛି। ବିଭିନ୍ନ ଥାନାରେ ଅଭିଯୁକ୍ତଙ୍କ ନାମରେ ୪୭ଟି କ୍ରିମିନାଲ କେସ ରହିଛି। ଫେରାର ଅଭିଯୁକ୍ତମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଯଥାଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।


ବିନିକା ପୋଲିସ ଓ ବିଦ୍ୟୁତ୍ ତାର ଚୋରିରେ ସମ୍ପୃକ୍ତ ୬ ଅଭିଯୁକ୍ତ।

### ଗୋଟିଏ ବୋଲେରୋ, ପିକ୍‌ଅପ୍, ବନ୍ଧୁକ, ୨ ଅଫୁଟା ଗୁଳି, ୨ କଟର, ୫ ମୋବାଇଲ, ୨ ଛୁରି ଜବତ

## ସଂକ୍ଷେପରେ

### ବିଜେଡିର କମ୍ବଳ ବଣ୍ଟନ

ରାଜଗାଙ୍ଗପୁର,୨୦।୧୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଟାଉନ ବିଜେଡିର ସଭାପତି ରାଜେନ୍ଦ୍ର ଲେଙ୍କାଙ୍କ ନେତୃତ୍ୱରେ ବସ୍‌ଷ୍ଟାଣ୍ଡ ଠାରେ ଗରିବ ଲୋକଙ୍କୁ ଶୀତ କାକରରୁ ରକ୍ଷା କରିବା ପାଇଁ ଏକ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପୌରାଧକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ବିଜେଡିର ବରିଷ୍ଠ ନେତା ସଞ୍ଜୀବ ବେହୁରା, ଶରତ ସାହୁ, ରାଜୁ ମହାନ୍ତି, କମଲ ଅଗ୍ରୱାଲଙ୍କ ସହିତ ଅନ୍ୟମାନେ ରହିଥିଲେ।

### ଆଜିଠୁ ପଦ୍ମପୁର ଉପଖଣ୍ଡରେ ଧାନକିଣା

ପଦ୍ମପୁର,୨୦।୧୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ମଙ୍ଗଳବାରଠାରୁ ଧାନକିଣା ଆରମ୍ଭ ହେବ। ଏ ନେଇ ଗତ ୧୬ ତାରିଖରେ ଉପଖଣ୍ଡର ପାକ୍ସ ଓ ଆରଏମ୍‌ସି କର୍ମଚାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବୈଠକରେ ସ୍ଥିର ହୋଇଥିଲା। ଏହି ଅନୁସାରେ ଉପଖଣ୍ଡର ୬ଟି ବ୍ଲକର ୯୩ଟି ସ୍ଥାନରେ ଧାନକ୍ରୟ କରାଯିବ। ମାତ୍ର ଉପଖଣ୍ଡର କେତୋଟି ବଜାର ପ୍ରାଙ୍ଗଣକୁ ଛାଡି ଦେଲେ ପ୍ରାୟ ମଣ୍ଡି ଖୋଲା ପଡିଆରେ ଚାଲିଛି। ପଦ୍ମପୁର ଉପାନ୍ତ ଅଞ୍ଚଳରେ ହାତୀ ଉପଦ୍ରବ ମଧ୍ୟ ରହିଛି। ତେଣୁ ଚାଷୀମାନଙ୍କୁ ଭୟଭୀତ ହୋଇ ଶୀତ କାକରରେ ରାତିସାରା ଧାନ ଜଗିବାକୁ ପଡିଥାଏ। କେତେକ ମଣ୍ଡିରେ ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା, ଟଏଲେଟ, ବିଶ୍ରାମ ଗୃହ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଏପରିକି ଅଧିକାଂଶ ମଣ୍ଡିରେ ସ୍ଥାୟୀ ପାଚେରି ମଧ୍ୟ ନାହିଁ। ଏ ଦିଗରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ସ୍ୱଚ୍ଛ ଭାରତ ମିଶନର ସ୍ୱତନ୍ତ୍ର ଅଭିଯାନ : ପାଇଖାନା ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ

ଘଣ୍ଟାପଡ଼ା, ୨୦।୧୧(ପ୍ରଭାତ କୁମାର ସାହୁ)

ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୨ ରୁ ୧୯ ପର୍ଯ୍ୟନ୍ତ କଣ୍ଟାମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପାଇଖାନା ଦିବସ ପାଳନ ଅବସରରେ ଶୌଚାଳୟ ନିମନ୍ତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ କାର୍ଯ୍ୟ ଅନୁମତିପତ୍ର ବଣ୍ଟନ କରାଯାଇଥିଲା। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ପଞ୍ଚାୟତିରାଜ ଜଳ ଓ ପରିମଳ ବିଭାଗର ମାଷ୍ଟର ଟ୍ରେନର ରଞ୍ଜନ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ପଞ୍ଚାୟତ ସଭାଗୃହରେ ସରପଞ୍ଚ ରୀତା କହଁରଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ପାତ୍ର ଓ ଗଣମାଧ୍ୟମ ପ୍ରତିନିଧି ପ୍ରଭାତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ସମୟରେ ପାଇଖାନାର ଆବଶ୍ୟକତା ଉପରେ ଉପସ୍ଥିତ ବ୍ୟକ୍ତିଙ୍କୁ କହିଥିଲେ। ସେହିପରି ମାଷ୍ଟର ଟ୍ରେନର ପାତ୍ର ପୂର୍ବରୁ ପାଇଖାନା ନିର୍ମିତରୁ ବଞ୍ଚିତ ହିତାଧିକାରୀ ଓ ନୂତନ ହିତାଧିକାରୀଙ୍କୁ ଚିହ୍ନଟ କରି ପୁଣି ପାଇଖାନା ଦିଆଯିବା ନେଇ ବକ୍ତବ୍ୟ ରଖିଥିଲେ। ପରେ ନୂତନ ହିତାଧିକାରୀ ଚିହ୍ନଟ କରି କାର୍ଯ୍ୟପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅଳକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ନୂତନ ହିତାଧିକାରୀଙ୍କୁ ପାଇଖାନା ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

# ସ୍ୱୟଂ ସହାୟକ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିଛି ସ୍ପିରୁଲିନା ଚିକ୍କି

ସୁନ୍ଦରଗଡ଼,୨୦।୧୧
(ଜୟ ନାରାୟଣ ମେଣ୍ଟୁଲି)



ଉପସ୍ଥିତ ସ୍ୱୟଂ ସହାୟକ ମହିଳା।

ସୁନ୍ଦରଗଡ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ସହାୟତାରେ ୫ଟି ସ୍ଥାନରେ ଆରମ୍ଭ ହୋଇଛି ସ୍ପିରୁଲିନା ଯୁକ୍ତ ଚିକ୍କି ପ୍ରସ୍ତୁତି କେନ୍ଦ୍ର। ରଙ୍ଗାଢିପାଠାରେ ଥିବା ଏହି ଚିକ୍କି ପ୍ରସ୍ତୁତି କେନ୍ଦ୍ରରେ ପାଖାପାଖି ୪୦ ଜଣ ସ୍ୱୟଂ ସହାୟକ ଦଳର ମହିଳା କାମ କରୁଛନ୍ତି। ଏମାନେ ୨ଟି ସିଫ୍ଟରେ କାମ କରୁଛନ୍ତି। ପ୍ରଥମ ସିଫ୍ଟ ସକାଳ ୧୦ରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୨ରୁ ସନ୍ଧ୍ୟା ୬ଟା ଯାଏ ଚାଲେ। ଏଠାରେ କାମ କରୁଥିବା ମହିଳାଙ୍କୁ ଉପଯୁକ୍ତ ଭାବେ ତାଲିମ୍ ଦିଆଯାଇ ସେମାନଙ୍କୁ ପୂର୍ଣ୍ଣ ଭାବେ ପ୍ରଶିକ୍ଷିତ କରାଯାଉଛି।

୨୦୨୧ ଅଗଷ୍ଟରୁ ଆରମ୍ଭ ହୋଇଥିବା ମା' ଲକ୍ଷ୍ମୀ ଉତ୍ପାଦକ ସଂଘ ଦୈନିକ ୨ କୁଇଣ୍ଟାଲ କରି ମାସକୁ ୪୫ରୁ ୫୦ କୁଇଣ୍ଟାଲ ଯାଏ ସ୍ପିରୁଲିନା ଯୁକ୍ତ ଚିକ୍କି ପ୍ରସ୍ତୁତ କରିବାରେ ସକ୍ଷମ ହୋଇଥାନ୍ତି। ଏହି ଉତ୍ପାଦକ ସଂଘ ଲେଫ୍ରିପଡା, ସଦର, ଟାଙ୍ଗରପାଲ୍ଲୀ, ହେମଗିରି ଏବଂ ବାଲିଶଙ୍କରା ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ସହ ୩ଟି ସିସିଆଇ (ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଶନ)କୁ ସବୁଦିନ ପାଇଁ ଚିକ୍କି ଯୋଗାଇଥାନ୍ତି। ଏହାଦ୍ୱାରା ପାଖାପାଖି ୧୮୦୦୦ ଶିଶୁ ଉପକୃତ ହେଉଛନ୍ତି। ଏହି ଚିକ୍କି ଉତ୍ପାଦନ ଦ୍ୱାରା ମାସକୁ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ସବୁ ଖର୍ଚ୍ଚଯାଇ ମାସକୁ୯ ଲକ୍ଷ ଟଙ୍କା ରୋଜଗାର କରାଯାଇପାରୁଛି। ଯାହା ଫଳରେ ପ୍ରତି ସଦସ୍ୟ ମାସକୁ ୫୦୦୦ ରୁ ୬୦୦୦ ଟଙ୍କା ରୋଜଗାର କରି ପାରୁଛନ୍ତି। ଗତ ୨ ବର୍ଷ ଧରି ଏମାନେ ଏହି ଚିକ୍କି ପ୍ରସ୍ତୁତି କାର୍ଯ୍ୟକୁ ବେଶ୍ ସୁରୁଖୁରୁରେ ଚଳାଇ ଆସୁଛନ୍ତି। ଏମାନେ ଯେ କେବଳ ଚିକ୍କି ପ୍ରସ୍ତୁତି କରନ୍ତି ତାହା ନୁହେଁ ବରଂ ପ୍ରତି ମାସର ଶେଷ ସପ୍ତାହରେ ଗାଡି କରି ଏହି ଚିକ୍କିକୁ ଅଙ୍ଗନୱାଡି କେନ୍ଦ୍ରଯାଏ ପହଞ୍ଚାଇବାର ଗୁରୁଦାୟିତ୍ୱ ମଧ୍ୟ ବହନ କରିଥାଆନ୍ତି। ଚିକ୍କି କହିଲେ ଗୁଡରେ ବନ୍ଧା ହୋଇଥିବା ବାଦାମକୁ ବୁଝାଏ।

ଗୁଡକୁ କଡେଇରେ ଗରମ କରି ସେଥିରେ ବାଦାମ ଏବଂ ମିଲେଟକୁ ମିଶାଯାଇ ଏହାକୁ ଭଜାଯାଏ। ପରେ ଏହାକୁ ଥଣ୍ଡା କରି ଛୋଟ ଛୋଟ କରି କାଟି ପ୍ୟାକେଟରେ ଭର୍ତ୍ତି କରି ବିକ୍ରି ପାଇଁ ପଠାଇ ଦିଆଯାଏ। ଏହା ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ହୋଇଥିଏ। ଓଡିଶାରେ କ୍ରମେ କ୍ରମେ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି। ସ୍ପିରୁଲିନାକୁ ସୁପର ଫୁଡ୍ କୁହାଯାଏ କାରଣ ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଥାଏ ଯାହା ଶିଶୁର ଶାରିରୀକ ଏବଂ ମାନସିକ ବିକାଶରେ ସହାୟକ ହୋଇଥାଏ।

### କାରଖାନାରେ ଶ୍ରମିକଙ୍କ ମୃତ୍ୟୁ

କୁତ୍ରା,୨୦।୧୧(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ ବୁଢ଼ାକଟାଠାରେ ଥିବା ସ୍କାନ ଷ୍ଟିଲ ଲିମିଟେଡ ୟୁନିଟ୍ ୨ ରେ ଦୁର୍ଘଟଣା ଘଟି କାର୍ଯ୍ୟରତ ଜଣେ ଶ୍ରମିକଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ଚରଣ ନାଏକ(୩୯)। ସୂଚନାଯୋଗ୍ୟ, ଚରଣ କାରଖାନାରେ କାର୍ଯ୍ୟରତ ଥିବା ବେଳେ ପୂର୍ବାହ୍ନରେ ୱେଲଡିଙ୍ଗ କେବୁଲ ନେଇ ଉପରୁ ତଳକୁ ଓହ୍ଲାଉଥିବା ବେଳେ ଖସିପଡି ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ କାରଖାନା କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ କାଂସବାହାଲ ଇଏସଆଇ ହସ୍ପିଟାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ରାଉରକେଲା ମୋଡେଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ପରିବାର ବର୍ଗ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ। ସୂଚନାଯୋଗ୍ୟ, ମୃତକ ଚରଣ କାରଖାନାରେ ମେକାନିକ ଭାବେ କାର୍ଯ୍ୟ କରୁଥିଲେ।

## ବିଭିନ୍ନ ସମସ୍ୟା ନେଇ ୫-ଟି ଅଧ୍ୟକ୍ଷଙ୍କ ସହ ଆଲୋଚନା


୫-ଟି ଅଧ୍ୟକ୍ଷଙ୍କୁ ସାକ୍ଷାତ କରୁଛନ୍ତି ଖଡିଆ ସମାଜ ସଭାପତି ଓ ଜନ ପ୍ରତିନିଧି।

ବଡ଼ଗାଁ,୨୦।୧୧( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲ୍ଲା ତଳସରା ନିର୍ବାଚନମଣ୍ଡଳୀରେ ବସବାସ କରୁଥିବା ଖଡିଆ ସମାଜ ଓ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ସମାଜର ରାଜ୍ୟ ସଭାପତି ନୃପ ଚରଣ ଦଣ୍ଡସେନାଙ୍କ ସହିତ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା ଭୁବନେଶ୍ୱରରେ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ରାଜ୍ୟ ସଭାପତି ଦଣ୍ଡସେନାଙ୍କ ସହିତ ଜିଲ୍ଲା ସଭାପତି ପରମାନନ୍ଦ ବାଗ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମାଧବ ଚନ୍ଦ୍ର ବରିହା, କୋଲ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ତୁଳାରାମ ନାଏକ, ଅବସରପ୍ରାପ୍ତ କୃଷି ଅଧିକାରୀ ଦୁର୍ଜନ କୁମାର ବାଗ, ତଳସରା ସରପଞ୍ଚ ତ୍ରିଲୋକ ପ୍ରଧାନ, ସବ୍‌ଡେଗା ସରପଞ୍ଚ ଗଣେଶ ପ୍ରଧାନ, ଜାସେର ସରପଞ୍ଚ ପଙ୍କଜିନୀ ମାଝି, କୁକୁରିଡିହି ସରପଞ୍ଚ ଶକୁନ୍ତଳା ବାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଲସନ୍ ବାରୁଆ, ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ଈଶ୍ୱର ମାଝି, ରାଜେନ୍ଦ୍ର ଡନସନା, ଜତନ ବାର୍ଲା ୫- ଟି ଅଧ୍ୟକ୍ଷଙ୍କୁ ଭେଟିଥିଲେ। ଏହି ସାମାଜିକ କର୍ମକର୍ତ୍ତା ଓ ଜନ ପ୍ରତିନିଧିମାନେ ତଳସରା ନିର୍ବାଚନମଣ୍ଡଳୀରେ ବସବାସ କରୁଥିବା ବହୁ ସଂଖ୍ୟକ ଖଡିଆ ସମାଜ ଲୋକଙ୍କ ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଆଶାନୁରୂପ ଉନ୍ନତି ହୋଇ ପାରି ନ ଥିବାରୁ ସେମାନଙ୍କ ଉନ୍ନତି ପାଇଁ ପ୍ରୟାସ, ସବ୍‌ଡେଗା, ବାଲିଶଙ୍କରା, ବଡ଼ଗାଁ, ଲେଫ୍ରିପଡା ବ୍ଲକ୍‌ର ବିଭିନ୍ନ ଗାଁରେ ଜଳ ସେଚନ ବ୍ୟବସ୍ଥା କରିବା, ବିଦ୍ୟୁତ୍ ସେବାକୁ ନିରନ୍ତର କରିବା ଆଦି ବିଭିନ୍ନ ସମସ୍ୟା ଉପରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ।

### ସ୍କୁଲ୍ ସମ୍ମୁଖରେ ଖଜୁରି ତାଡ଼ି ଭାଟି

ବଡ଼ଗାଁ,୨୦।୧୧ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ବଡ଼ଗାଁ ବ୍ଲକରେ ମଦ, ଗଞ୍ଜେଇ କାରବାର ବଢ଼ିଚାଲିଛି। ପ୍ରାୟ ଅଧିକାଂଶ ଗ୍ରାମରେ ଦେଶୀ ବିଦେଶୀ ମଦ ଓ ଗଞ୍ଜେଇ ଅବାଧରେ ବିକ୍ରି ହେଉଛି। କମ୍ ବୟସର ବାଳକ, ଯୁବକ ମଦ , ଗଞ୍ଜେଇ କବଳରେ ପଡୁଛନ୍ତି। ଶଙ୍କରାପୋଷ ଗ୍ରାମରେ ମଦ, ଗଞ୍ଜେଇ, ଖଜୁର ତାଡି ସହିତ ଚରସ୍ ଭଳି ମାରାତ୍ମକ ନିଶା ଦ୍ରବ୍ୟ ବିକ୍ରି ହେଉଛି। ଏପରିକି ଏହି ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗଛରୁ ଖଜୁରୀ ତାଡି ସଂଗ୍ରହ କରାଯାଉଛି। ସ୍କୁଲ୍ ନିକଟରେ ଖଜୁରୀ ତାଡି ଭାଟି ଅବାଧରେ ଚାଲିଥିଲାବେଳେ ଗ୍ରାମର ୨ ବ୍ୟକ୍ତି ଚରସ୍ ବିକ୍ରି କରୁଥିବା ଗ୍ରାମବାସୀଙ୍କ ଠାରୁ ଜଣାପଡିଛି। ପ୍ରାୟ ସାଢ଼େ ୪ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ୨୦ ଟି ସ୍ଥାନରେ ଦେଶୀମଦ, ୨ଟି ସ୍ଥାନରେ ବିଦେଶୀ ମଦ, ୫ ଟି ସ୍ଥାନରେ ଗଞ୍ଜେଇ, ୨୦ ଟି ସ୍ଥାନରେ ହାଣ୍ଡିଆ ଓ ଦୁଇଜଣ ବ୍ୟକ୍ତି ଚରସ୍ ବିକ୍ରି କରିଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## କ୍ରିକେଟ ଟୁର୍ନାମେଣ୍ଟ: ମନୋହରପୁର ଚାମ୍ପିୟନ


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ବଡ଼ଗାଁ,୨୦।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲ୍ଲା ବଡ଼ଗାଁ ବ୍ଲକ ସାହାଜବାହାଲ ଗ୍ରାମରେ ଝରୀଆ ଗୌଡ ସମାଜ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ୧୬ ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ମନୋହରପୁର ଓ ଝାରସୁଗୁଡ଼ା ଜିଲ୍ଲାର ବେହେରାମାଲ ମଧ୍ୟରେ ହୋଇଥିଲା। ମନୋହରପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୪ ରନ କରିଥିଲେ। ବେହେରାମାଲ ଟିମ୍ ୮୯ ରନ କରିଥିଲେ। ମନୋହରପୁର ଟିମ୍ ୧୪ ରନରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଝରିଆ ଗୌଡ ସମାଜ ସଭାପତି ସୁରେଶ ବାଗ, ସମ୍ପାଦକ ଟିକେଶ୍ୱର ଭାଇସଲ୍, ଜିଲ୍ଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ମନୋହରପୁର ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ବେହେରାମାଲ ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରିଥିଲେ। ଏହା ସହିତ ମେନ୍ ଅଫ ଦି ମ୍ୟାଚ୍ ଓ ମେନ୍ ଅଫ ଦି ଟୁର୍ନାମେଣ୍ଟ ଭାବେ ଚୟନ ହୋଇଥିବା ମନୋହରପୁର ଟିମ୍‌ର ସୁଶାନ୍ତ ଙ୍କୁ ପୁରସ୍କୃତ କରାଯାଇଥିଲା। ବିନୟ ରାଉତ, ସୁନିଲ ବାଗ, ଖେଳ ପରିଚାଳନା କରିଥିବାବେଳେ ଆୟୋଜତ କମିଟି ସଭାପତି ବିକାଶ ବନଛୁର, ସମ୍ପାଦକ ବିବେକ ବନଛୁରଙ୍କ ସହିତ କର୍ମକର୍ତ୍ତା କାହ୍ନା, ଅମୀୟ, କିରନ, ବବି, ସଞ୍ଜୀବ, ଆଦେଶ, ରୀଙ୍କୁ, ନରେଶ, ରୋହିତ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ହକିର ପ୍ରଚାର ପ୍ରସାର, ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

କୁତ୍ରା,୨୦।୧୧(ଦେବାଶିଷ ସାହୁ)



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ ଝାରବେଡା ଠାରେ ଅବସ୍ଥିତ ଡାଲମିଆ କଲେଜରେ ସୋମବାର ହକିର ପ୍ରଚାର ପ୍ରସାର ଓ ପ୍ରାଥମିକ ଚିକିତ୍ସା ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡା. ହିରନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ ଟପ୍ପୋ, ପିଏଚଇଓ ଭାଦୁଆ ଓରାମ, ରାଜଗାଙ୍ଗପୁର ଗପୋବନ୍ଧୁ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ସାହୁ, ଜେବିଏଚଏସ ସ୍କୁଲର ଶିକ୍ଷା ବିଭାଗର ଅଧାପକ ସୁମନ୍ତ କୁମାର ଦ୍ୱିବେଦି, କୁତ୍ରା ସିଏଚସିର ସ୍ୱାସ୍ଥ୍ୟ କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ରାଜ୍ୟ ସରକାର କରୁଥିବା ହକିର ପ୍ରଚାର ପ୍ରସାର ତାଙ୍କର ଆନ୍ତରିକତା ଓ ଦେଉଥିବା ବିଭିନ୍ନ ସହଯୋଗ ବିଷୟରେ ଆଲୋଚନା କରିଥିଲେ। କଲେଜରେ ହୋଇଥିବା କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୌଣସି ଦୁର୍ଘଟଣା ଘଟିଲେ କିଭଳି ଭାବେ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇ ପାରିବ ସେ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅଧାପିକା ତବସୁମ ବାନୋ ଓ ଲକ୍ଷ୍ମଣ କରଣ ସଭା ପରିଚାଳନା କରିଥିବା ବେଳେ ଅଧାପକ ଆଲୋକ କୁମାର ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ

ସୁନ୍ଦରଗଡ,୨୦।୧୧(ଜୟ ନାରାୟଣ ମେଣ୍ଟୁଲି)


କମ୍ୟୁନିଟି ହଲରେ ଉପସ୍ଥିତ କଂଗ୍ରେସ କମିଟି ସଦସ୍ୟ।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ରବିବାର ସ୍ଥାନୀୟ ମିଶନରୋଡ ସ୍ଥିତ ନିର୍ମଳ ନଗର କମ୍ୟୁନିଟି ହଲରେ ପାଳିତ ହୋଇଯାଇଛି। ଜିଲ୍ଲା ଉପସଭାପତି ଅଜିତ ପ୍ରସାଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିସଭାରେ ପିସିସି କାର୍ଯ୍ୟକାରୀ କମିଟିର ସଦସ୍ୟ ରାଜକିଶୋର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋଚନା କରଥିଲେ। ସେ ଜଣେ ବିଚକ୍ଷଣ, ଦୃଢମନା, ଉଚ୍ଚ କୋଟିର ରାଜନେତା ଥିଲେ। ଯାହାଙ୍କୁ ସାରା ବିଶ୍ୱ ଲୌହ ମାନବୀ ଭାବେ ଜାଣିଥିଲେ। ତାଙ୍କ ପ୍ରଧାନମନ୍ତ୍ରିତ ସମୟରେ ବିଶସୂତ୍ରୀ କାର୍ଯ୍ୟକ୍ରମ,ବ୍ୟାଙ୍କ ଜାତୀୟ କରଣ, ଦେଶରେ ଅନେକ ବଡ ବଡ ଶିଳ୍ପ କାରଖାନା ପ୍ରତିଷ୍ଠା ସହ ବହୁ ଜନହିତକର କାର୍ଯ୍ୟକ୍ରମ ହୋଇଥିଲା। ତାଙ୍କରି ସମୟରେ ବାଙ୍ଗାଲାଦେଶ ଏକ ନୂତନ ରାଷ୍ଟ୍ର ଭାବେ ଗଠନ ହୋଇ ବିଶ୍ୱ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ବୋଲି କହିଥିଲେ। ପିସିସି ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ,ପିସିସି ମହିଳା ସମ୍ପାଦକ ଗେରୋଟୀ ଖେସ, ଜିଲ୍ଲା କଂଗ୍ରେସ କମିଟି କର୍ମକର୍ତ୍ତା ଗୋବିନ୍ଦ ଚନ୍ଦ୍ର ଭୋଇ, ପର୍ଶୁରାମ ସରାଫ, ସଦର ବ୍ଲକ ସଭାପତି ଦୀନବନ୍ଧୁ ନାଏକ, ବାଲିଶଙ୍କରା ବ୍ଲକ ସଭାପତି ସୁଧାଂଶୁ ପଶାୟତ,ରାଜ୍ୟ ସେବାଦଳର ମୁନୁସରାଫ, ଦେବାଶିଷ ଦାସ, ହୋତେଶ୍ୱର ତନ୍ତୀ, ବିକାଶ ରାଓ, ରଞ୍ଜନ ବାର୍ଲା, ଯଶୋବନ୍ତ ଡୁଙ୍ଗଡୁଙ୍ଗ,ଭାଲେରିଆନ ବାଖଲା, ବିଜୟା ବାର୍ଲା, ବିଶା ଏକ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସେବାଦଳ ସଭାପତି ଭୀଷ୍ମଦେବ ସିଂ ଧନ୍ୟବାଦ ଦେଇଥିଲେ।

## ୧୨ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ


ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ସୁନ୍ଦରଗଡ଼,୨୦।୧୧(ଜୟ ନାରାୟଣ ମେଣ୍ଟୁଲି)

ଲେଫ୍ରିପଡା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୫୯ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୩୭ ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ରହିଥିଲା। ୧୨ଟି ଅଭିଯୋଗ ଗୁଡ଼ିକର ତତକ୍ଷଣାତ ସମାଧାନ କରାଯାଇଥିଲା। ସେଥି ମଧ୍ୟରୁ ୨ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ମଧ୍ୟ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ସ୍ୱାସ୍ଥ୍ୟ ସମସ୍ୟା, ଭତ୍ତା, ରାସନ୍ କାର୍ଡ ସମସ୍ୟା, ରାସ୍ତାଘାଟ ମରାମତି, ବିଦ୍ୟୁତ୍ ଯୋଗାଣ ସମସ୍ୟା ଆଦି ରହିଥିଲା। ଶୁଣାଣିରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମନୋଜ ମହାଜନ ତଥା ସମସ୍ତ ଅଧିକାରୀ ଅଧିକାରୀ ଉପସ୍ଥିତ ଥିଲେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ବାର୍ଷିକ ଇଏମ୍‌ଏପି

ରାଜଗାଙ୍ଗପୁର,୨୦।୧୧(ଅଶୋକ ପାଣି)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଏକ ଅଗ୍ରଣୀ ଭାରତୀୟ ସିମେଣ୍ଟ ଉତ୍ପାଦନକାରୀ ତଥା ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସହଯୋଗୀ କମ୍ପାନୀ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ (ଡିସିବିଏଲ୍) ଭୁବନେଶ୍ୱରସ୍ଥିତ ସୋସାଇଟି ଅଫ୍ ଜିଓସାଇଣ୍ଟିଷ୍ଟସ୍ ଆଣ୍ଡ ଆଲାଏଡ ଟେକ୍ନୋଲୋଜିଷ୍ଟସ୍ (ଏସ୍ଜିଏଟି) ସହଯୋଗିତାରେ ଏବଂ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ସହିତ ମିଳିତ ଭାବରେ ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟା ମନ୍ଦିର ସ୍କୁଲଠାରେ ପରିବେଶ-ତଥା-ଖଣିଜ ସଚେତନତା କାର୍ଯ୍ୟକ୍ରମ (ଇଏମ୍‌ଏପି) ଆୟୋଜିତ ହୋଇଯାଇଛି। ରାଜ୍ୟର ଖଣିଜ ସମ୍ପଦ ଥିବା ଅଞ୍ଚଳରେ ବାସ କରୁଥିବା ଜନସାଧାରଣ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି ଏବଂ ଦୀର୍ଘସ୍ଥାୟୀ ଖଣିଜ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ବୀରମିତ୍ରପୁର,ଲାଞ୍ଜିବେର୍ଣ୍ଣା, ଗୋମୋରଡିହି,ରାଜଗାଙ୍ଗପୁର ଅଞ୍ଚଳର ୧୯ଟି ବିଦ୍ୟାଳୟରୁ ମୋଟ ୩୮ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚେତନ ଶ୍ରୀବାସ୍ତବ ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ୍ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ରାଜନ କୁମାର ସାହୁ ମାଇନିଂ ଅଫିସର ରାଉରକେଲା ମାଇନିଂ ସର୍କଲ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହିତ ଉକ୍ତ କାର୍ଯ୍ୟକ୍ରମରେ ଗୁରୁ ଚରଣ ଦାସ, ପ୍ରାକ୍ତନ ନିର୍ଦ୍ଦେଶକ ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ, ସୁଜିତ କୁମାର ମହାନ୍ତି ପ୍ରାକ୍ତନ ମ୍ୟାନେଜର-ଜିଓଲୋଜି ବେଦାନ୍ତ ଲିମିଟେଡ, ଓମପ୍ରକାଶ ରାମରାଓଜୀ ଖେଲକର୍ ମାଇନ୍ସ ହେଡ୍ ଡିସିବିଏଲ, ଡା. ଉଦୟନାଥ ସାହୁ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର-ଜିଓଲୋଜି ଡିସିବିଏଲ୍, ଜୟଦେବ କର ଡିଭିଏମ୍ ରାଜଗାଙ୍ଗପୁର ବିଦ୍ୟାଳୟ ଅଧ୍ୟକ୍ଷ, ଦେବବ୍ରତ ପ୍ରଧାନ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ) ର ଅଧ୍ୟକ୍ଷଙ୍କ ସହିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଖଣି ଖନନ ସ୍ଥଳ ଏବଂ ଖଣିଜ ଶିଳ୍ପକୁ ଗସ୍ତ କାର୍ଯ୍ୟକ୍ରମ ଥିଲା। ଯେଉଁଠାରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଉଦ୍ଭିଦ, ପଥର, ଧାତବ ପଥର ଏବଂ ଖଣିଜ ପଦାର୍ଥ ଆଦି ଚିହ୍ନଟ କରିବା ଶିଖିଥିଲେ ଏବଂ ତାହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତାକୁ ଅଧିକ ନିବିଡ କରିବା ଉଦ୍ଦେଶ୍ୟରେ ପ୍ରବନ୍ଧ ଲିଖନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପ୍ରବନ୍ଧ ଲିଖନ, ନମୁନା ଚିହ୍ନଟ ଏବଂ କୁଇଜ ପ୍ରତିଯୋଗିତା ଆଦିର ସାମଗ୍ରିକ ପ୍ରଦର୍ଶନ ଆଧାରରେ ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ସେଣ୍ଟର ରାଜଗାଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଥିଲା ଏବଂ ଡାଲମିଆ ବିଦ୍ୟା ମନ୍ଦିର ରାଜଗାଙ୍ଗପୁର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର ବୀରମିତ୍ରପୁର ତୃତୀୟ ସ୍ଥାନ ହାସଲ କରିଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ସମ୍ପର୍କରେ ମତଦେଇ ଚେତନ ଶ୍ରୀବାସ୍ତବ କହିଥିଲେ, ଡାଲମିଆ ସିମେଣ୍ଟରେ ପରିବେଶ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା କାର୍ଯ୍ୟାନ୍ୱୟନ ଆମର ସମସ୍ତ କାର୍ଯ୍ୟକଳାପର ମୂଳ ଲକ୍ଷ୍ୟ ହୋଇଛି। ଏକ ଚଳଚଞ୍ଚଳ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ନିମନ୍ତେ ଦୀର୍ଘସ୍ଥାୟୀ କାର୍ଯ୍ୟାଭ୍ୟାସକୁ ଗ୍ରହଣ କରିବା ସର୍ବାଧିକ ଗୁରୁତ୍ୱ ଲାଭ କରୁଛି। ଏହିଭଳି ପ୍ରୟାସ ସମୂହ ଜରିଆରେ ଆମେ ଆମର ପରିବେଶ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ଦିଗରେ ପରବର୍ତ୍ତୀ ପିଢିଙ୍କୁ ପ୍ରେରଣା ଦେବା ଏବଂ ଯୁବ ମାନସିକତା ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ ବୋଲି ସେ କହିଥିଲେ।


ବିକାଶର ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।


ବରଗଡରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

# କ୍ରୀଷ୍ଟା ବିକାଶ ମଣିଷ ତିଆରି କାରଖାନା: କେନ୍ଦ୍ର ମନ୍ତ୍ରୀ

**ବରଗଡ଼,୨୦।୧୧(ପ୍ରେମାନନ୍ଦ ଖମାରୀ)**

**କ୍ରୀଷ୍ଟା ବିକାଶର ବାର୍ଷିକୋତ୍ସବ ଇଲେକ୍ଟ୍ରା**

ବରଗଡ଼ କ୍ରୀଷ୍ଟା ବିକାଶର ୨୧ତମ ବାର୍ଷିକୋତ୍ସବ ଇଲେକ୍ଟ୍ରା ୨୦୨୩-୨୪ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କ୍ରୀଷ୍ଟା ବିକାଶ ଅନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। ଏହା ଏକ ମୁକ୍ତ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ଉଚିତ୍। ଜୀବନରେ କେବଳ ଶିକ୍ଷା ନୁହେଁ ବରଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସମୃଦ୍ଧି କ୍ଷେତ୍ରରେ ଯୋଗଦାନ କରିବାକୁ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟରେ ସ୍ୱାଧୀନତାର ଅମୃତକାଳରେ ଭାରତକୁ ବୈଭବ ଓ ସମୃଦ୍ଧିର ଚରମସୀମାରେ ପହଞ୍ଚାଇବାକୁ ହେଲେ ଛାତ୍ରୀଛାତ୍ରମାନଙ୍କୁ ସକାରାତ୍ମକ ଭାବନାରେ ପରିଚାଳିତ ହେବାକୁ ପଡ଼ିବ ବୋଲି ମତ ଦେଇଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଦାଶରୀ ମୁରଲୀ କ୍ରୀଷ୍ଟା ନିଜ ଅଭିଭାଷଣରେ ବାର୍ଷିକୋତ୍ସବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତି ପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ଆହୁରି କହିଥିଲେ, ଦୀର୍ଘ ୨୧ ବର୍ଷର କ୍ରୀଷ୍ଟା ବିକାଶର ଏହି ଯାତ୍ରାରେ ଛାତ୍ରୀଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା, ପ୍ରତି ଶନିବାର ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ବିଭିନ୍ନ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ସହିତ ରାଜ୍ୟ ତଥା ଜାତୀୟ ସ୍ତରରେ କ୍ରୀଡ଼ା, କଳାକ୍ଷେତ୍ରରେ ଛାତ୍ରୀଛାତ୍ରୀମାନେ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ବୋଲି କ୍ରୀଷ୍ଟା କହିଥିଲେ। କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସପାଲ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ନରେ ବାର୍ଷିକୋତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସପାଲ ଶିଶିର ପ୍ରସାଦ ରାଉଳ ଓ କ୍ରୀଷ୍ଟା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବରଗଡ଼ ସିମେଣ୍ଟ ୱାର୍କସ ଏସିସି ଲିମିଟେଡ୍, ଅଦାନି ଗ୍ରୁପ୍‌ର ପ୍ଲାଣ୍ଟ ମ୍ୟାନେଜର ସୁନିଲ୍ କୁମାର ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ, ସାଧୁତା, ଏକାଗ୍ରତା ଦ୍ୱାରା ଜୀବନରେ ସଫଳତା ମିଳିଥାଏ ବୋଲି ମତ ଦେଇଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନୂତନ ଲୋଗୋ ଉନ୍ମୋଚନ କରିଥିଲେ। ଏହି ଅବସରରେ କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ନୂତନ ସମ୍ବଲପୁରୀ ଗୀତ ଉନ୍ମୋଚିତ ହୋଇଥିଲା। ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟ ସିବିଏସ୍‌ଇ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

**ଦେବଗଡ଼,୨୦।୧୧(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ବିଜୟନଗର ପଞ୍ଚାୟତ ସଦର ମହକୁମାରେ ଥିବା ନୌକୁଲ ଆଦିବାସୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ସାମଲଙ୍କ ଅଧ୍ୟତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସୁବର୍ଣ୍ଣ ଜୟନ୍ତୀ ସମାରୋହର ସଭାପତି ଚୌଧୁରୀ ବେହେରା, ଉପ ସଭାପତି ବେଣୁଧର ସାହୁ ଓ ପର୍ଶୁରାମ ବେହେରା, ସମ୍ପାଦକ ସାରଙ୍ଗଧର ଦେହୁରୀ, ସହ ସମ୍ପାଦକ ପ୍ରମୋଦ ଗଡନାୟକ, କୋଷାଧ୍ୟକ୍ଷ ଉମ୍ବରୁଧର ସେଠୀ, ମିଡିଆ ସେଲ ସଂଯୋଜକ ଟିକେଶ୍ୱର ଗୁରୁ, ଅଭ୍ୟର୍ଥନା କମିଟି ସଭାପତି ଲଳିତ ମୋହନ ପ୍ରଧାନ ଓ ବିଜୟନଗର ଗ୍ରାମ କମିଟି ସଭାପତି ନଟବର ଦତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୨୦ରେ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏହି ଅବସରରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିପରି ଆଗାମୀ ୨୫ ତାରିଖ ଦିନ ବିଜୟନଗର ସ୍ଥିତ ମା' ଶରଣୀପାଟଙ୍କ ମନ୍ଦିର ପରିସରରେ ବିଦ୍ୟାଳୟର ପୁରାତନ ଛାତ୍ର, ଅଭୀଭାବକ ଓ ଶିକ୍ଷକ ଓ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କୁ ନେଇ ଏକ ସାଧାରଣ ସଭା ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ସୁଗୁଡ଼ା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ମେଳା

**ଦେବଗଡ଼,୨୦।୧୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସଦର ମହକୁମା ସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାମେଶ୍ୱର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ବିଜ୍ଞାନ ନିରୀକ୍ଷିକା ଇପସିତା ପଟ୍ଟନାୟକ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଜୟ କୁମାର ପ୍ରଧାନ, ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଓ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ବିଜ୍ଞାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହିମାଂଶୁ ଶେଖର ଦେହୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ଦୀପିକା ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀ ମେଳାରେ ମୋଟ ୩୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଶ୍ରେଷ୍ଠ ୫ ଜଣ କୁନି ବୈଜ୍ଞାନିକଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ମେଳା ଆୟୋଜନରେ ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ, ପିଣ୍ଟୁ ସାହୁ, ତ୍ରିବେଣୀକାନ୍ତ ସାହୁ, ପରମେଶ୍ୱର ସିଂ ଓ ରଶ୍ମିତା ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସମାଜ ପାଇଁ ଜରୁରୀ

**କୁଚିଣ୍ଡା,୨୦।୧୧(ବିରଞ୍ଚି ଦର୍ଶୀ):**

କୁଚିଣ୍ଡା ମହାବିଦ୍ୟାଳୟ ବିଜ୍ଞାନ ପରିଷଦ ପକ୍ଷରୁ ସୋମବାର ବିଜ୍ଞାନ ମେଳା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼. ଅମିୟ କୁମାର ପାତ୍ର, ଡ଼. ସୁମନ୍ତ କୁମାର ପଟେଲ ଯୋଗଦେଇ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସମାଜ ପାଇଁ ଅତି ଜରୁରୀ ବୋଲି କହିଛନ୍ତି। ଏହି ମେଳାରେ ଉଭୟ ଯୁକ୍ତଦୁଇ ଓ ଯୁକ୍ତତିନିର ୧୩ ଗୋଟି ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଅଧ୍ୟାପିକା ମଞ୍ଜୁଶ୍ରୀ ଦାଶ ସ୍ୱାଗତ ଭାଷଣ ଦେବାସହ ବିଜ୍ଞାନ ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଯୁକ୍ତ ୨ ଛାତ୍ରୀ ଶତୋ କୁମାରୀ, ସଙ୍ଗୀତା ମୁଣ୍ଡା, ପ୍ରାଚୀ ବେହେରା, ସ୍ୱସ୍ତିଦୀପା ଜେନା, ପ୍ରିୟାନି ସାହୁ, ଜ୍ୟୋତିର୍ମୟୀ ବେହେରା ଏବଂ ଯୁକ୍ତ୩ ଛାତ୍ର ଆଶୀର୍ବାଦ ଶତପଥୀ, ସୁବ୍ରତ ବାଗ, ଡୋଲାମଣି ଠାକୁର, ଛାତ୍ରୀ ଅର୍ପିତା ବେହେରା, ରାକ୍ଷୀ ଅର୍କ, ଲିପି ନାୟକଙ୍କ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲା। ଶେଷରେ ପ୍ରାଧ୍ୟାପିକା ସୁଭଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରଙ୍ଗୋଲି ପକ୍ଷରୁ ଭଏସ୍ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା



ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ସମ୍ବଲପୁର,୨୦।୧୧ (ଭବାନୀ ଶଙ୍କର ଭୋଇ)**

ରଙ୍ଗୋଲି ସଂଗୀତ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ୧୩ ତମ ଭଏସ୍ ଅଫ ୱେଷ୍ଟର୍ଣ୍ଣ ଓଡ଼ିଶା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ବରଗଡ, କଳାହାଣ୍ଡି, ସୋନପୁର, ଝାରସୁଗୁଡା ଆଦି ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଗୌରୀଶଙ୍କର ସୋନି, ତ୍ରିଲୋଚନ ତ୍ରିପାଠୀ ଏବଂ ଅଶୋକ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ସୁମନ ଅଧିକାରୀ, ଏମ ଶ୍ରୀନୁ ଦାସ ଓ କମଲେଶ ଚକ୍ରବର୍ତ୍ତି ବିଚାରକ ଥିଲେ। ପ୍ରତିଯୋଗିତାରେ ଅଦ୍ୱେତ ମିଶ୍ର ପ୍ରଥମ ହୋଇଥିବା ବେଳେ ଅଙ୍କିତ କୁମାର ଷଡଙ୍ଗୀ ରନର୍ସ ଅପ ହୋଇଥିଲେ। ପ୍ରତିଯୋଗିତାରେ ତପସ୍ୱିନୀ ଦାସ ଦର୍ଶକଙ୍କ ପସନ୍ଦ ଭାବେ ଚୟନ ହୋଇଥିଲେ। ଏହି ଅବସରରେ ବିଶିଷ୍ଟ ଗାୟକ ଟି. ଏସ୍. ମଣିଙ୍କୁ ମାନପତ୍ର ଓ ଉପଢୋକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଦ୍ୟାଳୟରେ ଫୁଟ୍‌ବଲ ପ୍ରତିଯୋଗିତା

**ଦେବଗଡ଼,୨୦।୧୧(ଶଶାଙ୍କ ଶେଖର ଝାଙ୍କର )**

ବାରକୋଟ ବ୍ଲକ ସଦର ମହକୁମରେ ଥିବା ଡଁରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅଧିନରେ ସୋମବାର ଅନୁଷ୍ଠାନର ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଯାତ୍ରାକର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସକ୍ରୀୟ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ, ଜିଲାରେ ଅଧିକରୁ ଅଧିକ ଫୁଟ୍‌ବଲ ଖେଳାଳି ସୃଷ୍ଟି ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରୁ ମନୋନୀତ ଖେଳାଳୀମାନେ ଜିଲା ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

# ତୁଳସୀ ଟଇଲା ଚାମ୍ପିୟନ



**ଦେବଗଡ଼,୨୦।୧୧(ଶଶାଙ୍କ ଶେଖର ଝାଙ୍କର)**

**ହକି ପ୍ରତିଯୋଗିତା ଉଦ୍‌ଯାପିତ**

ରିଆମାଳ ବ୍ଲକ ନୂଆଡିହୀ ପଞ୍ଚାୟତ ଅନ୍ଧାରୀଖୋଲ ଗ୍ରାମରେ ବିର୍ସା ମୁଣ୍ଡା ଜୟନ୍ତୀ କମିଟି ଆନୁକୂଲ୍ୟରେ ଗତ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ୬ ଦିନିଆ ହକି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଚାନ୍ଦିପୋଶି ହକି ଦଳକୁ ଟାଇବେକର ସହାୟତାରେ ପରାସ୍ତ କରି ତୁଳସୀ ଟଇଲା ହକି ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରାମ ମୁଣ୍ଡା ଓ କାଣ୍ଡେମୁଣ୍ଡା ପରିଚାଳନା କରିଥିଲେ। ସଂଧ୍ୟାରେ ବିର୍ସା ମୁଣ୍ଡା ଜୟନ୍ତୀ କମିଟିର ସଭାପତି ପାଣ୍ଡୁ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ, ସମ୍ମାନୀତ ଅତିଥି ଭାବେ ମନମୋହନ ମହାକୁଳ, କୃଷ୍ଣ ଭାଇ ଓ ବିଷ୍ଣୁ ଭାଇ ଯୋଗଦେଇ ଚାମ୍ପିୟନ ତୁଳସୀଟଇଲା ହକି ଦଳକୁ ପୁରସ୍କାର ଭାବେ ଏକ ଖାସି ପ୍ରଦାନ କରିଥିଲେ। ପ୍ରଶାନ୍ତ ପ୍ରତିଯୋଗିତା ଆୟୋଜନରେ ତୁରୀ ମୁଣ୍ଡା, ସୁଶାନ୍ତ ମୁଣ୍ଡା ଓ ଚୁନୁ ମୁଣ୍ଡା ପ୍ରମୁଖ ସକ୍ରିୟ ସହ ଯୋଗ କରିଥିଲେ। ଶେଷରେ ବିର୍ସା ମୁଣ୍ଡା ଜୟନ୍ତୀ କମିଟିର ସମ୍ପାଦକ ମାଙ୍ଗରା ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାର ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଘେରାଉ

**ରେଙ୍ଗାଲି,୨୦।୧୧(ଦେବବ୍ରତ ପଣ୍ଡା):**

ରାଜ୍ୟ ସରକାରଙ୍କ ବିରୋଧରେ ସୋମବାର ଭାଜପା ପକ୍ଷରୁ ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ରେଙ୍ଗାଲି ମହାବିଛକଠାରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଯୁବନେତା ଉତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ଉପସଭାପତି ରବି ନାୟକ, ଶାସନ ମଣ୍ଡଳ ସଭାପତି ପ୍ରଶାନ୍ତ ବାରିକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ଜିଲା ଉପସଭାପତି ବେଣୁଧର ପ୍ରଧାନ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ପାଣି, ଲଇଡା ମଣ୍ଡଳ ସଭାପତି ପ୍ରକାଶ ପୁଷ୍ଟି, ନିଶାନଭଙ୍ଗା ସରପଞ୍ଚ ସରୋଜ ମେହେର ପ୍ରମୁଖ ଯୋଗଦେଇଥିଲେ।

# ଭାଜପାର ବ୍ଲକ କାର୍ଯ୍ୟାଳୟ ଘେରାଉ

**ପଡିଆବାହାଲ,୨୦।୧୧ (ରାଧାମୋହନ ଷଡ଼ଙ୍ଗୀ):**

ରାଜ୍ୟ ସରକାରଙ୍କ ବିରୋଧରେ ସୋମବାର ଭାଜପା ପକ୍ଷରୁ ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରେଢାଖୋଲ ବିଧାନସଭା କ୍ଷେତ୍ରର ଗତଥର ବିଧାୟକ ପ୍ରାର୍ଥୀ ଥିବା ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତାମାନେ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଯୁଯୁମୁରା ମଣ୍ଡଳ ସଭାପତି ଓମ୍ ପ୍ରକାଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓବିସି ରାଜ୍ୟ ଭାଜପା ମୋର୍ଚ୍ଚା ସମ୍ପାଦିକା ସସ୍ମିତା ଦେହୁରି, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ କୁମାର ପ୍ରଧାନ, ଜୟନ୍ତପୁର ସମିତି ସଭ୍ୟା ଅନିତା ପ୍ରଧାନ, କବରାପାଲି ସମିତି ସଭ୍ୟା ବନିତା ଓରାମ, ଟାମ୍ପରଗଡ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ରାଉଳ, କୁକୁଡାପାଲି ସମିତି ସଦସ୍ୟା ମଣିପ୍ରିୟା ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଲାଲମୋହନ ବୁଡେକ ଆନ୍ଦୋଳନକାରୀଙ୍କୁ ଭେଟି ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ।

# ଓଡ଼ିଶା ରାଜ୍ୟ ଚକ୍ଷୁ ସମ୍ମିଳନୀ

**ସମ୍ବଲପୁର,୨୦।୧୧ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବସନ୍ତପୁରସ୍ଥିତ ଆଇଆଇଏମ୍ ପରିସରରେ ଗତ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ୩୯ତମ ଓଡ଼ିଶା ରାଜ୍ୟ ଚକ୍ଷୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ତିନିଦିନିଆ ସମ୍ମିଳନୀରେ ସିଙ୍ଗାପୁର ସମେତ ଦେଶ ଓ ରାଜ୍ୟର ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ସାମିଲ ହୋଇ ଆଖି ସମ୍ପର୍କିତ ବିଭିନ୍ନ ରୋଗ ବିଷୟରେ ମତ ବିନିମୟ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉତ୍ତରାଞ୍ଚଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଭିସୁର୍‌ର ପ୍ରଫେସର ଦେବଦତ୍ତ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଆୟୋଜକ କମିଟି ମୁଖ୍ୟ ଭାବରେ ପ୍ରଫେସର ଗୁଣସାଗର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କମିଟି ସମ୍ପାଦକ ଡା. ପ୍ରମୋଦ କୁମାର ଶର୍ମା, ବୈଜ୍ଞାନିକ କମିଟି ମୁଖ୍ୟ ଡ. ଶର୍ମିଷ୍ଠା ବେହେରା ପରିଚାଳନା କରିଥିଲେ। ରାଜ୍ୟ ଚକ୍ଷୁ ସଂଘର ବିଦାୟୀ ସଭାପତି ପ୍ରଫେସର ଜୟଶ୍ରୀ ଦୋରା, ବର୍ତ୍ତମାନର ସଭାପତି ଡ. ସୁବଳ କିଶୋର କର, ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ସମ୍ମିଳନୀ ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ଡା. ସୁରେଶ ଚନ୍ଦ୍ର ଦାନି ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଡା. ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ଓଡ଼ିଶା ରାଜ୍ୟ ଚକ୍ଷୁ ସମ୍ମିଳନୀର ଅତିଥିବୃନ୍ଦ।

# ଜିଲା ସ୍ତରୀୟ ମତ୍ସ୍ୟ,ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

**ଦେବଗଡ଼,୨୦।୧୧(ଶଶାଙ୍କ ଶେଖର ଝାଙ୍କର )**



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବଡବଗିଚା ଠାରେ ରବିବାରଠାରୁ ଆରମ୍ଭ ହୋଇଥିବା ୨ଦିନିଆ ଜିଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ସଂଧ୍ୟାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ରଞ୍ଜନ ରାଉତଙ୍କ ସଭାପତିତ୍ୱ ଓ ପ୍ରଯକ୍ତି ପ୍ରିୟଦର୍ଶୀନୀ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବରେଣ୍ୟ ଅତିଥିଭାବେ ଜିଲା ପରିଷଦର ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ଭୁବନେଶ୍ୱର ସ୍ଥିତ ଓଡିଶା ଜୈବିକ ଟୀକା ଉତ୍ପାଦନ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ଜେନା ମଞ୍ଚାସୀନ ରହି ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଓ ରାଜ୍ୟର ଚାଷୀଙ୍କ ସମୃଦ୍ଧି ନିମନ୍ତେ ଏହି ମେଳା ଆୟୋଜିତ ହେଉଥିବା ପ୍ରକାଶ କରିବାସହ ଏହି ମେଳା ମାଧ୍ୟମରେ ଚାଷୀ ମାନେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହେବାସହ ଯୋଜନା ଗୁଡିକର ସୁଯୋଗ ହାସଲ କରି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଫଳ ମତ୍ସ୍ୟ ଉଦ୍ୟୋଗୀ ପଞ୍ଚାନନ ସାହୁ, ସଫଳ ମାଛ ଯାଆଁଳ ଉତ୍ପାଦନକାରୀ ଦିବ୍ୟଜ୍ୟୋତି ପ୍ରଧାନ, ମତ୍ସ୍ୟ ପୋଖରୀ ଯୋଜନାରେ ମାଛ ଚାଷ କରିଥିବା ମମତା ବେହେରା ଓ ଜ୍ଞାନଜ୍ୟୋତି ସ୍ୱୟଂ ସହାୟିକା ଗୋଷ୍ଠୀକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଗୋପାଳନ ନିମନ୍ତେ ସତ୍ୟବ୍ରତ ଜିତ ଓ ଛେଳି ପାଳନ ନିମନ୍ତେ ମନୋଜ କୁମାର ସାହୁଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶ୍ରେଷ୍ଠ ଗାଈ ପାଇଁ ବେଣୁଧର ଗଡନାୟକ ଓ ଶ୍ରେଷ୍ଠ ବାଛୁରୀ ପାଇଁ ପରମେଶ୍ୱର ସାହୁଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପିତ ୨ ଦିନିଆ ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ବିଭାଗରେ ୪ଟି, କୃଷି ବିଭାଗର ୨ଟି, ପ୍ରାଣୀ ସମ୍ପଦ ବିଭାଗର ୬ଟି, ଜିଲା ଶିଳ୍ପ କେନ୍ଦ୍ରର ୨ଟି, ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ୪ଟି, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପ୍ରକଳ୍ପ ପକ୍ଷରୁ ୨ଟି, ଆପିକଲ ପକ୍ଷରୁ ୨, ଓମଫେଡ ପକ୍ଷରୁ ୪ଟି ଷ୍ଟଲ ସମେତ ମୋଟ ୩୦ଟି ଷ୍ଟଲ ଖୋଲାଯାଇଥିଲା। ଶେଷରେ ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଦାଦନ ଶ୍ରମିକ ନିଖୋଜ, ପରିବାର ଥାନାର ଦ୍ୱାରସ୍ଥ

ନୂଆପଡ଼ା,୨୦।୧୧(ମକାରୁ ବେମାଲ)



ନୂଆପଡା ଜିଲା କୋମନା ଥାନା ଦାନୋଝଲା ଗାଁର ଦାଦନ ଶ୍ରମିକ ବିନୋଦ ମହାନନ୍ଦ ନିଖୋଜ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଗତ କିଛି ମାସ ତଳେ ଉକ୍ତ ଗାଁର ଉପେନ୍ଦ୍ର ମହାନନ୍ଦଙ୍କ ପୁଅ ବିନୋଦ ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୧୬ ତାରିଖରେ ବିନୋଦ ଟ୍ରେନ୍‌ରେ ଘରକୁ ଫେରୁଥିଲେ। ତା'ପରଦିନ ସକାଳେ ବଲାଙ୍ଗୀର ଜିଲା ଲାଠୋର ଷ୍ଟେଶନରେ ସେ ଓହ୍ଲାଇଥିବା ତାଙ୍କ ସାଥୀମାନେ କହିଛନ୍ତି। କିନ୍ତୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ବିନୋଦ ଘରକୁ ଫେରିନାହାନ୍ତି। ବର୍ତ୍ତମାନ ବିନୋଦଙ୍କ ଫୋନ ଲାଗୁ ନ ଥିବାରୁ ପରିବାର ଲୋକେ ଆଶାଆଶଙ୍କାରେ ରହିଛନ୍ତି। ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରିଥିଲେ ବି କୌଣସି ପତ୍ତା ମିଳି ନ ଥିବା କହିଛନ୍ତି। ଶେଷରେ ପରିବାର ଲୋକେ କୋମନା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନିଖୋଜ ଦାଦନ ଶ୍ରମିକଙ୍କୁ ଖୋଜି ଆଣିବାକୁ ଜିଲା ପୋଲିସ ପ୍ରଶାସନ ନିକଟରେ ଶ୍ରମିକଙ୍କ ବାପା ଉପେନ୍ଦ୍ର ମହାନନ୍ଦ, ଭିଣୋଇ ଅର୍ଜୁନ ସୁନାନୀ, ଗଣ୍ଡାମେର ସମିତି ସଭ୍ୟ କେଶବ ନିଆଲ, ନେତା ଅଜୟ ଗହୀର ପ୍ରମୁଖ ଦାବି କରିଛନ୍ତି।

### ଖଡ଼ିଆଳ ଗଜଲକ୍ଷ୍ମୀ ପୂଜା କମିଟିର ବୈଠକ

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପୁରୁପଡା ଖେଳ ପଡିଆଠାରେ ଲକ୍ଷ୍ମୀପୂଜା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦେଇଥିଲେ। ଚଳିତବର୍ଷ ପୂଜା କାର୍ଯ୍ୟକ୍ରମର ସହ ଆଗାମୀ ବର୍ଷ ଗଜଲକ୍ଷ୍ମୀ ପୂଜା ଆହୁରି ଆଡମ୍ବର ସହିତ ପାଳନ ହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିରେ କମିଟି ସଭାପତି ଖଡ଼ିଆଳ ବିଧାୟକ ପାଣିଗ୍ରହୀ, ନଗରପାଳ ଗୁପ୍ତା, ଆଶୁତୋଷ ଯୋଶୀ, ଆଶିଷ ମୁଣ୍ଡ, ପ୍ରଦୀପ ମହାନା, ବିଦ୍ୟୁତ ପ୍ରକାଶ ମୁଣ୍ଡ, ଅରବିନ୍ଦ ଯୋଶୀ, ସୁନୀଲ କୁମାର ନାଗ, ଦୁର୍ବା ରଞ୍ଜନ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ଦାବି ନେଇ ଭାଜପାର ବ୍ଲକ ଘେରାଉ

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭାଜପା ପକ୍ଷରୁ ରାଜ୍ୟ ସରକାର ଦୁର୍ନୀତି, ଭ୍ରଷ୍ଟାଚାର ଓ ପିସି କାରବାର ଅଭିଯୋଗ କରି ବ୍ଲକ ଘେରାଉ କରାଯାଇଛି। ଜିଲା ଭାଜପା ସଭାପତି ସୁବ୍ରତ ଠାକୁରଙ୍କ ନେତୃତ୍ୱରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବଦେବ ସିଂଦେବ, ଜିଲା ବରିଷ୍ଠ ସଦସ୍ୟ ପୃଥ୍ୱୀରାଜ ମହାନ୍ତି, ଅଜିତ କିଶୋର ଚଳାନ, ସୁନୀଲ କୁମାର ନାଗ ପ୍ରମୁଖ ଯୋଗଦେଇ ବ୍ଲକ ଅଫିସ ଆଗରେ ଗର୍ଜିଛନ୍ତି। ବିଭିନ୍ନ ପ୍ରସଙ୍ଗ ନେଇ ବିଡିଓ ବିରସେନ ବେହେରାଙ୍କୁ ଘେରିଥିଲେ। ଘରାଉ ସମୟରେ ଶତାଧିକ ଭାଜପା କର୍ମୀ ଯୋଦେଇଥିଲେ।

### କାର୍ତ୍ତିକ ପୁରାଣ ପାଇଁ କଳସ ଯାତ୍ରା

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଦର୍ପଣ ସାଗର ପଡାରେ କାର୍ତ୍ତିକ ପୁରାଣ ପାଇଁ ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦର୍ପଣ ସାଗର ପଡାରୁ କଳସ ଯାତ୍ରା ବାହାରି ପୁରୁଷୋତ୍ତମ ସାଗର ନିକଟରେ ପହଞ୍ଚି ପୂଜାର୍ଚ୍ଚନା ପରେ ପୁଣି ଦର୍ପଣ ସାଗର ପଡାରେ ପହଞ୍ଚିଥିଲ। କଳସ ଯାତ୍ରାରେ ଦର୍ପଣ ସାଗର ପଡା ସମେତ ଆଖପାଖ ଅଞ୍ଚଳର ମହିଳା ସାମିଲ ହୋଇଥିଲେ। ଚଳିତବର୍ଷ କାର୍ତ୍ତିକ ପୂଜା ଦ୍ୱିତୀୟ ବର୍ଷ ପାଳନ କରୁଛି। ଏହି ପୂଜା ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସାତଦିନ ଧରି ଏଠାରେ କାର୍ତ୍ତିକ ପୁରାଣ ପଢାଯିବ। ଚଳିତବର୍ଷ କର୍ତ୍ତା ଭାବେ ଭବାନୀ ଶଙ୍କର ସିଂ ଦେଓ ଓ ଶାନ୍ତିଲତା ସିଂ ଦେଓ କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଭାବେ ଶ୍ରୀନିବାସ ମୁଣ୍ଡ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି।

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

ନୂଆପଡ଼ା,୨୦।୧୧(ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳା ଉଦଘାଟନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ନିମନ୍ତେ କରାଯାଇଥିବା ଯୋଜନା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବ ଓ ସେମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ନୂଆପଡା ଆରକ୍ଷୀ ଅଧୀକ୍ଷକ ଜିଆର ରାଘବେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନକୁ ବ୍ୟବସାୟ ଭିତିରେ ଗ୍ରହଣ କରି ବେକାରୀ ସମସ୍ୟା ଦୂର କରାଯାଇ ପାରିବ ବୋଲି କହିଥିଲେ। ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି ଯୋଗଦେଇ ମହିଳାମାନେ ମତ୍ସ୍ୟ ଓ ପ୍ରାଣୀ ପାଳନ କରି ସ୍ୱାବଲମ୍ବୀ ହୋଇ ପାରିବେ। ସେମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଯାଉ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ସେଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମେଳାରେ ବିଶେଷ ଅକର୍ଷଣ



ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

ସ୍ୱରୂପ ଜୀବନ୍ତ ମତ୍ସ୍ୟ ଓ ବିଭିନ୍ନ ପ୍ରାଣୀଙ୍କ ପ୍ରଦର୍ଶନୀ ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୧୪ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜିଲାସ୍ତରୀୟ ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ଗୋ-ପୂଜା କାର୍ଯ୍ୟକ୍ରମ ଓ ଗୋ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଣୀ ପାଳନ କରୁଥିବା ୪ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସଫଳ କୁକୁଡା ଚାଷୀ ଭାବେ କୋମନା ବ୍ଲକର ହରିକେଶ ଜାଲ ଓ ସନ୍ତୋଷ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସଫଳ ଛେଳି ଚାଷୀ ଭାବେ ନୂଆପଡା ବ୍ଲକର ପ୍ରେମଲାଲ ନାଏକ ଓ ମାଛ ଚାଷୀ ଭାବେ ସିନାପାଲି ବ୍ଲକ ହୀରାଲାଲ ସାଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍ୟୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଦୁଗ୍ଧ ଉଦ୍ୟୋଗ ପ୍ରତିଷ୍ଠା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଚାଷୀ ଓ ବିଶେଷ୍ୟଜ୍ଞମାନଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବାସୁଦେବ ସୁନାନୀ (ମାନିଗୁଡା) ଯୋଗଦେଇ ପଶୁ ପାଳନ ଉପରେ ବିଷଦ ଭାବେ ଆଲୋକପାତ କରିଥିଲେ। ଜିଲାରେ ଅଣ୍ଡା ଉତ୍ପାଦନ ବୃଦ୍ଧି କରିମବା ପାଇଁ ବିଭିନ୍ନ ଯୋଜନା, ସରକାରୀ ସହାୟତା ତଥା ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡାର ଉପାଦେୟତା ବିଷୟରେ ବିଭାଗୀୟ ବିଶେଷ୍ୟଜ୍ଞ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସାରଦା ପ୍ରସାଦ ସିଂ ବରିହା ମତବ୍ୟକ୍ତ କରିଥିଲେ। ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.କିଶୋର କୁମାର ସାହ, ଡା. କୃଷ୍ଣଚନ୍ଦ୍ର ମଲ୍ଲିକ, ଜିଲ ଉପନିର୍ଦ୍ଦେଶକ ଡା କେ. ପ୍ରାର୍ଥ ସାରଥୀ ଦୋରା, ସଦର ପ୍ରାଣୀ ଚିକତ୍ସକ ଡା. ସତ୍ୟରଞ୍ଜନ ବାରିକ, ରଞ୍ଜନ ମଣ୍ଡୀ ଶବରଦ, ବବୁ ଖାନ, ମିଟୁ ମଟାରୀ, ସଞ୍ଜୟ କାଣ୍ଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମା' ହୀରାନୀଳା ଡିଗ୍ରୀ ମହାବିଦ୍ୟାଳୟରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଲାଞ୍ଜିଗଡ଼,୨୦।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ମା' ହୀରାନୀଳା ଡ଼ିଗ୍ରୀ ମହାବିଦ୍ୟାଳୟ ତତ୍କାଳୀନ ଅଧକ୍ଷ ରମେଶ ଚନ୍ଦ୍ର ସାହୁ ୧ କୋଟି ୨୩ ଲକ୍ଷ ୯୮ ହଜାର ଟଙ୍କା ହେରଫେର କରିଛନ୍ତି। କଲେଜର ଗରିବ ଛାତ୍ରୀଛାତ୍ରଙ୍କ ନାମ ଲେଖା ଓ ଫର୍ମ ପୂରଣ, ରିଆଡ଼ମିଶନ ବାବଦକୁ ଆସିଥିବା କୋଟି କୋଟି ଟଙ୍କା ସେ ହଡପ କରିଥିବା ଅଭିଯୋଗ ଥିବା ବେଳେ କଲେଜରେ ଚାକିରି କରାଇ ଦେବା ନାମରେ ଟଙ୍କା ଠକେଇ, ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସେ ଦୁଇ ଥର ଜେଲ ଯାଇଥିଲେ। ସେହିପରି ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ କଲେଜର ଅର୍ଥ ହରଫେର ସମ୍ପର୍କରେ ସତନ୍ତ୍ର ଅଡିଟ କରାଯାଇଥିଲା। ଏଥିରେ ୧ କୋଟି ୨୩ ଲକ୍ଷ ୯୮ ହାଜର

**ଅଭିଯୋଗ ଆଣିଲା ହୀରାନୀଳା ସଂଗ୍ରାମ ସମିତି**

ଟଙ୍କା ହେରଫେର ହୋଇଥିବା ସାମ୍ନାକୁ ଆସିଥିଲା। ଅନ୍ୟ ଅଭିଯୋଗରେ ସାହୁ ୨ଥର ଜେଲ ଯାଇଥିବା ବେଳେ ଆର୍ଥିକ ହେରଫେର ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ସୋମବାର ବିଶ୍ୱନାଥପୁରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ମା' ହୀରାନୀଳା ସଂଗ୍ରାମ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସାହୁଙ୍କ ନାଁରେ ଅନେକ ଅଭିଯୋଗ ଥିବା ବେଳେ ତାଙ୍କ ବିରୋଧରେ ପ୍ରଶାସନ ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ତାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏହାକୁ ନେଇ ମହାବିଦ୍ୟାଳୟରେ ଶିକ୍ଷାର ବାତାବରଣ ନଷ୍ଟ ହେଉଥିବା ବେଳେ ଜନଅସନ୍ତୋଷ ବୃଦ୍ଧି ପାଉଛି। ଏହାକୁ ନେଇ ବିଶ୍ୱନାଥପୁରସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ମା' ହୀରାନୀଳା ସଂଗ୍ରାମ ସମିତି ପକ୍ଷରୁ ବିଶୋଧଗାର କରାଯାଇଛି। ଏପରି କି ବିଭିନ୍ନ ଅପରାଧିକ ମାମଲାରେ ଅଭିଯୁକ୍ତ ଏବଂ ଜେଲ ଫେରନ୍ତା ସାହୁଙ୍କ କୋଟିଏ ଟଙ୍କାରୁ ଅଧିକ ହଡପ ମାମଲାରେ ଅଭିଯୁକ୍ତ କରାଯାଉନାହିଁ ଓ ହଡ଼ପ ଅର୍ଥ ଭରଣା କରାଯାଉନାହିଁ ବୋଲି ପ୍ରଶ୍ନ ଉଠାଇଛି ସଂଗ୍ରାମ ସମିତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସଂଗ୍ରାମ ସମିତି ରାଜରାସ୍ତାକୁ ଓହ୍ଲାଇବୁ ଚେତାବନୀ ଦେଇଛନ୍ତି। ସମ୍ମିଳନୀରେ ଲକ୍ଷ୍ମୀଧର ସୋନ୍ତୋଷ ରାୟ, ରଘୁବୀର ନାଗ, ହରିହର କୁମାର, ମନୋରଞ୍ଜନ ବିଶି , ତରୁଣ ଦାସ, ମହେନ୍ଦ୍ର କରୁଆଁ, ଜଗଦିଶ ବେନିଆ ଓ ରାଜିବ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ୩ଶିଶୁଙ୍କ ସମେତ ୬ଜଣଙ୍କୁ ଦାଦନ ସର୍ଦ୍ଦାର ଅପହରଣ କରିଥିବା ଅଭିଯୋଗ

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଶରଧାପୁର ଗାଁର ୩ଜଣ ଶିଶୁଙ୍କ ସମେତ ୬ଜଣଙ୍କୁ ଜୋରଜବରଦସ୍ତ ଅପହରଣ କରି ନେଇଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି। ଶରଧାପୁର ଗାଁର ଗୌରୀ ଶବର(୬୫)ଙ୍କ ଅଭିଯୋଗ ଅନୁସାରେ ଗତ ୧୬ ତାରିଖ ସକାଳେ ପୁଅ ତପି ଶବର ଚାଷ ଜମିକୁ ଯାଇଥିବା ସମୟରେ ଏକ ବୋଲେରୋରେ ବଲାଙ୍ଗୀର ଜିଲା ତୁରକେଲା ଥାନା ତେତେଲଖୁଣ୍ଟି ଗାଁର ଦାଦନ ସର୍ଦ୍ଦାର ଇମ୍ରାନ ଖାନ ଏବଂ ତାଙ୍କ ପୁତୁରା ଶାହରୁଖ ଖାନ ଜୋରଜବରଦସ୍ତ ଅପହରଣ କରି ନେଇଥିଲେ। ସେହି ଦିନ ରାତିରେ ତପି ଶବରଙ୍କ ଦୁଇ ସ୍ତ୍ରୀ ସମେତ ତିନିଜଣ ଶିଶୁ ମଧ ଅପହରଣ କରି ନେଇଥିବା ବେଳେ ଗୌରୀ ପ୍ରତିବାଦ କରିବାରୁ ତୋର ପିଲା ଦାଦନ ଯିବାକୁ ଆମଠାରୁ ଟଙ୍କା ନେଇଛେ, ସେଥିର କାଜେ ସମସ୍ତଙ୍କୁ ନେଇ ଜଉଛୁ ବୋଲି କହି ଜୋରଜବରଦସ୍ତ ନେଇଥିବା ବେଳେ ସମସ୍ତଙ୍କୁ ବନ୍ଧକ ରଖିଥିବା ନେଇ ଅଭିଯୋଗ ହୋଇଛି। ଅପହରଣ ହେବାର ୫ଦିନ ବିତି ଯାଇଥିଲେ ହେଁ ଏଯାଏଁ ପୋଲିସ କୌଣସି ପଦକ୍ଷେପ ନ ଥିବାବେଳେ ମାମଲା ରୁଜୁ ହେବା ତ ଦୂରର କଥା ସମସ୍ତ ୬ଅପହୃତଙ୍କ କାହାରି ପତ୍ତା ମିଳି ନ ଥିବା ସହ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ଦାଦନ ସର୍ଦ୍ଦାରଙ୍କ କବଳରୁ ଉଦ୍ଧାର କରିବା ଗୌରୀ ନିବେଦନ କରିଛନ୍ତି।

### କଂଗ୍ରେସର ତୁଳସୀ ସଂଗ୍ରହ ଯାତ୍ରା ଆରମ୍ଭ

ନୂଆପଡ଼ା,୨୦।୧୧(ମକାରୁ ବେମାଲ): ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ନେତୃତ୍ୱରେ ସୋମବାର ତୁଳସୀ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସଂଗୃହିତ ତୁଳସୀ ନଭେମ୍ବର ୩୦ରେ ପଞ୍ଚାୟତ, ବ୍ଲକ ଓ ନଗର ସଭାପତିମାନେ ଜିଲା ସଭାପତିଙ୍କୁ ପ୍ରଦାନ କରିବେ। ଜିଲା ସଭାପତି ଡିସେମ୍ବର ୧ରେ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିବେ। ପ୍ରତ୍ୟେକ ଜିଲାରୁ ସଂଗୃହିତ ତୁଳସୀ ଜଗନ୍ନାଥଙ୍କୁ ଅର୍ପଣ କରାଯିବ ବୋଲି କଂଗ୍ରେସ ଜିଲା ସଭାପତି ଆଜାଦ ସୂଚନା ଦେଇଛନ୍ତି। ଉପସଭାପତି ଭୋଲାନାଥ ପ୍ରଧାନ, ସମ୍ପାଦକ ଅଭୟ ଶଙ୍କର ଯୋଶୀ, ଗୋବିନ୍ଦ ସିଂ ଠାକୁର, କୋଷାଧକ୍ଷ କୌଶିକ ସାହୁ, ନୂଆପଡା ନଗର ସଭାପତି କୁଳଦୀପ ସୁରଜ, ସଦର ବ୍ଲକ ସଭାପତି ଚୁନୁଲାଲ ଶବର, ନଗର ଉପସଭାପତି ଛଗନ ପଟେଲ, ସଞ୍ଜୟ ଶର୍ମା ପ୍ରମୁଖ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ତୁଣ୍ଡଲା,୨୦।୧୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସର୍ଜାପାଲି ପଞ୍ଚାୟତ ବାଦିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ସୋମବାର ପ୍ରଧାନ ଶିକ୍ଷକ ବିକ୍ରମ ଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ, ମୁଖ୍ୟବକ୍ତା ଶିକ୍ଷକ ଚୂଡ଼ାମଣି ସାହୁ, ସମ୍ମାନିତ ଅଥିତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗୁରାମ ସାହୁ ଉପସ୍ଥିତ ଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସହ ଶିକ୍ଷୟିତ୍ରୀ ଲିଲି ସାହୁ ସହଯୋଗ କରିଥିବା ବେଳେ ପୁରସ୍କାର ବିତରଣରେ ସହ ଶିକ୍ଷକ ଗୁଲୁ ମାଝି କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଧାନ ଶିକ୍ଷକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।




ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

**୫ ମାସ ହେଲା ଚାଉଳ ପାଇ ନ ଥିବା ଅଭିଯୋଗ**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଡଦୋହେଲ ଗ୍ରାମପଞ୍ଚାୟତ ପଖାନସର ଗ୍ରାମର ଶତାଧିକ ହିତାଧିକାରୀ ଦୀର୍ଘ ୫ ମାସ ହେଲା ଚାଉଳ ପାଇନାହାନ୍ତି। ଏହି ଅଭିଯୋଗ କରି ପଖାନସର ଗ୍ରାମର ଶତାଧିକ ଗ୍ରାମବାସୀ ସୋମବାର ଖଡ଼ିଆଳ ବ୍ଲକ ଘେରାଉ କରିବା ସହ ବିଡ଼ିଓଙ୍କୁ ଦାବିପତ୍ର ଦେଇଛନ୍ତି। ଲୋକଙ୍କ ଅଭିଯୋଗ ହେଲା ଏହି ଗ୍ରାମର ଶହେରୁ ଊର୍ଦ୍ଧ୍ୱ ପରିବାରକୁ ଗତ ଜୁଲାଇ ମାସରୁ ଚାଉଳ ମିଳି ନାହିଁ। ଗ୍ରାମବାସୀ ପ୍ରତି ମାସରେ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ନିରାଶରେ ଫେରି ଆସୁଛନ୍ତି। ରାସନ ବଣ୍ଟନରେ ଦାୟିତ୍ୱ ନେଇଥିବା ସେଲ୍ସମ୍ୟାନ ହିତାଧିକାରୀଙ୍କ ଅଙ୍ଗୁଳି ଛାପ ନେଇ ଅନ୍ୟ ଦିନ ଚାଉଳ ଦିଆଯିବ କହୁଛନ୍ତି, କିନ୍ତୁ ଦେଉ ନାହାନ୍ତି ବୋଲି ଲୋକେ କହୁଛନ୍ତି। ଜିଲା ଦଳିତ ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଲୋକେ ବ୍ଲକକୁ ଆସି ବିଡ଼ିଓ ବିରସେନ ବେହେରାଙ୍କୁ ଭେଟି ଏକ ଦାବିପତ୍ର ଦେବା ସହ ପାଇ ନ ଥିବା ସବୁ ମାସର ରାଶନ ଦେବା ସହ ସେଲ୍ସମ୍ୟାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହା ନ ହେଲେ ମଙ୍ଗଳବାରଠାରୁ ବ୍ଲକ ସାମନାରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ବିଡ଼ିଓଙ୍କୁ ପଚାରିବାରୁ ବିପଣନ ଅଧିକାରୀଙ୍କୁ ପଠାଇ ତଦନ୍ତ କରିବେ, କିଛିଦିନ ମଧ୍ୟରେ ଚାଉଳ ଯୋଗାଇ ଦେବେ ବୋଲି କହିଛନ୍ତି।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀମାନେ ବିକ୍ଷୋଭ କରୁଛନ୍ତି।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଲାଞ୍ଜିଗଡ଼,୨୦।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି.ଙ୍କ ଯୁଗ୍ମ ଅଧକ୍ଷତାରେ ସୋମବାର ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ୍ ଦାସ, ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର, ତହସିଲଦାର ମୁନିନ୍ଦ୍ର ହୋନଗାଁ, ବିଡ଼ିଓ ଶଶାଙ୍କ ପାତ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଜନଶୁଣାଣି ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୯ଜଣ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ସମସ୍ୟା ଓ ୧୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ଥିଲା। ୧୭ଟି ଅଭିଯୋଗ ସମାଧାନ କରାଯାଇଥିଲା। ବ୍ଲକର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଶିବିରରେ ସହଯୋଗ କରିଥିଲେ।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

# କଳାହାଣ୍ଡି ଲେଖିକା ସଂଘର ମାସିକ ଆସର

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

ନାରୀ କଲମରେ ସମଗ୍ର ନାରୀ ଜାତି ପାଇଁ ନିଶ୍ଚିତ ରୂପେ ଏକ ପ୍ରଶସ୍ତ ମାର୍ଗ ସୃଷ୍ଟି କରିପାରିବ। ନାରୀମାନେ ପରସ୍ପର ସାହାଯ୍ୟ ସହଯୋଗର ହାତ ବଢାଇଲେ ଅସମ୍ଭବକୁ ମଧ ସମ୍ଭବ କରିପାରିବେ। ଭରତୁଆଲରେ ଆୟୋଜିତ କଳାହାଣ୍ଡି ଲେଖିକା ସଂଘର ମାସିକ ଆସରରେ ଏଭଳି ଅଭିମତ ପ୍ରଦାନ କରିଥିଲେ ଲେଖିକା ସଂଘ ନାରୀ କବିମାନେ। ସଭାନେତ୍ରୀମାନେ ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱ ଓ ପରିଚାଳନାରେ ପ୍ରଥମେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ କାଜଲ ମହାରଣା। କାର୍ଯ୍ୟକ୍ରମରେ ପ୍ରଥମେ କଣ୍ଠଶିଳ୍ପୀ ଲିପ୍ସା ମହାରଣାଙ୍କ ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ କୋଷାଧକ୍ଷା ସବିତା ଶତପଥୀ ବାର୍ଷିକ ଆୟବ୍ୟୟର ଅଟକଳ ପ୍ରଦାନ କରିଥିଲେ। ସମ୍ପାଦିକା କଳ୍ପନା ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ ସ୍ନେହଲତା ଷଡଙ୍ଗୀ, ପ୍ରମୋଦିନୀ ପଣ୍ଡା, କବିତା ମୁଣ୍ଡ, ଝରଣା ପାଢ଼ୀ, ପଦ୍ମିନୀ ବେହେରା, କବିତା ପଣ୍ଡା, ନାହେଦା ଶାହୀନ, ଭାରତୀ ମିଶ୍ର, ରୀତା ପଟ୍ଟଯୋଷୀ, ସବିତା ଦାସ, ସସ୍ମିତା ସାହୁ, ଲିପ୍ସା ମହାରଣା, ସସ୍ମିତା ରଥ, କାଜଲ ମହାରଣା ପ୍ରମୁଖ ୨୦ଜଣ ନାରୀକବି ସ୍ୱରଚିତ କବିତା ପାଠ କରିଥିଲେ। କବି ସଂଯୁକ୍ତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ସହସମ୍ପାଦିକା ଦୀପ୍ତି ମୁଣ୍ଡ ବୈଷୟିକ ସହାୟତା କରିଥିଲେ।

# ଜିଲାସ୍ତରୀୟ କରାଟେ ବେଲ୍ଟ ଟେଷ୍ଟ

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ଜିଲାସ୍ତରୀୟ ବ୍ଲାକ ବେଲ୍ଟ ଓ କଲର୍ ବେଲ୍ଟ ଗ୍ରେଡିଂ ଟେଷ୍ଟ ଭବାନୀପାଟଣାସ୍ଥିତ ଓଲ୍ଡ ଏଲଆଇସି କଲୋନୀ ଅଫିସର ଲେଡିସ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲାକ ବେଲ୍ଟ ଓ ବିଭିନ୍ନ କଲର୍ ବେଲ୍ଟ ପାଇଁ କରାଟେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଇନୋହା ସିଟୋରିଓ କେସିନକାଇ କରାଟେ-ଡୋ ଇଣ୍ଡିଆ ନ୍ୟାଶାଲ ପ୍ରେସିଡେଣ୍ଟ ହାଂଶି ଇଂ. ଏସଏସ ହରିଚନ୍ଦନ ଅଷ୍ଟମ ଡନ ବ୍ଲାକ ବେଲ୍ଟଙ୍କ ଅନୁମତୀକ୍ରମେ କଳାହାଣ୍ଡି ମୁଖ୍ୟ ପରୀକ୍ଷା ପରିଚାଳକ ସେନ୍ସାଇ କୃଷ୍ଣଚନ୍ଦ୍ର ସାହୁ ତୃତୀୟ ଡନ ଛାତ୍ରୀଛାତ୍ରଙ୍କ ବେଲ୍ଟ ପରୀକ୍ଷା ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏପିଆଇ ରାଷ୍ଟ୍ରୀୟ ସଚିବ ଯତିନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ ଭୋଇ ଓ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏପିଆଇ ରାଷ୍ଟ୍ରୀୟ ସଚିବ ଯତିନ୍ଦ୍ର ସାହୁ ଭାଗ ନେଇଥିବା



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

**କୃତୀ ଛାତ୍ରୀଛାତ୍ର ପୁରସ୍କୃତ**

ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଶାରିରୀକ, ମାନସିକ ଓ ବୈଦ୍ଧିକ ବିକାଶ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ମାର୍ଗଦର୍ଶନ କରିଥିଲେ ଏବଂ କଳାହାଣ୍ଡିରେ କରାଟେ କିପରି ଆହୁରି ଲୋକପ୍ରିୟ ହୋଇପାରିବ ପ୍ରେରଣା ଦେଇଥିଲେ। ଭାଗନେଇ ଥିବା ଛାତ୍ରୀଛାତ୍ର ମଧ୍ୟରେ ବ୍ଲାକ ବେଲ୍ଟ ପ୍ରଥମ ଡନ ଭୁମିକ ଭରଦ୍ୱାଜ ଭୋଇ ପାଇଥିବା ବେଳେ ୟେଲୋ ବେଲ୍ଟ ଅନନ୍ୟା ନାଏକ, ଆରିୟାନ ଆୟୁଷ୍ମାନ ବେହେରା, ଭୁବନେ ମାଝି, ନିବେଦ ସାହୁ, ଚୁଡାମଣୀ ତାଣ୍ଡି, ଆରାଧା ମହାନ୍ତି, କିଷାନ ମାଝି, ସୁରଜ ରାଉତ ପାଇଥିଲେ। ଅରେଞ୍ଜ ବେଲ୍ଟରେ ନମନ ମହାରଣା, ବାର୍ଗୀଶ ନାଏକ ପୃଥିବୀରାଜ ଉରାଶଙ୍କର ପାଇଥିଲେ। ଗ୍ରୀନ ବେଲ୍ଟରେ ଅନିକେତ ବିଶୋଇ, ବ୍ଲୁ ବେଲ୍ଟ ଆବନ୍ତିକା ପ୍ରଧାନ, ପର୍ପଲ ବେଲ୍ଟରେ ସୋହାର୍ଦ୍ୟ ବିହାରୀ, ବ୍ରାଉନ ବେଲ୍ଟ ପ୍ରଥମ କ୍ୟୁ ରେ ବିକାଶ ବାଗ, ଆଦିତ୍ୟ ମେହେର ପାଇଛନ୍ତି। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ବେଲ୍ଟ ଓ ସାଠିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ସେନ୍ସାଇ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଆଜିଠୁ ପଦ୍ମପୁର ଉପଖଣ୍ଡରେ ଧାନକିଣା

ପଦ୍ମପୁର,୨୦।୧୧(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ମଙ୍ଗଳବାରଠାରୁ ଧାନକିଣା ଆରମ୍ଭ ହେବ। ଏ ନେଇ ଗତ ୧୬ ତାରିଖରେ ଉପଖଣ୍ଡର ପାକ୍ସ ଓ ଆରଏମ୍‌ସି କର୍ମଚାରୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବୈଠକରେ ସ୍ଥିର ହୋଇଥିଲା। ଏହି ଅନୁସାରେ ଉପଖଣ୍ଡର ୬ଟି ବ୍ଲକର ୯୩ଟି ସ୍ଥାନରେ ଧାନକ୍ରୟ କରାଯିବ। ମାତ୍ର ଉପଖଣ୍ଡର କେତୋଟି ବଜାର ପ୍ରାଙ୍ଗଣକୁ ଛାଡି ଦେଲେ ପ୍ରାୟ ମଣ୍ଡି ଖୋଲା ପଡିଆରେ ଚାଲିଛି। ପଦ୍ମପୁର ଉପାନ୍ତ ଅଞ୍ଚଳରେ ହାତୀ ଉପଦ୍ରବ ମଧ୍ୟ ରହିଛି। ତେଣୁ ଚାଷୀମାନଙ୍କୁ ଭୟଭୀତ ହୋଇ ଶୀତ କାକରରେ ରାତିସାରା ଧାନ ଜଗିବାକୁ ପଡିଥାଏ। କେତେକ ମଣ୍ଡିରେ ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା, ଟଏଲେଟ, ବିଶ୍ରାମ ଗୃହ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଏପରିକି ଅଧିକାଂଶ ମଣ୍ଡିରେ ସ୍ଥାୟୀ ପାଚେରି ମଧ୍ୟ ନାହିଁ। ଏ ଦିଗରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ସ୍ୱଚ୍ଛ ଭାରତ ମିଶନର ସ୍ୱତନ୍ତ୍ର ଅଭିଯାନ : ପାଇଖାନା ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ

ଘଣ୍ଟାପଡ଼ା, ୨୦।୧୧(ପ୍ରଭାତ କୁମାର ସାହୁ)

ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ସ୍ୱତନ୍ତ୍ର ଅଭିଯାନ ନଭେମ୍ବର ୨ ରୁ ୧୯ ପର୍ଯ୍ୟନ୍ତ କଣ୍ଟାମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପାଇଖାନା ଦିବସ ପାଳନ ଅବସରରେ ଶୌଚାଳୟ ନିମନ୍ତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ କାର୍ଯ୍ୟ ଅନୁମତିପତ୍ର ବଣ୍ଟନ କରାଯାଇଥିଲା। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ପଞ୍ଚାୟତିରାଜ ଜଳ ଓ ପରିମଳ ବିଭାଗର ମାଷ୍ଟର ଟ୍ରେନର ରଞ୍ଜନ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ପଞ୍ଚାୟତ ସଭାଗୃହରେ ସରପଞ୍ଚ ରୀତା କହଁରଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ପାତ୍ର ଓ ଗଣମାଧ୍ୟମ ପ୍ରତିନିଧି ପ୍ରଭାତ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ସମୟରେ ପାଇଖାନାର ଆବଶ୍ୟକତା ଉପରେ ଉପସ୍ଥିତ ବ୍ୟକ୍ତିଙ୍କୁ କହିଥିଲେ। ସେହିପରି ମାଷ୍ଟର ଟ୍ରେନର ପାତ୍ର ପୂର୍ବରୁ ପାଇଖାନା ନିର୍ମିତରୁ ବଞ୍ଚିତ ହିତାଧିକାରୀ ଓ ନୂତନ ହିତାଧିକାରୀଙ୍କୁ ଚିହ୍ନଟ କରି ପୁଣି ପାଇଖାନା ଦିଆଯିବା ନେଇ ବକ୍ତବ୍ୟ ରଖିଥିଲେ। ପରେ ନୂତନ ହିତାଧିକାରୀ ଚିହ୍ନଟ କରି କାର୍ଯ୍ୟପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ମାଷ୍ଟର ଟ୍ରେନର ପାତ୍ରଙ୍କ ତତ୍ତ୍ୱାବଧାନରେ ବରଗାଁ ପଞ୍ଚାୟତର ସରପଞ୍ଚ ରଶ୍ମିତା ରଣା, ନାରାୟଣପ୍ରସାଦ ସରପଞ୍ଚ ତାରାକାନ୍ତି ମାଝୀ, ଉମା ପଞ୍ଚାୟତର ସରପଞ୍ଚ ଦୌଲଥ ପାଣ୍ଡେ, ଖୁଣ୍ଟିଗୋରା ସରପଞ୍ଚ ସୁନୀତା ମାଝି, ଯୋଗିନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଝୁନୁ ପ୍ରଧାନ, ଖଟଖଟିଆର ସରପଞ୍ଚ ଅରବିନ୍ଦ ପାଣ୍ଡେ, କୁଲୁତାଯୋର ପଞ୍ଚାୟତର ସରପଞ୍ଚ ଚୁମୁକି ଭୋଇ ଓ ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ନୂତନ ହିତାଧିକାରୀଙ୍କୁ ପାଇଖାନା ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ଅଭିବୃଦ୍ଧିରେ ଚାଷୀଙ୍କ ସମୃଦ୍ଧି

## ସୁବର୍ଣ୍ଣପୁରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ସୋନପୁର,୨୦।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଚାଷୀଙ୍କ ଆୟ ବୃଦ୍ଧି ପାଇଁ କେନ୍ଦ୍ର ସରକାର ନୂତନ ଯୋଜନା ପ୍ରଣୟନ କରିଛନ୍ତି। ମତ୍ସ୍ୟ ଚାଷକୁ ପ୍ରୋତ୍ସାହନ ଓ ଚାଷୀଙ୍କ ଉନ୍ନତି ପାଇଁ ୨୦୨୦ରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ଶୁଭାରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲାର ଶତାଧିକ ଚାଷୀ ଯୋଜନାରୁ ଉପକୃତ ହେଲେଣି। ଗୋପାଳନ, କୁକୁଡା ଚାଷ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ତଥା ମହିଳା ଓ ଯୁବ ଉଦ୍ୟୋଗୀମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଯୋଜନା ପ୍ରଣୟନ ହୋଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଭିବୃଦ୍ଧିରେ ହିଁ ଚାଷୀଙ୍କ ଉନ୍ନତି ସମ୍ଭବ। ତେଣୁ ସରକାରଙ୍କ ଯୋଜନାର ଲାଭ ଉଠାଇ ଚାଷୀମାନେ ନିଜର ଆୟ ବୃଦ୍ଧି କରନ୍ତୁ ବୋଲି ସୁବର୍ଣ୍ଣପୁରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପନୀ ଉତ୍ସବରେ ଅତିଥିଗଣ ମତ ରଖିଛନ୍ତି।

ଜିଲା ସଂସ୍କୃତି ଭବନ ପରିସରରେ ସୋମବାର ଅନୁଷ୍ଠିତ ଜିଲାସ୍ତରୀୟ ମେଳାରେ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର ରତ୍ନାକର ରାଉତ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଯୋଗଦେଇ ଚାଷୀ ଭାଇ ଓ ଭଉଣୀମାନଙ୍କ ରୋଜଗାର ବୃଦ୍ଧିରେ ମତ୍ସ୍ୟ ଓ ପ୍ରାଣୀ ପାଳନର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରାଣୀ ସମ୍ପଦ ବିଭାଗ ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜାତୀୟ କୃତ୍ରିମ ପ୍ରଜନନ ଯୋଜନା, ଜାତୀୟ ପ୍ରାଣୀଧନ ଯୋଜନା ଓ ଗୋ ସମ୍ପଦ ପାଇଁ ବୀମା ସମ୍ପର୍କରେ ଏମ୍‌ପି ଚାଷୀଙ୍କୁ ବୁଝାଇବା ସହ ଏହାର ଲାଭ ନେବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ସମ୍ବଲପୁରର ପ୍ରାକ୍ତନ ଜିଲା ମତ୍ସ୍ୟ ଅଧିକାରୀ ଡାକ୍ତର ଅବଦୁଲ ରସିଦ, ବରଗଡର ପ୍ରକ୍ତନ ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ମୁକୁନ୍ଦ ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ଓ ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାଶ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ପାଳନ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବ ବୋଲି କହିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗୋପାଳନ ପାଇଁ ତରଭା ବ୍ଲକର ଧର୍ମେନ୍ଦ୍ର ମିଶ୍ର, ବ୍ରଏଲର କୁକୁଡା ପାଳନ ପାଇଁ ବୀରମହାରାଜପୁର ବ୍ଲକ ଜଟେସିଂହାର ମା’ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନା ପାଇଁ ସୋନପୁର ବ୍ଲକ ଧଉରାମନ ଗାଁର ନିରୁପମା ମଲ୍ଲିକ, ଛେଳି ଓ ମେଣ୍ଢା ପାଳନ ପାଇଁ ସୋନପୁର ବ୍ଲକ ତରାଇକେଲାର ରିଙ୍କି କୁଅଁର ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନା ପାଇଁ ଡୁଙ୍ଗୁରିପାଲି ବ୍ଲକ ବୈରାଗୀମୁଣ୍ଡାର ଗତିକୃଷ୍ଣ କାଲସେଙ୍କୁ ଅର୍ଥ ରାଶି ଓ ମୋମେଣ୍ଟୋ ଦେଇ ପୁରସ୍କୃତ କରାଯାଇଥିଲା।



ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନୀ ଅବସରରେ ବ୍ରଏଲର କୁକୁଡା ପାଳନ ପାଇଁ ମା’ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଉଛି।

ଜିଲାର ୬ଟି ବ୍ଲକରୁ ଶତାଧିକ ଚାଷୀ ଏହି ମେଳାରେ ଯୋଗ ଦେଇଥିଲେ। ବିଶେଷକରି ବାୟୋଫ୍ଲକ୍ ପଦ୍ଧତିରେ ମାଛ ଚାଷ, ବ୍ରଏଲର ଫାର୍ମ, ଗୋପାଳନ, ଦୁଗ୍ଧ ପାଇଁ ଉନ୍ନତ କିସମର ଗାଈ, ବିଭିନ୍ନ କିସମର କୁକୁଡା ଚାଷ ସମ୍ପର୍କିତ ପ୍ରଦର୍ଶନୀକୁ ଚାଷୀମାନେ ବୁଲି ଦେଖିଥିଲେ। ସେହିପରି କୁକୁଡା ଚାଷ ଉପକରଣ, ଜଳବିଭାଜିକା ମିଶନ, ଉଦ୍ୟାନ କୃଷି, କୃଷି ବିଜ୍ଞାନ କେନ୍ଦ୍ର, ଜିଲା ଶିଳ୍ପ କେନ୍ଦ୍ର, କୃଷି ବିଭାଗ, ମିଲେଟ୍ସ ମିଶନର ଷ୍ଟଲ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପସରା ଭଳି ୩୦ଟି ଷ୍ଟଲ ଖୋଲା ଯାଇଥିଲା। ମମତା ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଭୂତି ଭୂଷଣ ମିଶ୍ର ଓ ପ୍ରାଣୀ ସମ୍ପଦ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଶେଷ କର ଯୋଗଦାନ କରି ଚାଷୀଙ୍କ ସହିତ ସରକାରଙ୍କ ବିଭିନ୍ନ ଯୋଜନା ସୁବିଧା ଅସୁବିଧା ସମ୍ପର୍କରେ ମତ ବିନିମୟ କରିଥିଲେ। ପରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦୁର୍ଗାପ୍ରସାଦ ତ୍ରିପାଠୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡାକ୍ତର ସୁନାକର ସାମଲ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କମଳଲୋଚନ ଦାଶ, ଡାକ୍ତର ହିମାଂଶୁ ମହାନ୍ତ, ଆକାଶ ଦେବତା, ସୁବ୍ରତ ପୁରୋହିତ, ପ୍ରତ୍ୟୁଷ ରଞ୍ଜନ ବାଗ ଓ ସଞ୍ଜିବ ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପଦ୍ମପୁର,୨୦।୧୧ (ପ୍ରଦୀପ୍ତ ଦାଶ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ କ୍ରୀଡ଼ା ସମାରୋହ ସ୍ଥାନୀୟ ଆର୍‌.ବି. ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଆଲୋକ ପଟେଲ ମୁଖ୍ୟ ଅତିଥି, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର, ସ୍କୁଲ କମିଟି ସଭାପତି ପୃଥ୍ୱୀରାଜ ସାହୁ, ସଙ୍କୁଳ ପ୍ରମୁଖ ଦ୍ୱାଦଶ କୁମାର ପଧାନ, ରୋହିତ କୁମାର ମେହେର, ନିରୋଜ କୁମାର ଦୋରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ, ଚୈତନ୍ୟ ଭୋଇ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଶାରୀରିକ ପ୍ରମୁଖ ପ୍ରଦୀପ ରାଜହଂସ ବୃତ୍ତ କଥନ କରିଥିଲେ। ପ୍ରାଥମିକ ବର୍ଗରୁ ଆକ୍ଷାଂଶ ବେହେରା, ଶିଶୁ ବର୍ଗରୁ ପ୍ରତୀକ କୁମାର ବୁଡେକ ଏବଂ କିଶୋର ବର୍ଗରୁ ଭେଙ୍କଟେଶ୍ୱର ଉନସନା ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ମୁଖ୍ୟ ଅତିଥି ଉପଜିଲାପାଳ ଆଲୋକ ପଟେଲ ଉଦ୍‌ବୋଧନ ଦେଉଛନ୍ତି।

## ସମାଜସେବୀଙ୍କ ବିୟୋଗରେ ଶୋକସଭା

ସରଣ୍ଡା,୨୦।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଗୋଡ଼ଭଗା ସ୍ଥିତ ସମଲେଶରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ମନ୍ଦିର କମିଟିର ପୂର୍ବତନ ସଭାପତି ଦିବ୍ୟକିଶୋର ଭୋଇଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌନ୍ତିଆ ସୁଶିଲ କୁମାର ସିଂ ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ଭୋଇ ଲହଣ୍ଡା ସେବା ସମବାୟ ସମିତିର ପୂର୍ବତନ ସଭାପତି, ରେଙ୍ଗାଲି କ୍ୟାମ୍ପ ଆର୍‌ଏମ୍‌ସିର ପୂର୍ବତନ ସଭାପତି ଥିଲେ। ସେ ଜଣେ ସମବାୟବିତ୍ ଓ ସମାଜସେବୀ ଭାବେ ଜଣାଶୁଣା ଥିଲେ ବୋଲି ବକ୍ତାମାନେ ଆଲୋଚନା କରିଥିଲେ। ଶୋକସଭାରେ ମନ୍ଦିର ପରିଚାଳନା କମିଟି ସଭାପତି, ସମ୍ପାଦକ, ସଦସ୍ୟ, ନାଗରିକ କାମଟି ସଦସ୍ୟ, ଦୁର୍ଗାପୂଜା କମିଟି ସଭାପତି, ସମ୍ପାଦକ, ସଦସ୍ୟ, ଲାୟନ୍ସ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ଭୋଇଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ଝାରବନ୍ଧରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଝାରବନ୍ଧ,୨୦।୧୧ (ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏଥିରେ ମୋଟ ୧୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୫ଟି ସାମୂହିକ ଓ ୧୨୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା, ତହସିଲଦାର ସୁବାଦାର ପ୍ରଧାନ, ଉପ ଜିଲାପାଳ ଆଲୋକ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ପରେ ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ପରେ ଜିଲାପାଳ ବାନାର୍ଜୀ ଝାରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହେଉଥିବା ବିଲ୍‌ଡିଂ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ସମୟରେ ଝାରବନ୍ଧ ତହସିଲଦାର ସୁବାଦାର ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ଭୁଏ ଉପସ୍ଥିତ ଥିଲେ।

## ଭାଜପାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବିନିକା,୨୦।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାରେ ସୋମବାର ଭାଜପା ପକ୍ଷରୁ ଓଡ଼ିଶା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଚରଦେଇ ଓ ମେଘଲା ମଣ୍ଡଳ ଭାଜପା ତରଫରୁ ଏହି ଦାବିପତ୍ର ଦିଆଯାଇଛି। ବିନିକା ଏନଏସି ଓ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ବସବାସ କରୁଥିବା ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ଯୋଜନାରେ ସାମିଲ, ବ୍ୟାଙ୍କ ଜରିଆରେ ଦିଆଯାଉଥିବା ଟଙ୍କାକୁ ନଗଦ ଆକାରରେ ଦେବା, ରାସନ କାର୍ଡ, ମୋ ଘର ଯୋଜନାରେ ଆବେଦନ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ଘର, ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ, ବିନିକାକୁ ତୁରନ୍ତ ସବଡିଭିଜନ ଘୋଷଣା, ଚରଦାର କପିଳେଶ୍ୱର ମନ୍ଦିରକୁ ରାଜ୍ୟ ସରକାରଙ୍କ ଏଓଏନଓ ଯୋଜନାରେ ସାମିଲ, ବିଶ୍ୱକର୍ମା ଯୋଜନାର ଅବଧି ବୃଦ୍ଧି କରି ଯୋଗ୍ୟ ଆବେଦନକାରୀଙ୍କୁ ସାମିଲ ଆଦି ଦାବି ରହିଛି। ସ୍ଥାନୀୟ ଯୋଗେଶ୍ୱର ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଉଭୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାଜପା ନେତା ବିଶ୍ୱମ୍ଭର ମିଶ୍ର, ଅଶୋକ ପୃଷ୍ଟି, ବିଜୟ ମହାକୁର, ଉଷାତ କର, ପ୍ରଶାନ୍ତ ଦଣ୍ଡସେନା, ବିଶ୍ୱଜିତ ବଡ଼ପଣ୍ଡା, ଭାଗିରଥି ବାଘ, ଆକାଶ ନାୟକ, ଉଦ୍ଧବ ମହାକୁର, ଭୁବନେଶ୍ୱର ପାତ୍ର, ଗୋପାଳ କୃଷ୍ଣ ମହାଲିଙ୍ଗ, ରଘୁନାଥ ଜଗଦଲା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରାଲିରେ ଶତାଧିକ କର୍ମୀ ଓ ହିତାଧିକାରୀ ସାମିଲ ହୋଇଥିଲେ।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଝାରବନ୍ଧ,୨୦।୧୧(ଦେବେନ୍ଦ୍ର ସାହୁ)

ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପରିଚାଳନା କମିଟି ସଭାପତି ନନ୍ଦଲାଲ ମହାପାତ୍ର, ମୋହନ ପ୍ରଧାନ, ହୃଷୀକେଶ ବରିହା, ବ୍ଲକ ଅଧ୍ୟକ୍ଷ ଲିପ୍ସା ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷା ବିଭାଗ ଅଧାପିକା ଯାଜ୍ଞସେନୀ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁସାରେ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ସକାଶେ ବିଭିନ୍ନ କ୍ରୀଡ଼ା ଓ ସାହିତ୍ୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏହାସହ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ସମାଜସେବା ମୂଳକ କାର୍ଯ୍ୟକ୍ରମ ସମଗ୍ର ଝାରବନ୍ଧର ବିଭିନ୍ନ ସ୍ଥାନରେ କରାଯିବାର ସ୍ଥିର ହୋଇଛି। ଆସନ୍ତା ୨୫ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହେବାର ସ୍ଥିର ହୋଇଛି। ଖେଳ ଶିକ୍ଷକ ଛାତ୍ରପାଳ ଗିରି, ଗଣେଶ ଭୋଇ, ସୁମନ୍ତ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ପଶ୍ଚିମ ଓଡ଼ିଶା ଶିଶୁଙ୍କୁ ସ୍ଥାନୀୟ ଭାଷାରେ ଶିକ୍ଷାଦାନ ଦିଆଯାଉ


ଶିକ୍ଷା ଓ ଶିକ୍ଷକ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ।

## ପାତାଳୀ ଶ୍ରୀକ୍ଷେତ୍ରରେ ଶିକ୍ଷା ଓ ଶିକ୍ଷକ କଲ୍ୟାଣ ସମିତିର ବୈଠକ

ଅମରପାଲି,୨୦।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ଶିକ୍ଷକ କଲ୍ୟାଣ ସମିତିର ଏକ ବୈଠକ ପ୍ରସିଦ୍ଧ ପାତାଳୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ଶିକ୍ଷକ ସମିତିର ସଭାପତି ବାଲଗୋପାଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉକ୍ତ ବୈଠକରେ ଶତାଧିକ ଶିକ୍ଷାବିତ୍ ଓ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ସମ୍ପ୍ରତି ଶିକ୍ଷା ବ୍ୟବସ୍ଥାକୁ ନେଇ ଏକ ଆଲୋଚନା ହୋଇଥିଲା। ବିନିକା ବରିଷ୍ଠ ନାଗରିକ ସଙ୍ଗଠନର ସଦସ୍ୟ ପ୍ରମୋଦ ପଣ୍ଡା, ସୋନପୁର ବରିଷ୍ଠ ନାଗରିକ ସଙ୍ଗଠନର ସମ୍ପାଦକ ଜ୍ୟୋତି ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ପୁରୋହିତ, କୃଷ୍ଣଚନ୍ଦ୍ର ପାଢ଼ି, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ପାତାଳୀ ଟ୍ରଷ୍ଟର ସମ୍ପାଦକ ଉତ୍ତର ପାତ୍ର, ଗୋରଖନାଥ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମତବ୍ୟକ୍ତ କରିଥିଲେ। ପଶ୍ଚିମ ଓଡ଼ିଶାର ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷା କୋଶଲୀ/ସମ୍ବଲପୁରୀ ଭାଷାରେ ଶିକ୍ଷାଦାନ ସକାଶେ ସରକାର ତଥା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସହିତ ଅବସରପ୍ରାପ୍ତ ଶିକ୍ଷକମାନଙ୍କର ସମସ୍ତ ଦାବି ଶୀଘ୍ର ପୂରଣ ପାଇଁ ସରକାରଙ୍କୁ ନିବେଦନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଶିକ୍ଷା ଓ ଶିକ୍ଷକମାନଙ୍କ ଗୁଣାତ୍ମକମାନ ବୃଦ୍ଧି ପାଇଁ ଆଲୋଚନା ହୋଇଥିଲା। ସଭା ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷକ ମେଘନାଦ ପାଣିଗ୍ରାହୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଚିତ୍ତରଞ୍ଜନ ଗର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ବିରୋଧରେ ସୋନପୁର ବ୍ଲକ ଘେରିଲା ଭାଜପା

ସୋନପୁର,୨୦।୧୧(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ବ୍ୟଭିଚାର ବିରୋଧରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ସୋମବାର ସୋନପୁର ବ୍ଲକ ଘେରାଉ କରା ଯାଇଥିଲା। ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି, ବ୍ୟାପକ ପିସି କାରବାର, ଗ୍ରାମସଭା ନ ହେବା ଓ ପଞ୍ଚାୟତିରାଜ ଲୋକପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରା ଯାଉଥିବା ଅଭିଯୋଗରେ ଏହି ଆନ୍ଦୋଳନ ହୋଇଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଆନ୍ଦୋଳନରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାରେ ରାଜ୍ୟ ସରକାର ବାଧକ ସାଜୁଥିବା କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ନବକୃଷ୍ଣ ଦନ୍ତ, ଶରତ ଶତପଥୀ, ସାନନ୍ଦ ମେହେର, ରାଜେନ୍ଦ୍ର ବିଶି, ସଞ୍ଜୟ ଗୁପ୍ତା, ସୁଦେଷ୍ଣା ନେଗୀ, ଅଲେଖ ନାଏକ, ସୁପ୍ରଭା ସେଠ୍ ଓ ଅଭିନାଶ ଦାସ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ତେବେ ବ୍ଲକର ବିଶିମୁଣ୍ଡା ଓ ଅନ୍ୟ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୩୫ ରୁ ଉର୍ଦ୍ଧ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି ନ ମିଳିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟାଦେଶ ଓ ପ୍ରଥମ କିସ୍ତି ପାଇବା ପରେ ହିତାଧିକାରୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହୋଇଥିଲା। ପରେ ଭାଜପା କର୍ମୀ ଓ ହିତାଧିକାରୀଙ୍କ ସହିତ ବିଡିଓ ସ୍ୱାଇଁଙ୍କ କଥା କଟାକଟି ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିଲା।



ଦୁର୍ନୀତି ବିରୋଧରେ ଭାଜପା ପକ୍ଷରୁ ସୋନପୁର ବ୍ଲକ ଅଫିସ ପରିସରରେ ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ଅପରାଧ ରୋକିବାକୁ ଥାନାଧିକାରୀଙ୍କୁ ଫେରାଦ

ରାଉରକେଲା,୨୦।୧୧ (ଦିନେଶ ମିଶ୍ର)

ସେକ୍ଟର-୧୫ ନଂ. ଅଞ୍ଚଳରେ ଅପରାଧମୂଳକ କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ବସ୍ତିବାସୀ ନୂତନ ଥାନାଧିକାରୀ ଲକ୍ଷ୍ମୀଧର ହାସଁଦାଙ୍କୁ ଭେଟି ଫେରାଦ ହୋଇଛନ୍ତି। ପୂର୍ବରୁ ଏହି ଥାନାରେ କୌଣସି ଥାନା ଅଧିକାରୀ ନ ଥିବାରୁ ଉକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଏହାକୁ କିଭଳି ଆଗାମୀ ଦିନରେ ନିୟନ୍ତ୍ରଣ କରିହେବ ସେ ନେଇ ବସ୍ତିବାସୀଙ୍କ ସହ ତୃଣମୂଳ କଂଗ୍ରେସର ଅଧ୍ୟକ୍ଷ ଜାହାଙ୍ଗୀର ହକ୍ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ଥାନାଧିକାରୀ ହାସଁଦାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଉକ୍ତ ଅଞ୍ଚଳରେ କିଭଳି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେ ନେଇ ଥାନାଧିକାରୀ ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି ବସ୍ତିବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅହମ୍ମଦ ଫାଉଣ୍ଡେଶନର ଆଦିଲ ଅହମ୍ମଦ, ଅମିତମାଳି ମହାନ୍ତି, ଏସ୍.ଏସ୍. ପ୍ରସାଦ, ବନ୍ଦିତା ମାହାତୋଙ୍କ ସମେତ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।

### ଧବଳେଶ୍ୱର ପୀଠର ବିକାଶ କାର୍ଯ୍ୟ ସମୀକ୍ଷା

ରାଉରକେଲା,୨୦।୧୧ (ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଦେଓଗାଁ ଧବଳେଶ୍ୱର ପୀଠର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନାୟକ ଧବଳେଶ୍ୱରଙ୍କ ଦର୍ଶନ କରିବା ପରେ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଆବଶ୍ୟକ ଅର୍ଥାଭାବରୁ ସୌନ୍ଦର୍ଯ୍ୟୀକରଣ, ପର୍ଯ୍ୟଟକଙ୍କ ସୁବିଧା ଓ ମାଙ୍ଗଳିକ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ସହଯୋଗର ହାତ ବଢାଇବା ଦରକାର ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରବି ଦେହୁରୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ ଦେହୁରୀ, ସହଯୋଗୀ ଅନିରୁଦ୍ଧ ସ୍ୱାଇଁଙ୍କ ସମେତ ବହୁ ପୂଜକ ଉପସ୍ଥିତ ଥିଲେ। ତେବେ ପୂର୍ବତନ ବିଧାୟକ ଦେହୁରୀ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ମନ୍ଦିର ନିକଟ ଦେଇ ଯାଇଥିବା ଅସ୍ଥାୟୀ ରାସ୍ତା ଉପରେ ଆଲୋଚନା କରିଥିବା ପ୍ରକାଶ କରିଥିଲେ। ଏଠାରେ କାର୍ତ୍ତିକ ପୂର୍ଣ୍ଣିମାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ ଏବଂ ୨୫ରୁ ୨୮ ତାରିଖ ଯାଏ ମନ୍ଦିରରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ତେଣୁ ତୁରନ୍ତ ଉକ୍ତ ରାସ୍ତାକୁ ପିଚୁ କରାଯିବା କିମ୍ବା ପ୍ରତ୍ୟହ ପାଣି ସିଞ୍ଚନ କରିବାକୁ ଦେହୁରି ଦାବି କରିଥିଲେ।

# ପଲିଥିନ୍ ବଳୟରେ ଇସ୍ପାତ ସହର

ରାଉରକେଲା,୨୦।୧୧ (ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଏବେ ପଲିଥିନ୍ ବ୍ୟବହାର ବଢିବାରେ ଲାଗିଛି। ସହରର ବିଭିନ୍ନ ଅଳିଆଗଦା ହେଉ କି ଡଷ୍ଟବିନ ସବୁଠି କୁଢ କୁଢ ପଲିଥିନ ପଡିଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ପଲିଥିନ ଦିବସ ପାଳନ କରି ସଚେତନ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡୁନାହିଁ।

ହକି ବିଶ୍ୱକପ୍ ପୂର୍ବରୁ ଆର୍ଏମ୍ସି ପକ୍ଷରୁ ସହରର ଜରି ଦୋକାନ ଓ ବ୍ୟବସାୟସ୍ଥଳରେ ଚଢାଉ କରାଯାଇଥିଲା। ପରେ ଏହି ଚଢାଉ ବନ୍ଦ ରହିଛି। ଫଳରେ ବ୍ୟବସାୟୀ ଓ ଦୋକାନୀ ଖୁଲମଖୁଲା ସହରରେ ଜରି ବିକ୍ରି କରୁଛନ୍ତି। ରାତି ପାହିଲେ ଗ୍ରାହକଙ୍କ ହାତରେ ପଲିଥିନ ବ୍ୟାଗ ଦେଖିବାକୁ ମିଳୁଛି। ଏମିତିକି ଜଳଖିଆ ଦୋକାନଗୁଡିକରେ ପଲିଥିନରେ ଜିନିଷ ପ୍ୟାକିଂ କରି ବିକ୍ରି କରାଯାଉଛି। ସହରରେ ପ୍ରତିଦିନ ବ୍ୟାପକ ଜରି ବ୍ୟବହାର ହେଉଥିବାବେଳେ ଆର୍ଏମ୍ସି ପକ୍ଷରୁ ଆଜିକୁ ୫ ମାସରୁ ଉର୍ଦ୍ଧ୍ୱ ହେବ କୌଣସି ଆଖିଦୃଷିଆ ପଦକ୍ଷେପ ନିଆଯାଇନାହିଁ। ଫଳରେ ଡେଲିମାର୍କେଟ, ପାନପୋଷ ମାର୍କେଟ, ପ୍ଲାଣ୍ଟସାଇଟ ହୋଲସେଲ ମାର୍କେଟ, ଟ୍ରାଫିଗେଟ୍ ଓ ଆମ୍ବଗାନ ଭଳି ପ୍ରମୁଖ ମାର୍କେଟରେ ଅଧିକାଂଶ ଅସାଧୁ ବ୍ୟବସାୟୀ ଖୁଲମଖୁଲା ପଲିଥିନ ବିକ୍ରି କରୁଛନ୍ତି। ଏଥିଯୋଗୁ ରାସ୍ତାକଡ, ଡ୍ରେନ ଭିତରେ ଏହି ଜରି ପଡି ଜାମ୍ କରୁଛି। ରାସ୍ତାକଡରେ ବୁଲାପଶୁମାନେ ଏହି ପଲିଥିନ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି।

ଏ ନେଇ ଡେଲିମାର୍କେଟର ଜଣେ ଲୁଗା ଦୋକାନୀ କୁହନ୍ତି, କୌଣସି ଗ୍ରାହକ ମାର୍କେଟିଂ କରିବାକୁ ଆସିଲେ ହାତରେ ବ୍ୟାଗ ଆଣୁନାହାନ୍ତି। ଯଦି ମୁଁ

### ପ୍ରଶାସନ ପକ୍ଷରୁ ନିଆଯାଉନି ପଦକ୍ଷେପ



ପଲିବ୍ୟାଗ୍ ନ ଦେବି ତେବେ ଗ୍ରାହକ ଅନ୍ୟ ଦୋକାନରୁ ଜିନିଷ ନେଇଯିବେ। ସାମାନ୍ୟ ଏକ ପଲିଥିନ ବ୍ୟାଗ ପାଇଁ ମୁଁ ଗୋଟିଏ ଗ୍ରାହକ ହରାଇବି। ତେଣୁ ବାଧ୍ୟହୋଇ ଆମେ ପଲିଥିନ ଦେଉଛୁ। ତେବେ ସହରରେ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଢାଉ ହେଉ ନ ଥିବାରୁ ଏଭଳି ଦିନକୁ ଦିନ ପଲିଥିନ ବ୍ୟବହାର ବଢୁଥିବା ପରିବେଶବିତ୍ମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆରଏମ୍ସି ସହକାରୀ ଉପଆୟୁକ୍ତ ନରେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ପଲିଥିନ ବ୍ୟବହାର ଉପରେ ଏନ୍ଫୋର୍ସମେଣ୍ଟ ଟିମ୍ ଚଢାଉ କରିଥାଏ। ବର୍ତ୍ତମାନ ଆମ ପାଖରେ ଅଧିକ ଷ୍ଟାଫ୍ ନାହାନ୍ତି। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବିଶେଷ ସହଯୋଗ ମିଳୁନାହିଁ। ଆମେ ଗତ ହକି ବିଶ୍ୱକପ୍ ସମୟରେ ଶେଷଥର ପାଇଁ ଯାହା ଚଢ଼ାଉ କରି ୪୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରିଥିଲୁ। ସହରରେ ବହୁଦିନ ଧରି ଚଢ଼ାଉ ହୋଇନାହିଁ। ଆମେ ଆସନ୍ତା ୭ ଦିନ ଭିତରେ ପୁଣିଥରେ ବିଭିନ୍ନ ସ୍ଥାନରେ ଚଢାଉ କରିବୁ ବୋଲି ପ୍ରଧାନ କହିଥିଲେ।

# ଜାତୀୟ କିଡ୍ସ ମଡେଲିଂ, ଷଷ୍ଠ ସ୍ଥାନରେ ଦିବ୍ୟଦିଶା




ବିଜୟିନୀ ମୁକୁଟ ସହ ଦିବ୍ୟଦିଶା।

ରାଉରକେଲା,୨୦।୧୧ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ ଅଞ୍ଚଳର ଜଣେ ୭ ବର୍ଷର ଶିଶୁ ପ୍ରତିଭା ମଡେଲିଂ ଜଗତରେ ପାଦ ଥାପି ଚର୍ଚ୍ଚିତ ଚେହେରା ପାଲଟିଛନ୍ତି। ଉକ୍ତ ଶିଶୁ ପ୍ରତିଭା ହେଲେ ମନୋରଞ୍ଜନ ବାରିକ ଏବଂ ସରିତା ମହାପାତ୍ରଙ୍କ ଝିଅ ଦିବ୍ୟଦିଶା ବାରିକ। ବମ୍ବେ ଲୋନଭାଲାରେ ଅନୁଷ୍ଠିତ ଜାତୀୟ ସ୍ତରୀୟ କିଡ୍ସ ମଡେଲିଂ ପ୍ରତିଯୋଗିତାରେ ସେ ୬ଷ୍ଠ ସ୍ଥାନ ଅଧିକାର କରି ରାଉରକେଲାକୁ ଗୌରବାନ୍ୱିତ କରିଛନ୍ତି। ଏହାପୂର୍ବରୁ ରାଉରକେଲା ଡିଏଭି ବିଦ୍ୟାଳୟରେ ଆୟୋଜିତ ଜାତୀୟସ୍ତରୀୟ କିଡ୍ସ ମଡେଲିଂ ପ୍ରତିଯୋଗିତାର ପ୍ରଥମ ସୋପାନରେ ଅଂଶଗ୍ରହଣ କରିଥିବା ୩ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ। ସେମିଫାଇନାଲରେ ଦିବ୍ୟଦିଶା ନିଜ ପ୍ରତିଭା ବଳରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପଛରେ ପକାଇ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଇଣ୍ଡିଆନ ବ୍ୟୁଟିସିଆନ ୱେଲଫେୟାର ଆସୋସିଏଶନ ପକ୍ଷରୁ ପ୍ରାୟୋଜିତ ଜାତୀୟ ସ୍ତରୀୟ କିଡ୍ସ ମଡେଲିଂ ପ୍ରତିଯୋଗିତାର ଫାଇନାଲରେ ପୁନଶ୍ଚ ସେ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେ ଏହାର ଶ୍ରେୟ ତାଙ୍କର ମାତାପିତା ଓ ବଡବାପା ମୃତ୍ୟୁଞ୍ଜୟ ବାରିକଙ୍କୁ ଦେଇଛନ୍ତି। ଦିବ୍ୟଦିଶା ଭବିଷ୍ୟତରେ ଜଣେ ଭଲ ମଡେଲର ଓ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

# ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ଶ୍ରଦ୍ଧାଳୁ

ରାଉରକେଲା,୨୦।୧୧ (ସଙ୍ଗୀତା ଜେନା)

ରାଉରକେଲାରେ ଚତୁଃ ଦିବସୀୟ ଲୋକପର୍ବ ଛଟ୍ ସୋମବାର ଶେଷ ହୋଇଛି। ବ୍ରତଧାରୀମାନେ ଭୋର୍ ସମୟରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଛଟ୍ ମାତାଙ୍କୁ ବିଦାୟ ଦେଇଛନ୍ତି। ସେମାନେ ଭୋର୍ ୪ଟାରୁ ଘାଟକୁ ଆସି ପରମ୍ପରା ଅନୁସାରେ ପୂଜା ଓ ଅର୍ଘ୍ୟ ଦେଇଥିଲେ। ଏହିଉପଲକ୍ଷେ ବାଲୁଘାଟରେ ହିନ୍ଦୁ ସଙ୍ଗଠନ ପକ୍ଷରୁ ବ୍ରତଧାରୀମାନଙ୍କୁ ଆନୁଷଙ୍ଗିକ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ବିନୋଜ ପ୍ରଜାପତି, ବିକାଶ ତିୱାରୀ, ସୋନୁ ଯାଦବ, କୁମାର ଅଜ୍ଜୁ, ରାଜେଶ ଯାଦବ, ଆଲୋକ ପାତ୍ର, ନବୀନ ସାହୁ, ରାଜୁ ସାହୁ, ଧନୁ ଯାଦବ, ପ୍ରେମ ସାହୁ, ରାକେଶ ଶର୍ମା, ରାହୁଲ ଗୋପାଳ ପ୍ରସାଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି



ସେକ୍ଟର-୧୬ କୋଏଲ ନଦୀ ଘାଟରେ ବ୍ରତଧାରୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରୁଛନ୍ତି।

### ଛଟ୍ ବ୍ରତ ସରିଲା

ପାନପୋଷ, ସେକ୍ଟର-୧୬, ଡୁମକେଲା, ରେଳବାଇ ପୋଖରୀ, ବନ୍ଧମୁଣ୍ଡା, ଝିରପାଣି ସମେତ ୧୬ଟି ଘାଟରେ ଏହି ପୂଜା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଥିଲା। ଜଳାଶୟ ନିକଟରେ ପୋଲିସ ଓ ଓଡ୍ରାଫ୍ ଟିମ ମୁତୟନ ହୋଇଥିଲେ।

# ହସ୍ପିଟାଲ କୋଠାରୁ ଡେଇଁ ରୋଗୀ ମୃତ

ରାଉରକେଲା,୨୦।୧୧ (ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅନ୍ତର୍ଗତ ସିଭିଲଟାଉନସିପ୍ ସ୍ଥିତ ଏକ ଘରୋଇ ଚକ୍ଷୁ ଡାକ୍ତରଖାନା କୋଠାରୁ ଡେଇଁ ପଡିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲାଠିକଟା ମନକୋର ମଙ୍ଗରୁ ଟିଗା(୪୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨୬/୨୩) ରୁଜୁ କରି ତଦନ୍ତ କରୁଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ୨ଦିନ ତଳେ ମଙ୍ଗରୁଙ୍କ କାଟାରାକ୍ଟ ଅପରେଶନ ହୋଇଥିଲା। ରବିବାର ସନ୍ଧ୍ୟାରେ ସେ ଖାଇବା ସମୟରେ ହଠାତ୍ ଦୁଇ ମହଲା ହସ୍ପିଟାଲ କୋଠାରୁ ତଳକୁ ଡେଇଁ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆର୍ଜିଏଚ୍ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଡିଭିଏଫ୍, ରାଉରକେଲା ପୋଲିସ କରିବ ଜଏଣ୍ଟ ଅପରେଶନ

ରାଉରକେଲା, ୨୦।୧୧ (ସଙ୍ଗୀତା ଜେନା)

### ସୀମାନ୍ତରେ ମାଓବାଦୀ ଉପଦ୍ରବ

ଗତ ଜାନୁଆରୀ ମାସରୁ ପଡୋଶୀ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏଥିରେ ୬ରୁ ଉର୍ଦ୍ଧ୍ୱ ସୁରକ୍ଷାବଳ ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଗୁରୁତର ହୋଇଛନ୍ତି। ସେହିପରି ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଖଞ୍ଜାଯାଇଥିବା ଆଇଇଡ଼ି ବିସ୍ଫୋରଣରେ ଅନେକ ସ୍ଥାନୀୟ ଗ୍ରାମବାସୀ ପ୍ରାଣ ହରାଇଲେଣି। ମାଓବାଦୀଙ୍କ ଦବଦବା ବଢୁଥିବାରୁ ସୀମାବର୍ତ୍ତୀ ଗ୍ରାମ, ରେଳମାର୍ଗ, ସଡ଼କ ପଥ ଉପରେ ଆକ୍ରମଣ ଆଶଙ୍କା ଘନେଇଛି। ମାଓବାଦୀ ସଙ୍ଗଠନଗୁଡ଼ିକ ସୁରକ୍ଷା ସପ୍ତାହ ପାଳନ କରିବାକୁ ଡାକରା ହେଉଥିବାରୁ ଏହା ସୁରକ୍ଷାବଳଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟ ଏହାର ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି। ସୀମାନ୍ତ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତିକୁ ପ୍ରତିହତ କରିବା ପାଇଁ ରାଉରକେଲା ପୋଲିସ ଓ ଡିଭିଏଫ୍ (ଜିଲା ସ୍ୱେଚ୍ଛିକ ବଳ) ସହଯୋଗରେ କ୍ରମାଗତ ପାଟ୍ରୋଲିଂ ଓ ସର୍ଚ୍ଚ ଅପରେଶନ କରାଯିବ। ଏଥିପାଇଁ ଝାଡ଼ଖଣ୍ଡ ସୀମାବର୍ତ୍ତୀ ଜିଲା ପୋଲିସ ପ୍ରଶାସନ, ସିଆର୍ପିଏଫ୍ ଡିଜିଙ୍କ ସହ ରାଉରକେଲା ଏସପି ମିତ୍ରଭାନୁ ମହାପାତ୍ର ଆଲୋଚନା ଜାରି ରଖିଥିବା କହିଛନ୍ତି। ସେ ଆହୁରି କହିଛନ୍ତି, ସୀମାନ୍ତରେ ମାଓବାଦୀ ଗତିବିଧି ଉପରେ ଗୁଇନ୍ଦା ବିଭାଗ ନଜର ରଖିଛି। ଡିଭିଏଫ୍ ସହଯୋଗରେ ଅପରେଶନକୁ ଜୋରଦାର କରାଯିବ। ସମସ୍ତ ସୀମାବର୍ତ୍ତୀ ଥାନା ଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି ବୋଲି ମହାପାତ୍ର କହିଥିଲେ। ସେହିପରି ବମ୍ବେ-ହାୱଡ଼ା ମୁଖ୍ୟ ରେଳମାର୍ଗକୁ ଅଧିକ ସୁରକ୍ଷିତ କରିବା ପ୍ରସଙ୍ଗରେ ରେଳବାଇ ସୁରକ୍ଷା ବଳ (ଆର୍ପିଏଫ୍) କମାଣ୍ଡାଣ୍ଟ ଓମ୍କାର ସିଂ କହିଛନ୍ତି, ମାଓବାଦୀମାନେ ନିଜ ଉପସ୍ଥିତି ଜାହିର କରିବାକୁ ବିଭିନ୍ନ ଆପରାଧିକ ପନ୍ଥା ଆପଣେଇଥାନ୍ତି। ଏଥିରେ ରେଳମାର୍ଗ ଗୁଡ଼ିକୁ କ୍ଷତି ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ ରହିଥାଏ। ପ୍ରାୟ ଏକ ସପ୍ତାହରୁ ଚକ୍ରଧରପୁର ରେଳମଣ୍ଡଳ ଅଧୀନ ଚକ୍ରଧରପୁର- ରାଉରକେଲା ପର୍ଯ୍ୟନ୍ତ ଗୋଟିଏ ଇଞ୍ଜିନ ଓ ୨ଟି ବଗିରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ସ୍ପେଶାଲ ସ୍କ୍ୱାଡ୍ ପାଟ୍ରୋଲିଂ କରୁଛନ୍ତି। ଆବଶ୍ୟକ ସ୍ଥଳେ ଫୋର୍ସ ବୃଦ୍ଧି କରାଯିବ ବୋଲି ସିଂ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ରାଉରକେଲା ପୋଲିସ ଜିଲା ଅଧୀନ ବିଶ୍ରା, ଲାଠିକଟା, ଚାନ୍ଦିପୋଷ, କେ. ବଳାଙ୍ଗ, ଲହୁଣୀପଡ଼ା, ଗୁରୁଣ୍ଡିଆ ଆଦି ସୀମାନ୍ତ ଅଞ୍ଚଳରେ ମାଓବାଦୀ ଅଧିକ ସକ୍ରିୟ ରହିଥାନ୍ତି। ସୀମାନ୍ତ ସରଣ୍ଡା ଜଙ୍ଗଲ ଯୋଗୁ ସେମାନଙ୍କୁ ଦମନ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା କୁହାଯାଉଛି।

# ଏନ୍ଆଇଟି ଏଫ୍ଟିବିଆଇ ପକ୍ଷରୁ କାର୍ନିଭାଲ ଉଦ୍ଘାଟିତ

ରାଉରକେଲା, ୨୦।୧୧ (ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ପୃଷ୍ଠପୋଷକତାରେ ଫାଉଣ୍ଡେଶନ ଫର୍ ଟେକ୍ନୋଲୋଜି ଆଣ୍ଡ ଇନକ୍ୟୁବେଶନ (ଏଫ୍ଟିବିଆଇ) ଆନୁକୂଲ୍ୟରେ ସୋମବାର ଟିର୍ ବିଲ୍ଡିଂରେ କାର୍ନିଭାଲ-୨୦୨୩ ଉଦ୍ଘାଟିତ ହୋଇଛି। ଏଥିରେ ସହରର ୨୦ଟି ସ୍କୁଲର ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଫ୍ଟିବିଆଇ କେନ୍ଦ୍ର ମୁଖ୍ୟ ପ୍ରଫେସର ମନୋଜ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏମ୍ସିଏଲ୍ ନିର୍ଦ୍ଦେଶକ (ଟିଓପି) ଜୁଗଲ ବୋରାହ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ କାରଣ ପାଇଁ ଉତ୍ପାଦ ପ୍ରସ୍ତୁତ କରିବା ସହ ବିଶ୍ୱକୁ ପ୍ରଭାବିତ କରିବା ଭଳି ଚିନ୍ତାଧାରା କେବଳ ଏନ୍ଆଇଟି ରାଉରକେଲା ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଅଧ୍ୟକ୍ଷତା କରି ନବସୃଜନ ଓ ଗବେଷଣାମୂଳକ ସାମଗ୍ରୀ ଗ୍ରହଣୀୟ ହୋଇପାରିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତ ସରକାରଙ୍କ ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍ର ମୁଖ୍ୟ ଡ. ମନିଷ ଦିୱାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଏନ୍ଆଇଟିର ୧୫ଟି ଷ୍ଟାର୍ଟଅପର ସ୍ୱତ୍ୱାଧିକାରୀମାନେ ଯୋଗ ଦେଇଥିଲେ। ୨୦ଟି ସ୍କୁଲର ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ ସହ ଷ୍ଟାର୍ଟଅପ୍ ପକ୍ଷରୁ ବିଭିନ୍ନ ଉତ୍ପାଦ ପ୍ରଦର୍ଶନ କରାଯାଇଥିଲା। ଏଫ୍ଟିବିଆଇ ସିଇଓ ଚିରଞ୍ଜୀବୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' କାଳୀଙ୍କ ଝାଙ୍କୀ ପ୍ରଦର୍ଶିତ




କାର୍ଯ୍ୟକ୍ରମରେ ନାଟକ ପରିବେଷଣ କରାଯାଉଛି।

ରାଉରକେଲା,୨୦।୧୧ (ଦିନେଶ ମିଶ୍ର)

ରାଉରକେଲା ସିଭିଲଟାଉନଶିପ୍ ଶାଖା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଙ୍ଗାଧରପାଲ୍ଲୀ କାଳୀପୂଜା ମଣ୍ଡପରେ ମା' କାଳୀଙ୍କ ଝାଙ୍କୀ ବ୍ରହ୍ମାକୁମାରୀ ମିତାଙ୍କ ଅଧ୍ୟକ୍ଷତାରେ ପ୍ରଦର୍ଶିତ ହୋଇଯାଇଛି। ଏହି ଝାଙ୍କିରେ ବିଭିନ୍ନ ବ୍ୟକ୍ତିଙ୍କୁ ଶିବଶକ୍ତି ଓ ମା' କାଳୀଙ୍କ ବାସ୍ତବିକ ପରିଚୟ ସହ ପରମପିତା ପରମାତ୍ମାଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ଝାଙ୍କି ଉତ୍ସବରେ କଂଗ୍ରେସର ବରିଷ୍ଠ ନେତା ବୀରେନ ସେନାପତି, ଭାଜପା ନେତା ଧୀରେନ ସେନାପତି, ଅଭିଜିତ ଜେନା, ଭଗବାନ ପାଢୀ, ଶିଶିର କୁମାର ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ତଥା ଆଖାପାଖ ଅଞ୍ଚଳରୁ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପରମାତ୍ମାଙ୍କ ତତ୍ତ୍ୱ ଉପରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ଜୟା ମା' କାଳୀଙ୍କ ଅଭିନୟ କରିଥିବାବେଳେ ବେଣୁଧର ଅସୁରରାଜ ରକ୍ତବିର୍ଯ୍ୟ ହୋଇଥିଲେ। ଏଥିସହ ବର୍ତ୍ତମାନ ଯୁଗରେ ସୋସିଆଲ ମିଡିଆର କୁପ୍ରଭାବକୁ ନେଇ ଏକ କ୍ଷୁଦ୍ର ନାଟକ ସହ ବ୍ୟସନ ମୁକ୍ତ ପାଇଁ ପରିବେଷଣ କରାଯାଇଥିଲା। ବ୍ରହ୍ମକୁମାରୀ ଓ ବ୍ରହ୍ମକୁମାର ସହଯୋଗ କରିଥିଲେ।

# ବୈଦିକ ଯଜ୍ଞ ମାନସିକ ଶାନ୍ତି ଦିଏ

ରାଉରକେଲା,୨୦।୧୧ (ବିପ୍ଳବ ରଞ୍ଜନ ଦାଶ)

ଭାରତୀୟ ନବଜାଗରଣର ପୁରୋଧା, ସମଗ୍ର କ୍ରାନ୍ତି ଜନକ, ବେଦୋଦ୍ଧାରକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱିଶତବାର୍ଷିକୀ ସମ୍ପ୍ରତି 'ଜ୍ଞାନଜ୍ୟୋତି ପର୍ବ' ଭାବେ ସମଗ୍ର ଦେଶରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଶ୍ରୁତି ନ୍ୟାସ ସଙ୍ଗଠନ ପକ୍ଷରୁ ସେକ୍ଟର-୨୦ ସ୍ଥିତ କମ୍ୟୁନିଟି ସେଣ୍ଟରରେ ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହୋଇଛି। ମହାଯଜ୍ଞର ଅଧକ୍ଷ ଭାବେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରତିଦିନ ପରିବାରର ସଦସ୍ୟମାନେ ଅନ୍ୟୂନ ଓମ୍ ଜପ, ଗାୟତ୍ରୀ ମନ୍ତ୍ର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ କଲେ ଗୃହରେ ସକରାତ୍ମକ ଉର୍ଜା ସହିତ ସ୍ୱାସ୍ଥ୍ୟ ସମୃଦ୍ଧି ପ୍ରାପ୍ତ ହୁଏ ବୋଲି କହିଥିଲେ। ଗାୟତ୍ରୀ ପାଣିଗ୍ରାହୀ ଓ ଶ୍ରୁତିପ୍ରିୟା ଯଜ୍ଞ ସଞ୍ଚାଳନ କରିଥିଲେ। ସୁଶାନ୍ତ ସାହୁ, ଆଶାଲତା ଦାସ, ସ୍ନେହଲତା ବେହେରା, ଶ୍ରୀକାନ୍ତ ଷଡଙ୍ଗୀ ବୈଦିକ ଭଜନ ପରିବେଷଣ କରିଥିଲେ। ରାଉରକେଲା ନଗର ଓ ଆଖପାଖ ଅଞ୍ଚଳରେ ସମ୍ପ୍ରତି ଶ୍ରୁତିନ୍ୟାସ




ଯଜ୍ଞରେ ବିଧାୟକ ସୁବ୍ରତ ତରାଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପକ୍ଷରୁ ଚାଲିଥିବା ବେଦପ୍ରଚାର ଅଭିଯାନ ଉପରେ ସମ୍ପାଦକ ପଦ୍ମନାଭ ସ୍ୱାଇଁ ସୂଚନା ଦେଇଥିଲେ। ନିଷ୍କାମ ଚରଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ମହାଯଜ୍ଞ କାର୍ଯ୍ୟକ୍ରମରେ ରାଉରକେଲା ସହରର ବିଭିନ୍ନ ଶୈକ୍ଷିକ, ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ସଙ୍ଗଠନର ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରଘୁନାଥପାଲି ବିଧାୟକ ସୁବ୍ରତ କୁମାର ତରାଇ ଯୋଗଦେଇ ବେଦ ଏବଂ ଯଜ୍ଞ ଭାରତୀୟ ସଂସ୍କୃତିର ପରିଚୟ। ଯଜ୍ଞ ଦ୍ୱାରା ପରିବେଶ ଶୁଦ୍ଧତା ଆସେ ଏବଂ ମାନସିକ ଶାନ୍ତି ମିଳିଥାଏ ବୋଲି କହିଥିଲେ। ପୀତବାସ ଦଳେଇ, ବିଜୟ ବେହେରା, ପ୍ରଦୀପ ପାଣିଗ୍ରାହୀ, ଗିତ ନାୟକ, ଜୟନ୍ତ ପୁଷ୍ଟି, ଦିବାକର ବାରିକ, ହେମନ୍ତ ଜେନା, ହରିହର ପ୍ରଧାନ, ଅରୁଣ ନାୟକ, ସଂଯୁକ୍ତାକର, ଆଦିତ୍ୟ ଦାସ, ଆରତୀ ସାହୁ, ପ୍ରଫୁଲ୍ଲ ବାଡତ୍ୟା, ରମେଶ ପାତ୍ର, ଭୁବନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

କୁଚିଣ୍ଡା,୨୦।୧୧(ବିରଞ୍ଚି ଦର୍ଶା):

ବାମରା ବ୍ଲକ ଅନ୍ତର୍ଗତ ସଗରା ରେଲଷ୍ଟେଶନରେ ମାଲ ବୋଝେଇ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସଗରା ପଞ୍ଚାୟତ ମୁଣ୍ଡିଲସା ଗ୍ରାମର ଉପେନ୍ଦ୍ର ସାନ୍ତରାଙ୍କ ସ୍ତ୍ରୀ ସତ୍ୟବତୀ ସାନ୍ତରା(୭୦)। ସୂଚନା ଅନୁଯାୟୀ ସତ୍ୟବତୀ କୌଣସି କାମରେ ସଗରା ଆସି ଘରକୁ ଫେରୁଥିଲେ। ସେ ରେଳ ଲାଇନ ଅତିକ୍ରମ କରୁଥିବା ସମୟରେ ଏକ ଚଳନ୍ତା ମାଲଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଶରୀର କ୍ଷତବିକ୍ଷତ ହୋଇ ଛିଟିକି ପଡିଥିଲା। ଖବର ପାଇ ବାମରା ଜିଆର୍‌ପି ଫାଣ୍ଡି ଅଧିକାରୀ ଲଳିନ୍ଦ୍ର ଡନସେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଜିଆରପି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଜମନକିରା (ବି)ଠାରେ ରକ୍ତଦାନ ଶିବିର

କୁଚିଣ୍ଡା,୨୦।୧୧(ବିରଞ୍ଚି ଦର୍ଶା):

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଜମନକିରା (ବି)ଠାରେ ସୋମବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ କ୍ଲବ ସଭାପତି ପ୍ରମୋଦ ରୋହିଦାସଙ୍କ ସଭାପତିତ୍ୱରେ ହୋଇଥିବା ଶିବିରକୁ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ସଞ୍ଜୟ ମିଶ୍ର, କୃଷି କର୍ମଚାରୀ ରୋଜାଲିନ ମହାକୁଳ, ଆଇନଜୀବୀ ଶାନ୍ତନୁ କାଲୋ, ନାଏବ ସରପଞ୍ଚ ଉଷାବତୀ ବାହାଲା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୭୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବିମଳ ମେହେର ଶିବିର ପରିଚାଳନା କରିଥିଲେ।

### ଇ ସାହିତ୍ୟ ପତ୍ରିକା ଗୀତାଞ୍ଜଳି ଲୋକାର୍ପିତ

ନାକଟିଦେଉଳ, ୨୦।୧୧
(ବୈକୁଣ୍ଠ ନାଥ ସାହୁ):

ନାକଟିଦେଉଳ ବ୍ଲକ ଜାମୁଯୋରୀ ପଞ୍ଚାୟତ କୁଡ଼ାନାଳି ଗ୍ରାମରେ ଆଦ୍ୟାଶା ଫାଉଣ୍ଡେଶନ ପକ୍ଷରୁ ଇ ସାହିତ୍ୟ ପତ୍ରିକା ଗୀତାଞ୍ଜଳିର ଲୋକାର୍ପଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭାଜପା ନେତା ତଥା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ରେଢ଼ାଖୋଲର ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ରେଢ଼ାଖୋଲ ପୌରପାଳିକା ଅଧ୍ୟକ୍ଷ ଶିବରାମ ସାହୁ, ବିଜେଡି ନେତା ଅନାଦି ସାହୁ, ନାକଟିଦେଉଳ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଘୋଷରାମାଲ ସମିତି ସଦସ୍ୟ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପତ୍ରିକାର ସମ୍ପାଦିକା ରଶ୍ମିତା ରାଉତ ଧନ୍ୟବାଦ ଦେଇଥିଲେ।

### ରେଙ୍ଗାଲିରେ ଛଟ୍ ପୂଜା

ରେଙ୍ଗାଲି,୨୦।୧୧(ଦେବବ୍ରତ ପଣ୍ଡା):

ସମ୍ବଲପୁର ଜିଲା ରେଙ୍ଗାଲି ବିହାରୀ ସମାଜ ପକ୍ଷରୁ ଛଟ୍‌ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ରେଙ୍ଗାଲି ରାମସାଗର ପୋଖରୀରେ ପୂଜା ଆୟୋଜନ କରାଯାଇଥିଲା। ବ୍ରତଧାରୀମାନେ ରବିବାର ସନ୍ଧ୍ୟାରେ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜା କରିଥିବା ବେଳେ ସୋମବାର ପ୍ରାତଃରେ ଉଦିତ ସୂର୍ଯ୍ୟଙ୍କ ପୂଜା କରିଥିଲେ। ରବିବାର ଅନୁଷ୍ଠିତ ପୂଜାରେ ଯୁବ ବିଜେଡି ନେତା ବିଶାଳ ଦାସ, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ।

# ଭିନ୍ନକ୍ଷମ ହୋଇ ବି ସକ୍ଷମ

ସମ୍ବଲପୁର,୨୦।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଚାରଭାଟୀ ଛକରେ କୁକୁଡା ଦୋକାନ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ଭିନ୍ନକ୍ଷମ ମୁନ୍ନା ବିଶ୍ୱକର୍ମା। ରାମଚନ୍ଦ୍ର ବିଶ୍ୱକର୍ମା ଓ ରୀନା ବିଶ୍ୱକର୍ମାଙ୍କ ବଡପୁଅ ହେଉଛନ୍ତି ମୁନ୍ନା। ତାଙ୍କୁ ଏବେ ୩୮ବର୍ଷ ହେବ। ସବୁକିଛି ଠିକ୍ ଥିବାବେଳେ ୮ବର୍ଷ ବୟସରେ ହଠାତ୍ ତାଙ୍କୁ ଜ୍ୱର ହେବା ପରେ ଗୋଟିଏ ଗୋଡ ପୋଲିଓ ଆକ୍ରାନ୍ତ ହୋଇଗଲା। ବାପା ରାମଚନ୍ଦ୍ର କିଛିଦିନ ପର୍ଯ୍ୟନ୍ତ ତାଙ୍କୁ ସ୍କୁଲ ନେବାଆଣିବା କଲେ। ହେଲେ ୪ ଝିଅପୁଅ ସହ ପରିବାର ପ୍ରତିପୋଷଣ ପାଇଁ ସେ ନିଜ କାମ ଛାଡି ମୁନ୍ନାଙ୍କୁ ସ୍କୁଲ ନେବା ସମ୍ଭବ ହେଲା ନାହିଁ। ଫଳରେ ପାଠପଢାରେ ତାଙ୍କର ଡୋରି ବନ୍ଧାହେଲା। ପରିବାରର ସ୍ଥିତି ଦେଖି ମୁନ୍ନା ୧୫ବର୍ଷ ବୟସରେ କିଛି ରୋଜଗାର କରିବା ପାଇଁ ଚିନ୍ତା କଲେ। ସ୍ୱଳ୍ପ ଟଙ୍କା ବ୍ୟୟ କରି କୁକୁଡା ଆଣି ଚାରଭାଟି ରାସ୍ତା କଡରେ ବ୍ୟବସାୟ ଆରମ୍ଭ କଲେ। ଧୀରେ



ରାସ୍ତା କଡରେ ଦୋକାନ କରିଥିବା ମୁନ୍ନା ବିଶ୍ୱକର୍ମା।

ଧୀରେ ତାଙ୍କ ବ୍ୟବସାୟ ବଢିବାରେ ଲାଗିଲା। ବ୍ୟବସାୟ ଠିକ୍ ଚାଲିବା ପରେ ସେ ବିବାହ କରି ଘରସଂସାର କଲେ। ଏବେ ତାଙ୍କର ୨ ପୁଅ ୨ ଝିଅ ଅଛନ୍ତି। କୁକୁଡା ବ୍ୟବସାୟରେ ହେଉଥିବା ଆୟରେ ପରିବାର ଖୁସିରେ ଚଳୁଥିଲା। ଏପରିସ୍ଥଳେ କିଛିମାସ ପୂର୍ବରୁ ସମ୍ବଲପୁର ମହାନଗର ନିଗମ ଜେଲଛକରୁ ଧନୁପାଲି ଛକ ପର୍ଯ୍ୟନ୍ତ ଜବରଦଖଲ ହଟାଇ ରାସ୍ତା ପ୍ରଶସ୍ତୀକରଣ କରିବା ସମୟରେ ତାଙ୍କ କୁକୁଡା ଦୋକାନ ମଧ ହଟାଇ ଦେଇଥିଲା। ନିଜ ବ୍ୟବସାୟ ପାଇଁ ଭଡାନେଇ ଦୋକାନ କରିବା ତାଙ୍କ ପାଇଁ ସହଜ ହୋଇପାରିଲା ନାହିଁ। ଶେଷରେ ସେ ପୁଣି ରାସ୍ତା କଡରେ କୁକୁଡା ଦୋକାନ ଆରମ୍ଭ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଚଲାବୁଲା ସମସ୍ୟା ଯୋଗୁ ଜିନିଷପତ୍ର ନେବାଆଣିବା ପାଇଁ ସେ ଆଖପାଖ ଲୋକଙ୍କ ସହଯୋଗ ନେଇଥାନ୍ତି। କୁକଡା ନେବାଆଣିବା ସୁବିଧା ହେବ ଭାବି ସେ ସରକାରଙ୍କ ପକ୍ଷରୁ ବଣ୍ଟନ ହେଉଥିବା ଇ ରିକସା ପାଇଁ ଆବେଦନ ମଧ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ଜଣେ ଭିନ୍ନକ୍ଷମ ହୋଇ ସେ ରୋଜଗାର ପାଇଁ ସଂଘର୍ଷ କରୁଥିବା ବେଳେ ବିଭାଗ ପକ୍ଷରୁ ତାଙ୍କୁ ଆଶାବାଡି ଛଡା ଅନ୍ୟ କିଛି ସୁବିଧା ମିଳିପାରି ନାହିଁ। ତେବେ ଏ ନେଇ ଭିନ୍ନକ୍ଷମ ଅଧିକାରୀ ରବି ଶତପଥୀଙ୍କୁ ପଚାରିବାରୁ ମୁନ୍ନା ଇ ରିକ୍‌ସା ପାଇଁ ଆବେଦନ କରିଛନ୍ତି। ପରବର୍ତ୍ତି ପର୍ଯ୍ୟାୟରେ ତାଙ୍କୁ ଏହା ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଭିନ୍ନକ୍ଷମ ହୋଇ ବି ଜଣେ ସକ୍ଷମ ବ୍ୟକ୍ତି ଭାବେ ତାଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ପାଠଚକ୍ର

ସମ୍ବଲପୁର,୨୦।୧୧(ପ୍ରମୋଦ ବହିଦାର):

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ସୋମବାର ତ୍ରିଦିବସୀୟ ପାଠଚକ୍ର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସଂଯୁକ୍ତା ଦାସ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗର ସଂଯୋଜକ ପ୍ରଫେସର ଗୋପୀନାଥ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ ମଖ୍ୟଅତିଥି ଓ ପୁରୀ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ୟାମ ଭୋଇ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ଯୋଶବନ୍ତ ସା କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନୀଲ ବିଶି, ଦୟାନନ୍ଦ ମେହେର, ହରିଦ୍ୱାର ବେହେରା, ନିରଜ ମେହେର ଓ ମାନିନୀ ସାହୁ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ



ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଠଚକ୍ର ଅବସରରେ ସମ୍ବର୍ଦ୍ଧନା ଦିଆଯାଉଛି।

ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସୀମାରାଣୀ ସାହୁ, ସୁଧାଂଶୁ ସାହୁ, ଯୋଗେଶ୍ୱର ସାହୁ, ଗୁପ୍ତେଶ୍ୱର ମେହେର, କରିଷ୍ମା ମାଝି, ପୂଜା ମାଝି, ରଏବାରୀ ମେଣ୍ଡଲି, ଛୋଟୁସିଂ, ବିକ୍ରମ ଧରୁଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା କୁମାରୀ ପଟ୍ଟନାୟକ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ସାହିତ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଷୟ ବିଶେଷଜ୍ଞ ପ୍ରଫେସର ଭୋଇଙ୍କୁ ସମ୍ବର୍ଦ୍ଧିତ କୋଯାଇଥିଲା। ସହ ସମ୍ପାଦିକା ମିନାକ୍ଷୀ ସାହୁ, ଗୋଗେଶ୍ୱର ସାହୁ, ସୁଧାଂଶୁ ସାହୁ, ଗୋକୁଳଚନ୍ଦ୍ର ଝଗରା ପ୍ରମୁଖ ପାଠଚକ୍ର ପରିଚାଳନାରେ ସହାୟତା କରିଥିବା ବେଳେ ଶେଷରେ ଛୋଟୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## କୁର୍ମିମୁଣ୍ଡା ଫୁଟ୍‌ବଲ: ଗମ୍ଭାପାଲି ଚାମ୍ପିୟନ

କୁଚିଣ୍ଡା,୨୦।୧୧(ବିରଞ୍ଚି ଦର୍ଶା):

କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତର କୁର୍ମିମୁଣ୍ଡା ଖେଳପଡିଆରେ ଦ୍ୱିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କୁର୍ମିମୁଣ୍ଡା ନେତାଜୀ ଯୁବକସଂଘ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଗମ୍ଭାପାଲି ଓ କୁର୍ମିମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ କୁର୍ମିମୁଣ୍ଡାକୁ ୧–୦ ଗୋଲରେ ହରାଇ ଗମ୍ଭାପାଲି ଚାମ୍ପିୟନ ହୋଇଛି। ଭୁବନେଶ୍ୱର ବାଘଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ବାଉରୀଗୋଡା



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟଅତିଥି ଓ କହ୍ଲେଇପାଲି ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ କପ ସହ ନଗଦ ୧୫ହଜାର ଟଙ୍କା ଓ ରନର୍ସଅପ ଦଳକୁ ୧୦ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ଯୁବକ ସଂଘ ସଭାପତି ଶ୍ୟାମସୁନ୍ଦର ପଧାନ, ସମ୍ପାଦକ ଜଗନ କିଷାନଙ୍କ ସମେତ ସମସ୍ତ ସଭ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ଉଚ୍ଚ ବିଦ୍ୟାଳୟରେ ଜାତୀୟ ପୁସ୍ତକ ସପ୍ତାହ ଉଦ୍‌ଯାପିତ

ସମ୍ବଲପୁର,୨୦।୧୧(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ଜାତୀୟ ପୁସ୍ତକ ସପ୍ତାହ ସୋମବାର ମାନେଶ୍ୱର ବ୍ଲକ ବଳାରଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ପ୍ରଫେସର ନିରୂପମା ବଡ଼ପଣ୍ଡା, ଅନୁରାଧା ପୁରୋହିତ ଓ କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ପୁସ୍ତକ ସପ୍ତାହ ପାଳନର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ୧୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁମାରୀ ଜୁଲି କୁମୁରା, ସୁପ୍ରିୟା ତ୍ରିପାଠୀ ଓ ମେଘା ଭୋଇଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଡାକ୍ତର ନାରାୟଣୀ ପଣ୍ଡା ପ୍ରଦତ୍ତ ଜନକପ୍ରିୟା ସ୍ମାରକୀ ଟ୍ରଫି ଓ ସାର୍ଟିଫିକେଟ ସହ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ସୂର୍ଯ୍ୟ ରଞ୍ଜନ ଧଳ ଓ ଅମିତ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନୀମା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅଭିଯୋଗ ଶୁଣାଣିରେ ୮୧ଗୋଟି ଅଭିଯୋଗ

କୁଚିଣ୍ଡା,୨୦।୧୧(ବିରଞ୍ଚି ଦର୍ଶା):

ବାମରା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ସମ୍ବଲପୁର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୧ ଅଭିଯୋଗ ମଧ୍ୟରେ ୧୬ଟି ସାମୂହିକ ଓ ୬୫ ବ୍ୟକ୍ତିଗତ ରହିଥିଲା। ଜିଲାପାଳ ଅନନ୍ୟା ଦାସଙ୍କ ଅନୁପସ୍ଥିତିରେ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ଡିଆର୍‌ଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ,ତହସିଲଦାର ଦିଲିପ କୁମାର ପ୍ରଧାନ,ଏବିଡ଼ିଓ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଡବ୍ଲୁଇଓ ରଞ୍ଜନ ରାମ ଶିବିର ପରିଚାଳନା କରିଥିଲେ। ଜିଲା ତଥା ଉପଖଣ୍ଡର ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସ୍ୱାଧୀନତାର ୭୫ ବର୍ଷ ପରେ ବି ରବଗା ପଞ୍ଚାୟତରେ ଟେଲିଫୋନ, ଇଣ୍ଟରନେଟ ସୁବିଧାରୁ ବଞ୍ଚିତ ଥିବା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଏହାଛଡା ରବଗା ପଞ୍ଚାୟତବାସୀ କିନାବଗା ପଞ୍ଚାୟତଠାରେ ଖୋଲାଯାଇଥିବା ନୂତନ ଲ୍ୟାମ୍ପ କାର୍ଯ୍ୟାଳୟକୁ ବିରୋଧ କରି ରବଗାଠାରେ ଖୋଲିବାକୁ ଦାବି ଜଣାଇଥିଲେ। କୁଟାରିମାଲ ପଞ୍ଚାୟତର ୱାର୍ଡମେମ୍ବର ପ୍ରାୟ ୧୦୦ ଜଣ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଏହି ଅବସରରେ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମେଳା

କୁଚିଣ୍ଡା,୨୦।୧୧(ବିରଞ୍ଚି ଦର୍ଶା):

କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଶିଶୁମେଳା ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସରୋଜ ଶତପଥୀଙ୍କ ସଭାପତିତ୍ୱରେ ହୋଇଥିବା ମେଳାରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୁବନେଶ୍ୱର ବେହେରା, ସମ୍ପାଦକ ରଞ୍ଜନ ମହାକୁଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ମେଳା ଓ ବୃତ୍ତିଧାରୀ ପ୍ରଦର୍ଶନୀରେ କମାର, ବାରିକ, କୁମ୍ଭାର, ବଢେଇ ଆଦିଙ୍କ କୌଳିକ ବୃତ୍ତି ପ୍ରଦର୍ଶିତ ହୋଇଥିଲା।

## ରାଷ୍ଟ୍ରପତିଙ୍କ ଗସ୍ତ ଅଞ୍ଚଳ ନୋ ଫ୍ଲାଇଂ ଜୋନ ଘୋଷିତ

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର):

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବଲପୁର ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଅବତରଣ କରିବାକୁ ଥିବା ବୁର୍ଲାସ୍ଥିତ ଏମ୍‌ସିଏଲ୍ ହେଲିପ୍ୟାଡ୍, ଏମ୍‌ସିଏଲ୍ ଅତିଥି ଭବନ ସହିତ ଏହାର ଆଖପାଖ ଅଞ୍ଚଳ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରରେ ନଭେମ୍ବର ୨୧ ତାରିଖ ସକାଳ ୮ଟାରୁ ୨୨ ତାରିଖ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ସେହିପରି ୨୧ ତାରିଖ ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ମା' ସମଲେଶ୍ୱରୀଙ୍କ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ପଧାନପାଲିସ୍ଥିତ ବ୍ରହ୍ମକୁମାର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାୱନ ସରୋବର, ଜମାଦାରପାଲି ବିମାନ ଅବତରଣ କେନ୍ଦ୍ର ଓ ଏହାର ଆଖପାଖ ଅଞ୍ଚଳକୁ ନଭେମ୍ବର ୨୧ ତାରିଖ ସକାଳ ୮ଟାରୁ ୨୨ ତାରିଖ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ନଭେମ୍ବର ୨୧ ତାରିଖ ସକାଳ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସେ ଗସ୍ତ କରିବାକୁ ଥିବା ମାର୍ଗରେ ଏମ୍‌ସିଏଲ୍ ମୁଖ୍ୟ ଫାଟକରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଭିସୁଟ୍ ବୁର୍ଲା ପର୍ଯ୍ୟନ୍ତ, ଭିସୁଟ୍‌ରୁ ଜାତୀୟ ରାଜପଥ(୫୩)ରେ ଲକ୍ଷ୍ମୀଡୁଙ୍ଗୁରୀ ଦେଇ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଓ ସମଲେଶ୍ୱରୀ ମନ୍ଦିରରୁ ପୁଣି ଏମ୍‌ସିଏଲ୍ ଅତିଥି ଭବନ ପର୍ଯ୍ୟନ୍ତ ମାର୍ଗକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ପୁନର୍ବାର ନଭେମ୍ବର ୨୨ ତାରିଖ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏମ୍‌ସିଏଲ୍ ଅତିଥି ଭବନରୁ ରେମେଡ ଛକ ଦେଇ ପାୱନ ସରୋବର ପଧାନପାଲି ପର୍ଯ୍ୟନ୍ତ ଓ ସେଠାରୁ ପୁଣି ଏମ୍‌ସିଏଲ୍ ଅତିଥି ଭବନ ପର୍ଯ୍ୟନ୍ତ ମାର୍ଗକୁ ନୋ ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ଏହି ସମୟରେ ନିଷିଦ୍ଧାଞ୍ଚଳ ଆକାଶରେ କୌଣସି ଡ୍ରୋନ୍ ବା ଇଲେକଟ୍ରୋନିକ୍ସ ଯନ୍ତ୍ର ଉଡ଼ିବା ଉପରେ କଟକଣା ଜାରି କରାଯାଇଛି।

ସୂଚନାଯୋଗ୍ୟ, ରାଷ୍ଟ୍ରପତି ସମ୍ବଲପୁରରେ ନଭେମ୍ବର ୨୧ ତାରିଖ ଅପରାହ୍ନ ୪ଟାରେ ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାବାଦ ସେ ମା' ସମଲେଶ୍ୱରୀଙ୍କ ପୀଠରେ ମା'ଙ୍କୁ ଦର୍ଶନ କରିବେ। ସେହିପର ଏମ୍‌ସିଏଲ୍ ଅତିଥି ଭବନରେ ରାତ୍ରି ରହଣୀ ପରେ ପରିଦିନ ପୂର୍ବାହ୍ନରେ ପଧାନପାଲି ପାୱନ ସରୋବରରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ

ସମ୍ବଲପୁର,୨୦।୧୧
(ବି.ଶଙ୍କର):

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ସୋମବାର ବୋମାଲୋଇ ଗ୍ରାମରେ ପାଳିତ ହୋଇଯାଇଛି। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଧୁନିକ ଯୁଗରେ ଲୋକମାନେ ବାହ୍ୟ ମଳମୂତ୍ର ତ୍ୟାଗର ଅଭ୍ୟାସକୁ ପରିତ୍ୟାଗ କରିପାରିନାହାନ୍ତି। ଫଳସ୍ୱରୂପ ରୋଗର ବୃଦ୍ଧି ହେବାରେ ଲାଗିଛି । ସରକାରଙ୍କ ପ୍ରଚେଷ୍ଟା ଫଳରେ ଅନେକ ଏହି ଅଭ୍ୟାସକୁ ବଦଳାଇଛନ୍ତି। କିନ୍ତୁ ସମ୍ପୂର୍ଣ୍ଣ ରୂପରେଖ ବଦଳେଇବା ଅନବାର୍ଯ୍ୟ। ଆଗାମୀ ଦିନରେ ବୋମଲୋଇ ଗ୍ରାମକୁ ସ୍ୱଚ୍ଛତା, କଠିନ ଓ ଆଦ୍ର ବର୍ଜ୍ୟବସ୍ତୁ ସୁପରିଚାଳନାର ଆଦର୍ଶ ଗ୍ରାମ ଭାବେ ଗଢିତୋଳିବାର ଆଶା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବୋମାଲୋଇ ଗ୍ରାମର ସିଆର୍‌ପି ରିନା କିଷାନ, ଝରଣା ମେହେର, ଜୟମିନି କିଷାନ ଓ ଆଶାମୁକ୍ତା ମେହେର ଉପସ୍ଥିତ ରହି ସହଯୋଗ କରିଥିଲେ।




ବୋମାଲୋଇ ଗ୍ରାମରେ ବିଶ୍ୱ ଶୌଚାଳୟ ଦିବସ ପାଳନ।

### ପ୍ରକଳ୍ପ ନାଁରେ ସାଂସଦ ପାଣ୍ଠି ଲୁଟ୍ ଅଭିଯୋଗ

## ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର,୨୦।୧୧ (ଭବାନୀ ଶଙ୍କର ଭୋଇ)

ପ୍ରକଳ୍ପ ନାଁରେ ସମ୍ବଲପୁର ସାଂସଦ ଉନ୍ନୟନ ପାଣ୍ଠି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଆର୍‌ଟିଆଇ ତଥ୍ୟକୁ ଆଧାରକରି ସମ୍ବଲପୁର ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ସୋମବାର ଜିଲାପାଳଙ୍କଠାରେ ଏହି ଅଭିଯୋଗ କରି ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତ। ଯୁଯୁମୁରା ବ୍ଲକର ଝାଙ୍କରପାଲି, କୁକୁଡାପାଲି, ଲିପିଣ୍ଡା, ଯୁଯୁମୁରା ଆଦି ୪ଟି ଗ୍ରାମପଞ୍ଚାୟତରେ ୧୨ ପ୍ରକଳ୍ପ ପାଇଁ ସମ୍ବଲପୁର ସାଂସଦ ନିଜ ଉନ୍ନୟନ ପାଣ୍ଠିରୁ ୯୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ହେଲେ ଅନେକ ପ୍ରକଳ୍ପ କାର୍ଯ୍ୟ ହୋଇ ନ ଥିବାବେଳେ କେତେକ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ବୋଲି ମାଧବ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଲିପିଣ୍ଡା ପଞ୍ଚାୟତର ବାଗଦଫା କଟା, ସିଂହପାଲି କଟା, ଫଳସାକୁଲିହା କଟା, ଛାମୁଖୋଲ କଟା, କୁକୁଡାପାଲି ପଞ୍ଚାୟତର ଗିରିପାଲିରୁ ଅର୍ଡାବାହାଲ ରାସ୍ତା, ଝାକରପାଲି ଜାମଟାଲ ରାସ୍ତା କାମ ପାଇଁ ସାଂସଦ ଉନ୍ନୟନ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଲେଖାଏ, କେଶାପାଲି ଅଁଲାଝରନ ରାସ୍ତା ପାଇଁ ୪ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଏହି କାମ ଗୁଡିକ ନିମ୍ନମାନର ହୋଇଥିବା ବେଳେ ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତର ଜାମଟାଲ କଟା ନାଁରେ ଏକ ପଥର କୁଆରିକୁ ଦେଖାଇ ସାଂସଦ ପାଣ୍ଠିର ୧୦ ଲକ୍ଷ ଟଙ୍କା ହଡପ କରାଯାଇଛି। ବ୍ଲକର ଅନ୍ୟ ୧୪ ଗ୍ରାମପଞ୍ଚାୟତକୁ ଟଙ୍କାଟିଏ ନ ଦେଇ କୁକୁଡାପାଲି ପଞ୍ଚାୟତର ଗିରିପାଲି କଟା ଖନନ ପାଇଁ ୧୦ଲକ୍ଷ ଓ ଉନ୍ନତି ଲାଗି ଆଉ ୬ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସାଂସଦ ପାଣ୍ଠିରେ ହୋଇଥିବା କାମଗୁଡିକର ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗ, ଜିଲାପାଳ ଓ ଏସ୍‌ପିଙ୍କୁ ମାଧବ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଛଟ୍ ପର୍ବରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ



ଛଟ୍‌ବ୍ରତଧାରୀଙ୍କ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରାଯାଉଛି।

ସମ୍ବଲପୁର,୧୯।୧୧
(ପ୍ରମୋଦ ବହିଦାର):

ଉଦିତ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ ସହିତ ସୋମବାର ଛଟ୍ ପର୍ବ ସମ୍ପନ୍ନ ହୋଇଛି। ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ବିହାରୀ ସମ୍ପ୍ରଦାୟର ବ୍ରତଧାରୀ ମହିଳାପୁରୁଷ ମହାନଦୀ ଓ ବିଭିନ୍ନ ଜଳାଶୟ ଘାଟରେ ଏକତ୍ରିତ ହୋଇ ଦୀପ ପ୍ରଜ୍ୱଳନ ସହ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାସହିତ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ଦୀର୍ଘ ୩୬ ଘଣ୍ଟା ଧରି କରିଥିବା ଉପବାସ ବ୍ରତ ସମାପ୍ତ କରିଛନ୍ତି। ସମ୍ବଲପପୁରର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରେଇପାଲିର ନାଳେଶ୍ୱର ଧାମ ଓ ମନ୍ଦଳିଆଠାରେ ବ୍ରତଧାରୀ ଭକ୍ତଙ୍କ ସହିତ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରି ଆଶୀର୍ବାଦ ଲାଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପ୍ରଧାନ ଛଟ୍ ବ୍ରତଧାରୀଙ୍କ ସମେତ ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ନିରାମୟ ଜୀବନ କାମନା କରିଥିଲେ। ତାଙ୍କ ସହିତ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ସୀମାଞ୍ଚଳ ଖଟେଇ, ରାମଚନ୍ଦ୍ର ମେହେର, ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ମାନସ ବକ୍ସି, ସମୀର ରଞ୍ଜନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଏଣ୍ଟ ଟାସ୍କ ଫୋର୍ସ ଟିମ୍‌ର ତଦନ୍ତ

ନାକଟିଦେଉଳ,୨୦।୧୧
(ବୈକୁଣ୍ଠ ନାଥ ସାହୁ):

ନାକଟିଦେଉଳ ବନାଞ୍ଚଳର ବାଟଗାଁ ବନାଞ୍ଚଳ ଅନ୍ତର୍ଗତ କୁନ୍ଦେଇଜୁରୀ ଜଙ୍ଗଲରୁ ରବିବାର ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା। ସୋମବାର ରେଢାଖୋଲ ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ସହକାରୀ ବନ ସଂରକ୍ଷକ ମାଳତିଲତା ହାଂସଦା, ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଥିସହିତ ଜଏଣ୍ଟ ଟାସ୍କ ଫୋର୍ସ ଏକ ସ୍ୱତନ୍ତ୍ର ଦଳ ଘଟଣା ସ୍ଥଳରେ ପହଞ୍ଚି ଦନ୍ତା ହାତୀ ମୃତ୍ୟୁର ଅନୁଧ୍ୟାନ କରିବା ସହ ରେଢାଖୋଲ ବିଦ୍ୟୁତ ବିଭାଗ ଏସ୍‌ଡ଼ିଓ ପ୍ରିୟରଞ୍ଜନ ଦାସ ଓ ନାକଟିଦେଉଳ ବିଦ୍ୟୁତ ବିଭାଗ କନିଷ୍ଠଯନ୍ତ୍ରୀ ତାପସ କୁମାର ସାହୁଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତ ଦନ୍ତା ହାତୀକୁ ସେଠାରେ ପୋତି ଦିଆଯାଇଛି। ଏଥିସହିତ ମୃତ ହାତୀଠାରୁ ୩୭ ସେ.ମି. ଲମ୍ବର ଦାନ୍ତକୁ ବନ ବିଭାଗ ଜବତ କରିଛି। ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି ବୋଲି ରେଢାଖୋଲ ବନବିଭାଗ ଡ଼ିଏଫଓ ଅରବିନ୍ଦ ମହାନ୍ତି କହିଛନ୍ତି। ତେବେ ରେଢାଖୋଲ ବିଦ୍ୟୁତ ବିଭାଗ ଏସଡ଼ିଓ ପ୍ରିୟ ରଞ୍ଜନ ଦାସଙ୍କୁ ପଚରାଯିବାରେ ବନ ବିଭାଗ ଅଧିକାରୀଙ୍କ ସହିତ ଆମେ ଘଟଣାସ୍ଥଳକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲୁ। ହାତୀ ମୃତ୍ୟୁର ସ୍ଥାନଠାରୁ ପ୍ରାୟ ୪କି.ମି. ଦୂର ଜଙ୍ଗଲରେ ୧୧କେଭି ବିଦ୍ୟୁତ୍ ତାର ଯାଇଛି। ତେଣୁ ବିଦ୍ୟୁତ କରେଣ୍ଟ ଲାଗି ସେଠାରୁ ଯାଇ ୪କି.ମି. ଦୁରରେ ହାତୀ ମରିବା ସମ୍ଭବପର ନୁହେଁ। କେଉଁ କାରଣରୁ ହାତୀର ମୃତ୍ୟୁ ହେଲା ତାହା ବନବିଭାଗ କହିପାରିବ। କିନ୍ତୁ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣାକୁ ସେ ଅସ୍ୱୀକାର କରିଥିଲେ।

### ଦନ୍ତା ହାତୀର ମୃତଦେହ ଉଦ୍ଧାର ଘଟଣା



ଘଟଣାସ୍ଥଳରେ ଅନୁଧ୍ୟାନକାରୀ ଦଳ।

## ସଂକ୍ଷେପରେ

### ଯୁଗ୍ମ ଜନଶୁଣାଣି ଶିବିରରେ ୧୨୬ଅଭିଯୋଗ



ମୁରିବାହାଲ,୨୦।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ପରିସରରେ ଯୁଗ୍ମ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଚଞ୍ଚଳ ରଣା, ଏସ୍‌ପି ହୃଷୀକେଶ ଖିଲାରି ଉପସ୍ଥିତ ରହି ୧୨୬ଜଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ତନ୍ମଧ୍ୟରୁ ୫୮ଟି ବ୍ୟକ୍ତିଗତ ସମସ୍ୟା, ୨୦ ସାମୂହିକ ଓ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ୪୮ଟି ଅଭିଯୋଗ ଥିଲା। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ସିଡିଓ ସୁଶାନ୍ତ ସିଂ, ଟିଟିଲାଗଡ଼ ଉପ ଜିଲ୍ଲାପାଳ ଦୟାମୟ ପାଢ଼ି, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୋଦ କୁମାର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ, କୃଷି ଅଧିକାରୀ ଅଭିଲାଷ ପାଣିଗ୍ରାହୀ, ବିଦ୍ୟୁତ୍ ବିଭାଗ ନିର୍ବାହୀ ଅଧିକାରୀ ବିନାୟକ ରାଉତଙ୍କ ସହ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ଏଇଇ ଅବିନାଶ ମୋଡି, ଗ୍ରାମ ପଞ୍ଚାୟତ ଅଧିକାରୀ ଏନ.ଜେ.ଥିଓଫିଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଜିଲାପାଳ ରାଣା ଯାଉଥିବା ସମୟରେ ଲଖନା ପଞ୍ଚାୟତର କାନ୍ଦେନଝୁଲା ଗ୍ରାମର ଅନେକ ଜବକାର୍ଡଧାରୀ ତାଙ୍କୁ ଅଟକାଇ ଟାଙ୍ଗରମୁଣ୍ଡାରେ ଏକ ବର୍ଷ ହେବ ମାଟି କାମ କରି ଅବଧି ପର୍ଯ୍ୟନ୍ତ ପ୍ରାପ୍ୟ ପାଇ ନ ଥିବା କହିଥିଲେ।

### ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଅଭିଯୋଗ

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଅଁଳାଭଟା ପଞ୍ଚାୟତ ଟିଙ୍ଗୋପକାନ ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ବୁଦ୍ଧୁ ମାଝି (୪୫) ସ୍ତ୍ରୀ ମଙ୍ଗୁଳାଦେଇ ମାଝିଙ୍କୁ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ମଙ୍ଗୁଳାଦେଇଙ୍କ ମୁଣ୍ଡରେ ଓ ମୁହଁରେ ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ବୁଦ୍ଧୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ଜୟପାଟଣା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ପଠାଇଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୨୮୩/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜୟପାଟଣା ଆଇଆଇସି ମମତା ପାଣିଗ୍ରାହୀଙ୍କଠାରୁ ଜଣାପଡିଛି।

### ଟ୍ରାକ୍ଟର ଚାପାରେ ଶିଶୁକନ୍ୟା ମୃତ, ଉତ୍ତେଜନା

ଖପ୍ରାଖୋଲ, ୨୦।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତଥା ବେଲପଡ଼ା ବ୍ଲକ କନ୍ଧେନଝୁଲ ଗାଁରେ ଟ୍ରାକ୍ଟର ଚାପାରେ ଏକ ୩ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମୃତକ କନ୍ଧେନଝୁଲା ଗାଁ କଣ୍ଟାବାଞ୍ଜିଆପଡ଼ାର ମାୟାଧର ମାଝିଙ୍କ ଝିଅ ଜ୍ୟୋତ୍ସ୍ନା (୩)। ଗାଁ ରାସ୍ତା ରେ ଖେଳୁଥିବା ବେଳେ ଡ୍ରାଇଭର ଟ୍ରାକ୍ଟର ପଛକୁ ଫେରାଉଥିବା ବେଳେ ଜ୍ୟୋତ୍ସ୍ନାଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡ୍ରାଇଭର ଟ୍ରାକ୍ଟର ନେଇ ପଳାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଅଟକାଇଥିଲେ। ଏହାପରେ ଡ୍ରାଇଭର ଗାଡି ଛାଡ଼ି ଦୌଡ଼ି ପଳାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଖପ୍ରାଖୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପଞ୍ଚନାମା ପରେ ଖପ୍ରାଖୋଲରେ ବ୍ୟବଚ୍ଛେଦ କରାଇ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୨୪/୨୩)ରୁଜୁ କରି ଟ୍ରାକ୍ଟର (ନଂ.ଓଡ଼ି ୦୩ ପି ୮୬୭୭)କୁ ଜବତ କରିଛି। ଡ୍ରାଇଭର କନ୍ଧେନଝୁଲା ଗାଁର ଅମର ମାଝି(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଏସଆଇ ଗୋପୀନାଥ ମହାକୁଡ କହିଛନ୍ତି।

# ବଲାଙ୍ଗୀର ରେଳ ଷ୍ଟେଶନ୍‌ର ବିକାଶ ଦାବି

ବଲାଙ୍ଗୀର,୨୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ରେଳ ଷ୍ଟେଶନରେ ଆୟୋଜିତ ସଭାରେ ସବୁଜ ପତାକ ଦେଖାଇ ଅତିଥିମାନେ ସମ୍ପ୍ରସାରିତ ବନାରସ-ସମ୍ବଲପୁର ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

ବନାରସ-ସମ୍ବଲପୁର ଏକ୍ସପ୍ରେସ ଟ୍ରେନ୍‌କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ସମ୍ପ୍ରସାରିତ କରାଯାଇଛି। ଏହି ଏକ୍ସପ୍ରେସ୍ ଟ୍ରେନ୍‌ର ସମ୍ପ୍ରସାରଣ ଯୋଗୁଁ ପଶ୍ଚିମ ଓଡ଼ିଶାର ବରଗଡ, ବଲାଙ୍ଗୀର, ଟିଟିଲାଗଡ, କେସିଙ୍ଗା ଏବଂ ଦକ୍ଷିଣ ଓଡିଶାର ରାୟଗଡା ଷ୍ଟେଶନ୍‌ରୁ ଏହିଅଞ୍ଚଳର ଲୋକେ ସିଧାସଳଖ ଆଧ୍ୟାତ୍ମିକ କ୍ଷେତ୍ର ବନାରସକୁ ଯାଇପାରିବେ। ସୋମବାର ଏହି ସମ୍ପ୍ରସାରିତ ଟ୍ରେନ୍‌କୁ ବିଶାଖାପାଟଣା ପଟକୁ ଯିବା ପାଇଁ ସମ୍ବଲପୁରଠାରେ ଉଦ୍ଘାଟନୀ ସମାବେଶ ହୋଇଥିଲା। ଏହା ସହିତ ବରଗଡ, ବଲାଙ୍ଗୀର, କେସିଙ୍ଗା ଷ୍ଟେଶନ୍‌ରେ ମଧ୍ୟ ଉଦ୍ଘାଟନୀ ସମାବେଶ ଆୟୋଜନ କରାଯାଇଥିଲା। ବଲାଙ୍ଗୀରରେ ଆୟୋଜିତ ସମାରୋହରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଏବଂ ସମ୍ବଲପୁର ଏଡିଆରଏମ୍‌ଓ ଆନନ୍ଦ ସିଂ ଯୋଗ ଦେଇଥିଲେ।

ସମାରୋହରେ ବକ୍ତବ୍ୟ ରଖି ଏମ୍‌ପି ସିଂଦେଓ ଓଡ଼ିଶାକୁ ରେଳ ଅନୁଦାନ ଦେବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ରେକର୍ଡ କରିଛନ୍ତି ବୋଲି କହିଥିଲେ। ମୋଦି ସରକାରଙ୍କ ସମୟରେ ଓଡିଶାକୁ ୭ ଶହ କୋଟିରୁ ୧୦ ହଜାର କୋଟିକୁ ରେଳ ଅନୁଦାନ ବୃଦ୍ଧି ପାଇଛି ବୋଲି କହିଥିଲେ। ଅମୃତ ଷ୍ଟେଶନ୍ ଯୋଜନାରେ ବଲାଙ୍ଗୀର ଜିଲାର ରେଳ ଷ୍ଟେଶନ୍ ଗୁଡିକର କାୟ ବଦଳି ଯିବ ବୋଲି ସେ କହିଥିଲେ। ବଲାଙ୍ଗୀରରୁ ସିଧାସଳଖ ରାଜଧାନୀ ଦିଲ୍ଲୀକୁ ଏକ ଟ୍ରେନ୍ ଚଳାଚଳ କରିବା ଏବଂ ବଲାଙ୍ଗୀର-ନୂଆପଡା ଭାୟା ପାଟଣାଗଡ ଫାଇନାଲ ଲୋକେସନ୍ ସର୍ଭେ ସରିଥିବା ରେଳ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସେ ଦାବି କରିଥିଲେ। ରାଜ୍ୟ ସଭା ଏମପି ବିଶି ତାଙ୍କ ବକ୍ତବ୍ୟରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ବଲାଙ୍ଗୀରରୁ ସିଧାସଳଖ ଦିଲ୍ଲୀକୁ ଏକ ଟ୍ରେନ ଚଳାଚଳ କରିବା ଏବଂ ବଲାଙ୍ଗୀର ରେଳଷ୍ଟେଶନ୍‌ରେ ଯଥାଶୀଘ୍ର ଏକ ଲିଫ୍ଟ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ବଲାଙ୍ଗୀର-ଖୋର୍ଦ୍ଧା ରେଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି କରିଥିଲେ। ଏଡିଆରଏମ୍ ସିଂ ସମ୍ପ୍ରସାରିତ ରେଳର ସମୟ ସାରିଣୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

**ବନାରସ-ସମ୍ବଲପୁର ଏକ୍ସପ୍ରେସ ସମ୍ପ୍ରସାରଣ ଉତ୍ସବ**

# ୫୦ତମ ଟିକ୍ରାପଡ଼ା ନାମଯଜ୍ଞର କଳସ ଶୋଭାଯାତ୍ରା



ଟିକ୍ରାପଡା ନାମଯଜ୍ଞ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ଆୟୋଜିତ କଳସ ଶୋଭାଯାତ୍ରା।

ବଲାଙ୍ଗୀର,୨୦।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଟିକ୍ରାପଡା ଅହୋରାତ୍ର ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍ଘାଟିତ ହୋଇଛି। ଏହି ଉପଲକ୍ଷେ ନାମଯଜ୍ଞର ଅଧିବାସ ଅବସରରେ ଏକ କଳସ ଶୋଭାଯାତ୍ରା ସହର ପରିକ୍ରମା କରି ଯାମଯଜ୍ଞ ସ୍ଥଳରେ ପହଞ୍ଚିଥିଲା। କଳସ ଶୋଭାଯାତ୍ରାରେ ପୁରୀ ମଠାଧିଶ ସ୍ୱାମୀ ବଂଶୀଧର ମହାରାଜ ଓ ବିଶ୍ୱାତ୍ମ ଚେତନା ପରିଷଦ ଉପାଧକ୍ଷ ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ସାଗରପଡା ଭାଗବତ ଆଶ୍ରମର ବାବା ପ୍ରେମାନନ୍ଦ ଦାସ ଓ ବାବା ବଂଶୀଧର ଦାସଙ୍କ ଗହଣରେ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ନଗର ପରିକରମା କରିଥିଲେ। ଏହି ଶୋଭାଯାତ୍ରାରେ ଶ୍ରୀକୃଷ୍ଣ ଚୈତନ୍ୟ ସେବା ସଂସ୍ଥାନର ସଭ୍ୟ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ସମସ୍ତ କାଉନସିଲର, ଆହ୍ୱାନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ହିମାଂଶୁ ଶେଖର ପାଢି, ସିଭିଲ ସୋସାଇଟିର ନୀଳମଣି ମିଶ୍ର ସାମିଲ ହୋଇଥିଲେ। ୨୨ ତାରିଖରୁ ଆଧ୍ୟାତ୍ମିକତା ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସଭାପତି ପ୍ରକାଶ କୁମାର ନେପାକ ସୂଚନା ଦେଇଛନ୍ତି । ସୋମବାର ସକାଳେ ନାମଯଜ୍ଞ କର୍ତ୍ତା ଅଙ୍କୁଶ ପ୍ରସାଦ ହୋତା ଓ ସହଧର୍ମିଣୀ ସାଗରିକା ହୋତାଙ୍କ ଦ୍ୱାରା ମୁଖ୍ୟ ପୂଜକ ସୁରେନ୍ଦ୍ର ପାଣି ପୂଜା ସମାପନ ପରେ ନାମାରମ୍ଭ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରହରୀ କମିଟିର ଭଗବାନ ବରର୍ତ୍ତା, ପ୍ରଦୀପ ସାହୁ, ସନ୍ତକ ବହିଦାର, ସଂଗ୍ରାମ ବହିଦାର, ଦିଲୀପ ସାହୁ, ଅନୀଲ ପଣ୍ଡା ଉପସ୍ଥିତ ଥିଲେ।

### ସାନଭାଇ, ପୁତୁରାଙ୍କ ଠେଙ୍ଗା ମାଡ଼ରେ ବଡଭାଇ ମୃତ

**ଜମି ବିବାଦ ନେଇ ଆକ୍ରମଣ**

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅଧୀନ କିରିକିଟା ପଞ୍ଚାୟତ ଜୁନାପାଣି (ଟିକରାପଡା)ରେ ଜମି ବିବାଦକୁ ନେଇ ସାନଭାଇ ଓ ପୁତୁରାଙ୍କ ଠେଙ୍ଗା ମାଡରେ ବଡଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରମେଶ ରାଉତ। ହତ୍ୟାକାରୀ ଭାଇ ଓ ପୁତୁରା ଫେରାର ଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର ରାତି ସାଢ଼େ ୯ଟାରେ ମୃତକଙ୍କ ସାନଭାଇ ଉମେଶ ରାଉତ ଓ ତାଙ୍କ ପୁଅ ଗୌରବ ବଡଭାଇ ରମେଶଙ୍କୁ ଜମି ବିବାଦକୁ ନେଇ ଝଗଡା କରିଥିଲେ। ଉଭୟେ ରମେଶଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ସମୟରେ ରମେଶଙ୍କ ସ୍ତ୍ରୀ ବୃନ୍ଦାଙ୍କୁ ମଧ୍ୟ ମାରିବାକୁ ଖୋଜିଥିଲେ। ହେଲେ ସେ ଭୟରେ ଲୁଚିଯାଇଥିବା ବେଳେ ସ୍ୱାମୀଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ବୃନ୍ଦା ଘରକୁ ଆସି ଦେଖିବା ବେଳେ ସ୍ୱାମୀ ଅଚେତ ହୋଇ ପଡ଼ି ଥିବା ଦେଖି ଘରକୁ ନେଇଥିବା ବେଳେ ତାଙ୍କ ମୃତ୍ୟୁ ହୋଇସାରିଥିଲା। ମୃତକ ଜଣେ ଦିବ୍ୟାଙ୍ଗ ବୋଲି ଜଣାପଡ଼ିଛି। ସୋମବାର ସକାଳେ ବୃନ୍ଦା ଥାନାରେ ଅଭିଯୋଗ ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଛି। ଥାନା ଅଧିକାରୀଙ୍କୁ ପଚାରିବାରୁ ୨ଜଣଙ୍କ ନାମରେ ମାମଲା ରୁଜୁ ହୋଇ ଘଟଣା ତଦନ୍ତ କରୁଥିବା ପ୍ରକାଶ କରିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଶାରୀରିକ ପିଇଟି ସଂଘ ପକ୍ଷରୁ ଖଡ଼ିଆଳ ବ୍ଲକ ସମସ୍ତ ପିଇଟି ଉପସ୍ଥିତିରେ ରାଜାଏଟି ହାଇସ୍କୁଲ ପ୍ରକୋଷ୍ଠରେ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ରାଜାଏଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ, ଜିଲା ପିଇଟି ସଂଘ ସଭାପତି ରାଜକପୁର ବାରିକ, ରାଜାଏଟି ହାଇସ୍କୁଲର କ୍ରୀଡା ଶିକ୍ଷକ ତଥା ଖଡ଼ିଆଳ ବ୍ଲକ ସମ୍ପାଦକ ରତନ ସିଂହ ବାରିକ ମଞ୍ଚାସୀନ ଥିଲେ। ଚନାବେଡା ଅମର ହାଇସ୍କୁଲ ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୟାନିଧି ଚଲାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ଭବାନୀପାଟଣା ପୌରପାଳିକା ଘେରାଉ କଲା ଭାଜପା

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)




ଭାଜପାର ଶୋଭାଯାତ୍ରା।

ରାଜ୍ୟ ସରକାରଙ୍କ ଅପାରଗତ, ଭାଷ୍ଟ୍ରାଚାର, ଦୁର୍ନୀତି ବିରୋଧରେ କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକା ଘେରାଉ କରିଛି ଭାଜପା। ଏହି ଅବସରରେ ଆରମ୍ଭରେ ଦଳୀୟ କାର୍ଯ୍ୟାଳୟରୁ ପୌରପାଳିକା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭବାନୀପାଟଣା ପୌରାଞ୍ଚଳ ସମେତ ସଦର ବ୍ଲକରେ ହୋଇଥିବା ବିଭିନ୍ନ ଯୋଜନାର ଦୁର୍ନୀତି ଓ ଅନିୟମିତା ନେଇ ବିକ୍ଷୋଭ କରାଯାଇଥିଲା। ଭବାନୀପାଟନା ପୌରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନରେ ବ୍ୟାପକ ଅନୀୟମିତତା, ପୌରାଞ୍ଚଳର ଭୂମିହୀନମାନଙ୍କ ବାସ ଉପଯୋଗୀ ପଟ୍ଟା ପ୍ରଦାନ, ପୌରାଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ, ରାସ୍ତାଘାଟରେ ବୁଲା ଗାଈ ଗୋରୁ ଓ କୁକୁର ଯୋଗୁ ଦୁର୍ଘଟଣା ଘଟୁଛି। କାଞ୍ଜିହାଉସ ଖୋଲାଯାଇ ଏହାର ତୁରନ୍ତ ସମାଧାନ କରାଯାଉ। ସେହିପରି ଶହୀଦ୍ ରେଣ୍ଡୋମାଝି ମେଡିକାଲ କଲେଜ ଓ ଜିଲାର ବିଭିନ୍ନ ମେଡିକାଲରେ ଡାକ୍ତର, ଟେକ୍ନିସିଆନ ଓ କର୍ମଚାରୀଙ୍କ ଘୋର ଅବାବ ରହିଛି। ଯେଉଁମାନଙ୍କ ନିଯୁକ୍ତି ହୋଇଛି ସେହିମାନଙ୍କ ରହିବା ବ୍ୟବସ୍ଥା ନ ଥିବାରୁ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ତାହା ଚିନ୍ତା ଜନକ ଅଟେ, ଏହା ତୁରନ୍ତ ସମାଧାନ କରିବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଥିଲା। ଏହି ସମୟରେ ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ, ଜିଲା ସାଧାରଣ ସମ୍ପାଦକ ଯୁଗଳ ପୋଢ, ଜୟ ଶଙ୍କର ନାଏକ, ଉପସଭାପତି ପ୍ରଶାନ୍ତ ସାହୁ ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ଭାରତ ଭୂଷଣ ଦେଓ, ଶରତ ନାଏକ, ପୀତାମ୍ବର ସାହୁ, ବାଣି ଭୂଷଣ ପ୍ରଧାନ, କେଶରୀ ଦୁର୍ଗା, ସାଗର ମାଝି, ମହିଳା ନେତ୍ରୀ ବାସନ୍ତୀ ବାଣୁଆ, ପୂର୍ବତନ ଜିଲା ଯୁବ ମୋର୍ଚ୍ଚା ସଭାପତି ବିରଞ୍ଚି ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣାନ୍ତକ ଆକ୍ରମଣ, ଯୁବକ ଆହତ

ଲୋଇସିଂହା,୨୦।୧୧(ସୁଶାନ୍ତ ବାରିକ)

- ରାଜନୈତିକ ଆକ୍ରୋଶରୁ ଆକ୍ରମଣ ଅଭିଯୋଗ
- ଆହତଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କନ୍ଦାଜୁରୀ ଗ୍ରାମର ଜଣେ ଯୁବକଙ୍କ ସୋମବାର ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ଆକ୍ରମଣର ଶିକାର ନୀଳାଞ୍ଚଳ ପଧାନ ତାଙ୍କୁ ରାଜନୈତିକ ଆକ୍ରୋଶର ରଖି ଜଣେ ପୂର୍ବତନ ସରପଞ୍ଚ ତାଙ୍କୁ ଆକ୍ରମଣ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଲୋଇସିଂହା ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଇଛି। ନୀଳାଞ୍ଚଳ ଜଣେ କ୍ଷୀର ବ୍ୟବସାୟୀ ଏବଂ ବିଜେଡିର ଦୃଢ ସମର୍ଥକ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀଙ୍କୁ ସେ ସମର୍ଥନ କରିଥିବା ବେଳେ ଆକ୍ରମଣକାରୀଙ୍କ ସ୍ତ୍ରୀ ମଧ୍ୟ ଏକ ଜାତୀୟ ଦଳରୁ ପ୍ରାର୍ଥୀ ହୋଇଥିଲେ। ଏହାକୁ ନେଇ ନୀଳାଞ୍ଚଳଙ୍କ ଉପରେ ସମ୍ପୃକ୍ତ ପୂର୍ବତନ ସରପଞ୍ଚଙ୍କ ରାଗ ରହିଥିଲା। ସୋମବାର ସକାଳେ ନୀଳାଞ୍ଚଳ କ୍ଷୀର ଧରି ଲୋଇସିଂହା ଆସୁଥିବାବେଳେ କୁଆଡେ ସେ ତାଙ୍କୁ ଗାଳିଗୁଲଜ କରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଅପରପକ୍ଷେ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ନୀଳାଞ୍ଚଳଙ୍କ ବିରୋଧରେ ସନତ ଦଳେଇ ନାମକ ଜଣେ ବ୍ୟକ୍ତି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଏତଲାକୁ ଭିତ୍ତି କରି ତଦନ୍ତ କରାଯାଉଥିବା ଆଇଆଇସି ଯାଜ୍ଞସିନୀ ନାୟକ କହିଛନ୍ତି।

# କଳାହାଣ୍ଡି ଜିଲା କ୍ରୀଡ଼ା ସଂସ୍ଥାର ବାର୍ଷିକ ସାଧାରଣ ସଭା, ନିର୍ବାଚନ

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)




ନବନିର୍ବାଚିତ ଜିଲା କ୍ରୀଡା ସଂସ୍ଥାର କର୍ମକର୍ତ୍ତା।

**ସୁନୀଲ ବେହେରା କାର୍ଯ୍ୟକାରୀ ସଭାପତି**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ସଭାଗୃହ ଠାରେ ଜିଲା କ୍ରୀଡା ସଂସ୍ଥାର ସାଧାରଣ ସଭା ଓ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡା ସଂସ୍ଥା ଉପସଭାପତି ରାମ କୁମାର ଜୈନ ଅଧକ୍ଷତା କରିଥିଲେ। ଏଥିରେ ୨୦୨୨-୨୩ ବର୍ଷର ବାର୍ଷିକ ବିବରଣୀ ଓ ୨୦୨୩-୨୪ବର୍ଷର କାର୍ଯ୍ୟ ଖସଡା ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ସେହିପରି ଜିଲା କ୍ରୀଡା ସଂସ୍ଥା ପରିଚାଳନା ପାଇଁ ନୂତନ କାର୍ଯ୍ୟକାରୀ କମିଟି ପାଇଁ ନିର୍ବାଚନ ହୋଇଥିଲା। ଆସନ୍ତା ୪ବର୍ଷ ଅର୍ଥାତ୍ (ନଭେମ୍ବର ମାସ,୨୦୨୭) ପର୍ଯ୍ୟନ୍ତ ନୂତନ କାର୍ଯ୍ୟକାରୀ କମିଟି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଭାପତି ଭାବେ ସୁନୀଲ କୁମାର ବେହେରା, ଉପସଭାପତି ରାମ କୁମାର ଜୈନ, ଅର୍ଜୁନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠି, କୋଷାଧକ୍ଷ ନିର୍ମଳ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦିର, ଧିରେନ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ସନତ ସିଂ, ଆଥେଲେଟିକ ସମ୍ପାଦକ ରବି ପ୍ରସାଦ୍ କାନୁନ୍ ଗୋ ପ୍ରମୁଖ ନିର୍ବାଚିତ ହୋଇଥିଲେ। ୭ଜଣ କାର୍ଯ୍ୟକାରୀ ସଭ୍ୟ ଭାବେ ସୁବାଷ ଚନ୍ଦ୍ର ପଣ୍ଡା, ପୁରୁନ୍ଦର ଭୋଇ, ବିପିନ ଚନ୍ଦ୍ର ମିଶ୍ର, କୁଳମଣି ସାହୁ, ଅଜୟ ପଟ୍ଟନାୟକ, ଅଶୋକ ପଟ୍ଟନାୟକ ଓ ଅସିତ ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ। ନିର୍ବାଚନୀ ସଭାରେ ଜିଲାର ସମସ୍ତ ଅନୁଷ୍ଠାନର ପ୍ରତିନିଧି, ଆଜୀବନ ଓ ବାର୍ଷିକ ସଭ୍ୟ ନବନିର୍ବାଚିତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଲକି



@ ମନୋଜ



@ ଦିପ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାତୀପଲ ଘଉଡାଇବା ବେଳେ ଗଜସାଥୀ ଆହତ

ଦେଓଗାଁ,୨୦।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ବଲାଙ୍ଗୀର ଜିଲା ଦେଓଗାଁ ବନ ରେଞ୍ଜ ଅନ୍ତର୍ଗତ ଲୁହୁରେନପାଲି ଲୁହାଖାନ ଡୁଙ୍ଗୁରି ଗ୍ରାମ୍ୟ ଜଙ୍ଗଲରେ ୧୨ଟିକିଆ ହାତୀପଲ କିଛିଦିନ ହେଲା ରହିଛନ୍ତି। ରାତିରେ ସେମାନେ ଜଙ୍ଗଲ ତଳି ଜମିର ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଥିଲା। ହାତୀଙ୍କୁ ସୁରକ୍ଷିତ ଘଉଡାଇବା ପାଇଁ ଦେଓଗାଁ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ଫରେଷ୍ଟର ବ୍ୟାସଦେବ ସାହୁ, ଫରେଷ୍ଟ ଗାର୍ଡ, ପାରାଷ୍ଟାଫ ଓ ଗଜସାଥୀ ନିୟୋଜିତ ଅଛନ୍ତି। ସୋମବାର ସକାଳେ ହାତୀ ଘଉଡାଇବା ବେଳେ ଗୋଟିଏ ମାଈହାତୀ ପଛକୁ ଫେରିଆସି ଗଜସାଥୀ ଲୁହୁରେନପାଲିର ରବି ମାଝି(୪୦)ଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ସେଠାରେ ଉପସ୍ଥିତ ବନ କର୍ମଚାରୀ ଚିକିତ୍ସା ପାଇଁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରେଞ୍ଜର ଜାଲଙ୍କୁ ପଚାରିବାରୁ ହାତୀ ଘଉଡାଇବାରେ ଲୋକଙ୍କ ସହଯୋଗ ନ ମିଳିବାରୁ ହାତୀପଲ ସେଠାରୁ ବାହାରି ପାରୁନାହାନ୍ତି। ହାତୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ବର୍ତ୍ତମାନ ଲୁହୁରେନପାଲି, ଘୁଚିପାଲି, ଶିରାବାହାଲ, ରାଏପାଲି, ବୁଦେଲଗୁମା, ଫଟାମୁଣ୍ଡା ଅଞ୍ଚଳର ଚାଷୀ ହାତୀପଲଙ୍କୁ ନେଇ ଚିନ୍ତାରେ ପଡିଛନ୍ତି। ବଲାଙ୍ଗୀର ଡିଏଫଓ ଏ ଦିଗରେ ଧ୍ୟାନଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

# ଜମିପଟ୍ଟା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

ରାଉରକେଲା,୨୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ. ୨ରେ ତିନି ପିଢି ଧରି ବସବାସ କରୁଥିବା ବହୁ ଜନଜାତି ସମ୍ପ୍ରଦାୟର ଲୋକଙ୍କୁ ଏଯାଏ ଘରଡିହ ପଟ୍ଟା ମିଳିନାହିଁ। ଏଣୁ ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମିପଟ୍ଟା ପ୍ରଦାନ ପାଇଁ ସୋମବାର ଜନଜାତିମାନେ ସମାଜସେବୀ ରବିନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଏ ନେଇ ସେମାନେ ରାଉରକେଲା ମହାନିଗର ନିଗମ ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହାର ସ୍ଥାୟୀ ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ମନ ଟପ୍ପୋ, ରାହୁ ଖାଲକୋ, ଇତବାରୀ ଟପ୍ପୋ, ପ୍ରମିଳା ଲାକ୍ରା, ସାରଣୀ ହେମ୍ବ୍ରମ, ଝିଲୋ ଟପ୍ପୋ, ସିଲାସ ଟପ୍ପୋ, କୁଲି ଲାକ୍ରା, ସୁମନ୍ତୀ ଲୁଗାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଜନଜାତି ସମ୍ପ୍ରଦାୟର ଲୋକମାନେ ଦାବିପତ୍ର ଦେଖାଉଛନ୍ତି।

## ସଂକ୍ଷେପରେ

### ଦାଦନ ଶ୍ରମିକ ନିଖୋଜ, ପରିବାର ଥାନାର ଦ୍ୱାରସ୍ଥ

ନୂଆପଡ଼ା,୨୦।୧୧(ମକାରୁ ବେମାଲ)



ନୂଆପଡା ଜିଲା କୋମନା ଥାନା ଦାନୋଝଲା ଗାଁର ଦାଦନ ଶ୍ରମିକ ବିନୋଦ ମହାନନ୍ଦ ନିଖୋଜ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଗତ କିଛି ମାସ ତଳେ ଉକ୍ତ ଗାଁର ଉପେନ୍ଦ୍ର ମହାନନ୍ଦଙ୍କ ପୁଅ ବିନୋଦ ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ୧୬ ତାରିଖରେ ବିନୋଦ ଟ୍ରେନ୍‌ରେ ଘରକୁ ଫେରୁଥିଲେ। ତା'ପରଦିନ ସକାଳେ ବଲାଙ୍ଗୀର ଜିଲା ଲାଠୋର ଷ୍ଟେଶନରେ ସେ ଓହ୍ଲାଇଥିବା ତାଙ୍କ ସାଥୀମାନେ କହିଛନ୍ତି। କିନ୍ତୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ବିନୋଦ ଘରକୁ ଫେରିନାହାନ୍ତି। ବର୍ତ୍ତମାନ ବିନୋଦଙ୍କ ଫୋନ ଲାଗୁ ନ ଥିବାରୁ ପରିବାର ଲୋକେ ଆଶାଆଶଙ୍କାରେ ରହିଛନ୍ତି। ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରିଥିଲେ ବି କୌଣସି ପତ୍ତା ମିଳି ନ ଥିବା କହିଛନ୍ତି। ଶେଷରେ ପରିବାର ଲୋକେ କୋମନା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନିଖୋଜ ଦାଦନ ଶ୍ରମିକଙ୍କୁ ଖୋଜି ଆଣିବାକୁ ଜିଲା ପୋଲିସ ପ୍ରଶାସନ ନିକଟରେ ଶ୍ରମିକଙ୍କ ବାପା ଉପେନ୍ଦ୍ର ମହାନନ୍ଦ, ଭିଣୋଇ ଅର୍ଜୁନ ସୁନାନୀ, ଗଣ୍ଡାମେର ସମିତି ସଭ୍ୟ କେଶବ ନିଆଲ, ନେତା ଅଜୟ ଗହୀର ପ୍ରମୁଖ ଦାବି କରିଛନ୍ତି।

### ଖଡ଼ିଆଳ ଗଜଲକ୍ଷ୍ମୀ ପୂଜା କମିଟିର ବୈଠକ

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପୁରୁପଡା ଖେଳ ପଡିଆଠାରେ ଲକ୍ଷ୍ମୀପୂଜା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦେଇଥିଲେ। ଚଳିତବର୍ଷ ପୂଜା କାର୍ଯ୍ୟକ୍ରମର ସହ ଆଗାମୀ ବର୍ଷ ଗଜଲକ୍ଷ୍ମୀ ପୂଜା ଆହୁରି ଆଡମ୍ବର ସହିତ ପାଳନ ହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିରେ କମିଟି ସଭାପତି ଖଡ଼ିଆଳ ବିଧାୟକ ପାଣିଗ୍ରହୀ, ନଗରପାଳ ଗୁପ୍ତା, ଆଶୁତୋଷ ଯୋଶୀ, ଅଶିଷ ମୁଣ୍ଡ, ପ୍ରଦୀପ ମହାନା, ବିଦ୍ୟୁତ ପ୍ରକାଶ ମୁଣ୍ଡ, ଅରବିନ୍ଦ ଯୋଶୀ, ସୁନୀଲ କୁମାର ନାଗ, ଦୁର୍ବା ରଞ୍ଜନ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ଦାବି ନେଇ ଭାଜପାର ବ୍ଲକ ଘେରାଉ

ଖଡ଼ିଆଳ,୨୦।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭାଜପା ପକ୍ଷରୁ ରାଜ୍ୟ ସରକାର ଦୁର୍ନୀତି, ଭ୍ରଷ୍ଟାଚାର ଓ ପିସି କାରବାର ଅଭିଯୋଗ କରି ବ୍ଲକ ଘେରାଉ କରାଯାଇଛି। ଜିଲା ଭାଜପା ସଭାପତି ସୁବ୍ରତ ଠାକୁରଙ୍କ ନେତୃତ୍ୱରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବଦେବ ସିଂଦେବ, ଜିଲା ବରିଷ୍ଠ ସଦସ୍ୟ ପୃଥ୍ୱୀରାଜ ମହାନ୍ତି, ଅଜିତ କିଶୋର ଚଳାନ, ସୁନୀଲ କୁମାର ନାଗ ପ୍ରମୁଖ ଯୋଗଦେଇ ବ୍ଲକ ଅଫିସ ଆଗରେ ଗର୍ଜିଛନ୍ତି। ବିଭିନ୍ନ ପ୍ରସଙ୍ଗ ନେଇ ବିଡିଓ ବିରସେନ ବେହେରାଙ୍କୁ ଘେରିଥିଲେ। ଘରାଉ ସମୟରେ ଶତାଧିକ ଭାଜପା କର୍ମୀ ଯୋଦେଇଥିଲେ।

### କାର୍ତ୍ତିକ ପୁରାଣ ପାଇଁ କଳସ ଯାତ୍ରା

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଦର୍ପଣ ସାଗର ପଡାରେ କାର୍ତ୍ତିକ ପୁରାଣ ପାଇଁ ରବିବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦର୍ପଣ ସାଗର ପଡାରୁ କଳସ ଯାତ୍ରା ବାହାରି ପୁରୁଷୋତ୍ତମ ସାଗର ନିକଟରେ ପହଞ୍ଚି ପୂଜାର୍ଚ୍ଚନା ପରେ ପୁଣି ଦର୍ପଣ ସାଗର ପଡାରେ ପହଞ୍ଚିଥିଲା। କଳସ ଯାତ୍ରାରେ ଦର୍ପଣ ସାଗର ପଡା ସମେତ ଆଖପାଖ ଅଞ୍ଚଳର ମହିଳା ସାମିଲ ହୋଇଥିଲେ। ଚଳିତବର୍ଷ କାର୍ତ୍ତିକ ପୂଜା ଦ୍ୱିତୀୟ ବର୍ଷ ପାଳନ କରୁଛି। ଏହି ପୂଜା ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସାତଦିନ ଧରି ଏଠାରେ କାର୍ତ୍ତିକ ପୁରାଣ ପଢାଯିବ। ଚଳିତବର୍ଷ କର୍ତ୍ତା ଭାବେ ଭବାନୀ ଶଙ୍କର ସିଂ ଦେଓ ଓ ଶାନ୍ତିଲତା ସିଂ ଦେଓ କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଭାବେ ଶ୍ରୀନିବାସ ମୁଣ୍ଡ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି।

# ସ୍କୁଲ ପିଲାଙ୍କ ସୁରକ୍ଷିତ ପରିବହନକୁ ଗୁରୁତ୍ୱ

ରାଉରକେଲା,୨୦।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଦିନକୁ ଦିନ ଜନସଂଖ୍ୟା ସାଙ୍ଗକୁ ଯାନବାହନ ଚଳାଚଳ ବଢ଼ିବାରେ ଲାଗିଛି। ବାଣିଜ୍ୟ, ଶିକ୍ଷା ଏବଂ ଦୂର ସ୍ଥାନକୁ ଯାତ୍ରା ଜନିତ ପରିବହନ ଚାହିଦା ମଧ୍ୟ ବଢ଼ିଚାଲିଛି। ଫଳରେ ଯାନବାହନଗୁଡ଼ିକର ଫିଟନେସ ଯାଞ୍ଚ, ଡ୍ରାଇଭିଂ ଲାଇସେନ୍ସ, ଲାଇଟ ଲାଇସେନ୍ସ, ରୁଟ୍ ଯାଞ୍ଚ, ସ୍କୁଲ, କଲେଜ ଗାଡ଼ି ପରିଚାଳନା ଓ ଯାନବାହନ ଜନିତ ତୁଲାଇବା ବିଭାଗ ପାଇଁ ଜଟିଳ ବିଷୟ ଥିଲା। ସହରର ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ପାଇଁ ରହିଥିବା ଗାଡ଼ିଗୁଡିକର ଫିଟନେସ, ଚାଳକ ଲାଇସେନ୍ସ ଆଦି ଯାଞ୍ଚ ହୋଇପାରୁ ନ ଥିଲା। ଏହାର ସୁଯୋଗରେ ଚାଳକମାନେ ବେଧଡ଼କ ଭାବେ ସ୍କୁଲ ପିଲାଙ୍କୁ ନିର୍ଦ୍ଧାରିତ ସିଟ୍‌ଠାରୁ ଅଧିକ ପିଲାଙ୍କୁ ନେବା ଆଣିବା କରୁଥିଲେ। ତେବେ ଏହି ସମସ୍ୟାର ସମାଧାନ ପାଇଁ ପରିବହନ ବିଭାଗ ପକ୍ଷରୁ ଆଦର୍ଶ କ୍ୟାରିୟର ସଂସ୍ଥାକୁ ସାମିଲ କରାଯାଇଛି।

ଏହାଦ୍ୱାରା ଆଗକୁ ସହରରେ ପରିବହନ ଜନିତ ବିଶୃଙ୍ଖଳା ନିୟନ୍ତ୍ରଣକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶା କରାଯାଉଛି। ଏ ନେଇ ରାଉରକେଲା ଆରଟିଓ ବିଭା ରଞ୍ଜନ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ସହରରେ ପରିବହନ କାର୍ଯ୍ୟକ୍ରମ ସୁଚାରୁ ରୂପେ ଚାଲିଛି। ମାତ୍ର କିଛି ସାମାନ୍ୟ ସମସ୍ୟା ରହୁଛି ଯାହାର ସମାଧାନ ପାଇଁ ବିଭାଗ ସହିତ ଆଦର୍ଶ କ୍ୟାରିୟର ସଂସ୍ଥାକୁ ଯୋଡ଼ାଯାଇଛି। ସଂସ୍ଥା ଦ୍ୱାରା ଆଗକୁ ସହରରେ ଯାନବାହନ ସୁରକ୍ଷା ଜନିତ କାର୍ଯ୍ୟ ସମ୍ପାଦନ କରିବା ସରଳ ହେବ। ଗତ ମାର୍ଚ୍ଚ ମାସଠାରୁ ସଂସ୍ଥାକୁ ସାମିଲ କରାଯାଇଛି। ଆଗକୁ ସ୍କୁଲ ଭ୍ୟାନ ସହ ସହରର ଯାନବାହନ ଜନିତ ସୁରକ୍ଷା ଆହୁରି ସୁଦୃଢ ହେବ। ସ୍କୁଲ ଭ୍ୟାନରେ ସଂଖ୍ୟାଠୁ ଅଧିକ ପିଲା ଯିବା ବିଷୟରେ ସ୍କୁଲ ପିଲାମାନଙ୍କ ଅଭିଭାବକ ମଧ୍ୟ ଯତ୍ନଶୀଳ ହେବା ଆବଶ୍ୟକ ବୋଲି କହିଥିଲେ।

### ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ତୁଣ୍ଡଲା,୨୦।୧୧(ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସର୍ଜାପାଲି ପଞ୍ଚାୟତ ବାଦିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ସୋମବାର ପ୍ରଧାନ ଶିକ୍ଷକ ବିକ୍ରମ ଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ, ମୁଖ୍ୟବକ୍ତା ଶିକ୍ଷକ ଚୂଡ଼ାମଣି ସାହୁ, ସମ୍ମାନିତ ଅଥିତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗୁରାମ ସାହୁ ଉପସ୍ଥିତ ଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସହ ଶିକ୍ଷୟିତ୍ରୀ ଲିଲି ସାହୁ ସହଯୋଗ କରିଥିବା ବେଳେ ପୁରସ୍କାର ବିତରଣରେ ସହ ଶିକ୍ଷକ ଗୁଲୁ ମାଝି କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଧାନ ଶିକ୍ଷକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

# ରାଜ୍ୟ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ




ଉପସ୍ଥିତ ସଂଘ କର୍ମକର୍ତ୍ତା ।

ରାଜଗାଙ୍ଗପୁର, ୨୦।୧୧( ଅଶୋକ ପାଣି)

ରାଜଗାଙ୍ଗପୁରର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ରାଜ୍ୟ ସାମ୍ବାଦିକ ସଂଘର ଜିଲା ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ସଂଘ ସଭାପତି କୈଳାସ ଚନ୍ଦ୍ର ନାଏକ, ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାଉଳ, ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ଶଶାଙ୍କ ଶେଖର ଝାଙ୍କର ଓ ସଂଘର ସଭ୍ୟ ଶଶିଭୂଷଣ ଷଡ଼ଙ୍ଗୀଙ୍କ ଉପସ୍ଥିତରେ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ଏହି ସଂଘ ସଦାସର୍ବଦା ସାମ୍ବାଦିକଙ୍କ ସୁରକ୍ଷା, ସହାୟତା ଓ ଦୁଃଖସୁଖରେ ସାଥି ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ। ରାଜଗାଙ୍ଗପୁର ଉପନଗରପାଳ ମହମ୍ମଦ ଇରଫାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ସଂଘକୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପଙ୍କଜ କୁମାର ସାହୁଙ୍କୁ ସଭାପତି, ଉପସଭାପତି ନିରଞ୍ଜନ ମହାରଣା, ସାଧାରଣ ସମ୍ପାଦକ ଉପେନ୍ଦ୍ର ବଘାର, ସହସମ୍ପାଦକ ପ୍ରତାପ କୁମାର ରାଉଳ ଓ କୋଷାଧକ୍ଷ ଭାବେ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଚୟନ କର୍ମକର୍ତ୍ତାଙ୍କୁ ରାଜ୍ୟ ସଭାପତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଓ ସୂଚନା ଦେଇଥିଲେ, ଖୁବଶୀଘ୍ର ଜିଲାରେ ଏକ ବୈଠକ କରି ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ। ବୈଠକରେ ଜିଲାର ଅବଦୁଲ ସୋହେବ ଆଲମ, ରଞ୍ଜିତ କୁମାର ବୋଷ, ମହେଶ୍ୱର ସିଂ, ସନ୍ୟାସୀ ସାହୁ, କୁଳମଣି ପ୍ରଧାନ, ତେଜରାଜ ଗଡତିଆ, ସତ ସେଠ, ପ୍ରଦୀପ କୁମାର ନନ୍ଦ, କାହ୍ନୁଚରଣ ସାହୁ, ହୃଦାନନ୍ଦ ବାରିକ, ରାଜୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ଅନ୍ୟ ମାନେ ରହିଥିଲେ। ଶେଷରେ ପ୍ରଶାନ୍ତ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### କଂଗ୍ରେସର ତୁଳସୀ ସଂଗ୍ରହ ଯାତ୍ରା ଆରମ୍ଭ

ନୂଆପଡ଼ା,୨୦।୧୧(ମକାରୁ ବେମାଲ)

ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ନେତୃତ୍ୱରେ ସୋମବାର ତୁଳସୀ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସଂଗୃହିତ ତୁଳସୀ ନଭେମ୍ବର ୩୦ରେ ପଞ୍ଚାୟତ, ବ୍ଲକ ଓ ନଗର ସଭାପତିମାନେ ଜିଲା ସଭାପତିଙ୍କୁ ପ୍ରଦାନ କରିବେ। ଜିଲା ସଭାପତି ଡିସେମ୍ବର ୧ରେ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିବେ। ପ୍ରତ୍ୟେକ ଜିଲାରୁ ସଂଗୃହିତ ତୁଳସୀ ଜଗନ୍ନାଥଙ୍କୁ ଅର୍ପଣ କରାଯିବ ବୋଲି କଂଗ୍ରେସ ଜିଲା ସଭାପତି ଆଜାଦ ସୂଚନା ଦେଇଛନ୍ତି। ଉପସଭାପତି ଭୋଳାନାଥ ପ୍ରଧାନ, ସମ୍ପାଦକ ଅଭୟ ଶଙ୍କର ଯୋଶୀ, ଗୋବିନ୍ଦ ସିଂ ଠାକୁର ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଲକି



@ ମନୋଜ



@ ଦିପ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଛଟ୍ ପୂଜା କମିଟି ପକ୍ଷରୁ କମ୍ବଳ ବଣ୍ଟନ

ସୁନ୍ଦରଗଡ଼,୨୦।୧୧ (ଜୟ ନାରାୟଣ ମେଣ୍ଟୁଳି)

ରାଣୀବଗିଚା ଛଟପୂଜା କମିଟି ପକ୍ଷରୁ ଗରିବ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପୂଜାରେ ସାଜସଜ୍ଜା ବାଣ ଫୁଟାରେ ଅଯଥା ଟଙ୍କା ଖର୍ଚ୍ଚ ନ କରି ସେହି ଟଙ୍କାରେ ଅସହାୟ ଗରିବଙ୍କୁ ସୋମବାର ଭୋଜନ କରାଇ କମ୍ବଳ ବଣ୍ଟନ କରିଥିଲେ। ପରେ ସମସ୍ତଙ୍କ ସହିତ ପୂଜା ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କୁ ବଜରଙ୍ଗ ଦଳର କର୍ମୀମାନେ ସହଯୋଗ କରିଥିଲେ।

# ବିଡିଓଙ୍କୁ ଦାବିପତ୍ର ଦେଲା ଭାଜପା




ବ୍ଲକ ଘେରାଉ କରିବାକୁ ଆସିଥିବା ଭାଜପା କର୍ମୀ।

ବାଲିଶଙ୍କରା,୨୦।୧୧( ହୃଦାନନ୍ଦ ବାରିକ)

ରାଜ୍ୟସରକାରଙ୍କ ଦୁର୍ନୀତି ଓ ପିସି କାରବାରକୁ ନେଇ ବାଲିଶଙ୍କରା ବ୍ଲକରେ ଭାଜପା ପକ୍ଷରୁ ମଣ୍ଡଳ ସଭାପତି ଉଚ୍ଛବ ତନ୍ତୀ ଓ ତିଲଡେଗା ମଣ୍ଡଳ ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଚାନ୍ଦିନୀମାଲ କଲ୍ୟାଣ ମଣ୍ଡପରେ ଏକ ସଭା ଆୟୋଜିତ ହୋଇଥିଲା। ବିଭିନ୍ନ ନାରାବାଜି କରି ରାଜ୍ୟସରକାରଙ୍କ ବିରୋଧରେ ଦୁର୍ନୀତି ଓ ପିସି କାରବାରକୁ ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟ ସରକାରଙ୍କ କାର୍ଯ୍ୟ କଳାପରେ ପିସି କାରବାର ନେଇ ଗର୍ଜିଥିଲେ। ଏହି ଅବସରରେ ଭାଜପା ବିଧାୟକ ପ୍ରତିନିଧି ପର୍ଶୁରାମ ପଟେଲ, ବୈକୁଣ୍ଠ କାଲୋ, ବରିଷ୍ଠ ଭାଜପା ନେତା ଅରୁଣ ସିଂ, ସୁଶାନ୍ତ ପଟେଲ, ନନ୍ଦନ ସିଂ, ବୈରାଗୀ ତନ୍ତୀ, ମହେନ୍ଦ୍ର ପଟେଲ, ଜସନ୍ତି ଏକ୍କା, ଦୀନବନ୍ଧୁ ସାଏ, ଗୋବିନ୍ଦ ସାହୁ, ବଳରାମ ସାହୁ, ରଜତ ପଟେଲ, ବନମାଳୀ ବାରସତିଆ, ବେଣୁଧର ପଣ୍ଡା, ହେମଲତା କଲସେର, ଯମୁନା ମାଝୀ, ସୁବନା ଆପଟ, ପୂର୍ଣ୍ଣିମା ହେମ୍ବ୍ରମ, ସଚି ସା ପ୍ରମୁଖ ଯୋଗଦେଇ ବ୍ଲକ ଘେରାଉ କରି ବିଡିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ଜିଲାସ୍ତରୀୟ କରାଟେ ବେଲ୍ଟ ଟେଷ୍ଟ

ଭବାନୀପାଟଣା,୨୦।୧୧(ଉତ୍ତମ କୁମାର ଦାଶ)

## କୃତୀ ଛାତ୍ରୀଛାତ୍ର ପୁରସ୍କୃତ

କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ଜିଲାସ୍ତରୀୟ ବ୍ଲାକ ବେଲ୍ଟ ଓ କଲର୍ ବେଲ୍ଟ ଗ୍ରେଡିଂ ଟେଷ୍ଟ ଭବାନୀପାଟଣାସ୍ଥିତ ଓଲ୍ଡ ଏଲଆଇସି କଲୋନୀ ଅଫିସର ଲେଡିସ କ୍ଲବଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲାକ ବେଲ୍ଟ ଓ ବିଭିନ୍ନ କଲର୍ ବେଲ୍ଟ ପାଇଁ କରାଟେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଇନୋହା ସିଟୋରିଓ କେସିନକାଇ କରାଟେ-ଡୋ ଇଣ୍ଡିଆ ନ୍ୟାଶାଲ ପ୍ରେସିଡେଣ୍ଟ ହାଂଶି ଇଂ. ଏସଏସ ହରିଚନ୍ଦନ ଅଷ୍ଟମ ଡନ ବ୍ଲାକ ବେଲ୍ଟଙ୍କ ଅନୁମତୀକ୍ରମେ କଳାହାଣ୍ଡି ମୁଖ୍ୟ ପରୀକ୍ଷା ପରିଚାଳକ ସେନ୍ସାଇ କୃଷ୍ଣଚନ୍ଦ୍ର ସାହୁ ତୃତୀୟ ଡନ ଛାତ୍ରୀଛାତ୍ରଙ୍କ ବେଲ୍ଟ ପରୀକ୍ଷା ନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏପିଆଇ ରାଷ୍ଟ୍ରୀୟ ସଚିବ ଯତିନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଶାନ୍ତ ଭୋଇ ଓ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏପିଆଇ ରାଷ୍ଟ୍ରୀୟ ସଚିବ ଯତିନ୍ଦ୍ର ସାହୁ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ମାର୍ଗଦର୍ଶନ କରିଥିଲେ ଏବଂ କଳାହାଣ୍ଡିରେ କରାଟେ କିପରି ଆହୁରି ଲୋକପ୍ରିୟ ହୋଇପାରିବ ପ୍ରରଣା ଦେଇଥିଲେ। ଭାଗନେଇ ଥିବା ଛାତ୍ରୀଛାତ୍ର ମଧ୍ୟରେ ବ୍ଲାକ ବେଲ୍ଟ ପ୍ରଥମ ଡନ ଭୁମିକ ଭରଦ୍ୱାଜ ଭୋଇ ପାଇଥିବା ବେଳେ ୟେଲୋ ବେଲ୍ଟ ଅନନ୍ୟା ନାଏକ, ଆରିୟାନ ଆୟୁଷ୍ମାନ ବେହେରା, ଭୁବନେ ମାଝି, ନିବେଦ ସାହୁ, ଚୁଡାମଣୀ ତାଣ୍ଡି, ଆରାଧା ମହାନ୍ତି, କିଷାନ ମାଝି, ସୁରଜ ରାଉତ ପାଇଥିଲେ। ଅରେଞ୍ଜ ବେଲ୍ଟରେ ନମନ ମହାରଣା, ବାର୍ଗୀଶ ନାଏକ ପୃଥ୍ୱୀରାଜ ଉରାଶଙ୍କର ପାଇଥିଲେ। ଗ୍ରୀନ ବେଲ୍ଟରେ ଅନିକେତ ବିଶୋଇ, ବ୍ଲୁ ବେଲ୍ଟ ଆବନ୍ତିକା ପ୍ରଧାନ, ପର୍ପଲ ବେଲ୍ଟରେ ସୋହାଦ୍ୟ ବିହାରୀ, ବ୍ରାଉନ ବେଲ୍ଟ ପ୍ରଥମ କ୍ୟୁ ରେ ବିକାଶ ବାଗ, ଆଦିତ୍ୟ ମେହେର ପାଇଛନ୍ତି। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ବେଲ୍ଟ ଓ ସାଟିଫିକେଟ ପ୍ରଦାନ କରାଯାଇଥିଲା। ଶେଷରେ ସେନ୍ସାଇ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।




କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

**ଜି. ଉଦୟଗିରି ଏନ୍‌ଏସି କାଉନ୍‌ସିଲରଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର**

ଭୁବନେଶ୍ୱର,(ଅନିଲ ଦାସ): ଜି. ଉଦୟଗିରି ଏନଏସିର କାଉସିଲର ପି. ସଞ୍ଜୀବ କୁମାରଙ୍କ ଉପରୁ ବିଜେଡି ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ନେଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିବା ସୋମବାର ବିଜେଡି ପକ୍ଷରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ରାଷ୍ଟ୍ରପତିଙ୍କ ସମ୍ବଲପୁର ଗସ୍ତ ଆଜି



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସମ୍ବଲପୁର,୨୦।୧୧(ପ୍ରମୋଦ ବହିଦାର)

- ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ
- ସମଲେଶ୍ୱରୀଙ୍କୁ ଦର୍ଶନ କରିବେ, ସାଢେ ୪ଘଣ୍ଟା ମନ୍ଦିର ବନ୍ଦ

୩ ଦିନିଆ ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ସମ୍ବଲପୁର ଗସ୍ତ କରିବେ। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ରାଷ୍ଟ୍ରପତି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ୩୭ଟି ବିଷୟରେ କୃତିତ୍ୱ ହାସଲ କରିଥିବା ୩୭ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ। ବିଶ୍ୱବିଦ୍ୟାଳୟର ଗୋଲ୍ଡେନ୍ ଜୁବିଲି ସେମିନାର ପ୍ରେକ୍ଷାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ବଂଶୀଧର ମାଝି ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

କୁଳପତି ଆହୁରି କହିଛନ୍ତି, ଚଳିତବର୍ଷ ଭିସୁଟ୍‌ରେ ଆୟୋଜିତ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ୨୩ ଛାତ୍ରୀ ଓ ୧୪ ଛାତ୍ର ଏପରି ମୋଟ ୩୭ ଜଣ ବିଦ୍ୟାର୍ଥୀ ସ୍ୱର୍ଣ୍ଣପଦକ ପାଇବାକୁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୧ ଜଣ ବିଦ୍ୟାର୍ଥୀଙ୍କୁ ବିଭୂଷଣ ଉପାଧିରେ ମଧ୍ୟ ଭୂଷିତ କରାଯିବ। ଭିସୁଟ୍ ଶ୍ରୀ ବିଶ୍ୱେଶ୍ୱର ରାୟ ପ୍ରେକ୍ଷାଳୟରେ ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଷ୍ଟ୍ରପତି ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବେ। ଚଳିତବର୍ଷ ଭିସୁଟ୍‌ରେ ମୋଟ୍ ୧୨୪୫ ଛାତ୍ରୀଛାତ୍ର ବିଭିନ୍ନ ଉପାଧିରେ ଭୂଷିତ ହେବେ। ସେମାନଙ୍କ ମଧ୍ୟରୁ ୯୪୦ ଜଣ ସ୍ନାତକ ଓ ୩୦୫ ଜଣ ସ୍ନାତକୋତ୍ତର ବିଦ୍ୟାର୍ଥୀ ରହିଛନ୍ତି। ସମୟର ସ୍ୱଳ୍ପତା ଦୃଷ୍ଟିରୁ ରାଷ୍ଟ୍ରପତି କେବଳ ସ୍ୱର୍ଣ୍ଣପଦକ ବିବେଚିତ ବିଦ୍ୟାର୍ଥୀଙ୍କୁ ପଦକ ପ୍ରଦାନ କରିବେ ବୋଲି କୁଳପତି ମାଝି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ପିଆଇସି (ପ୍ରଫେସର ଇନ୍‌ଚାର୍ଜ) କୋଅର୍ଡିନେଶନ୍ ପ୍ରଫେସର ସୁଧାଂଶୁ ଶେଖର ଦାସ, ପିଆଇସି ପ୍ରେସ୍ ଓ ମିଡିଆ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଦେବସ୍ମିତା ମିଶ୍ର ପରିଚାଳନା କରିଥିଲେ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମା' ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ୩୦ ମିନିଟ ପର୍ଯ୍ୟନ୍ତ ୪ ଘଣ୍ଟା ଧରି ସାଧାରଣ ଲୋକଙ୍କ ପାଇଁ ମନ୍ଦିର ବନ୍ଦ ରହିବ। ଏହି ସମୟରେ ସୁରକ୍ଷା ଦୃଷ୍ଟିରୁ ମନ୍ଦିରକୁ ସିଲ୍ କରାଯିବ। ଏଥିରେ ଜନସାଧାରଣ ସହଯୋଗ କରିବାକୁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିବେଦନ କରାଯାଇଛି।

# ନିଜ ଅଞ୍ଚଳରୁ ଅଧିକ ମହିଳାଙ୍କୁ ଆଣି କଂଗ୍ରେସରେ ମିଶାଅ: ଶରତ

ଭୁବନେଶ୍ୱର, ୨୦।୧୧(ସୁନିତ୍ ମିଶ୍ର)



ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ପକ୍ଷରୁ ସୋମବାର କଂଗ୍ରେସ ଭବନରେ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ସବୁ ଜିଲା ସଭାନେତ୍ରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ବୁଥ୍‌ସ୍ତରରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ, ଜିଲା ଏବଂ ରାଜ୍ୟସ୍ତରରେ ମହିଳା କଂଗ୍ରେସ ସଙ୍ଗଠନ କିପରି ସୁଦୃଢ଼ କରିହେବ ସେ ନେଇ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଶରତ କହିଛନ୍ତି ଯେ, ନବନିଯୁକ୍ତ ଜିଲା ସଭାନେତ୍ରୀ ଓ କର୍ମକର୍ତ୍ତାମାନେ ନିଜ ଅଞ୍ଚଳରୁ ଅଧିକରୁ ଅଧିକ ସଂଖ୍ୟକ ମହିଳାଙ୍କୁ କଂଗ୍ରେସ ସଙ୍ଗଠନକୁ ଆଣିବା ଦରକାର। ଏହା କରିପାରିଲେ ସେମାନେ ମହିଳାମାନଙ୍କ ସମସ୍ୟାର ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିପାରିବେ। ରାଜ୍ୟରେ ସରକାର ମହିଳାମାନଙ୍କୁ ସମ୍ମାନ, ଗାଁକୁ କାମ ନାରା ଦେଇ ମିଛ ଡିଣ୍ଡିମ ପିଟୁଥିବାବେଳେ ଦେଶରେ ନାରୀ ନିର୍ଯାତନାରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ରାଜ୍ୟବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି। ଏହି ଅବସରରେ ବନ୍ଦିତା କହିଛନ୍ତି ଯେ, ଏ ସରକାର ଅମଳରେ ହତ୍ୟା, ନାରୀ ନିର୍ଯାତନା ଓ ଗଣବଳାତ୍କାର ଚରମ ସୀମାରେ ପହଞ୍ଚିଥିଲେ ମଧ୍ୟ ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ମିଳିପାରୁନାହିଁ। ପ୍ରଶାସନିକ ସ୍ଥାଣୁତା ଯୋଗୁ ଆଶାକର୍ମୀ, ଅଙ୍ଗନୱାଡ଼ି, ପାଚିକା ଓ ଗାଁ ସାଥି ସମସ୍ୟା, ଆବାସ କେଳେଙ୍କାରୀ, ଶିଶୁ ଶ୍ରମିକ ଆଦି ପ୍ରସଙ୍ଗରେ ମହିଳା କଂଗ୍ରେସ ପକ୍ଷରୁ ଘରକୁ ଘର ବୁଲି ସାଧାରଣ ମହିଳାଙ୍କୁ ସଚେତନ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ସାଙ୍ଗକୁ ତୈଳ, ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଦ୍ୱାରା ହାଣ୍ଡିଶାଳକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଛାଟ ମାରୁଛନ୍ତି ବୋଲି ସେ କହିଛନ୍ତି।



ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଧାନସଭା ପ୍ରକୋଷ୍ଠରେ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକ।

# ଦୁର୍ନୀତି, ଆଇନଶୃଙ୍ଖଳା ପରିସ୍ଥିତିକୁ ମୁଖ୍ୟ ପ୍ରସଙ୍ଗ କରିବ ଭାଜପା



ଭୁବନେଶ୍ୱର, ୨୦।୧୧(ସୁନିତ୍ ମିଶ୍ର)

**ଆଜି କଂଗ୍ରେସ ଓ ବିଜେଡିର ବିଧାୟକ ଦଳ ବୈଠକ**

ବିଧାନସଭା ଶୀତ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଏବଂ ସାମାଜିକ ଓ ରାଜନୈତିକ ପରିସ୍ଥିତିକୁ ନେଇ ଭାଜପା ରଣନୀତି ପ୍ରସ୍ତୁତ କରିଛି। ଭାଜପା ବିଧାୟକ ଦଳ ବୈଠକ ସୋମବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଅନ୍ୟପଟେ ମଙ୍ଗଳବାର କଂଗ୍ରେସ ଏବଂ ବିଜେଡିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଭାଜପା ପକ୍ଷରୁ ବିଶେଷ ଭାବେ ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାର, ବ୍ୟାପକ ପିସି କାରବାର ପ୍ରସଙ୍ଗକୁ ଗୁରୁତର ସହକାରେ ଗୃହରେ ଉଠାଯିବ ବୋଲି ସୂଚନା ଦିଆଯାଇଛି। ଭାଜପା ପକ୍ଷରୁ ଆହୁରି କୁହାଯାଇଛି ଯେ, ଆଦିବାସୀ ଜମି ହଡପ ପାଇଁ ଷଡ଼ଯନ୍ତ୍ର, ଆଇନଶୃଙ୍ଖଳା, କୃଷି ଓ କୃଷକ ସମସ୍ୟା, ରତ୍ନଭଣ୍ଡାର, ସିଏଜି ରିପୋର୍ଟରେ ଦୁର୍ନୀତରି ଖୁଲାସା, ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି, ବିପର୍ଯ୍ୟସ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାଦୁର୍ନୀତି ଆଦି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଗୃହରେ ଘେରାଯିବ। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ବସିଥିବା ବେଳେ ଏଥିରେ ବିଧାୟକମାନେ ଉପସ୍ଥିତ ରହି ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବା କୁହାଯାଇଛି।

# କୋଶଳୀ ଭାଷାରେ କହିବାକୁ ନରସିଂହଙ୍କ ଦାବି

ଭୁବନେଶ୍ୱର,୨୦।୧୧(ଅନିଲ ଦାସ)

**ସର୍ବଦଳୀୟ ବୈଠକ**

ମଙ୍ଗଳବାରଠାରୁ ଷୋଡ଼ଶ ବିଧାନସଭାର ଚତୁର୍ଦ୍ଦଶ ଅଧିବେଶନ ଆରମ୍ଭ ହେବ। ଏହା ପର୍ବରୁ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ପ୍ରମିଳା ମଲ୍ଲିକ ସମସ୍ତ ଦଳର ସହଯୋଗ ଲୋଡ଼ିଛନ୍ତି। ଗୃହର ସୁପରିଚାଳନା ପାଇଁ ସୋମବାର ପୂର୍ବାହ୍ନରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହରେ ତାଙ୍କୁ କୋଶଳୀ ଭାଷାରେ କହିବାର ସୁଯୋଗ ଦେବାକୁ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଗୃହରେ କୋଶଳୀ ଭାଷାରେ କହିବା ନିମନ୍ତେ ଅନୁମତି ଦେବାକୁ ଏକ ପ୍ରସ୍ତାବ ଦେଇଛି । ବିଧାନସଭାରେ ସଦସ୍ୟମାନଙ୍କୁ କୋଶଳୀ ଭାଷାରେ କହିବାର ଅନୁମତି ଦିଆଯାଉ। ରାଜ୍ୟ ସରକାର ଏହି ଭାଷାକୁ ଅବହେଳା କରୁଛନ୍ତି ବୋଲି ପଶ୍ଚିମ ଓଡ଼ିଶାର ଲୋକମାନେ ଅଭିଯୋଗ କରୁଛନ୍ତି। ସେଥିପାଇଁ ଏଭଳି ପ୍ରସ୍ତାବ ସେ ଆଗତ କରିଥିବା କହିଛନ୍ତି। ବିଧାନସଭାରେ କୋଶଳୀ ଭାଷାରେ ରିପୋର୍ଟର ନ ଥିବାରୁ ରେକର୍ଡ ହୋଇପାରିବ ନାହିଁ । ରିପୋର୍ଟର ନିଯୁକ୍ତି ହେବା ପରେ ଏ ନେଇ ଅନୁମତି ଦିଆଯିବ ବୋଲି ବାଚସ୍ପତି କହିଛନ୍ତି । ରିପୋର୍ଟର ଥାଆନ୍ତୁ କି ନ ଥାଆନ୍ତୁ ସେ କୋଶଳୀ ଭାଷାରେ କହିବେ ବୋଲି କହିଛନ୍ତି।

ସାଧାରଣ ନିର୍ବାଚନ ପୂର୍ବରୁ 'ସ୍ୱତନ୍ତ୍ର କୋଶଳ' ରାଜ୍ୟ ଗଠନ ଦାବି ଜୋର୍ ଧରିଛି। ନିକଟରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ବିଧାନସଭାରେ କୋଶଳୀ ଭାଷାରେ କହିବାକୁ ନରସିଂହ ଆଣିଥିବା ପ୍ରସ୍ତାବ କୋଶଳ ରାଜ୍ୟ ଗଠନ ଦାବିକୁ ଆହୁରି ବଳ ଯୋଗାଇବ ବୋଲି ଚର୍ଚ୍ଚା ହେଉଛି।

# ଆଜିଠୁ ଶୀତକାଳୀନ ଅଧିବେଶନ



**ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା**

- ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ପୋଲିସ ଡିଜି
- ଡିସିପିଙ୍କ ହାତରେ ସୁରକ୍ଷା ଭାର, ୨୮ ପ୍ଲାଟୁନ ଫୋର୍ସ ମୁତୟନ

ଭୁବନେଶ୍ୱର,୨୦।୧୧(ସତ୍ୟଜିତ୍ ରାଉତ)

ବିଧାନସଭା ଶୀତକାଳୀନ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି ବିଧାନସଭା। ଏଥିପାଇଁ ଅଧିବେଶନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ସୋମବାର ପୂର୍ବାହ୍ନରେ ପୋଲିସ ଡିଜି ସୁନୀଲ ବଂଶଲ ସମସ୍ତ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଗୋଇନ୍ଦା ଡିଆଇଜି ଅନୁପ ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କ ସହ ଉପସ୍ଥିତ ରହି ତଦାରଖ କରିଥିଲେ। ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗକୁ ନେଇ ଡିଜିପି ଆଲୋଚନା କରିଥିଲେ। ଭୁବନେଶ୍ୱର ଡିସିପି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସୁରକ୍ଷା ବ୍ୟବସ୍ଥା ରହିଛି। ପ୍ରାୟ ୨୮ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏଥିସହ ୮ଜଣ ଅତିରିକ୍ତ ଡିସିପି, ୧୬ ଜଣ ଏସିପି ଏବଂ ୨୦ ଜଣ ଇନ୍ସପେକ୍ଟରଙ୍କ ସହ ୧୦୦ରୁ ଅଧିକ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଧାରଣାସ୍ଥଳ ଅର୍ଥାତ୍ ମହାତ୍ମା ଗାନ୍ଧୀ ମାର୍ଗ, ରବୀନ୍ଦ୍ର ମଣ୍ଡପ ଛକ ଏବଂ ବିଧାନସଭା ସଂଲଗ୍ନ ରାସ୍ତାକୁ ସିସିଟିଭି ନଜରରେ ରଖାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ କୁଇକ୍ ଆକ୍ସନ୍ ଟିମ୍ (କ୍ୟୁଏଟି), ସ୍ପେଶାଲ ଅପରେଶନ୍ ଗ୍ରୁପ୍ (ଏସ୍‌ଓଜି), ବମ୍ ସ୍କ୍ୱାଡ୍, ଡଗ୍ ସ୍କ୍ୱାଡ୍, ଅଗ୍ନିଶମ ଟିମ୍, କମିଶନରେଟ୍ ପୋଲିସର କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ୍ (ସିଟିଏସ୍) ଆଦିକୁ ସଜାଗ ରଖାଯାଇଛି। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ଛକ ଆଦି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯାଇଛି। ପଦଯାତ୍ରା, ଧାରଣା, ବିକ୍ଷୋଭ ଓ ସୁରକ୍ଷାକୁ ନଜରରେ ରଖି ୫ଟି ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏସବୁ କଣ୍ଟ୍ରୋଲ ରୁମ୍ ବିଧାନସଭା ଗେଟ୍, ରବୀନ୍ଦ୍ର ମଣ୍ଡପ ଗେଟ୍, ଲୋୟର୍ ପିଏମ୍‌ଜି ଆଦି ସ୍ଥାନରେ କାର୍ଯ୍ୟ କରୁଛି। ଏଥିସହ ବିଧାନସଭାକୁ ସଂଯୋଗ କରୁଥିବା ୫ଟି ରାସ୍ତାରେ ଯାତାୟାତ ଦିଗ ବଦଳାଯାଇଛି। ଡିଜିପି ବଂଶଲ କହିଛନ୍ତି, ଶୀତକାଳୀନ ଅଧିବେଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧାରଣାସ୍ଥଳକୁ ଦାବି ଜଣାଇବାକୁ ଆସୁଥିବା ଲୋକଙ୍କ ସୁରକ୍ଷା ସହ ସେଠାରେ ଶୃଙ୍ଖଳା ବଜାୟ ରଖିବାକୁ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯାଇଛି। ଟ୍ରାଫିକ୍ ବ୍ୟବସ୍ଥାକୁ ଉତ୍ତମ ଭାବେ ପରିଚାଳନା କରିବାକୁ ସମସ୍ତ ପ୍ରସ୍ତୁତି ହୋଇଥିବା ସେ କହିଛନ୍ତି। କମିଶନର ପ୍ରିୟଦର୍ଶୀ କହିଛନ୍ତି, ଏହି ଅଧିବେଶନ ସମୟରେ ପୋଲିସକୁ ସହଯୋଗ କରିବାକୁ ନିକଟ ଅଞ୍ଚଳର ଜନସାଧାରଣଙ୍କୁ ନିବେଦନ କରୁଛୁ। ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ କାଉଣ୍ଟର କରିବାକୁ କମିଶନରେଟ୍ ପୋଲିସ ସବୁବେଳେ ପ୍ରସ୍ତୁତ ହୋଇ ରହିଛି ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ୍ୟୁ ଘଟଣା: ୫ ଗିରଫ

କେନ୍ଦୁଝର,୨୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବିମଳା ସେକ୍ସନ ପଡ଼ାଙ୍ଗ ବିଟ୍ ଆକୁଳ ଗାଁ ମୁଣ୍ଡାସାହିରେ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟଣାରେ ବନବିଭାଗ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆକୁଳ ଗ୍ରାମର ମୁଣ୍ଡାସାହିର ଶିବ ମୁଣ୍ଡା (୩୩), ଡାନିଏଲ ମୁଣ୍ଡା (୨୩), ଦୀପକ ମୁଣ୍ଡା (୨୩), ଅନୀଲ ମୁଣ୍ଡା (୨୦) ଓ ପୂର୍ଣ୍ଣଚନ୍ଦ୍ର ମୁଣ୍ଡା(୨୦) ବୋଲି ବନ ବିଭାଗ ସୂଚନା ଦେଇଛି। ଜଙ୍ଗଲ ନିକଟରେ ଧାନକ୍ଷେତ ଥିବାରୁ ଚାଷ ଜମିକୁ ବଞ୍ଚାଇବାକୁ ବିଲ ଚାରିପଟେ ଚାଷୀ ବିଦ୍ୟୁତ୍ ତାର ଲଗାଇଥିଲେ। ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବନବିଭାଗ ବିଲ ନିକଟରୁ ବିଦ୍ୟୁତ୍ ତାର ଏବଂ ତାର ବିଛାଇବାକୁ ବ୍ୟବହାର କରାଯାଇଥିବା ଖୁଣ୍ଟ ଜବତ କରିଛି। ବନ ବିଭାଗ ପୂର୍ବରୁ ଅନ୍ୟ ଏକ ହାତୀକୁ ବିଦ୍ୟୁତ୍ ତାର ଟାଣି ହତ୍ୟା ଘଟଣାରେ ଉକ୍ତ ରେଞ୍ଜରୁ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଛୁଆହାତୀର ଚିକିତ୍ସା ହୋଇପାରିଲାନି

କେନ୍ଦୁଝର,୨୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ମଇଦାନକେଲ ଜଙ୍ଗଲରେ ବୁଲୁଥିବା ଛୁଆହାତୀର ଚିକିତ୍ସା ହୋଇପାରିନାହିଁ। ସ୍ୱତନ୍ତ୍ର ଟିମ ସୋମବାର ମଇଦାନକେଲ ଜଙ୍ଗଲରେ ଚିକିତ୍ସା ପାଇଁ ଉଦ୍ୟମ କରିଥିବା ବେଳେ ବିଫଳ ମାରିଛି। ଫଳରେ ହାତୀ ଛୁଆର ଅବସ୍ଥା ଗୁରୁତର ହୋଇ ପଡୁଥିବାରୁ ଜୀବନ ପ୍ରତି ବିପଦ ବୃଦ୍ଧି ପାଉଛି। ଏସିଏଫ୍ ଅଶୋକ ଦାସ କହିଛନ୍ତି, ଛୁଆକୁ ମା' ହାତୀ ଓ ଦଳ ଘେରି ରହିଥିବାରୁ ନିଶ୍ଚେତକ କରିବାରେ ସମସ୍ୟା ହେଉଛି। ଏଣୁ ଚିକିତ୍ସାରେ ବିଳମ୍ବ ଘଟିଛି। ନଭେମ୍ବର ୧୪ ରାତିରେ ଛୁଆଟି ଛୋଟେଇ ଚାଲୁଥିବା ଥର୍ମାଲ ଡ୍ରୋନ କ୍ୟାମେରାରେ ଜଣାପଡ଼ିଥିଲା।

# ଆଦିବାସୀଙ୍କ ଜମି ହଡ଼ପ କରିବାକୁ ସୁଚିନ୍ତିତ ଯୋଜନା: ଭାଜପା

ଭୁବନେଶ୍ୱର, ୨୦।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆଦିବାସୀଙ୍କ ସହ ବିଶ୍ୱାସଘାତକତା କରି ସେମାନଙ୍କ ଜମିକୁ ଚଞ୍ଚକତାପୂର୍ଣ୍ଣ ଭାବେ ହଡପ କରିବାର ସୁଚିନ୍ତିତ ଯୋଜନା କରିଛନ୍ତି । ଗତ ୧୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍‌ରେ ଏଭଳି ଅଗଣତାନ୍ତ୍ରିକ ଓ ଆଦିବାସୀ ବିରୋଧୀ ନିଷ୍ପତ୍ତି ନେଇଛନ୍ତି। ଆଦିବାସୀଙ୍କ ଜମି ଏବେ ଅଣଆଦିବାସୀଙ୍କୁ ବିକ୍ରି କରାଯାଇପାରିବ ବୋଲି ନିଆଯାଇଥିବା ନିଷ୍ପତ୍ତି କାହା ସ୍ୱାର୍ଥରେ ନେଉଛନ୍ତି। ଆଦିବାସୀମାନେ କିଭଳି ନିଜର ସର୍ବସ୍ୱ ହରାଇବେ ସେନେଇ ରାଜ୍ୟ ସରକାର ଷଡ଼ଯନ୍ତ୍ର କରିଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୋହନ କହିଛନ୍ତି, ଆଦିବାସୀଙ୍କ ଜମିକୁ ବ୍ୟବସାୟୀ, ଜମିମାଫିଆ, ଠିକାଦାରଙ୍କ ହାତକୁ ଟେକିଦେବା ଲାଗି ରାଜ୍ୟ ସରକାର ଷଡ଼ଯନ୍ତ୍ର କରୁଛନ୍ତି। ରାଜ୍ୟରେ ଆଦିବାସୀଙ୍କ ସରକାର ଚାଲିଛି ବୋଲି ବଡ଼ ବଡ଼ ହୋର୍ଡିଂ ମାରି ପ୍ରଚାର କରାଯାଉଛି। ହେଲେ କ୍ୟାବିନେଟ୍ ନିଷ୍ପତ୍ତିରୁ ସ୍ପଷ୍ଟ, ରାଜ୍ୟରେ 'ଆଦିବାସୀ ବିରୋଧୀ' ସରକାର ଚାଲିଛି। ଏହି କ୍ୟାବିନେଟ୍ ନିଷ୍ପତ୍ତିକୁ ନେଇ ସାମାଜିକ ଗଣମାଧ୍ୟମ ଜରିଆରେ ସ୍ପଷ୍ଟୀକରଣ ରଖିବା ଅଗଣତାନ୍ତ୍ରିକ ବୋଲି ମୋହନ କହିଛନ୍ତି। ସରକାର ଏବେ ଯେଉଁ ନିଷ୍ପତ୍ତି ନେଇଛନ୍ତି ଏଥିପାଇଁ କୌଣସି ଆଦିବାସୀ ସଙ୍ଗଠନ କେବେ ବି ସରକାରଙ୍କ ପାଖରେ ଦାବି କରିନାହାନ୍ତି। ବିଧାନସଭାରେ ମଧ୍ୟ କେବେ କୌଣସି ଆଦିବାସୀ ବିଧାୟକ ଏକଥା ଉଠାଇ ନାହାନ୍ତି। ତେବେ ସରକାର କାହିଁକି ଏହି ନିଷ୍ପତ୍ତି ନେଇଛନ୍ତି। ଏପରିକି ସରକାର କହୁଛନ୍ତି ଯେ, ଏହି ପ୍ରସଙ୍ଗରେ 'ଟ୍ରାଇବାଲ ଆଡଭାଇଜରି କମିଟି' ବୈଠକରେ ଆଲୋଚନା କରାଯାଇଥିଲା ଯାହା ଏକ ମିଛ କଥା। ବିଗତ ଦିନରେ ଅନେକ ଜାଗାରେ ଆଦିବାସୀମାନଙ୍କ ଜମିକୁ ବିଭିନ୍ନ ଅସାଧୁ ବ୍ୟକ୍ତିମାନେ ବେନାମି ନାମରେ କିଣିଛନ୍ତି। ରାଜ୍ୟ ସରକାର ଏବେ ଏହି ଆଇନ ଆଣି ସେହି ଅସାଧୁ ଜମି ମାଫିଆମାନଙ୍କ ବେନାମି ଜମି କିଣାବିକାକୁ ଆଇନସମ୍ମତ କରିବା ପାଇଁ ଯାଉଛନ୍ତି ବୋଲି ମୋହନ କହିଛନ୍ତି।

# ପାରଳାଖେମୁଣ୍ଡି ଉପକଣ୍ଠରେ ମହାବଳ ବାଘ ଆତଙ୍କ

ପାରଳାଖେମୁଣ୍ଡି,୨୦।୧୧(ଗିରିଧାରୀ ପରିଛା)



ଗଜପତି ଜିଲା ପାରଳାଖେମୁଣ୍ଡି ଉପକଣ୍ଠରେ ପୁଣି ମହାବଳ ବାଘ ଆତଙ୍କ ଦେଖାଦେଇଛି। ଗତ କିଛି ଦିନ ତଳେ ଜିଲାର ରାୟଗଡ଼ା ଓ ଗୋଷାଣୀ ବ୍ଲକରେ ମହାବଳ ବାଘ ଆତଙ୍କ ଖେଳାଇଥିଲା। ଗୋଟିଏ ଗାଈକୁ ମାରି ରାସ୍ତାରେ ଖାଇବା ପରେ ଓଡ଼ିଶା ଛାଡି ଆନ୍ଧ୍ର ପ୍ରଦେଶ ସୀମାକୁ ଚାଲିଯାଇଥିଲା। ସୋମବାର ସନ୍ଧ୍ୟାରେ ମହେନ୍ଦ୍ରତନୟା ନଦୀ ନିକଟସ୍ଥ ଓଡ଼ିଶାଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ ମହାବଳ ବାଘ ବୁଲୁଥିବା ଆନ୍ଧ୍ରରେ ଥିବା ଓଡ଼ିଶା ଲୋକଙ୍କ ସମ୍ପର୍କୀମାନେ ସୂଚନା ଦେଇଛନ୍ତି। ଏ ନେଇ ଲୋକେ ଭୟଭୀତ ଥିବା ବେଳେ ରାତିରେ ବାହାରକୁ ନ ବାହାରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ମହାବଳ ବାଘ ଓଡ଼ିଶା ମୁହାଁ ହୋଇଛି ବୋଲି ଆନ୍ଧ୍ରପ୍ରଦେଶର ପୁଟି ମଣ୍ଡଳମ ଚାଙ୍ଗୁଡି, ସାରାଲି ଗ୍ରାମବାସୀ ପାରଳାଖେମୁଣ୍ଡି ଉପକଣ୍ଠ ଗୋଷାଣୀ ବ୍ଲକର ଅମରା, ଡାଳିମ୍ବପୁରୁ ଗ୍ରାମର ତାଙ୍କ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ଖବରପାଇ ସ୍ଥାନୀୟ ବନ ବିଭାଗ ପ୍ରଥମେ ଆନ୍ଧ୍ର ପ୍ରଦେଶର ବନବିଭାଗର କର୍ମଚାରୀମାନଙ୍କ ସହ ଆଲୋଚନା କରି ବାଘର ଗତିବିଧିକୁ ଅନୁଧ୍ୟାନ କରିବା ପରେ ଓଡ଼ିଶାରେ ସଚେତନତା ଆରମ୍ଭ କରିଛନ୍ତି। ସନ୍ଧ୍ୟା ୬ଟାରୁ ସକାଳ ୬ ପର୍ଯ୍ୟନ୍ତ ଘରୁ ନ ବାହାରିବା ସହ ଗୃହପାଳିତ ପଶୁ ମାନଙ୍କ ସୁରକ୍ଷିତ ସ୍ଥାନରେ ରଖିବାପାଇଁ ବନ ବିଭାଗ ପକ୍ଷରୁ କୁହାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ୯୫୫୬୩୯୫୫୨୭, ୯୯୩୮୦୫୯୧୯୮, ୭୮୫୪୯୭୯୧୯୦ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ବାଘର ଗତିବିଧି ତଦାରଖ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ମଙ୍ଗଳବାରରୁ ସକାଳ ଏବଂ ସନ୍ଧ୍ୟାରେ ପହରା ଦିଆଯିବ ବୋଲି ଦେବଗିରି ଉପ ବନଖଣ୍ଡ ଅଧିକାରୀ ଏନ.ଡି ଶର୍ମା କହିଛନ୍ତି।

# ଯୋଡ଼ିମାଦିଲି ଘାଟିରେ ୨୦ ଫୁଟ ତଳକୁ ଖସିଲା ଟ୍ରେଲର

ପଟ୍ଟାଙ୍ଗି,୨୦।୧୧(ଶରତ ଧଳ)



ଘାଟି ତଳକୁ ଟ୍ରେଲର ଖସିବା ପରେ ବିଛାଡି ହୋଇପଡିଥିବା କେବୁଲ ତାର।

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡା ପଞ୍ଚାୟତର ଯୋଡିମାଦିଲି ଘାଟିରେ ପୁଣି ଏକ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ସୋମବାର ଦୁର୍ଘଟଣାଗ୍ରସ୍ତ ହୋଇ ୨୦ ଫୁଟ ତଳକୁ ଖସିପଡିଛି। ଏଥିରେ ଡ୍ରାଇଭର ଶାମ ସୁନ୍ଦର ଶର୍ମା ଗୁରୁତର ହୋଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡିଛି, ଛତିଶଗଡରୁ ଏକ ଟ୍ରେଲର (ୟୁପି ୧୪ ଏଚ୍‌ଟି-୪୪୩୧) କିଛି କେବୁଲ ତାର ଧରି ଆନ୍ଧ୍ରର ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଯୋଡିମାଦିଲି ଘାଟିରେ ଟ୍ରଲରଟି ଯାଉଥିବା ସମୟରେ ଘାଟିର ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡିଥିଲା। ଏହାର ଇଞ୍ଜିନ ଭାଗଟି ଟ୍ରେଲରଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ଏକ ପଥରରେ ପିଟି ହୋଇ ନଷ୍ଟ ହୋଇଯାଇଛି। ନିକଟସ୍ଥ ସିଡିପାଡୁ ଗ୍ରାମର କେତେ ଜଣ ଚାଷୀ ଏହି ସମୟରେ ନିଜ ଜମିରେ କାମ କରୁଥିଲେ। ସେମାନେ ଦୁର୍ଘଟଣା ଦେଖି ସେଠାରେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପଟ୍ଟାଙ୍ଗି ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ପୋଲିସ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡ୍ରାଇଭର ଶର୍ମାଙ୍କଠାରୁ ଦୁର୍ଘଟଣା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ କୋରାପୁଟ ପଠାସରିଥିବାରୁ ଏ ସମ୍ପର୍କରେ ଜାଣିପାରି ନ ଥିଲେ। ଏଠାରେ ସୂଚନା ଯୋଗ୍ୟ, ଗତ କିଛି ଦିନ ତଳେ ଛତିଶଗଡ଼ରୁ ଆନ୍ଧ୍ରକୁ ବୁଲିବାକୁ ବାହାରିଥିବା ଦୁଇଟି ପରିବାର ମଧ୍ୟରୁ ଗୋଟିଏ ପରିବାରର କାର ଉକ୍ତ ଘାଟିରେ ୩୦ ଫୁଟ ତଳକୁ ଖସିପଡି ତିନି ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ୫ ଦିନ ପରେ ପୁଣି ଟ୍ରେଲର୍ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରେୟାନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୀନକେତନଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ



**ଭୁବନେଶ୍ୱର,୨୦।୧୧(ଅନୁରାଧା ମହାରଣା)**

ସମଗ୍ର ଓଡ଼ିଶା ଏବଂ ଭାରତରେ ନେଚେରୋପାଥି ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନ୍ତର୍ଜାତୀୟ ନେଚେରୋପାଥି ସଙ୍ଗଠନ ତଥା ୱାଲଡେନ ଉଡ୍‌ସ ଫାଉଣ୍ଡେଶନ ପକ୍ଷରୁ ହେଲ୍‌ଥଭିଲେର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ (ଜୀବନବ୍ୟାପୀ କୃତିତ୍ୱ ସମ୍ମାନ)ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ନବରତ୍ନ ପି.ଏସ.ୟୁ.ର ପ୍ରାକ୍ତନ ଚେୟାରମ୍ୟାନ ତଥା ଭୁବନେଶର ସ୍ମାର୍ଟସିଟି ପ୍ରକଳ୍ପର ନିର୍ଦ୍ଦେଶକ ଶରତ କୁମାର ଆଚାର୍ଯ୍ୟ, ଏମ୍ସର ପୂର୍ବତନ ତଥା ବର୍ତ୍ତମାନର ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଡ. ମୀନକେତନଙ୍କୁ ଉକ୍ତ ସମ୍ମାନରେ ସମ୍ମାନିତ କରିଛନ୍ତି। ବିଶେଷକରି ପ୍ରାକୃତିକ ଚିକିତ୍ସା ପଦ୍ଧତି ଦ୍ୱାରା ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନେଚେରୋପାଥି ଚିକିତ୍ସାର ଆବଶ୍ୟକତା ରହିଛି। ଏପରିକି ସମଗ୍ର ପୂର୍ବାଞ୍ଚଳ ଜୋନର ପ୍ରସିଦ୍ଧ ନେଚେରୋପାଥି କେନ୍ଦ୍ର ହେଲ୍‌ଥଭିଲେର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ ଦୀର୍ଘ ବର୍ଷଧରି ନିରବଚ୍ଛିନ୍ନ ସାଧନା କରିଆସୁଛନ୍ତି। ଏ ସମ୍ପର୍କରେ ଡ. ସତ୍ୟବ୍ରତ ମୀନକେତନ କହିଥିଲେ, ପ୍ରାକୃତିକ ଚିକିତ୍ସାର ଅତି ସହଜ, ସରଳ ପ୍ରତିକ୍ରିୟା ବିହୀନ, ନିରାମୟ ପଦ୍ଧତି ସ୍ୱାସ୍ଥ୍ୟ କ୍ଷେତ୍ରରେ ଜନହିତୈଷୀ ବିପ୍ଳବ ଆଣିପାରିବ। ସେହିଭଳି ହେଲଥଭିଲେର ମୁଖ୍ୟ ଚିକିତ୍ସକ ଡ. ମିଳିନ୍ଦ ପରାସର ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

# କାନାରା ବ୍ୟାଙ୍କର ପ୍ରତିଷ୍ଠାତାଙ୍କ ଦିବସ



**ଭୁବନେଶ୍ୱର,୨୦।୧୧ (ଅଭୟ ଦାଶ)**

କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ପ୍ରତିଷ୍ଠାତାଙ୍କ ୧୧୮ତମ ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସଭା (କାର୍ଯ୍ୟକ୍ରମ)ର ଆୟୋଜନ କରାଯାଇଥିଲା। ବିଶେଷକରି ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ସମେତ ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଏହାର ସମସ୍ତ ଶାଖା କାର୍ଯ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଦୀପ ପ୍ରଜ୍ୱଳନ ସହ ବ୍ୟାଙ୍କର ପ୍ରତିଷ୍ଠାତା ଆମେମ୍ବାଲ ସୁବାରାଓ ପାଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଉକ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱରର ଘାଟିକିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିବାବେଳେ କାନାରା ବିଦ୍ୟା ଜ୍ୟୋତି ଅନ୍ତର୍ଗତ ୫ମ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରତିଷ୍ଠାତାଙ୍କ ଦିବସ ଅବସରରେ ରୁଡ୍‌ସେଟ ଭୁବନେଶ୍ୱରଠାରେ ରେଫ୍ରିଜରେଟର ଓ ଏୟାର କଣ୍ଡିଶନରର ପ୍ରଶିକ୍ଷଣ ନେଉଥିବା ପ୍ରାର୍ଥୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ଟୁଲ କିଟ୍ ପ୍ରଦାନ କରାଯାଇଥିଲା। ପରିଶେଷରେ କାନାରା ବ୍ୟାଙ୍କର ସମ୍ମାନିତ ଏନ୍‌ଆରଆଇ ଗ୍ରାହକ, କାନାରା ବ୍ୟାଙ୍କର ସର୍ବଶ୍ରେଷ୍ଠ କର୍ମଚାରୀ ଓ ସ୍କେଚ୍ ପ୍ରତିଯୋଗିତାର ପୁରସ୍କାର ବିଜେତାମାନଙ୍କୁ ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର ସମ୍ମାନିତ କରିଥିଲେ।

# ସେପ୍ଟେମ୍ବରରେ ୧୭.୨୧ ଲକ୍ଷ ନୂତନ ସଦସ୍ୟ

**ଭୁବନେଶ୍ୱର,୨୦।୧୧**

ଦେଶର ଜଣାଶୁଣା ତଥା ଲୋକପ୍ରିୟ ଅନୁଷ୍ଠାନ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫଓ) ରେ ଚଳିତ ବର୍ଷ ସେପ୍ଟେମ୍ବରରେ ମୋଟ ୧୭.୨୧ ଲକ୍ଷ ନୂତନ ସଦସ୍ୟ ସାମିଲ ହୋଇଛନ୍ତି। ଏପରିକି ସୋମବାର ପ୍ରକାଶିତ ବେତନ ତଥ୍ୟ ଅନୁଯାୟୀ ଇପିଏଫଓ ୨୦୨୩ ସେପ୍ଟେମ୍ବରରେ ୧୭.୨୧ ଲକ୍ଷ ସଦସ୍ୟଙ୍କ ନେଟ୍ ଯୋଗ ରେକର୍ଡ କରିଛି। ବିଶେଷକରି ଶ୍ରମ ମନ୍ତ୍ରଣାଳୟର ବିବୃତିରେ କୁହାଯାଇଛି, ବେତନ ତଥ୍ୟର ମାସ-ମାସ ତୁଳନାରେ ୨୦୨୩ ଅଗଷ୍ଟ ତୁଳନାରେ ମୋଟ ୨୧,୪୭୫ ନେଟ୍ ସଦସ୍ୟଙ୍କ ବୃଦ୍ଧି ଘଟିଥିବାବେଳେ ବେତନ ତଥ୍ୟର ବର୍ଷ-ବର୍ଷ ତୁଳନାରେ ୨୦୨୨ ସେପ୍ଟେମ୍ବର ତୁଳନାରେ ମୋଟ ୩୮,୨୬୨ ନେଟ୍ ସଦସ୍ୟଙ୍କ ବୃଦ୍ଧି ପ୍ରତିଫଳିତ ହୋଇଛି। ସେହିଭଳି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୨୩ ସେପ୍ଟେମ୍ବରରେ ପ୍ରାୟ ୮.୯୨ ଲକ୍ଷ ନୂତନ ସଦସ୍ୟ ସଙ୍ଗଠନରେ ଯୋଗ ଦେଇଥିଲାବେଳେ ୧୮ରୁ ୨୫ ବର୍ଷର ବୟସ ମଧ୍ୟରେ ନୂତନଭାବେ ଯୋଡି ହୋଇଥିବା ମୋଟ ସଦସ୍ୟଙ୍କ ସଂଖ୍ୟା ୫୮.୯୨% ରହିଛି।

# ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର,୨୦।୧୧:** କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୧୪୦ (୧୩୯.୫୮) ପଏଣ୍ଟ ଖସି (କମି) ୬୫,୬୫୫ (୬୫,୬୫୫.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୩୮ (୩୭.୮୦) ପଏଣ୍ଟ ହ୍ରାସ ଘଟି ୧୯,୬୯୪(୧୯,୬୯୪.୦୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ୨୨ରେ ଖୋଲିବ ଟିଟିଏଲ୍‌ର ଆଇପିଓ

**ଭୁବନେଶ୍ୱର,୨୦।୧୧**



ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଟାଟା ଗ୍ରୁପର ସହଯୋଗୀ ସଂସ୍ଥା ଟାଟା ଟେକ୍ନୋଲୋଜି ଲିମିଟେଡ୍ (ଟିଟିଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଚଳିତ ବର୍ଷ ନଭେମ୍ବର ୨୨ରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀର ୬୦,୮୫୦,୨୭୮ ଇକ୍ୱିଟି ଶେୟାର ଉକ୍ତ ଆଇପିଓ ଜରିଆରେ ଉପଲବ୍ଧ କରାଯିବ। ଏହି ଅଫର ୨୦୨୩ ନଭେମ୍ବର ୨୪ରେ ବନ୍ଦ ହେବ। ସେହିଭଳି ଏହାର ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ (୨୦୨୩ ନଭେମ୍ବର୨୧) ବିଡ୍ ଦାଖଲ କରିପାରିବେ। ଉକ୍ତ ଅଫରରେ ଇକ୍ୱିଟି ଶେୟାରର ମୂଲ୍ୟ ୪୭୫ରୁ ୫୦୦ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି। ସେହିପରି ସର୍ବନିମ୍ନ ୩୦ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୩୦ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ। ଫଳରେ ଅଫର ଫର ସେଲ୍‌ରେ ଟାଟା ମୋଟର୍ସ ଲିମିଟେଡ୍ ୪୬,୨୭୫,୦୦୦ ଇକ୍ୱିଟି ଶେୟାର, ଆଲ୍‌ଫା ଟିସି ହୋଲଡିଂସ ପିଟିଇ ଲିମିଟେଡ୍ ୯,୭୧୬,୮୫୩ ଇକ୍ୱିଟି ଶେୟାର ଏବଂ ଟାଟା କ୍ୟାପିଟାଲ୍ ଗ୍ରୋଥ୍ ଫଣ୍ଡ ୧୪,୮୫୮,୪୨୫ ଇକ୍ୱିଟି ଶେୟାର ଉପଲବ୍ଧ କରାଇପାରିବେ। ଅପରପକ୍ଷରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡର ନିୟମ ଅନୁସାରେ ଉକ୍ତ ଅଫରର ୫୦% ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ସମାନୁପାତିକ ଭିତ୍ତିରେ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି) ମାନଙ୍କ ଲାଗି ରହିବ। ଏପରିକି ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ପରାମର୍ଶରେ କ୍ୟୁଆଇବି ଭାଗର ୬୦% ଇକ୍ୱିଟି ଶେୟାରକୁ ଆଙ୍କର ନିବେଶକମାନଙ୍କ ଲାଗି ଉପଲବ୍ଧ କରାଯାଇପାରିବ। ସେଥିରୁ ଅତିକମ୍‌ରେ ଏକ ତୃତୀୟାଂଶ ଇକ୍ୱିଟି ଶେୟାରକୁ ସ୍ଥାନୀୟ ମ୍ୟୁଚୁଆଲ ଫଣ୍ଡଗୁଡ଼ିକୁ ପ୍ରଦାନ କରାଯିବ। ଯଦି ସ୍ଥାନୀୟ ମ୍ୟୁଚୁଆଲ ଫଣ୍ଡ ସବୁ ଶେୟାର ନେବେ ନାହିଁ ତେବେ ଅବଶିଷ୍ଟ ଶେୟାରକୁ କ୍ୟୁଆଇବିଙ୍କ ପାଇଁ ପୁଣି ଥରେ ସାମିଲ କରାଯାଇପାରିବ। ଉକ୍ତ ଅଫରର ୧୫% ଇକ୍ୱିଟି ଶେୟାର ଅଣ ସଂସ୍ଥାଗତ ନିବେଶକମାନଙ୍କ ଲାଗି ରହିବ। ସେବି ନିୟମ ଅନୁସାରେ ନେଟ୍ ଅଫରର ୩୫% ପର୍ଯ୍ୟନ୍ତ ଇକ୍ୱିଟି ଶେୟାରକୁ ଖୁଚୁରା ନିବେଶକମାନଙ୍କ ଲାଗି ଉପଲବ୍ଧ କରାଯିବ। ବିଶେଷକରି କମ୍ପାନୀର ଇକ୍ୱିଟି ଶେୟାରଗୁଡ଼ିକୁ ବିଏସଇ ଲିମିଟେଡ୍ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ଲାଗି ରେଡ୍ ହେରିଂ ପ୍ରସପେକ୍ଟସ୍‌ରେ ପ୍ରସ୍ତାବ ରହିଛି। ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ଯଥା ଜେଏମ୍ ଫାଇନାନ୍ସିଆଲ ଲିମିଟେଡ୍, ସିଟି ଗ୍ରୁପ୍ ଗ୍ଲୋବାଲ୍ ମାର୍କେଟ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ବିଓଏଫ୍‌ଏ ସିକ୍ୟୁରିଟିଜ୍ ଇଣ୍ଡିଆ ଲିମିଟେଡ୍ ଇତ୍ୟାଦି ରହିଛନ୍ତି।


CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ**

ଠିକଣା: ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା

ଅଳାଁ ନବମୀ (୨୦୨୩)

ତୁମେ ଆଜି ନାହିଁ, ହେଲେ ତୁମ ସ୍ମୃତି ଆମ ପାଖରେ ସଦା ସର୍ବଦା ସତେଜ। ତୁମେ ଆମ ସହ ଥିଲ, ଏବେ ଅଛ, ଆଗକୁ ମଧ ରହିଥିବ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୧୮୩୮

### ୨୧ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**

ବରୁଣେଇସାହି, ଖୋର୍ଦ୍ଧା

ତିରୋଧାନ: ଅଁଳା ନବମୀ- ୨୦୦୨

ବାପା, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ଆପଣଙ୍କର ପିଲାମାନେ

ଧ-୧୭୫୯

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଲକ୍ଷ୍ମୀଧର ଜେନା**

ବେଣ୍ଡପୁର, ବାଲିଅନ୍ତା
ଆବିର୍ଭାବ: ୧୯।୦୪।୧୯୫୦
ତିରୋଧାନ: ୨୧।୧୧।୨୦୨୨

ଚାହୁଁ ଚାହୁଁ ଏକ ବର୍ଷ ପୂରିଗଲା। ଆମେ ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମର ସର୍ବଦା ମନେ ପଡୁଛି। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଶୋକସନ୍ତପ୍ତ ପରିବାର: ପୁଅ: ଜୟକୃଷ୍ଣ ମଙ୍ଗରାଜ, ସରୋଜ କୁମାର ମଙ୍ଗରାଜ, ବୋହୂ: କବିତା, ମାମା, ଝିଅ: ସବିତା, ସସ୍ମିତା, ଜ୍ୱାଇଁ: କାର୍ତ୍ତିକ, ବିଶ୍ୱନାଥ, ନାତି/ନାତୁଣୀ: ନିରଞ୍ଜନ, ସୋୟମ ପ୍ରକାଶ, ବବୁଲ, ସିଟୁଲ, ଦୀପ୍ତିମୟୀ, ଖୁସି, ରାନି।

ଧ-୧୮୦୨


# Classified Everyday
0674-2580101, 2549949


REAL ESTATE

SALE

Twincity ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - **9658562429.** D-75270

30ft. ପିଚୁରୋଡ୍ ସମସ୍ତପ୍ରକାର menities ଥାଇ, Gated Society ସହ ହଂସପାଳଠାରୁ 4 K.M ଦୂରରେ ବାଲିଅନ୍ତାଠାରେ, ଘରବାଡି ପ୍ଲଟ୍ ମିଳୁଛି, 8984483230. D-75269

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ସୁନ୍ଦରପଦା, କୁହା **Petrol Pumpରୁ 800 mtr.** ଦୂରତାରେ **30ft. road,** ଘରବାରି ପ୍ଲଟ୍ ମିଳୁଅଛି। **7978676652.** D-75266

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75265

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

AFFIDAVIT

I Niharbala Mahapatra (35), W/o Chittaranjan Mahapatra, resident of Jail Street, Lanjipalli, Berhampur, Ganjam, Odisha declared by this affidavit No-943 / dt.13-11-23 that now on words I shall be known as Niharabala Mahapatra for all future purposes. D-1846

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Before Notary Public, Paralakhemundi, Gajapati I Sasupali, Narayanamma (69), W/o- Sasupali Appalaswamy, Ward No-05, Sana Majjala Sahi, Kashinagar, Gajapati, Odisha state that actually my husband name is SASUPALLI APPALA SWAMY as per Aadhaar Card but in property of ROR is wrongly mentioned as SASUPALI SURYA NARAYAN. So, please change the ROR of my original name of my husband name i.e SASUPALI APPALA SWAMY. D-1841

ମୁଁ ସୁରେନ୍ଦ୍ର ସାହୁ, ପିତା: କନ୍ଦର୍ପ ସାହୁ, ମାତା: ଅସର୍ପି ସାହୁ, ନିବାସୀ-କଲେଜ ରୋଡ୍, ପୋ/ଥା/ତ/ଜିଲ୍ଲା- ବରଗଡ଼ (ଓଡ଼ିଶା) ଘୋଷଣା କରୁଛି ଯେ ମୋର ପିତାଙ୍କ ପ୍ରକୃତ ଜନ୍ମ ତାରିଖ ୧୦।୦୫।୧୯୫୫ ଅଟେ ଏବଂ ମାତାଙ୍କ ପ୍ରକୃତ ଜନ୍ମ ତାରିଖ ୧୫।୦୨।୧୯୬୦ ଅଟେ। ଯାହାକି ଭୁଲ୍‌ବଶତଃ ୦୧।୦୭।୧୯୫୭ ଏବଂ ୦୧।୦୭।୧୯୫୯ ହୋଇଯାଇଛି। ଧ-୧୮୩୯

I, Ramavatar Agarwal, S/o Late Nanuram Agarwal, R/o of Saheed Nagar, P.S: Saheed Nagar, House No-.101A, Bhubaneswar, PIN- 751007, Odisha. I declare by this affidavit No.64AA303524 dated 18/11/2023 that now onwards I shall be known as Ramavtar Agarwal for all future purposes. D-1844

By virtue of an affidavit in the Court of Executive Magistrate, Khaira, I Kanakalata Khatua, W/o Narendra Khatua of Sundhiragandibed, P.S- Khaira declare that in my Bank Passbook, Voter & Aadhaar Card my name has been mentioned as Kanakalata Khatua. But in LIC Bond my name has been recorded as Snehalata Khatua. Both the above name is one and same Person. D-1845

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

LOST

ମୁଁ ଶିଶିର ଗୌଡ଼, ପିତା: ଦେବରାଜ ଗୌଡ଼, ଗ୍ରାମ: ସୁକୁଣ୍ଡା, ପୋ: ଲାଠି, ଥାନା: ବି.ସଦର ଗଞ୍ଜାମ। ସର୍ବସାଧାରଣ ଗୋଚରାର୍ଥେ ଜଣାଇବା ଏହିକି ଗତ ୧୬।୧୧।୨୦୨୩ ତାରିଖ ଅପରାହ୍ନ ୪ଘଟିକା ସମୟରେ ମୁଁ ମୋର ସମସ୍ତ ଦଲିଲ ଓ ଦସ୍ତାବିଜ୍‌ର (ମୂଳକପି) ନକଲ ବାହାର କରିବା ପାଇଁ ଯିବା ସମୟରେ ରାସ୍ତାରେ କେଉଁଠି ହଜି ଯାଇଛି। ତହିଁରେ ମୋର ବିକ୍ରୟ ଦଲିଲ ୧୭୪/୨୦୦୨ ଓ ସୁକୁଣ୍ଡା ମୌଜା, କୁକୁଡ଼ାଖଣ୍ଡି ତହସିଲ, ଗଞ୍ଜାମ ଯାହାର ଖାତା ନଂ.-୧୦୪।୧୧୪୦, ପ୍ଲଟ୍ ନଂ.- ୨୬୫/୧୧୮୪ ପଟ୍ଟା ଥିଲା। ବହୁ ଖୋଜାଖୋଜି ପରେ ନ ମିଳିବାରୁ ବ୍ରହ୍ମପୁର ସଦର ଥାନା ଏସ୍.ଡି. ନଂ.-୦୦୯/୧୮।୧୧।୨୦୨୩ରେ ଏତଲା ଦେଇଥିଲି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଗୁଡ଼ିକ ପାଇଥାନ୍ତି ନିକଟସ୍ଥ ସଦର ଥାନା କିମ୍ବା ଶିଶିର ଗୌଡ଼- ମୋବାଇଲ ନଂ.- 9348326388ରେ ଜଣାଇବାକୁ ଅନୁରୋଧ। ଧ-୧୮୪୦

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧ-୩୮୫୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଭାରତରୁ ୬ ଖେଳାଳି: ରୋହିତ ଶର୍ମା ଅଧିନାୟକ

## ଆଇସିସି ଟିମ୍ ଅଫ୍ ଦି ୱାର୍ଲ୍ଡ କପ୍

**ଦୁବାଇ, ୨୦।୧୧ (ପି.ଟି.)**

ବିଶ୍ୱକପ୍ ଶେଷ ହେବାପରେ ଘୋଷଣା କରାଯାଇଥିବା ଆଇସିସି ଟିମ୍ ଅଫ୍ ଦି ୱାର୍ଲ୍ଡକପ୍‌ର ଅଧିନାୟକ ଭାବେ ରୋହିତ ଶର୍ମାଙ୍କୁ ମନୋନୀତ କରାଯାଇଛି। ଦଳରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିରାଟ କୋହଲିଙ୍କ ସମେତ ୬ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ରୋହିତ ଭୟଶୂନ୍ୟ ବ୍ୟାଟିଂ କରି ୧୧ଟି ମ୍ୟାଚରେ ୫୪.୨୭ ଆଭରେଜରେ ଗୋଟିଏ ଶତକ ୩ ଅର୍ଦ୍ଧଶତକ ସହ ମୋଟ ୫୯୭ ରନ ସଂଗ୍ରହ କରିଛନ୍ତି। ଏଥିସହ ସେ ଟୁର୍ନାମେଣ୍ଟର ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ କୋହଲି ଗୋଟିଏ ବିଶ୍ୱକପ୍ ସଂସ୍କରଣରେ ୭୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିବାରେ ପ୍ରଥମ ଖେଳାଳି ହୋଇ ପାରିଛନ୍ତି। ସେ ୩ ଶତକ ଓ ୨ ଅର୍ଦ୍ଧଶତକ ସହ ୭୬୫ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟର ସେମିଫାଇନାଲରେ କୋହଲି ତାଙ୍କ ୫୦ତମ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରି ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ରେକର୍ଡକୁ ଭଙ୍ଗ କରିଦେଇଥିଲେ। ଚାମ୍ପିୟନ ହୋଇ ପାରି ନ ଥିଲେ ମଧ୍ୟ କ୍ରମାଗତ ରେକର୍ଡ ୧୦ ବିଜୟ ସହ ଭାରତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଦଳ ବିବେଚିତ ହୋଇଥିଲା। ଟୁର୍ନାମେଣ୍ଟରେ ଗୋଟିଏ ଶତକ ଓ ଦୁଇ ଅର୍ଦ୍ଧଶତକ ସହ ୭୫.୩୩ ଷ୍ଟ୍ରାଇକରେଟ୍‌ରେ ୪୫୨ ରନ କରିଥିବା ଉଇକେଟକିପର-ବ୍ୟାଟର ଉପ ଅଧିନାୟକ କେଏଲ୍ ରାହୁଲ ବିଶ୍ୱକପ୍‌ରେ ୮ମ ସର୍ବାଧିକ ରନ ସ୍କୋରର ବିବେଚିତ ହୋଇଥିଲେ। ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ତାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଲିଗ୍ ପର୍ଯ୍ୟାୟରେ ୪ଟି ମ୍ୟାଚ ଖେଳି ନ ଥିବା ମହମ୍ମଦ ଶାମି ୭ଟି ମ୍ୟାଚରେ ୧୨.୨୦ ଆଭରେଜରେ ୨୪ ଉଇକେଟ ଅକ୍ତିଆର କରିଥିଲେ। କ୍ରିକେଟ ବିଶ୍ୱକପ୍‌ରେ ତାଙ୍କର ମୋଟ ଉଇକେଟ ସଂଖ୍ୟା ୫୫ରେ ପହଞ୍ଚି ପାରିଛି। ପୁରୁଷ ଖେଳ ଇତିହାସରେ ମାତ୍ର ୪ଜଣ ତାଙ୍କଠାରୁ ଅଧିକ ଉଇକେଟ ଅକ୍ତିଆର କରିପାରିଛନ୍ତି। ସେମାନେ ହେଲେ ଲସିଥ ମାଲିଙ୍ଗା (୫୬), ମିଚେଲ ଷ୍ଟାର୍କ (୬୫), ମୁଥୟା ମୁରଲୀଧରନ (୬୮) ଓ ଗ୍ଲେନ ମ୍ୟାକ୍ ଗ୍ରା (୭୧) ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ୱେବ୍ ସାଇଟ୍‌ରେ ଏହା ପ୍ରକାଶ ପାଇଛି। ଭାରତର ମୁଖ୍ୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ୨୦୨୩ ବିଶ୍ୱକପ୍‌ର ୪ର୍ଥ ସଫଳ ବୋଲର ବିବେଚିତ ହୋଇଛନ୍ତି। ସେ ୧୧ଟି ମ୍ୟାଚରେ ୧୮.୬୫ ଆଭରେଜରେ ୨୦ ଉଇକେଟ ନେଇଛନ୍ତି। ଗୋଟିଏ ମ୍ୟାଚରେ ତାଙ୍କର ଇକୋନୋମି ରେଟ୍ ୪.୦୬ ରହିଥିଲା। ତାଙ୍କୁ ମଧ୍ୟ ଆଇସିସି ଏକାଦଶରେ ସ୍ଥାନ ମିଳିଛି। ଦଳରେ ଅଲରାଉଣ୍ଡର ଖେଳାଳି ହିସାବରେ ଅଷ୍ଟ୍ରେଲିଆର ଭେଟେରାନ ଗ୍ଲେନ ମାକ୍ସୱେଲଙ୍କ ସହ ରବୀନ୍ଦ୍ର ଜାଡେଜା ସ୍ଥାନ ପାଇଛନ୍ତି। ଭାରତର ସ୍ପିନ ବୋଲିଂ ଅଲରାଉଣ୍ଡର ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ କରିବା ସହ ମିଡଲ ଓଭରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିଥିଲେ। ପ୍ରତିଯୋଗିତାରେ ଯେଉଁ ଦୁଇ ଜଣ ଓପନର ୪ ଶତକ ହାସଲ କରିଛନ୍ତି ତନ୍ମଧ୍ୟରେ ଏହି ବିଶ୍ୱକପ୍ ସହ ଅନ୍ତର୍ଜାତୀୟ ଦିନିକିଆରୁ ଅବସର ନେଇଥିବା ଦକ୍ଷିଣ ଆଫ୍ରିକାର ଉଇକେଟକିପର-ବ୍ୟାଟର କ୍ୱିଣ୍ଟନ ଡି'କକ୍ ଅନ୍ୟତମ। ତାଙ୍କୁ ଆଇସିସି ଦଳରେ ଅନ୍ୟତମ ଓପନର ଭାବେ ନିଆଯାଇଛି। ଦଳର ୪ ନମ୍ବର ସ୍ଥାନ ନ୍ୟୁଜିଲାଣ୍ଡର ଡେରିଲ ମିଚେଲଙ୍କୁ ମିଳିଛି। ନ୍ୟୁଜିଲାଣ୍ଡର ସେ ଜଣେ ମାତ୍ର ବ୍ୟାଟର ଯିଏକି ଭାରତୀୟ ବୋଲରମାନଙ୍କ ବିପକ୍ଷରେ ପ୍ରଭାବୀ ରହିଥିଲେ। ଦୁଇ ଦଳ ଥରେ ଲିଗ୍ ପର୍ଯ୍ୟାୟରେ ଏବଂ ଥରେ ସେମିଫାଇନାଲରେ ପରସ୍ପରକୁ ଭେଟିଥିଲେ। ସେ ୧୦ଟି ମ୍ୟାଚ ଖେଳି ୫୫୨ ରନ ସଂଗ୍ରହ କରିଥିଲେ। ସେ ୨ ଶତକ ଏବଂ ସମାନ ସଂଖ୍ୟକ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ୫ମ ସର୍ବାଧିକ ରନ ସଂଗ୍ରହକାରୀ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର କେବଳ ଜଣେ ଖେଳାଳି ଦିଲ୍‌ସାନ ମଦୁଶାନକାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ୯ଟି ମ୍ୟାଚରେ ୨୧ ଉଇକେଟ ନେଇ ପ୍ରତିଯୋଗିତାର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ଆଇସିସି ଦଳରେ ଏକମାତ୍ର ସ୍ପେଶାଲିଷ୍ଟ ସ୍ପିନ ବୋଲର ଭାବେ ସ୍ଥାନ ପାଇଛନ୍ତି ବିଜେତା ଅଷ୍ଟ୍ରେଲିଆର ଆଡାମ ଜାମ୍ପା। ସେ ୧୧ ମ୍ୟାଚରେ ୨୩ ଉଇକେଟ ଅକ୍ତିଆର କରି ଦ୍ୱିତୀୟ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଜେରାଲ୍ଡ କୋଜିଙ୍କୁ ଦ୍ୱାଦଶ ଖେଳାଳି କରାଯାଇଛି।

**ଆଇସିସି ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ରୋହିତ ଶର୍ମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ବିରାଟ କୋହଲି, ଡେରିଲ ମିଚେଲ, କେଏଲ୍ ରାହୁଲ (ଉଇକେଟକିପର), ଗ୍ଲେନ ମାକ୍ସୱେଲ୍, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି, ଆଡାମ ଜାମ୍ପା, ଦିଲଶାନ ମଦୁଶାନକା। **ଦ୍ୱାଦଶ ଖେଳାଳି:** ଜେରାଲ୍ଡ କୋଜି।


ରୋହିତ ଶର୍ମା


ଶାମିଙ୍କୁ ସାନ୍ତ୍ୱନା ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଭାରତୀୟ ଖେଳାଳିଙ୍କୁ ମୋଦିଙ୍କ ସାନ୍ତ୍ୱନା

**ନୂଆଦିଲ୍ଲୀ, ୨୦।୧୧ (ପି.ଟି.)**

ଭାରତ ରବିବାର ବିଶ୍ୱକପ ଫାଇନାଲରେ ପରାଜିତ ହେବା ସହିତ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ଭାଙ୍ଗି ଯାଇଥିଲା। ତେବେ ସବୁଠାରୁ ଅଧିକ ଦୁଃଖୀ ରହିଥିଲେ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍। ତେବେ ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମ୍ୟାଚ୍ ପରେ ଟିମ୍ ଇଣ୍ଡିଆର ଡ୍ରେସିଂ ରୁମ୍‌ରେ ପହଞ୍ଚି ଖେଳାଳିଙ୍କୁ ସାନ୍ତ୍ୱନା ଦେଇଥିଲେ। ବିଶ୍ୱକପ୍‌ର ସର୍ବାଧିକ ଉଇକେଟ ହାସଲକାରୀ ମହମ୍ମଦ ଶାମି କାନ୍ଦୁଥିବା ବେଳେ ମୋଦି ତାଙ୍କୁ ବୁଝାଇଥିଲେ। ଏହା ସହ ରବୀନ୍ଦ୍ର ଜାଡେଜାଙ୍କ ସହ କିଛି ସମୟ ମଧ୍ୟ କଥା ହୋଇଥିଲେ। ଉଭୟ ଶାମି ଓ ଜାଡେଜା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। 'ଟୁର୍ନାମେଣ୍ଟରେ ଆମେ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ରବିବାରର ପ୍ରଦର୍ଶନରେ ଆମେ ପଛରେ ରହିଗଲୁ। ଆମେ ସମସ୍ତେ ଦୁଃଖିତ ଥିବା ବେଳେ ଯେଉଁଭଳି ସମର୍ଥନ ମିଳୁଛି ତାହା ଆମକୁ ଉତ୍ସାହିତ କରିଛି। ପ୍ରଧାନମନ୍ତ୍ରୀ ଯେଉଁ ଭଳି ଡ୍ରେସିଂରୁମ୍‌କୁ ଆସି ଆମ ସହ କଥା ହେଲେ ତାହା ମନୋବଳ ବଢାଇବା ପାଇଁ ଯଥେଷ୍ଟ ବୋଲି ଲେଖିଥିଲେ ରବୀନ୍ଦ୍ର ଜାଡେଜା।' ସେହିପରି ବିଶ୍ୱକପର ସର୍ବାଧିକ ଉଇକେଟ ହାସଲକାରୀ ମହମ୍ମଦ ଶାମି ମଧ୍ୟ ମୋଦିଙ୍କ ସହ ଏକ ଫଟୋ ପୋଷ୍ଟ କରିଥିଲେ। 'ଦୁର୍ଭାଗ୍ୟଜନକ ଭାବରେ ଗତକାଲି ଆମର ଦିନ ନ ଥିଲା। ତେବେ ଆମକୁ ସମର୍ଥନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ୍ରେସିଂ ରୁମ୍‌କୁ ଆସି ଯେଉଁଭଳି ଆମର ମନୋବଳ ବଢାଇଲେ ତାହା ପ୍ରଶଂସନୀୟ। ଆମେ ପୁଣି ଥରେ ପ୍ରତ୍ୟାବର୍ତ୍ତନ କରିବୁ' ବୋଲି ଲେଖିଥିଲେ ଶାମି।

# ଆରଏସ୍‌ପି ଚେସ୍ ଫେଷ୍ଟିଭାଲ ୨୪ରୁ

**ଭୁବନେଶ୍ୱର, ୨୦।୧୧ (ବିଜୟ ରଣା):** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ତତ୍ତ୍ୱାବଧାନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ତରଫରୁ ଆରଏସ୍‌ପି ଚେସ୍ ଫେଷ୍ଟିଭାଲ ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ରାଉରକେଲା ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଇଭେଣ୍ଟ 'ଏ' (ଓପନ୍) ପାଇଁ ୫୦,୦୦୦ ଟଙ୍କା ବ୍ୟତୀତ ୧୮ ଟ୍ରଫି ବ୍ୟବସ୍ଥା ରହିଛି। ସେହିପରି ଇଭେଣ୍ଟ 'ବି' ଜୁନିୟର (୧୩ ବର୍ଷରୁ କମ୍) ପାଇଁ ୩୦,୦୦୦ ଟଙ୍କା ପୁରସ୍କାର ଏବଂ ୫୦ ଟ୍ରଫି ଓ ୧୦ ପଦକ ବ୍ୟବସ୍ଥା ରହିଛି। ବାହାରୁ ଆସୁଥିବା ପ୍ରତିଯୋଗୀମାନଙ୍କୁ ମାଗଣା ଖାଦ୍ୟ ଓ ରହଣୀ ବ୍ୟବସ୍ଥା ରହିଛି। ବାହାର ଖେଳାଳିଙ୍କ ଲାଗି ଏଣ୍ଟ୍ରି ଫି' ୭ ଶହ ଟଙ୍କା ରଖାଯାଇଥିବା ବେଳେ ରାଉରକେଲା ଖେଳାଳିଙ୍କ ଲାଗି ୫ଶହ ଟଙ୍କା ରଖାଯାଇଛି। ବାହାର ଖେଳାଳିଙ୍କ ସହିତ ଆସିଥିବା ବ୍ୟକ୍ତିଙ୍କୁ ୧,୨୦୦ ଟଙ୍କା ବିନିମୟରେ ଖାଦ୍ୟ ଓ ରହଣୀ ବ୍ୟବସ୍ଥା ଯୋଗାଇ ଦିଆଯିବ। ଇଭେଣ୍ଟ 'ଏ' ଓପନ ଗ୍ରୁପ୍‌ର ର ଚାମ୍ପିୟନ, ପ୍ରଥମ ରନରଅପ୍ ଓ ଦ୍ୱିତୀୟ ରନରଅପ୍ ପାଇଁ ଯଥାକ୍ରମେ , ୭,୦୦୦ ଟଙ୍କା, ୫,୦୦୦ ଟଙ୍କା ଓ ୩,୫୦୦ ଟଙ୍କା ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ସେହିପରି ୧୩ ବର୍ଷରୁ କମ୍ ଇଭେଣ୍ଟ 'ବି' ଜୁନିୟର ଗ୍ରୁପ୍ ଚାମ୍ପିୟନ, ପ୍ରଥମ ରନରଅପ୍ ଓ ଦ୍ୱିତୀୟ ରନରଅପ୍ ପାଇଁ ଯଥାକ୍ରମେ ୩,୦୦୦ ଟଙ୍କା, ୨୫୦୦ ଟଙ୍କା ଏବଂ ୧,୮୦୦ ଟଙ୍କା ପୁରସ୍କାର ବ୍ୟବସ୍ଥା ରହିଛି। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଥିବା ପ୍ରତିଯୋଗୀମାନେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ବାକୁ ଅନୁରୋଧ କରାଯାଇଛି।

# ସୂର୍ଯ୍ୟକୁମାର ଅଧିନାୟକ

## ଅଷ୍ଟ୍ରେଲିଆ ସିରିଜ୍ ପାଇଁ ଦଳ ଘୋଷଣା



**ମୁମ୍ବାଇ, ୨୦।୧୧ (ପି.ଟି)**

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ଘୋଷଣା କରାଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଭିଭିଏସ୍ ଲକ୍ଷ୍ମଣଙ୍କୁ କୋଚ୍ ରଖା ଯାଇଥିବା ବେଳେ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସମେତ ଅନେକ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ଓପନିଙ୍ଗ ବ୍ୟାଟର ଋତୁରାଜ ଗାଏକ୍ୱାଡ ଏହି ଦଳରେ ଉପ ଅଧିନାୟକ ରହିଛନ୍ତି। ଅକ୍ଷର ପଟେଲ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଶାହବାଜ ଅହମଦଙ୍କୁ ବାଦ ଦିଆଯାଇଛି। ସେହିପରି ସଞ୍ଜୁ ସାମସନଙ୍କୁ ଆଉଥରେ ଉପେକ୍ଷା କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଇଶାନ କିଶନ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜିତେଶ ଶର୍ମା ନିଜ ସ୍ଥାନ ବଜାୟ ରଖିଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ଟି ୨୦ ଦଳକୁ ଫେରିଛନ୍ତି।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଋତୁରାଜ ଗାଏକ୍ୱାଡ(ଉପ ଅଧିନାୟକ), ଇଶାନ କିଶନ, ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା(ଉଇକେଟ କିପର), ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, ଶିବମ ଦୁବେ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାନ୍ ଓ ମୁକେଶ କୁମାର।

# ଦର୍ଶକଙ୍କ ନୀରବତା ଦେଇଥିଲା ଆତ୍ମସନ୍ତୁଷ୍ଟି

**ନୂଆଦିଲ୍ଲୀ, ୨୦।୧୧ (ପି.ଟି.):** ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଷଷ୍ଠ ଥର ପାଇଁ ବିଶ୍ୱକପ ଟ୍ରଫି ଜିତିଥିଲା। ବିଶ୍ୱକପ ବିଜୟ ମଧ୍ୟରେ ବିରାଟ କୋହଲିଙ୍କ ଉଇକେଟ ଆତ୍ମସନ୍ତୁଷ୍ଟି ପ୍ରଦାନ କରିଥିଲା ବୋଲି କହିଛନ୍ତି କୁମିନ୍ସ। ଏହି ଉଇକେଟ ପତନ ପରେ ୯୦ ହଜାର ଦର୍ଶକ ଯେତେବେଳେ ନୀରବ ହୋଇଯାଇଥିଲେ ତାହା ବେଶ୍ ସନ୍ତୋଷଜନକ ଥିଲା। ପଞ୍ଚମ ଅଷ୍ଟ୍ରେଲୀୟ ଅଧିନାୟକ ଭାବରେ କୁମିନ୍ସ ବିଶ୍ୱକପ ଜିତିଥିବା ବେଳେ ଏହା ତାଙ୍କୁ ଆଉଥରେ ଦିନିକିଆ କ୍ରିକେଟ ପ୍ରେମରେ ପକାଇଛି ବୋଲି କହିଛନ୍ତି। ବିରାଟ କୋହଲି ୫୪ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ କୁମିନ୍ସ ତାଙ୍କୁ ବୋଲ୍ଡ କରିଥିଲେ। କୋହଲିଙ୍କୁ ଆଉଟ କରିବାର ମୁହୂର୍ତ୍ତ ଏତେ ବଡ଼ ରହିଥିଲା କି ଅଷ୍ଟ୍ରେଲିଆ ଦଳ ପୁନର୍ବାର ଏକ ହଡଲ୍‌ରେ ଠିଆ ହୋଇଥିଲା। କୋହଲି ଆଉ ଏକ ଭଲ ଇନିଂସ ଖେଳିଥିବା ବେଳେ ସେ ଶତକ ହାସଲ କରିବା ନେଇ ସମଗ୍ର ଅଷ୍ଟ୍ରେଲିଆ ଦଳ ଆଶା କରୁଥିଲା। ତେବେ କୋହଲିଙ୍କ ଉଇକେଟ ପତନ ପରେ ଯେତେବେଳେ ସମଗ୍ର ଷ୍ଟାଡିୟମ ନୀରବି ଯାଇଥିଲା ସେହି ମୁହୂର୍ତ୍ତକୁ ସମ୍ମାନ ଦେବା ପାଇଁ ଆମେ ଆଉ ଥରେ ହଡଲ୍‌ରେ ଛିଡା ହୋଇଥିଲୁ। ଏହା ପୂର୍ବରୁ କୁମିନ୍ସ ଅଷ୍ଟ୍ରେଲିଆକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଆଶେସ୍‌ରେ ମଧ୍ୟ ବିଜୟୀ କରିଥିଲେ।

# ସର୍ବଭାରତୀୟ ୧୪ ବର୍ଷରୁ କମ୍ ଜୁନିୟର ଟେନିସ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୦।୧୧ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଇଟା (ଅଲ୍‌ଇଣ୍ଡିଆ ଟେନିସ ଆସୋସିଏଶନ) ଓ ଓଟା (ଓଡ଼ିଶା ଟେନିସ ଆସୋସିଏଶନ) ସର୍ବଭାରତୀୟ ଜାତୀୟ ସିରିଜ ୧୪ ବର୍ଷରୁ କମ୍ ଜୁନିୟର ଟେନିସ ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ୧୧ଟି ରାଜ୍ୟରୁ ପ୍ରାୟ ୭୦ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଇଟା ତରଫରୁ ଗୀତିକା ପଲ୍ ମ୍ୟାଚ ରେଫରି ଦାୟିତ୍ୱ ତୁଲାଉଛନ୍ତି।

# ସରିତାଙ୍କୁ ବ୍ରୋଞ୍ଜ: ଶୀତଲ ଓ ରାକେଶ ଫାଇନାଲରେ

**ବ୍ୟାଙ୍କକ୍, ୨୦।୧୧ (ପି.ଟି.)**

ଭାରତୀୟ ତୀରନ୍ଦାଜ ସରିତା ଦେବୀ ଏଠାରେ ଚାଲିଥିବା ପାରା ଏସିଆନ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ରାକେଶ କୁମାର ଓ ଶିତଲ ଦେବୀ ସେମାନଙ୍କ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରି ଅତି କମ୍‌ରେ ଦୁଇଟି ରୌପ୍ୟ ପଦକ ପକ୍କା କରିଛନ୍ତି। ମହିଳା କମ୍ପାଉଣ୍ଡ ଓପନ ବିଭାଗର ଏକ ଅଲ-ଇଣ୍ଡିଆନ ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ସରିତା ନିଜ ଦେଶର ଜ୍ୟୋତି ବଲିୟାନଙ୍କୁ ହରାଇ ଦେଇଥିଲେ। ନିକଟରେ ପାରା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିବା ଶୀତଲ ଏକ ଅଲ୍ ଇଣ୍ଡିଆ ସେମିଫାଇନାଲରେ ସରିତାଙ୍କୁ ୧୪୩-୧୩୮ରେ ପରାସ୍ତ କରିଥିଲେ। ଏଥି ସହିତ ସେ ମହିଳା କମ୍ପାଉଣ୍ଡ ଓପନ କାଟେଗୋରରିରେ ସ୍ୱର୍ଣ୍ଣ ପଦକ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ଶିତଲ ବର୍ତ୍ତମାନ ସିଙ୍ଗାପୁରର ନୁର ସ୍ୟାହିଦା ଅଲିମଙ୍କ ସହ ମୁକାବିଲା କରିବେ, ଯିଏକି ଅନ୍ୟ ସେମିଫାଇନାଲରେ ଜ୍ୟୋତିଙ୍କୁ ୧୫୦-୧୩୮ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ରାକେଶ ପୁରୁଷ କମ୍ପାଉଣ୍ଡ ଓପନ ଫାଇନାଲ୍‌ରେ ପ୍ରବେଶ କରି ଭାରତ ପାଇଁ ଅନ୍ୟ ଏକ ରୌପ୍ୟ ପକ୍କା କରିଛନ୍ତି। ରାକେଶ ଜାପାନର ୟୁୟା ଓଇଙ୍କୁ ସେମିଫାଇନାଲରେ ୧୪୩-୧୪୨ ବ୍ୟବଧାନରେ ହରାଇ ଦେଇଛନ୍ତି। ନଭେମ୍ବର ୨୩ରୁ କ୍ୱାଲିଫାଇଂ ଇଭେଣ୍ଟ ଆରମ୍ଭ ହେବ। ଏଥିରେ ଭାରତ ପ୍ୟାରିସ ଅଲିମ୍ପିକ୍ସ ପାଇଁ ୬ କୋଟା (ଚାରି କମ୍ପାଉଣ୍ଡ ଓ ଦୁଇ ରିକର୍ଭ) ହାସଲ କରିବା ଲକ୍ଷ୍ୟରେ ରହିଛି।

# ଆଜିଠୁ ବଲାଙ୍ଗୀରରେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ

- ଭାଗ ନେବେ ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି
- ଜାତୀୟସ୍ତରରେ ପରିଚୟ ପାଇବ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ



**ବଲାଙ୍ଗୀର, ୨୦।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

୩୫ତମ ଜାତୀୟ ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାର ପୂର୍ବାହ୍ନ ୯ଟା ୩୦ରୁ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବ। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ସାରା ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୪୫୦ରୁ ଊର୍ଦ୍ଧ୍ୱ ବ୍ୟାଡମିଣ୍ଟନ ଖେଳାଳି ଅଂଶଗ୍ରହଣ କରିବେ। ବଲାଙ୍ଗୀର ସହରରେ ପ୍ରଥମ ଥର ପାଇଁ ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆୟୋଜନ ହେଉଥିବାରୁ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ଜାତୀୟସ୍ତରରେ ତାଲିକାଭୁକ୍ତ ହୋଇଛି। ଏହା ଏକ ଗୌରବର ବିଷୟ ବୋଲି ଜାତୀୟ ପ୍ରତିଯୋଗିତାର ସଂଯୋଜକ ତଥା ଜିଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି। ୪ ଦିନ ବ୍ୟାପି ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତା ସଫଳତା କାମନା କରିଛନ୍ତି ଆୟୋଜକ କମିଟି ଅଧ୍ୟକ୍ଷ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ଉପାଧ୍ୟକ୍ଷ ବଲାଙ୍ଗୀର ଉପଜିଲାପାଳ ପ୍ରଭାସ କୁମାର ଦଣ୍ଡସେନା। ଏହି ଜାତୀୟ ପ୍ରତିଯୋଗିତା ସଫଳ ପରିଚାଳନା ପାଇଁ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ଏସ୍. ମୁରଲୀଧରଣ, ଅନ୍ତର୍ଜାତୀୟ ଖେଳାଳି ସମ୍ପନ୍ନ ଉଦୟ ସାନେ, ବୈଷୟିକ କମିଟିରେ ରାକେଶ ଶେଖର, ଆଇନ୍‌ସି ଦଥାନ, ସୁଧୀର ଭାର୍ବେ, ସାଙ୍ଗଠନିକ ସମ୍ପାଦକ ଲିଲିନ୍ କୁମାର, ରାଜ୍ୟ ସଂଘ ଉପସଭାପତି ପ୍ରଦୀପ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ମେସି, ରୋନାଲ୍ଡୋଙ୍କୁ ପଛରେ ପକାଇଲେ ଏମ୍ବାପେ

**ପ୍ୟାରିସ୍, ୨୦।୧୧ (ପି.ଟି)**

ବିଶ୍ୱ ଫୁଟବଲର ଭବିଷ୍ୟତର ତାରକା କିଲିଆନ୍ ଏମ୍ବାପେ ଆଉ ଏକ ରେକର୍ଡ ନିଜ ନାମରେ କରିଛନ୍ତି। ସୁପରଷ୍ଟାର ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ସେ ପଛରେ ଛାଡିଛନ୍ତି। ବିଶ୍ୱର ଦ୍ରୁତତମ ଖେଳାଳି ଭାବରେ ଏମ୍ବାପେ ୩୦୦ କ୍ୟାରିୟର ଗୋଲ ସ୍କୋର କରିଛନ୍ତି। ମାତ୍ର ୨୪ବର୍ଷ ୩୩ ଦିନରେ ଏମ୍ବାପେ ଏହି ମାଇଲଖୁଣ୍ଟ ହାସଲ କରିଥିବା ବେଳେ ଫୁଟବଲ୍ ଇତିହାସର ଦୁଇ କିମ୍ବଦନ୍ତୀ ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଅତିକ୍ରମ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ଭାବରେ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଏହା ସହିତ ଫ୍ରାନ୍ସର ଥିଏରୀ ହେନରୀଙ୍କୁ ମଧ୍ୟ ଏମ୍ବାପେ ପଛରେ ଛାଡିଛନ୍ତି। ବର୍ତ୍ତମାନ ଫ୍ରାନ୍ସ ୨୧ ବର୍ଷରୁ କମ ଦଳର କୋଚ୍ ରହିଥିବା ହେନରୀ ମଧ୍ୟ ଏମ୍ବାପେଙ୍କୁ ପ୍ରଶଂସା କରିଛନ୍ତି। ଏମ୍ବାପ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି ତାହା ଅବିଶ୍ୱସନୀୟ ଏବଂ ସେ ଏକ ଭିନ୍ନ ଗ୍ରହରୁ ଆସିବା ଭଳି ଲାଗୁଛି ବୋଲି ହେନରୀ କହିଛନ୍ତି। ଉଭୟ ଏମବାପେ ଓ ହେନରୀ ମୋନାକୋରୁ କ୍ୟାରିୟର ଆରମ୍ଭ କରିଥିବା ବେଳେ ଲେଫ୍ଟ ୱିଙ୍ଗର ରହିଥିଲେ। ଉଭୟ ଖେଳାଳି ନିଜର ପଦାର୍ପଣରେ ବିଶ୍ୱକପ ଜିତିବାର ଗୌରବ ମଧ୍ୟ ହାସଲ କରିଥିଲେ। ହେନରୀ ୧୯୯୮ରେ ଓ ଏମ୍ବାପେ ୨୦୧୮ରେ ବିଶ୍ୱକପ ବିଜୟୀ ହୋଇଥିଲେ।

ରବିବାର ଫ୍ରାନ୍ସ ୧୪-୦ ଗୋଲରେ ଜିବ୍ରାଲେଟରକୁ ପରାସ୍ତ କରିଥିଲା। ଏଥିରେ ଏମ୍ବାପେ ହ୍ୟାଟ୍ରିକ ଅର୍ଜନ କରିଥିବା ବେଳେ ତାଙ୍କର କ୍ୟାରିୟର ଗୋଲ ସଂଖ୍ୟା ୩୦୦ ଅତିକ୍ରମ କରିଥିଲା। ଏହା ତାଙ୍କର ୭୪ ମ୍ୟାଚ୍‌ରେ ୪୬ ତମ ଅନ୍ତର୍ଜାତୀୟ ଗୋଲ ହୋଇଥିବା ବେଳେ ଚଳିତ ସିଜନରେ ୧୯ତମ ମ୍ୟାଚ୍‌ରୁ ୨୧ ତମ ଗୋଲ୍। ଏହା ସହିତ ଆଉ ୧୦ ଗୋଲ୍ ସ୍କୋର କଲେ ଫ୍ରାନ୍ସ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ୍‌ର ରେକର୍ଡ ନିଜ ନାମରେ କରିବେ। ଜିରୁଡ୍ ୫୫ଟି ଅନ୍ତର୍ଜାତୀୟ ଗୋଲ୍ ସ୍କୋର କରିଛନ୍ତି। ୩୦୦ ଗୋଲ ସ୍କୋର କରିବାରେ ଏମ୍ବାପେ ବିଶ୍ୱର ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ମେସି ଓ ନେମାର ୨୫ ବର୍ଷ ବୟସରେ ଏହି ସଫଳତା ହାସଲ କରିଥିବା ବେଳେ କ୍ରିଷ୍ଟିଆନୋ ରୋନାଲ୍ଡୋ ୨୭ ବର୍ଷ ବୟସରେ ୩୦୦ ଗୋଲ ସ୍କୋର କରିଥିଲେ। ସେହିପରି ଏମ୍ବାପେ ୧୦୦୦ କ୍ୟାରିୟର ଗୋଲ ସହିତ ପେଲେଙ୍କ ରେକର୍ଡ ଭାଙ୍ଗି ପାରିବେ ବୋଲି କହିଛନ୍ତି ଥିଏରୀ ହେନରୀ।


ଜିବ୍ରାଲେଟର ବିପକ୍ଷ ମ୍ୟାଚରେ କିଲିଆନ୍ ଏମ୍ବାପେ।

# ଆଜି କଳିଙ୍ଗରେ କାତାରକୁ ଭେଟିବ ଭାରତ

## ଫିଫା ଏଏଫ୍‌ସି କ୍ୱାଲିଫାୟର

ଭୁବନେଶ୍ୱର,୨୦।୧୧(ସରୋଜ ଜେନା)

୨୦୨୬ ଫୁଟବଲ୍ ବିଶ୍ୱକପ ପାଇଁ ଫିଫା ଏଏଫ୍‌ସି କ୍ୱାଲିଫାୟରର ଦ୍ୱିତୀୟ ରାଉଣ୍ଡରେ କାତାରକୁ ଭେଟିବ ଭାରତ। ମଙ୍ଗଳବାର ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ଉଭୟ ଦଳ ନିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିବା ବେଳେ ଭାରତ ନିଜ ଘରୋଇ ପରିବେଶରେ ଏହି ମ୍ୟାଚ୍ ଖେଳିବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମରେ ଭାରତ ଅତୀତରେ ଭଲ ପ୍ରଦର୍ଶନ କରିଥିବା ବେଳେ ଏହାକୁ ଦଳ ଦୋହରାଇବାକୁ ପ୍ରୟାସ କରିବ। ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ ଓ ଗୋଲକିପର ଗୁରପ୍ରୀତ ସିଂ ସାନ୍ଧୁ ଯୋଗ ଦେଇଥିଲେ। ୨୦୨୨ ଫିଫା ବିଶ୍ୱକପର ଆୟୋଜକ ଭାବେ କାତାର ଫୁଟବଲ ବିଶ୍ୱକପ ଖେଳି ସାରିଥିବା ବେଳେ ଭାରତ ପାଇଁ ଏହି ଦଳ ଏକ ବଡ ଚ୍ୟାଲେଞ୍ଜ ରହିବ। ଶେଷ ଥର ପାଇଁ ଉଭୟ ଦଳ ୨୦୧୯ରେ ପରସ୍ପରକୁ ଭେଟିଥିବା ବେଳେ ମ୍ୟାଚ୍‌ର ଫଳାଫଳ କାତାର ସପକ୍ଷରେ ଯାଇଥିଲା। ବର୍ତ୍ତମାନ କାତାର ବିଶ୍ୱ ର୍‍ୟାଙ୍କିଙ୍ଗ ତାଲିକାରେ ୬୧ ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୧୦୬ ନମ୍ବର ସ୍ଥାନରେ ଥିବା ଭାରତ ପାଇଁ ଏହି ମ୍ୟାଚ୍‌ଟି କଷ୍ଟସାଧ ହୋଇପାରେ। ତେବେ ଭାରତ ମ୍ୟାଚ୍ ଜିତିବା ଅପେକ୍ଷା ଏକ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁସରଣ କରୁଛି ବୋଲି କହିଥିଲେ ଷ୍ଟିମାକ୍। ଦଳ ବର୍ତ୍ତମାନ ଭଲ ଫର୍ମରେ ରହିଛି। ଏହା ବ୍ୟତୀତ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଦଳ ଭଲ ପ୍ରଦର୍ଶନ କରିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ୨୦୧୯ରେ ପରାଜିତ ହୋଇଥିବା ଭାରତୀୟ ଦଳ ଓ ବର୍ତ୍ତମାନର ଭାରତୀୟ ଦଳ ମଧ୍ୟରେ ଆକାଶ ପାତାଳ ଫରକ ରହିଛି। ସେ ସମୟରେ ଦଳରେ ସୁନୀଲ ଛେତ୍ରୀ, ବ୍ରାଣ୍ଡନ୍ ଫର୍ନାଣ୍ଡେସ୍ ଓ ସନ୍ଦେଶ ଝିଙ୍ଗାନଙ୍କ ପରି ବରିଷ୍ଠ ଖେଳାଳି ନ ଥିଲେ। ବର୍ତ୍ତମାନ ଦଳରେ ସମସ୍ତ ଖେଳାଳି ଫିଟ୍ ଥିବାରୁ ଆମେ ଏହି ମ୍ୟାଚ୍‌ରେ ଭଲ କରିବୁ ବୋଲି ଷ୍ଟିମାକ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିପରି କୁଏଟ୍ ବିପକ୍ଷ ମ୍ୟାଚ୍‌ର ବିଜୟ ଏହି ମ୍ୟାଚ୍‌ରେ ଖେଳାଳିଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି କରିବ କି ବୋଲି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ, ଉକ୍ତ ବିଜୟକୁ ଖେଳାଳି ଯେତେଶୀଘ୍ର ଭୁଲିବେ ତାହା ସେମାନଙ୍କ ପାଇଁ ଭଲ। ପ୍ରତ୍ୟେକ ମ୍ୟାଚ୍ ପରସ୍ପରଠାରୁ ଭିନ୍ନ। ତେଣୁ ଉକ୍ତ ବିଜୟକୁ ଭୁଲି ଦଳ ପରବର୍ତ୍ତୀ ମ୍ୟାଚ୍ ଉପରେ ଫୋକସ କରିବା ଉଚିତ।

ଭାରତୀୟ ଦଳର ଗୋଲକିପର ଗୁରପ୍ରୀତ ଦଳର ସଫଳତାର ଶ୍ରେୟ କୋଚିଂ ଷ୍ଟାଫଙ୍କୁ ପ୍ରଦାନ କରିଥିଲେ। ଦଳରେ ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମାହୋଲ ସୃଷ୍ଟି କରିବାରେ ସମସ୍ତ କୋଚିଂ ସଦସ୍ୟ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି। ଏହା ଭାରତର ପ୍ରଦର୍ଶନକୁ ଉନ୍ନତ ହେବାରେ ସାହାଯ୍ୟ କରୁଛି। ମ୍ୟାଚ୍ ପୂର୍ବରୁ ନର୍ଭସ ହୁଅନ୍ତି କି ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ଗୁରପ୍ରୀତ କହିଥିଲେ, ଏବେ ଆଉ ହେଉନାହିଁ। ଦୀର୍ଘ ବର୍ଷ ଧରି ଅନ୍ତର୍ଜାତୀୟ ଫୁଟବଲ ଖେଳିବା ପରେ ଆଉ ନର୍ଭସ ହେବାର ପ୍ରଶ୍ନ ଉଠୁନାହିଁ।


କଳିଙ୍ଗ ଷ୍ଟାଡିୟମ୍‌ରେ ଭାରତୀୟ ଫୁଟବଲ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)


ଖବରଦାତା ସମ୍ମିଳନୀରେ ଇଗୋର ଷ୍ଟିମାକ ଓ ଗୁରପ୍ରୀତ ସିଂ ସାନ୍ଧୁ।

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**
**ସମୟ: ସନ୍ଧ୍ୟା ୭ଟା**

**ନାଗେଶ ଟ୍ରଫି କ୍ରିକେଟ**

## ୨୦ ଜଣିଆ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର,୨୦।୧୧ (ସରୋଜ ଜେନା)

ଦୃଷ୍ଟିବାଧିତ କ୍ରିକେଟରଙ୍କ ପାଇଁ ଅନୁଷ୍ଠିତ ନାଗେଶ ଟ୍ରଫି ପାଇଁ ସୋମବାର ୨୦ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ୨୮ ରାଜ୍ୟକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବା ବେଳେ ୧୮ରୁ ୨୨ ଡିସେମ୍ବର ମଧ୍ୟରେ କେରଳରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ଥରେ ଲେଖାଏ ଚାମ୍ପିୟନ ଓ ରନର ଅପ୍ ରହିଥିବା ଓଡ଼ିଶା ଗ୍ରୁପ-ସି'ରେ ସ୍ଥାନ ପାଇଛି। ୨୫-୨୯ ଅକ୍ଟୋବର ୨୦୨୩ ମଧ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ଟୁର୍ନାମେଣ୍ଟର ପ୍ରଦର୍ଶନ ଆଧାରରେ ଏହି ଦଳ ଘୋଷଣା କରାଯାଇଛି। କେ.ଟି. ଗ୍ଲୋବାଲ ସ୍କୁଲରେ ୯ ଦିନିଆ ଅଭ୍ୟାସ କ୍ୟାମ୍ପ ପରେ ୫ ଡିସେମ୍ବରରେ ୧୬ ଜଣିଆ ଚୂଡାନ୍ତ ଦଳ ଘୋଷଣା କରାଯିବ।

ଓଡ଼ିଶା ଦଳ: ଏମ୍‌ଡି ଜାଫର ଇକ୍‌ବାଲ, କାଳିଆ ପ୍ରଧାନ, ହିକିମ ମୁର୍ମୁ, ଦେବରାଜ ବେହେରା, ଅନିଲ ମଲିକ, ରଞ୍ଜନ ହାଁସଦା, ଚିରଞ୍ଜୀବ ମଲିକ୍, ପଙ୍କଜ ଭୁଏ, ନକୁଳ ବଡନାୟକ, ଲାଲପ୍ରସାଦ ସୋରେନ୍, ଅର୍ଜୁନ୍ ଭତ୍ରା, ଅଞ୍ଜନ ସିଂ, ସୂର୍ଯ୍ୟକାନ୍ତ ସାହୁ, ରାମଦାସ ମୁର୍ମୁ, ଆକାଶ ରାଉତ, ସୁଖରାମ ମାଝୀ, ଲିଙ୍ଗରାଜ ରାଉତରା, ଦନପତି ଗୌଡ, ଶୁକଦେବ ସୋରେନ୍, ଲାବଣ୍ୟ ପାତ୍ର।

କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ସୁରେଶ ବେହେରା।

# ଓଡ଼ିଶାକୁ ୭ ସ୍ୱର୍ଣ୍ଣ, ୮ ରୌପ୍ୟ, ୧୩ ବ୍ରୋଞ୍ଜ

## ଜାତୀୟ ସବ୍‌ଜୁନିୟର କରାଟେ

ଭୁବନେଶ୍ୱର, ୨୦।୧୧ (ବିଜୟ ରଣା)

ଦିଲ୍ଲୀର ତାଲକୋତରା ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ୭ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ଜିତିଛି। ରବିବାର ଅନ୍ତିମ ଦିବସରେ ହର୍ଷଦ କୁମାର ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅର୍ଣ୍ଣବ ବିଶୋଇ, କୌଭବ ପଟ୍ଟନାୟକ, ଅଭ୍ୟୁକ୍ତ ମିଶ୍ର, ଅର୍ଚ୍ଚିତା ପ୍ରିୟଦର୍ଶିନୀ ଏବଂ ପୁରୁଷ କାଟା ଟିମ୍ (ଶିବକୃପା ମିଶ୍ର, ଅର୍ପିତ କୁମାର ଦାସ, ସୌରୟ ଚନ୍ଦୁକା ଓ ଦୋଳଗୋବିନ୍ଦ ବେହେରା) ରୌପ୍ୟ ପଦକ ଲାଭ କରିଛନ୍ତି। ସେହିପରି ଶ୍ରୟାନ ଶ୍ରେୟାଂଶୁ ବିଶ୍ୱଦୀପ ବେହେରା, ଅଭିଜ୍ୱଳା ମହାନ୍ତି, ଆୟାନ ଭୋଳ, ସାଇ କିରଣ, ଓମ୍ ସତ୍ୟମ୍, ସୂର୍ଯ୍ୟପ୍ରକାଶ ଘଡ଼େଇ ଓ ମହିଳା କାଟା ଟିମ୍ (ଆକାଂକ୍ଷା ଦାଶ, ଲିନାସୀ ସିଂ, ଅର୍ଚ୍ଚିତା ପ୍ରିୟଦର୍ଶିନୀ) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳ ସହ ଅଫିସିଆଲ ଭାବେ ରାଜୀବ କୁମାର ସିଂ(ରେଫରି), ଅବିନାଶ ପୁହିର (ପ୍ରବନ୍ଧକ), ଦୀପକ କୁମାର ସାମନ୍ତରା, କଳିଯୁଗ ଗୋପାଳ କୃଷ୍ଣ ପ୍ରତିହାରୀ, ମହେଶ ବରାଳ, ରାଜେନ୍ଦ୍ର ସାମଲ, ଭାଲେନା ଭାଲେଣ୍ଟିନା, କୃଷ୍ଣଚନ୍ଦ୍ର ମହାରଣା, କୃଷ୍ଣଚନ୍ଦ୍ର ନାୟକ ଓ ଅମିୟ ସାହୁ ପ୍ରମୁଖ ଦଳ ସହ ଗସ୍ତ କରିଥିଲେ। ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଓ ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, କାଳି ପ୍ରସାଦ ନନ୍ଦ, ସନତ ନାୟକ, ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ମୀର ଅଜମତ ଅଲ୍ଲୀ, ହିମାଂଶୁ ଶେଖର ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା କରାଟେ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ପଦକ ବିଜେତା ଓଡ଼ିଶା ଖେଳାଳି।

# ପୁଣି ଏଫ୍‌ଆଇଏଚ୍ ପୁରସ୍କାର ଦୌଡ଼ରେ ସବିତା

ବେଙ୍ଗାଲୁରୁ, ୨୦।୧୧ (ପି.ଟି.)

ଭାରତ ମହିଳା ହକି ଦଳର ଅଧିନାୟିକା ସବିତା ପୁନିଆଙ୍କ ନାମ କ୍ରମାଗତ ତୃତୀୟ ଥର ପାଇଁ ଏଫ୍‌ଆଇଏଚ୍ ହକି ଷ୍ଟାର ପୁରସ୍କାର ପାଇଁ ସୁପାରିସ ହୋଇଛି। ଯଦି ଏଥର ସେ ଏହି ପୁରସ୍କାର ପାଆନ୍ତି ତେବେ ଗୋଲକିପର ଅଫ୍ ଦି ଇୟର ପୁରସ୍କାର ପାଇବାରେ ସେ ଏକ ହ୍ୟାଟ୍ରିକ ଅର୍ଜନ କରିବେ। ସବିତା ପୂର୍ବରୁ ଏହି ସମ୍ମାନଜନକ ପୁରସ୍କାର ୨୦୨୧ ଓ ୨୦୨୨ରେ ପାଇଛନ୍ତି। ସେ କହିଛନ୍ତି ତାଙ୍କ ନାମ ତୃତୀୟଥର ସୁପାରିସ କରାଯାଇଥିବାରୁ ଏହା କେବଳ ତାଙ୍କ ପାଇଁ ନୁହେଁ ତାଙ୍କ ପରିବାର ଏବଂ ସାଥୀଖେଳାଳିଙ୍କ ଲାଗି ଗୌରବର ବିଷୟ। ଏହି କିଛି ବର୍ଷ ମଧ୍ୟରେ ସବିତାଙ୍କ ନେତୃତ୍ୱରେ ଦେଶ ବହୁ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ତନ୍ମଧ୍ୟରେ ସ୍ପେନରେ ଅନୁଷ୍ଠିତ ଉଦ୍‌ଘାଟନୀ ଏଫ୍‌ଆଇଏଚ୍ ହକି ଓମେନ୍ସ ନେଶନ୍ସ କପ୍ ୨୦୨୨ ଟାଇଟଲ ସଫଳତା ଅନ୍ୟତମ। ଏହାଦ୍ୱାରା ଭାରତ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୩-୨୪କୁ ଉନ୍ନୀତ ହୋଇପାରିଛି। ସବିତା କହିଛନ୍ତି, ସେ ଯେତେବେଳେ ଖେଳିବା ଆରମ୍ଭ କଲେ ଏହି ସ୍ଥିତିରେ ପହଞ୍ଚିପାରିବେ ବୋଲି କେବେ ଚିନ୍ତା କରି ନ ଥିଲେ। ପରିବାର ଓ ସାଥୀ ଖେଳାଳିମାନଙ୍କ ସମର୍ଥନ ଯୋଗୁ କେବଳ ଏହା ସମ୍ଭବ ହୋଇପାରିଛି।




# ଖୋର୍ଦ୍ଧା ଚାମ୍ପିୟନ, କଟକ ରନରଅପ୍

## ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୧ (ବିଜୟ ରଣା)

ଓଡ଼ିଶା କିକ୍ ବକ୍ସିଂ ରାଜ୍ୟ ଚାମ୍ପିୟନଶିପ୍ ରୁଚିକା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲା ଚାମ୍ପିୟନ ଏବଂ କଟକ ଜିଲା ଦଳଗତ ରନରଅପ୍ ହୋଇଛି। ଏଥିରେ ଅଫିସିଆଲ ଭାବେ ଗଙ୍ଗାଧର ସାହୁ, ନବକିଶୋର ପାଇକରାୟ, ୟାଶ ଖାନ୍ ନିଖତ ବାନୁ, ମହାବୀର ପ୍ରସାଦ ମିଶ୍ର, ଶେଖର ଦାସ, ବିଚିତ୍ର ସାମନ୍ତରାୟ, ରାଜକୁମାର ପାଟ୍ଟଯୋଶୀ, ବିଶାଖା ପ୍ରିୟଦର୍ଶିନୀ, ଲୋପାମୁଦ୍ରା ସାହୁ, ଧୀରେନ ମହାନ୍ତି, ରଣଜିତ ବାରିକ, ସଂଗ୍ରାମ ଜେନା, ବଳରାମ ନାୟକ ଓ ବିଭୂତି ଭୂଷଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଇଣ୍ଡିଆନ୍ ଅଏଲ୍ ଦଳଗତ ଚାମ୍ପିୟନ

## ପିଏସ୍‌ପିବି ଇଣ୍ଟର ୟୁନିଟ୍ ଚେସ୍

ଭୁବନେଶ୍ୱର,୨୦।୧୧ (ସରୋଜ ଜେନା)

ପିଏସ୍‌ପିବି ଇଣ୍ଟର ୟୁନିଟ୍ ଚେସ ଟୁର୍ନାମେଣ୍ଟର ଦଳଗତ ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଇଣ୍ଡିଆନ୍ ଅଏଲ କର୍ପୋରେସନ୍'ଏ'। ସୋମବାର ଅନୁଷ୍ଠିତ ଫାଇନାଲରେ ଦଳ ୩-୧ ଗେମ୍ ପଏଣ୍ଟରେ ଓଏନ୍‌ଜିସିକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସେହିପରି ତୃତୀୟ ସ୍ଥାନ ପାଇଁ ଖେଳା ଯାଇଥିବା ମ୍ୟାଚରେ ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ ୨.୫-୧.୫ ପଏଣ୍ଟରେ ଇଣ୍ଡିଆନ୍ ଅଏଲ କର୍ପୋରେସନ୍'ବି'ଦଳକୁ ପରାସ୍ତ କରିଥିଲା। ଇଣ୍ଡିଆନ୍ ଅଏଲ କର୍ପୋରେସନ୍'ଏ' ଦଳରେ ବିଶ୍ୱ ଚାମ୍ପିୟନ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦଙ୍କ ସହିତ ସାଧୱାନି ରୌନକ, ମୁରଲୀ କାର୍ତ୍ତିକେୟନ, ସୂର୍ଯ୍ୟଶେଖର ଗାଙ୍ଗୁଲି ଓ ବି. ଅଧିବନ ସାମିଲ ଥିଲେ। ଅଭିଜିତ୍ କୁନ୍ତେ ଏହି ଦଳର ମ୍ୟାନେଜର ରହିଥିଲେ। ଅନ୍ୟ ପକ୍ଷରେ ଓଏନ୍‌ଜିସି ଦଳରେ ଗ୍ରାଣ୍ଡମାଷ୍ଟର ବିଦିଥ ସନ୍ତୋଷ ଗୁଜରାଠୀ, ଶଶୀକିରଣ କ୍ରିଷ୍ଣନନ, କୋନେରୁ ହମ୍ପି, ଏସ୍.ପି. ସେଥୁରମଣ ଓ ବିଦ୍ ସେନଗୁପ୍ତା ସଦସ୍ୟ ରହିଥିଲେ। ଆଇଏମ୍ କଙ୍ଗୁଭେଲ ପୁନୁସ୍ୱାମୀ ଏହି ଦଳର ମ୍ୟାନେଜର ରହିଥିଲେ।

ଏହା ସହିତ ସୋମବାର ଠାରୁ ର୍‍ୟାପିଡ୍ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ୯ ରାଉଣ୍ଡର ଏହି ଗେମ୍ ପାଇଁ ୧୪ ଜଣ ଗ୍ରାଣ୍ଡମାଷ୍ଟର, ୪ ଜଣ ଆଇଏମ୍, ଓ ଜଣେ ମହିଳା ଗ୍ରାଣ୍ଡମାଷ୍ଟରଙ୍କୁ ମିଶାଇ ସମୁଦାୟ ୬୪ ପ୍ରତିଯୋଗୀ ଭାଗ ନେଉଛନ୍ତି। ଗ୍ରାଣ୍ଡମାଷ୍ଟର ବିଦିଥ ସନ୍ତୋଷ ଗୁଜରାଠୀ(୨୭୯୧ ରେଟିଂ ପଏଣ୍ଟ)ଙ୍କୁ ଟପ୍ ସିଡ୍‌ର ମାନ୍ୟତା ମିଳିଛି। ୬ ରାଉଣ୍ଡର ଖେଳ ଶେଷ ହୋଇଥିବା ବେଳେ ଗ୍ରାଣ୍ଡମାଷ୍ଟର ବିଦିଥ ସନ୍ତୋଷ ଗୁଜରାଠୀ, ବି. ଅଧିବନ ଓ ଶଶୀକିରଣ କ୍ରିଷ୍ଣନନ ୫ ପଏଣ୍ଟ ସହ ମିଳିତ ପ୍ରଥମ ସ୍ଥାନରେ ରହିଛନ୍ତି। ଅବଶିଷ୍ଟ ୩ ରାଉଣ୍ଡ ମଙ୍ଗଳବାର ଖେଳାଯିବ। ଇଣ୍ଟରନ୍ୟାଶନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ତାପସ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ।



ଦଳଗତ ବର୍ଗରେ ଚାମ୍ପିୟନ ଇଣ୍ଡିଆନ୍ ଅଏଲ କର୍ପୋରେସନ୍'ଏ' ଟିମ୍।

ଫ୍ୟାଶନ୍

# ଜିନ୍ସ ଚୟନ ସମୟରେ...

ଠିକ୍ ଫିଟିଂ କପଡ଼ା ପିନ୍ଧିବା ଦ୍ୱାରା ଆପଣଙ୍କ ଲୁକ୍ ଅଧିକ ସୁନ୍ଦର ଦେଖାଯିବା ସହ ଆପଣଙ୍କ କନ୍‌ଫିଡେନ୍ସ ବଢ଼ିଥାଏ। ଏବେ ଡେନିମ୍ ଜିନ୍ସର ଚାହିଦା ଅଧିକ । କିନ୍ତୁ ଜିନ୍ସ କିଣିବା ସମୟରେ ଭଲ କମ୍ପାନୀ ଚୟନ କରନ୍ତୁ । ଏଠାରେ ଆପଣଙ୍କୁ କେତୋଟି ଟିପ୍ସ ଦିଆଗଲା ଯାହାକୁ ଫଲୋ କରି ଆପଣ ନିଜ ପାଇଁ ଭଲ ଜିନ୍ସ କିଣି ପାରିବେ....



### ବଡିର ଠିକ୍ ମାପ

ଜିନ୍ସ ସହିତ କୌଣସି ବି କପଡ଼ା କିଣିବା ପୂର୍ବରୁ ନିଜ ହିପ୍ ଏବଂ ଅଣ୍ଟା ସାଇଜ୍‌କୁ ନଜରରେ ରଖି କେଉଁ ସାଇଜ୍ ପିନ୍ଧିଲେ ଆପଣଙ୍କୁ ଭଲ ଲାଗିବ ତାହା ଭଲଭାବେ ଦେଖିକି କିଣନ୍ତୁ। ଏହା କିଣିବା ସମୟରେ ସାଇଜ୍ ବଡ଼ କିମ୍ବା ଛୋଟ କିଣନ୍ତୁ ନାହିଁ।

### ଟ୍ରାଏଲ୍ ରୁମ୍‌ର ସହାୟତା ନେଇପାରିବେ

କେତେଜଣ ଲୋକ ଟ୍ରାଏଲ୍ ରୁମ୍‌ରେ ଲାଗିଥିବା ଭିଡ଼ କାରଣରୁ କେବଳ ଦେଖିକି ହିଁ ଅନୁମାନ କରି ଦେଇଥାନ୍ତି ଯେ ଏହା ଠିକ୍ ଫିଟିଂ ଆସିଯିବ। କିନ୍ତୁ ଆପଣ ଯେତେବେଳେ ଏହାକୁ ପରେ ପିନ୍ଧିବାକୁ ଚେଷ୍ଟା କରନ୍ତି ସେତେବେଳେ ଏହା ଆପଣଙ୍କୁ ଠିକ୍ ଫିଟିଂ ଆସି ନ ଥାଏ। ଏଥିପାଇଁ ଏପରି ଭୁଲ୍ କରନ୍ତୁ ନାହିଁ। ଟ୍ରାଏଲ୍ ରୁମ୍‌ରେ ପ୍ୟାଣ୍ଟ ଟ୍ରାଏଲ କରିବା ପରେ ଏହାକୁ କିଣିବେ କି ନାହିଁ ତାହା ଡିସାଇଡ୍ କରନ୍ତୁ। ଯଦି ଆପଣ ଗୋଟିଏ ବ୍ରାଣ୍ଡର ଜିନ୍ସ ପ୍ୟାଣ୍ଟ ପିନ୍ଧୁଛନ୍ତି ତେବେ ଅଲଗା ବ୍ରାଣ୍ଡର ଜିନ୍ସ କିଣିଲେ ଯେ ତାହାର ସେମ୍ ସାଇଜ୍ ଫିଟିଂ ଆସିବ ବୋଲି ମାନେ ନାହିଁ।

### ଫାବ୍ରିକ୍ ଦେଖି ଜିନ୍ସ ଚୟନ କରନ୍ତୁ

ସାଧାରଣତଃ କପଡ଼ା କିଣିବା ସମୟରେ ତା'ର ଫାବ୍ରିକ୍ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଡେନିମ୍‌ରେ କେତେକ ଫାବ୍ରିକ୍‌ର ଆସିଥାଏ। ଯେଉଁଥିରେ ୧୦୦ପ୍ରତିଶତ କଟନ୍, କଟନ୍-ପଲିଷ୍ଟର ମିକ୍ସ, କଟନ୍-ପଲିଷ୍ଟର ସ୍ପେଣ୍ଡେକ୍ସ ମିକ୍ସ ଆଦି। ଆବଶ୍ୟକ ଏଇଆ ଯେ ଆପଣ ଡେନିମ୍ କପଡା କିଣିବା ପୂର୍ବରୁ ତାହାର ଲେବଲକୁ ଧ୍ୟାନ ସହକାରେ ପଢ଼ନ୍ତୁ। ଯେଉଁ ଟାଇପ୍ କପଡା ଆପଣଙ୍କୁ ସୁଟ୍ କରିବ ସେଇଟା ହିଁ କିଣନ୍ତୁ।

# ଗୃହିଣୀଙ୍କ ପାଇଁ ....

ସମସ୍ତଙ୍କ ଘରେ କିଛି ନା କିଛି ଖାଦ୍ୟ ଶସ୍ୟ ରହିଥାଏ। ସେ ଗହମ ହେଉ କି ଚାଉଳ, ପୋକ ଲାଗି ତାକୁ ଖୋଳ କରିଦିଅନ୍ତି। ତା' ଭିତରେ ପଶି ରହିଯାନ୍ତି। ଯଦି ଆପଣଙ୍କ ଘରେ ଥିବା ଚାଉଳ ଏବଂ ଗହମରେ ପୋକ ଲାଗିଛନ୍ତି ତେବେ ଜାଣନ୍ତୁ କେତୋଟି ଉପାୟ, ଯାହାକୁ ଆପଣାଇଲେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ....

**ତେଜପତ୍ର:** ଯଦି ଚାଉଳ, ଗହମ ଆଦି ରଖୁଛନ୍ତି ସେଥିରେ କିଛି ତେଜପତ୍ର ପକାଇ ଦିଅନ୍ତୁ, ଯାହା ପୋକ ଦାଉରୁ ଶସ୍ୟକୁ ସୁରକ୍ଷିତ ରଖିପାରେ।

**ନିମ୍ବପତ୍ର:** ଚାଉଳ, ଗହମ, ଡାଲିକୁ ପୋକ ଦାଉରୁ ରକ୍ଷା କରିବାକୁ ହେଲେ ନିମ୍ବପତ୍ର ଏଥିରେ ପକାନ୍ତୁ। ନିମ୍ବପତ୍ରର ଔଷଧୀୟ ଗୁଣ କାରଣରୁ ଯାହା ପୋକକୁ ରୋକିବାରେ ସାହାଯ୍ୟ କରିଥାଏ।

**ରସୁଣ:** ରସୁଣର ଅନେକ ଗୁଣ ରହିଛି। ଏହାକୁ ଆମେ ମସଲା ରୂପେ ଖାଦ୍ୟରେ ବ୍ୟବହାର କରିଥାଉ। ଏହା ମଧ୍ୟ କିଛି ମାତ୍ରାରେ ପୋକ ଦାଉରୁ ରକ୍ଷା କରିବାରେ ସହାୟକ ହୋଇ ଥାଏ। ରସୁଣରୁ ଚୋପା ନ ଛଡାଇ ଚାଉଳ, ବିରି, ମୁଗରେ ରଖଦିଅନ୍ତୁ ପୋକ ଦୂରେଇ ଯିବେ।

**ଲବଙ୍ଗ :** ଚାଉଳରେ ଯଦି ପୋକ ଲାଗିଛି ତେବେ ସେଥିରେ କିଛି ଲବଙ୍ଗ ପକାଇ ଦିଅନ୍ତୁ। ଏହାଦ୍ୱାରା ପୋକ ଦୂରେଇ ଯିବେ ଆଉ କେବେ ଲାଗିବେନି।



# ସୁସ୍ଥ ରହିବା ଅନ୍ତରାଳେ...

"ସୁସ୍ଥ ରହିବାକୁ କିଏ ବା ନ ଚାହେଁ ? ହେଲେ ଏ ନେଇ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ । ବିଶେଷଭାବରେ ମହିଳାମାନେ ଘର କାମ ହେଉ ଅବା ଚାକିରିରେ ବ୍ୟସ୍ତ ରହିଲେ ମଧ୍ୟ ନିଜ ସ୍ୱାସ୍ଥ୍ୟ ପ୍ରତି ନଜର ଦେବା ଦରକାର।"



ସମୟ ବଦଳୁଛି। ତା' ସହ ପାଦ ମିଳାଇ ଆଜିକାଲି ମହିଳାମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇ ସାରିଲେଣି। ତେବେ ବଦଳୁଥିବା ଲାଇଫ୍‌ଷ୍ଟାଇଲ୍ ଆମକୁ ବହୁତ ବ୍ୟସ୍ତ ବହୁଳ କରିଦେଇଛି । ଏହା ସହିତ ଅନେକ ପ୍ରକାର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛେ। ହେଲେ ଏ ନେଇ ବ୍ୟତିବ୍ୟସ୍ତ ହେଲେ କିଛି ଲାଭ ନାହିଁ। ନିଜକୁ କିପରି ସୁସ୍ଥରଖିବେ ସେ ନେଇ ଆତ୍ମପ୍ରସ୍ତୁତିର ଆବଶ୍ୟକତା ରହିଛି। କେତେଜଣ



ମହିଳା ଠିକ୍ ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହୋଇ ନ ଥାନ୍ତି। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କୁ ବିଭିନ୍ନ ରୋଗର ସାମ୍ନା କରିବାକୁ ପଡିଥାଏ। ତେବେ ସୁସ୍ଥ ରହିବା ପଛରେ ନିମ୍ନୋକ୍ତ ଦିଗ ପ୍ରତି ଦୃଷ୍ଟି ଦେଇପାରନ୍ତି।

➡ହେଲ୍‌ଦି ଏବଂ ହାପି ଲାଇଫ୍ ଷ୍ଟାଇଲ୍ ପାଇଁ ପ୍ରଥମେ ନିଜର ମାନସିକତାକୁ ସକାରାତ୍ମକ ରଖିବା ନିହାତି ଦରକାର।

➡ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମନରୁ ସବୁ ଚାପ ଏବଂ ନକାରାତ୍ମକ ଚିନ୍ତାଧାରା ଦୂରେଇ ଦିଅନ୍ତୁ। ଏହାଦ୍ୱାରା ମନ ହାଲୁକା ରହିବ, ଭଲ ନିଦ ହେବ।

➡ସକାଳୁ ବିଛଣା ଛାଡ଼ିବା ପରେ ନିଜ ମନକୁ ଯେତେ ଖୁସିର ମାହୋଲ ଭିତରେ ରଖିବେ ତାହା ସେତେ ଭଲ। ଏହାଦ୍ୱାରା ଦିନଟା ଆପଣଙ୍କର ଭଲରେ କଟିବ।

➡ସବୁବେଳେ ଚେଷ୍ଟା କରିବେ ସକାଳୁ ଜଲ୍‌ଦି ଉଠିବା ଲାଗି। ଫଳରେ ଏହାଦ୍ୱାରା ସକାଳୁ ତରବର ହୋଇ କାମ ସାରିବାକୁ ପଡିବନି। କାହିଁକି ନା ଏହି ତରବର ଆପଣଙ୍କ ଷ୍ଟ୍ରେସ୍‌ର କାରଣ ହୋଇପାରେ।

➡ଦିନଚର୍ଯ୍ୟା ଭିତରେ ଅତିକମ୍‌ରେ ଅଧଘଣ୍ଟାଏ ଏକ୍ସରସାଇଜ୍ କରନ୍ତୁ। ଏଥିରେ ଆପଣ ଯୋଗ ଏବଂ ଧ୍ୟାନକୁ ସାମିଲ କରିପାରିବେ।

➡ଆଜିର ହାପି ଥଟ୍ କ'ଣ ରହିବ ସେ କଥା ଚିନ୍ତା କରନ୍ତୁ। ପୁରୁଣା ବନ୍ଧୁଙ୍କୁ ଫୋନ୍ ଲଗାଇ ତାଙ୍କର ହାଲ୍‌ଚାଲ୍ ବୁଝନ୍ତୁ। ଏହାଦ୍ୱାରା କିଛି ଅଂଶରେ ଆପଣଙ୍କ ମନ ହାଲୁକା ଲାଗିବ।

➡ଆପଣ ପ୍ରତିଦିନ ମନରେ ଭଲ ଚିନ୍ତା କରନ୍ତୁ ଏବଂ ଏହାକୁ ଦିନସାରା ଫଲୋ କରନ୍ତୁ।

➡ ମନରୁ ସବୁବେଳେ କୁଚିନ୍ତା ଦୂର କରନ୍ତୁ ଓ ସବୁବେଳେ ଖୁସିରେ ରୁହନ୍ତୁ। ଆମେ ସବୁବେଳେ ନିଜ ପାଇଁ କିଛି କାମ କରିଥାଉ। ଏହା ବ୍ୟତୀତ ଅନ୍ୟମାନଙ୍କୁ କିଛି ସାହାଯ୍ୟ କରନ୍ତୁ ଯାହା ଦ୍ୱାରା ଆପଣଙ୍କୁ ନିଶ୍ଚିତ ରୂପେ ଆତ୍ମସନ୍ତୋଷ ମିଳିବ।

➡ସବୁବେଳେ ନିଜର ବ୍ରେକ୍‌ଫାଷ୍ଟ, ଲଞ୍ଚ ଏବଂ ଡିନର ଠିକ୍ ସମୟରେ କରନ୍ତୁ।

➡ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ।

➡ଋତୁଅନୁଯାୟୀଫଳମୂଳଚୟନକରନ୍ତୁ।

➡ନିଜ ବଡି ଟାଇପ୍ ଅନୁସାରେ ଡାଏଟ୍ ପ୍ଲାନିଂ କରନ୍ତୁ। ଏ ନେଇ ପୁଷ୍ଟି ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

➡ ପ୍ରତ୍ୟହ ନିଜର ଦୈନନ୍ଦିନ ଜୀବନୀକୁ ଡାଏରୀରେ ଲେଖିରଖନ୍ତୁ।

➡ନିଜର ଦିନଚର୍ଯ୍ୟା ରୁଟିନ୍ ଅନୁସାରେ କରନ୍ତୁ। ଏହାଦ୍ୱାରା ଆପଣ ତୁଲାଉଥିବା କାମଟିକୁ ସହଜରେ କରିପାରିବେ ଫଳରେ ଚାପର ବଶବର୍ତ୍ତୀ ହେବେ ନାହିଁ।

➡ନିଜ ଭୁଲ୍‌କୁ ସ୍ୱୀକାର କରିବା ଶିଖନ୍ତୁ। ଭୁଲ୍ ଯଦି କରିଛନ୍ତି ତାକୁ ମାନିନେବାରେ କୌଣସି ବି ଭୁଲ୍ ନାହିଁ।

➡ନିଜ ଭଲଗୁଣ ବଳରେ ଆପଣ ଆଗକୁ ଆଗେଇ ପାରିବେ। ନିଜର ଦୋଷ ଦୁର୍ବଳତାକୁ ତର୍ଜମା କରନ୍ତୁ।



➡ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➡ଯଦି ଆପଣ କୌଣସି ରୋଗରେ ପୀଡିତ ତେବେ ଏଥିନେଇ ସତର୍କ ରହିବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।

➡କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଲେ ତାହାକୁ କେବେ ଅବହେଳା କରନ୍ତୁ ନାହିଁ। ହୁଏତ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିପାରେ। କେବଳ ସେତିକି ନୁହେଁ, ଏଥିପାଇଁ ଆପଣଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡିପାରେ।

➡ସବୁବେଳେ ନିଜର ମନୋବଳକୁ ଦୃଢ଼ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଚାପର ବଶବର୍ତ୍ତୀ ହେବାର ଆଶଙ୍କା କମ୍ ରହିବ।

➡ଛୋଟ ଛୋଟ କଥାକୁ ନେଇ ଟେନ୍‌ସନ ହୁଅନ୍ତୁ ନାହିଁ। କାରଣ ଏହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ।



➡ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

➡ସକାଳୁ ଉଠିବା ପରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ।

➡କେବଳ ଖାଦ୍ୟପେୟ ନୁହେଁ, ପ୍ରତିଦିନ ଆବଶ୍ୟକ ମୁତାବକ ଶୁଅନ୍ତୁ।

➡ଚାଲିବା ଏବଂ ଶିଡ଼ି ଚଢ଼ିବାର ଅଭ୍ୟାସ ଜାରି ରଖନ୍ତୁ।

➡ଖାଇବା ସରିବା ପରେ ତୁରନ୍ତ ପାଣି ପିଅନ୍ତୁ ନାହିଁ।

➡ସ୍ୱାସ୍ଥ୍ୟ ସଚେତନତା ଉପରେ ଧ୍ୟାନ ଦିଅନ୍ତୁ। ଖାଇବା ପୂର୍ବରୁ ହାତ ଧୁଅନ୍ତୁ। କାଶିବା ଏବଂ ଛିଙ୍କିବା ସମୟରେ ମୁହଁରେ ରୁମାଲ ଦେଇ ଏସବୁ କରନ୍ତୁ।

➡ଆପଣ ଯଦି ଏକ ରୁଟିନ୍ ତଥା ସୁସ୍ଥ ଜୀବନଶୈଳୀ ଅନୁସରଣ କରୁଛନ୍ତି ତେବେ ତାହା ଆପଣଙ୍କ ପିଲାକୁ ଅନୁପ୍ରାଣୀତ କରିବ।

➡ନିଜର ହବି ଏବଂ ବନ୍ଧୁତା ଦୁଇଟିକୁ ପ୍ରାଥମିକତା ଦିଅନ୍ତୁ। କାହିଁକି ନା ଏହି ଦୁଇଟି ହେଉଛି ଆପଣଙ୍କ ଖୁସିର ଚାବିକାଠି।

➡ ଭଲ ସମୟ ଆସିବ ବୋଲି ବର୍ତ୍ତମାନ ସମୟକୁ ନଷ୍ଟ କରନ୍ତୁ ନାହିଁ। ହୋଇପାରେ ଏଇଟା ହିଁ ଭଲ ସମୟ ଯାହାକୁ ଆପଣ ଜାଣିପାରୁନାହାନ୍ତି।

ସୌନ୍ଦର୍ଯ୍ୟ

# ଫାଉଣ୍ଡେଶନ୍ ଲଗାଉଥିଲେ...

କୁହାଯାଏ ମେକ୍‌ଅପ୍ ନେବା ଏକ କଳା। ବଜାରରୁ କେତେକ ମେକ୍‌ଅପ୍ ପ୍ରଡକ୍ଟ କିଣି ଆଣନ୍ତି ହେଲେ ଏହାକୁ କିପରି ବ୍ୟବହାର କରାଯିବ ଏହା ବିଷୟରେ ଅନେକେ ଜାଣି ନ ଥାନ୍ତି। ଏଥିପାଇଁ ଯେଉଁ ପ୍ରଡକ୍ଟ କିଣୁଛନ୍ତି ତାହାକୁ କିପରି ବ୍ୟବହାର କରିବେ ତାହାର ଉପାୟ ନିହାତି ଜାଣିବା ଆବଶ୍ୟକ। ଏହା ମଧ୍ୟରୁ ଅନ୍ୟତମ ହେଉଛି ଫାଉଣ୍ଡେଶନ୍ । ନିଜ ମୁହଁକୁ ସୁନ୍ଦର ଦେଖାଯିବାକୁ ଚାହୁଁଥିଲେ କେତୋଟି ଟିପ୍ସକୁ ଆପଣାଇ ପାରିବେ...



### ପ୍ରାଇମର ଲଗାଇବାର ଫାଇଦା

ପ୍ରଥମେ ବୁଝିନେବାକୁ ହେବ ଯେ ମୁହଁରେ ମେକ୍‌ଅପ୍ ଆପ୍ଲାଏ କରିବା ପୂର୍ବରୁ ଫାଉଣ୍ଡେଶନ୍ କେତେ ଲଗାଇବା ଆବଶ୍ୟକ। ଏହାକୁ ଲଗାଇବା ପରେ ମୁହଁ ସଫା ଦେଖାଯାଇଥାଏ। ଏହାଦ୍ୱାରା ମୁହଁ କୋମଳ ଦେଖାଯାଇଥାଏ।



### ଫାଉଣ୍ଡେଶନ୍ ପରେ କନ୍‌ସିଲର ଲଗାନ୍ତୁ

ଯେତେବେଳେ ଆପଣ କନ୍‌ସିଲର ବ୍ୟବହାର କରୁଛନ୍ତି ପ୍ରଥମେ ଫାଉଣ୍ଡେଶନ୍ ଲଗାନ୍ତୁ ଏହା ପରେ କନ୍‌ସିଲର । ଏହାଦ୍ୱାରା ମୁହଁରେ ଥିବା ଦାଗ ଚିହ୍ନ କିଛି ଜଣା ପଡ଼େନି। କନ୍‌ସିଲରକୁ ମୁହଁରେ ଆପ୍ଲାଏ କରିବା ପୂର୍ବରୁ କିଛି ସମୟ ଲାଗି ଛାଡି ଦେବା ଆବଶ୍ୟକ। କାହିଁକି ନା କନ୍‌ସିଲର ସେଟ୍ ହେବାକୁ କିଛି ସମୟ ଲାଗି ଥାଏ।

### ନୋଜଟିପ୍

ଯେତେବେଳେ ବି ଆପଣ ଫାଉଣ୍ଡେଶନ୍ ବ୍ୟବହାର କରୁଛନ୍ତି ନୋଜଟିପ୍‌କୁ ଫୋକସ୍ କରିବାକୁ ଭୁଲନ୍ତୁ ନାହିଁ। କନ୍‌ସିଲର ଏବଂ ଫାଉଣ୍ଡେଶନ୍‌କୁ ଏଠାରେ ଭଲଭାବେ ଯେପରି ସ୍କିନ୍ ସହ ମିଶିଯିବ ତାହାକୁ ନଜର ଦିଅନ୍ତୁ।



ଖାଦ୍ୟରୁଚି

# ସୁଇଟ୍ କର୍ନ ଟିକ୍କି

**ଆବଶ୍ୟକ ସାମଗ୍ରୀ:** ସିଝା ହୋଇଥିବା ସୁଇଟ୍ କର୍ନ ଅଧା କପ, ଦୁଇଟି ସିଝା ଆଳୁ, ୩ରୁ ୪ ଚାମଚ ବେସନ, ଛୋଟ ଆକାରରେ କଟାହୋଇଥିବା ଦୁଇଟି କଞ୍ଚାଲଙ୍କା, ୧/୨ ଚାମଚ ଚାଟ୍ ମସଲା, ଚାରୋଟି ସ୍ଲାଇସ୍ ବ୍ରେଡ୍। ଛୋଟ ଖଣ୍ଡେ ଅଦା, ଆବଶ୍ୟକ ମୁତାବକ ଲୁଣ, ଛୋଟ ଆକାରରେ କଟା ହୋଇଥିବା ଧନିଆଁ ପତ୍ର ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ସୁଇଟ୍ କର୍ନ ଟିକ୍କି ପ୍ରସ୍ତୁତ କରିବାକୁ ହେଲେ ଆଳୁ ଏବଂ ସୁଇଟ୍ କର୍ନକୁ ସିଝାଇ ଦିଅନ୍ତୁ। ଆଳୁରୁ ଚୋପା ଛଡ଼ାଇବା ପରେ ଏଥିସହ ସୁଇଟ୍ କର୍ନକୁ ଭଲଭାବେ ଚକଟି ଦିଅନ୍ତୁ। ଏହାପରେ ବ୍ରେଡ୍ ଖଣ୍ଡକୁ ମିକ୍ସଚରରେ ଗ୍ରାଇଣ୍ଡ କରିନିଅନ୍ତୁ। ଏହାକୁ ଏବେ ପୂର୍ବ ମିଶ୍ରଣରେ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ସୁଇଟ୍ କର୍ନର ସେପ୍ ଦେବାକୁ ହେଲେ ସେଥିରୁ କିଛି ବେସନ ପକାଇ ଭଲଭାବେ ମିକ୍ସ କରନ୍ତୁ। ଏହାପରେ ଆଗରୁ ଛେଚା ହୋଇଥିବା ଅଦା, କଟା ହୋଇଥିବା କଞ୍ଚାଲଙ୍କା, ଧନିଆଁ ପତ୍ର, ଚାଟ ମସଲା,ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ଛୋଟଛୋଟ ଗୁଳା ବନାଇ ଟିକ୍କିର ଶେପ୍ ଦିଅନ୍ତୁ। ଟିକ୍କି ଶେପ୍ ଦେବା ପରେ ଏକ ପ୍ୟାନ୍ ନେଇ ସେଥିରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ପ୍ୟାନ୍‌ରେ ୩ରୁ ୪ଟି ଟିକ୍କି ପକାଇ ଫ୍ରାଏ କରନ୍ତୁ। ଟିକ୍କି ଫ୍ରାଏ କରିବା ସମୟରେ ଆଞ୍ଚକୁ ସିମ୍ ରଖନ୍ତୁ । ଏହି ଟିକ୍କିକୁ ଆପଣ କୌଣସି ଚଟଣି କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

DSPL-400

ODISHA
INDIA'S BEST KEPT SECRET.
INDIA ALL INDIA FOOTBALL FEDERATION
FIFA

# ଏଆଇଏଫ୍ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀର

## ଶୁଭ ଉଦ୍‌ଘାଟନ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା

ଉପସ୍ଥିତ ରହିବେ

**ଶ୍ରୀ ଆର୍ସେନ୍ ୱେଙ୍ଗର୍**

ଫିଫା, ଗ୍ଲୋବାଲ୍ ଫୁଟବଲ୍ ଡେଭଲପମେଣ୍ଟର ମୁଖ୍ୟ

୨୧ ନଭେମ୍ବର ୨୦୨୩, ଭୁବନେଶ୍ୱର



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"

**ଶ୍ରୀ କଲ୍ୟାଣ ଚୌବେ**
ସଭାପତି
ସର୍ବଭାରତୀୟ ଫୁଟବଲ ଫେଡେରେସନ

**ଶ୍ରୀ ତୁଷାରକାନ୍ତି ବେହେରା**
ମାନ୍ୟବର ମନ୍ତ୍ରୀ
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା
ସ୍ୱରାଷ୍ଟ୍ର, ଓଡ଼ିଶା ସରକାର



"କ୍ରୀଡ଼ା ଦୃଶ୍ୟପଟରେ ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"

OIPR-29001/13/0097/2324